


ଏକାଠି ଆସିବେ
ବିଜୟ-ସନା
▸ପୃଷ୍ଠା ୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-149 • BHUBANESWAR • FRIDAY • 24 NOVEMBER 2023 • PAGE-16 • ₹ 6.00

ବର୍ଷ-୪୧ • ସଂଖ୍ୟା-୧୪୯ • ଭୁବନେଶ୍ୱର • ଶୁକ୍ରବାର • ୨୪ ନଭେମ୍ବର ୨୦୨୩ • ପୃଷ୍ଠା-୧୬ • ଟ.୬.୦୦


### ୧୨ ଦିନ ହେଲା ସୁଡ଼ଙ୍ଗ ଭିତରେ ୪୧ ଜୀବନ

# ନୂଆ ସକାଳ ସନ୍ନିକଟ

**ଡେରାଡୁନ୍, ୨୩।୧୧ (ଏଜେନ୍ସି):** ଉତ୍ତରକାଶୀ ନିକଟରେ ଟନେଲ ତଳେ ଦୀର୍ଘ ୧୩ ଦିନ ହେଲା ଫସି ରହିଥିବା ୪୧ ଶ୍ରମିକଙ୍କୁ ବର୍ତ୍ତମାନ ସୁଦ୍ଧା ଉଦ୍ଧାର କରିବା ସମ୍ଭବ ହୋଇପାରି ନାହିଁ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଆହୁରି ୧୨ରୁ ୧୪ ଘଣ୍ଟା ସମୟ ଲାଗିପାରେ ବୋଲି ଗୁରୁବାର ସୂଚନା ମିଳିଛି। ଶ୍ରମିକମାନଙ୍କ ଉଦ୍ଧାର ପାଇଁ ଟନେଲ ମଧ୍ୟକୁ ଡ୍ରିଲିଂ ଦ୍ୱାରା ବିଭିନ୍ନ ଦିଗରୁ ପାଇପ ଭିତରକୁ ନିଆଯାଉଛି। ଗତକାଲି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହିତ ପ୍ରାୟ ୩୯ ମିଟର ଭିତରକୁ ପାଇପ ପ୍ରବେଶ କରିସାରିଥିଲା ବେଳେ ଶ୍ରମିକମାନେ ଫସି ରହିଥିବା ସ୍ଥାନ ଠାରୁ ମାତ୍ର ୧୨ ମିଟର ଦୂରତ୍ୱରେ ପାଇପ ରହିଥିଲା। ତେଣୁ ବୁଧବାର ରାତି କିମ୍ବା ଗୁରୁବାର ସକାଳ ସୁଦ୍ଧା ଶ୍ରମିକମାନଙ୍କୁ ଉଦ୍ଧାର କରାଯିବା ସମ୍ଭବ ହେବ ବୋଲି ଆଶାପ୍ରକଟ କରାଯାଇଥିଲା। ଶ୍ରମିକମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ଧାରକାରୀ ଦଳର ୨୧ ସଦସ୍ୟ ପ୍ରସ୍ତୁତ ରହିବା ସହିତ ସେମାନେ ପାଇପ ମଧ୍ୟରେ ଶ୍ରମିକମାନେ ଫସି ରହିଥିବା ସ୍ଥାନ ନିକଟକୁ ଯାଇଥିଲେ। ସେମାନେ ସାଙ୍ଗରେ ଅକ୍ସିଜେନ ମାସ୍କ ଏବଂ ଏସସିବିଏ(ସ୍ୱତନ୍ତ୍ର ନିଶ୍ୱାସ ନେବା ଯନ୍ତ୍ର) ସହିତ ଷ୍ଟ୍ରେଚର ମଧ୍ୟ ନେଇଥିଲେ। ଶ୍ରମିକମାନେ ବିଗତ ୧୨ ଦିନ ହେଲା ଗୋଟିଏ ସ୍ଥାନରେ ଫସି ରହିଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ



**ଡ୍ରିଲିଂ କାର୍ଯ୍ୟରେ ପ୍ରତିବନ୍ଧକ ଯୋଗୁଁ ଉଦ୍ଧାରକାର୍ଯ୍ୟ ବିଳମ୍ବିତ**

ଅବସ୍ଥାରେ ଅବନତି ଆଶଙ୍କା କରାଯାଇ ଷ୍ଟ୍ରେଚର ଯୋଗେ ବାହାରକୁ ଆଣିବାକୁ ପ୍ରସ୍ତୁତି ହୋଇଥିଲା। ସେହିପରି ଟନେଲ ମୁଖ୍ୟ ଦ୍ୱାର ନିକଟରେ ଏକ ୧୫ ଜଣିଆ ଡାକ୍ତରୀ ଟିମ୍ ସହ ୨୦ଟି ଆମ୍ବୁଲାନ୍ସକୁ ମଧ୍ୟ ପ୍ରସ୍ତୁତ ରଖାଯାଇଥିଲା। କିନ୍ତୁ ବୁଧବାର ରାତିରେ ଡ୍ରିଲିଂ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଯାଇଥିବାରୁ ଉଦ୍ଧାର କାର୍ଯ୍ୟ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରମିକଙ୍କମାନଙ୍କୁ ବାହାରକୁ ଆଣିବାରେ ଆହୁରି ୧୨ ରୁ ୧୪ ଘଣ୍ଟା ଲାଗିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ)ର ପୂର୍ବତନ ପରାମର୍ଶଦାତା ଭାସ୍କର କୁଲବେ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ କୁଲବେ ଏବଂ କିଛି ବିଦେଶୀ ବିଶେଷଜ୍ଞ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ସର୍ବଶେଷ ସୂଚନା ଅନୁସାରେ ଟନେଲ ମୁଖ୍ୟ ଦ୍ୱାର ଠାରୁ ପ୍ରାୟ ୫୭ ମିଟର ଦୂରରେ ଶ୍ରମିକମାନେ ଫସି ରହିଛନ୍ତି।

ବର୍ତ୍ତମାନ ସୁଦ୍ଧା ୪୮ ମିଟର ଭିତରକୁ ଡ୍ରିଲିଂ କରାଯାଇ ସାରିଥିଲା ବେଳେ ଆଉ ମାତ୍ର ୧୦ ମିଟର ଡ୍ରିଲିଂ କାର୍ଯ୍ୟ ବାକି ରହିଛି। ଏହାକୁ ରାତି ସୁଦ୍ଧା ଶେଷ କରାଯାଇ ଶୁକ୍ରବାର ସକାଳ ସୁଦ୍ଧା ଶ୍ରମିକମାନଙ୍କୁ ଉଦ୍ଧାର କରାଯିବ ବୋଲି କୁହାଯାଇଛି। ଡ୍ରିଲିଂ କାମ ଶେଷ ହେବା କ୍ଷଣି ଶ୍ରମିକମାନଙ୍କୁ ବାହାରକୁ ଆଣିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଏନଡିଆରଏଫ ଡିଜି କହିଛନ୍ତି। ଏହାବ୍ୟତୀତ ରୁରକି ଆଇଆଇଟିର ମୁଖ୍ୟ ବୈଜ୍ଞାନିକ ତଥା ଟନେଲ ବିଶେଷଜ୍ଞ ଆର. ଡି. ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସେହିପରି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ଏକ କ୍ୟାମ୍ପ କାର୍ଯ୍ୟାଳୟ ମଧ୍ୟ ଚାଲୁ କରାଯାଇଛି। ଶ୍ରମିକମାନଙ୍କୁ ଉଦ୍ଧାର କରାଯିବା ପରେ ସେମାନଙ୍କୁ କିଭଳି ହସ୍ପିଟାଲରେ ପହଞ୍ଚାଯାଇ ତୁରନ୍ତ ଚିକିତ୍ସା ଆରମ୍ଭ କରାଯିବ ସେଥି ପାଇଁ ମଧ୍ୟ ସବୁକିଛି ପ୍ରସ୍ତୁତ ରଖାଯାଇଛି।

---

**ଡିପ୍‌ଫେକ୍ ବିପଦ** ଆସିବ ନୂଆ ନିୟମ

# ଦଣ୍ଡିତହେବେ ଭିଡିଓ କ୍ରିଏଟର୍, ପ୍ଲାଟଫର୍ମ

**ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି):** ଦେଶରେ ବେଳକୁ ବେଳ ବଢି ଚାଲିଥିବା ଡିପଫେକ୍ ଭିଡିଓ ଏବଂ ଅଡିଓକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବଢିଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମଧ୍ୟ ଚିନ୍ତାପ୍ରକଟ କରିଛନ୍ତି। ତେବେ ଏହାକୁ ରୋକିବାକୁ ଖୁବଶୀଘ୍ର ନୂଆ ନିୟମ ପ୍ରଣୟନ କରାଯିବ ବୋଲି କେନ୍ଦ୍ର ଆଇଟି ମନ୍ତ୍ରୀ ଅ୍ୱିନୀଜ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। ସେ ଏହାମଧ୍ୟରେ ବହୁ ସୋସିଆଲ ମିଡିଆ ସଂସ୍ଥାଙ୍କ ସହ ବୈଠକ କରି ଏଭଳି ଏକ ସ୍ପର୍ଶକାତର ବିଷୟରେ ଆଲୋଚନା କରିଥିଲା ବେଳେ ଏହାକୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦିଗରେ କିଛି ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି ଡିପଫେକ୍ କେବଳ ସମାଜ ପାଇଁ ନୁହେଁ ବରଂ ଲୋକତନ୍ତ୍ର ପାଇଁ ମଧ୍ୟ ବିପଦ। ତେଣୁ ଏହା ବିରୋଧରେ ଏବେ ଠାରୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଏଥିପାଇଁ ଚାରି ମୁଖ୍ୟ ପ୍ରସଙ୍ଗ ଉପରେ କାର୍ଯ୍ୟ କରିବାକୁ ପଡ଼ିବ। ଡିପଫେକ୍‌କୁ ଯାଞ୍ଚ କରିବା



ସହିତ ଏହା ଭାଇରାଲକୁ ରୋକିବା ଏବଂ ୟୁଜର୍ସମାନେ କିଭଳି ଏହା ଉପରେ ରିପୋର୍ଟ କରିପାରିବେ ତାହାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ।

ନୂଆ ନିୟମ ଅଣାଯିବା ପରେ ଯେଉଁମାନେ ଡିପ୍‌ଫେକ୍ ଭିଡିଓ ଭାଇରାଲ କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଦଣ୍ଡବିଧାନ କରାଯିବ। ସେହିପରି ସୋସିଆଲ ମିଡିଆ ପ୍ଲାଟଫର୍ମ, ହୋଷ୍ଟିଂ ସଂସ୍ଥାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଶ୍ୱିନୀ କହିଛନ୍ତି।

---

# ରାସ୍ତାକଡ଼ରୁ ମିଳିଲା ଜିଆର୍‌ଏସ୍‌ଙ୍କ ମୃତଦେହ

**ନାକଟିଦେଉଳ, ୨୩।୧୧ (ସମିସ):** ନାକଟିଦେଉଳ ବ୍ଲକ୍ ଘୋଷରାମାଳ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ପ୍ରଦ୍ୟୁମ୍ନ ଦାଶ ଓରଫ୍ ଦୀନ (୩୨)ଙ୍କୁ ହତ୍ୟା କରାଯାଇଥିବା ନେଇ ରେଢ଼ାଖୋଲ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ସୂଚନାନୁଯାୟୀ, ନାକଟିଦେଉଳ ଗ୍ରାମର ପ୍ରଦ୍ୟୁମ୍ନ ଘୋଷରାମାଳ ପଞ୍ଚାୟତରେ ୪ ମାସ ହେଲା ଏମଜିଏନଆରଜିଏସ୍‌ର ଜିଆରଏସ୍ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସେ ନିଜ ସ୍ତ୍ରୀ ଓ ଛୋଟ ଝିଅକୁ ଧରି ଶିମିଳିପାଳସ୍ଥିତ ଭଉଣୀ ଘରକୁ ଯାଇଥିଲେ। ବୁଧବାର



**ହତ୍ୟା ସନ୍ଦେହ**

ସକାଳେ ସେଠାରୁ ନିଜ ବାଇକ୍‌ରେ କାର୍ଯ୍ୟକ୍ଷେତ୍ରକୁ ଯାଇଥିଲେ। କିନ୍ତୁ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ନଫେରିବାରୁ ଏବଂ ତାଙ୍କ ମୋବାଇଲ ନ ଲାଗିବାରୁ ଭଉଣୀ ଓ ପରିବାରଲୋକ ବ୍ୟସ୍ତ ହୋଇପଡ଼ିଥିଲେ। ଚାରିଆଡ଼େ ଖୋଜାଖୋଜି କରିଥିଲେ ହେଁ ପ୍ରଦ୍ୟୁମ୍ନଙ୍କ ପତ୍ତା ମିଳିନଥିଲା। ତେବେ ରାତି ପ୍ରାୟ ୧୦ଟାରେ ଧାତୁକିମାଳ ଗାଁର ପ୍ୟାରାସାହିକୁ ଯିବା ରାସ୍ତାରେ କାଦୁଅରେ ତାଙ୍କ ଶବ ପଡ଼ିଥିବା ଖବର ମିଳିଥିଲା। ଖବର ପାଇ ପ୍ରଦ୍ୟୁମ୍ନଙ୍କ ଭିଣୋଇ, ବଡ଼ଭାଇ ଏବଂ କିଛି ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ପ୍ରଦ୍ୟୁମ୍ନଙ୍କ ବାଇକ୍ ଷ୍ଟାଣ୍ଡ ମରାଯାଇଥିବା ବେଳେ ହେଲମେଟ୍‌ଟି କିଛି ଦୂରରେ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଆଜି ସକାଳେ ରେଢ଼ାଖୋଲ ପୁଲିସ ▸ପୃଷ୍ଠା-୭

---

# ଲଘୁଚାପ ଆସନ୍ନ; ଚିନ୍ତାରେ ଚାଷୀ

**ଭୁବନେଶ୍ୱର, ୨୩।୧୧ (ସମିସ):** ଆଣ୍ଡାମାନରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଶକ୍ତିଶାଳୀ ହେବା ଆଶଙ୍କା ଚାଷୀଙ୍କୁ ଚିନ୍ତାଗ୍ରସ୍ତ କରିଛି। ଏହାର ପ୍ରଭାବ କେଉଁ ରାଜ୍ୟରେ ପଡ଼ିବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ; ତଥାପି ଓଡ଼ିଶାର ଚାଷୀ ଏବେ ଲଘୁଚାପକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି। ରାଜ୍ୟର ଅଧିକାଂଶ ସ୍ଥାନରେ କ୍ଷେତରେ ଧାନ ପାଚି ସାରିଛି। କିଛିସ୍ଥାନରେ ଧାନ କଟା ମଧ୍ୟ ଆରମ୍ଭ ହୋଇଛି ଓ ଖଳାରେ ଧାନ ପଡ଼ିଛି। ତେଣୁ ସମ୍ଭାବ୍ୟ ଲଘୁଚାପ ଦ୍ୱାରା ବର୍ଷା ହେଲେ ଚାଷୀ ଗୁରୁତର ଭାବେ ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଭିନ୍ନ ମଡେଲ୍‌ର ଆକଳନ ଅନୁଯାୟୀ ସମ୍ଭାବ୍ୟ ଲଘୁଚାପଟି ଶକ୍ତିଶାଳୀ ହେବ। କିନ୍ତୁ ଏହା କେଉଁ ଦିଗକୁ ଗତି କରିବ ସେ ସମ୍ପର୍କରେ ସ୍ଥିତି ଅସ୍ପଷ୍ଟ। ଯଦି ଏହା ଓଡ଼ିଶାରେ ସ୍ଥଳଭାଗ ଅତିକ୍ରମ କରେ, ତେବେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ପୁନଶ୍ଚ ଏହା ଓଡ଼ିଶା ଉପକୂଳ ନିକଟତର ହୋଇ ପଡ଼ୋଶୀ ରାଜ୍ୟ କିମ୍ବା ବାଂଲାଦେଶ ଅଭିମୁଖେ ଯାତ୍ରାକରେ ତେବେ ମଧ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ପ୍ରଭାବିତ ହେବ।



ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୫ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗର ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ୨୬ ତାରିଖ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଆହୁରି ଘନୀଭୂତ ହେବ ଓ ୨୭ ତାରିଖ ସୁଦ୍ଧା ଏକ ଅବପାତରେ ପରିଣତ ହେବ। ବର୍ତ୍ତମାନ ଉପକୂଳ ଓଡ଼ିଶାରେ ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ଥିବା ବେଳେ ଆଭ୍ୟନ୍ତରୀଣ ଏବଂ ପାହାଡିଆ ଅଞ୍ଚଳରେ ସ୍ୱାଭାବିକ ଠାରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ଉପରେ ତାପମାତ୍ରା ରହିଛି। ତେବେ ଏହି ▸ପୃଷ୍ଠା-୭

---

# ଆଜି କ୍ୟାବିନେଟ୍‌ର ଜରୁରୀ ବୈଠକ

**ଭୁବନେଶ୍ୱର, ୨୩।୧୧ (ସମିସ):** ଆସନ୍ତାକାଲି ସକାଳ ୧୦ଟାରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍‌ର ଜରୁରୀ ବୈଠକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ୬୭ତମ କ୍ୟାବିନେଟ ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି। ଶୀତ ଅଧିବେଶନ ଜାରି ରହିଥିବା ସମୟରେ ଏହି କ୍ୟାବିନେଟ୍ ବୈଠକକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ତେବେ ନିର୍ଦ୍ଦିଷ୍ଟ ଭାବରେ କେଉଁ ପ୍ରସଙ୍ଗ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ତାହା ସ୍ପଷ୍ଟ ହୋଇନାହିଁ।

**ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମିଳିପାରେ ଅନୁମୋଦନ**

---

### ପୁଣି ବିରୋଧୀଙ୍କ ହୋ-ହଲ୍ଲା: ପ୍ରଥମାର୍ଦ୍ଧରେ ମାତ୍ର ୨ ମିନିଟ ଚାଲିଲା ଗୃହ

# ଧୋଇଗଲା ପ୍ରଶ୍ନକାଳ, ଶୂନ୍ୟକାଳ

**ଭୁବନେଶ୍ୱର, ୨୩।୧୧ (ସମିସ):** ବିରୋଧୀଙ୍କ ଜିଦ୍ କାରଣରୁ ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବିଧାନସଭାର ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ବାତିଲ ହୋଇଛି। କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ସମ୍ଭବ ହୋଇପାର ନାହିଁ। ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨ ମିନିଟ ଚାଲିବା ପରେ ବାଚସ୍ପତି ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ଅପରାହ୍ନରେ ଗୃହକାର୍ଯ୍ୟ ସ୍ୱାଭାବିକ ହେବା ସହ ଗୁରୁତ୍ୱପୂର୍ଣ୍ଣ ଓଡ଼ିଶା ଭୂ-ସଂସ୍କାର (ଦ୍ୱିତୀୟ ସଂଶୋଧନ) ବିଧେୟକ ୨୦୨୩ ଗୃହୀତ ହୋଇଛି। ଅପରପକ୍ଷେ ଗୃହରେ ବିରୋଧୀଙ୍କ ଏପରି ଆଚରଣକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବିରୋଧୀଙ୍କ ଏହି ଆଚରଣକୁ ବିଜେଡି କଟୁ ସମାଲୋଚନା କରିଛି। ବିରୋଧୀ ବିଜେପି ଓ କଂଗ୍ରେସ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ କାର୍ଯ୍ୟ କରୁଥିବା ବିଜେଡି ଅଭିଯୋଗ କରିଛି।

ଆଜି ପ୍ରଶ୍ନକାଳ ଆରମ୍ଭ ମାତ୍ରେ ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ, ନାରାବାଜି କରିବା ସହ ଗୃହ ଅଚଳ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ଗତକାଲି ସାରା ଦିନ ଗୃହ ମାତ୍ର ୫ ମିନିଟ ଚାଲିଥିବା ବେଳେ ଆଜି ପ୍ରଥମାର୍ଦ୍ଧ ମାତ୍ର ୨ ମିନିଟ ଚାଲିପାରିଥିଲା। ଗୃହ ମୁଲତବୀ ପରେ ବିଜେପି ସଦସ୍ୟମାନେ ରାଜ୍ୟପାଳଙ୍କୁ ଭେଟିବାକୁ ରାଜଭବନ ଚାଲି ଯାଇଥିଲେ। ଗୃହରେ ବିରୋଧୀଙ୍କ ଏପରି ଆଚରଣକୁ ନେଇ ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ହୋ, ମୁଣ୍ଡାରୀ, ଭୂମିଜ, କୁଇ, ସଉରା ପରି ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ରାଜ୍ୟ ସରକାର କ୍ୟାବିନେଟ୍‌ରେ ପ୍ରସ୍ତାବ ଗୃହୀତ କରି କେନ୍ଦ୍ରକୁ ପଠାଇଛନ୍ତି। ମାତ୍ର କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। ବିଜେପିର ୮ ଜଣ ସାଂସଦ ଗତ ୯ ବର୍ଷ ହେଲା ସଂସଦରେ ଏହି ପ୍ରସଙ୍ଗ ଥରଟିଏ ବି ଉଠାଇ ନାହାନ୍ତି। ଅନୁରୂପ ଭାବରେ କେନ୍ଦ୍ର ସରକାର କେବିକେ ଯୋଜନାରେ ମିଳୁଥିବା ଅନୁଦାନକୁ ବନ୍ଦ କରିବା ଫଳରେ ଆଦିବାସୀଙ୍କ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ବିଜେପି ସମ୍ପୂର୍ଣ୍ଣ ନିରବ। ଅନ୍ୟପକ୍ଷରେ ବାରମ୍ବାର ଦାବି ସତ୍ତ୍ୱେ ୧୬୯ଟି ସମ୍ପ୍ରଦାୟଙ୍କୁ କେନ୍ଦ୍ର ସରକାର ଜନଜାତି ତାଲିକାରେ ସାମିଲ କରୁନାହାନ୍ତି। ଆଦିବାସୀ ସ୍ୱାର୍ଥ ସମ୍ବଳିତ ଗୋଟିଏ ବି ଦାବି ବିଜେପିର ବନ୍ଧୁମାନେ କେନ୍ଦ୍ର ସରକାରଙ୍କ ନିକଟରେ ଉଠାଇ ନାହାନ୍ତି। ତେଣୁ ବିଧାନସଭାକୁ ବନ୍ଦ କରି ରାଜଭବନ ଯାଏ ପଦଯାତ୍ରା କରିବା ଅପେକ୍ଷା ବିଜେପିର ବନ୍ଧୁମାନେ ଦିଲ୍ଲୀ ଯାଇ ଉପରୋକ୍ତ ପ୍ରସଙ୍ଗ ଉଠାନ୍ତୁ। ଗୃହକୁ ଅଚଳ କରିବା ବିରୋଧୀଙ୍କ ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଛି। ରାଜନୈତିକ ସ୍ୱାର୍ଥ ପାଇଁ ବିରୋଧୀ ଏହି ପ୍ରସଙ୍ଗ ଉଠାଉଛନ୍ତି। ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଯାହାଫଳରେ ଆଦିବାସୀ ଭାଇ ଭଉଣୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅକୁଣ୍ଠ ଚିତ୍ତରେ ସମର୍ଥନ, ଭଲପାଇବା ଅଜାଡ଼ି ଦେଇଛନ୍ତି ବୋଲି ଡ. ସାହୁ କହିଛନ୍ତି।



**ହୋଇପାରିଲାନି ମୁଲତବୀ ଆଲୋଚନା**

**ଗୃହ ଅଚଳ ବିରୋଧୀଙ୍କ ନିତିଦିନିଆ ଅଭ୍ୟାସ: ଅରୁଣ**

---

## ଲୋକକଥା



କଲ୍ୟାଣ ଯୋଜନା କେତେ ତ ହେଲାଣି
ଜନ କଲ୍ୟାଣ ପାଇଁ,
ତୃଣମୂଳ କର୍ମଚାରୀ ଆଡ଼େଇଲେ
ଉନ୍ନୟନ ହେବ କାହିଁ!
ରାଇଜ ବିକାଶ ପାଇଁ,
ତଳଠୁ ଉପର ସବୁ କର୍ମବୀର
ଲାଗ ମନ-ପ୍ରାଣ ଦେଇ ॥

---

### ଛତିଶଗଡ଼ ଓ ଆନ୍ଧ୍ର ବାଘ ଏବେ ଓଡ଼ିଶାମୁହାଁ

# ମହାବଳଙ୍କୁ ଆକୃଷ୍ଟ କରୁଛି ଓଡ଼ିଶା ଜଙ୍ଗଲ

**ଭୁବନେଶ୍ୱର, ୨୩।୧୧ (ପ୍ରଦୀପ ଭାରତୀ):** ରାଜ୍ୟର ତିନୋଟି ବନାଞ୍ଚଳରେ ମହାବଳ ବାଘଙ୍କ ଆବିର୍ଭାବ ବନ ବିଭାଗକୁ ଉତ୍ସାହିତ କରିଛି। ଗତ କିଛି ବର୍ଷ ମଧ୍ୟରେ ମହାବଳ ବାଘଙ୍କ ସଂଖ୍ୟା ହ୍ରାସ ନେଇ ବନ ବିଭାଗ ବହୁ ସମାଲୋଚନା ସହିଥିବା ବେଳେ ଏବେ କେନ୍ଦୁଝର, ଡେବ୍ରିଗଡ଼ ଓ ଗଜପତି ଜିଲ୍ଲାର ରାୟଗଡ଼ ଜଙ୍ଗଲ ଏହି ଘାଆରେ ମଲମ ଲଗାଇଛି। ଏହି ୩ଟି ବନାଞ୍ଚଳରେ ନିୟମିତ ଭାବେ ମହାବଳ ବାଘ ଦେଖାଦେଉଛନ୍ତି। ଡେବ୍ରିଗଡ଼ ଓ କେନ୍ଦୁଝରରେ ବାଘ ପାଖାପାଖି ବର୍ଷେ ହେବ ରହି ଆସୁଥିବା ବେଳେ ଆନ୍ଧ୍ରପ୍ରଦେଶ ସୀମା ଡେଇଁ ଗୋଟିଏ ବାଘ ଗଜପତି ଜଙ୍ଗଲରେ ପଇଁତରା ମାରୁଛି। ସମ୍ଭବତଃ ଏହି ବାଘ ନିଜ ପାଇଁ ଏକ ସୁରକ୍ଷିତ ବାସସ୍ଥାନ ଖୋଜୁଛି ବୋଲି ପ୍ରାଣୀବିଶେଷଜ୍ଞମାନେ କହିଛନ୍ତି। ତେଣୁ ଓଡ଼ିଶା ଜଙ୍ଗଲରେ ଏହି ବାଘକୁ ସୁରକ୍ଷା ଦେଇ ଏଠାରେ ଏହି ବାଘର ସ୍ଥାୟୀ ଠିକଣା କରିବା ପାଇଁ ବନ ବିଭାଗ ପ୍ରୟାସ କରୁଛି। ସେହିପରି ଡେବ୍ରିଗଡ଼ରେ ରହିଥିବା ବାଘଟି ପଡ଼ୋଶୀ ଛତିଶଗଡ଼ରୁ ଆସିଛି।

ଶିମିଳିପାଳରେ ମଧ୍ୟ ବାଘ ସଂଖ୍ୟା ବୃଦ୍ଧି ହେବା ସହ ଏଠାରୁ ବାଘ କେନ୍ଦୁଝର ସହ ଅନ୍ୟତ୍ର ଯା' ଆସ କରୁଥିବା ଜଣାପଡ଼ିଛି। ସେହିପରି ସୁନାବେଡ଼ା ଜଙ୍ଗଲରେ ମଧ୍ୟ ବାଘଙ୍କର ଗତିବିଧି ଭଲ ରହିଛି। ୨୦୨୧-୨୨ ମସିହାରେ ରାଜ୍ୟରେ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ ବାଘ ଗଣନା କରାଯାଇ ରାଜ୍ୟରେ ୨୦ ଟି ବାଘ ଥିବା କୁହାଯାଇଥିଲା। ହେଲେ ରାଜ୍ୟରେ ଏହାଠାରୁ ଅଧିକ ବାଘ ଅଛନ୍ତି ବୋଲି ରାଜ୍ୟ ସରକାର ଆଶା କରୁଛନ୍ତି। ରାଜ୍ୟ ସରକାର ବର୍ତ୍ତମାନ ନିଜସ୍ୱ ବାଘ ସଂଖ୍ୟା ଜାଣିବା ପାଇଁ ଗଣନା ଜାରି ରଖିଛନ୍ତି। ଗଣନା ପରେ ଆସନ୍ତା ୨୦୨୪ ଜାନୁଆରୀରେ ରାଜ୍ୟରେ ବାଘ ସଂଖ୍ୟାର ତଥ୍ୟ ପ୍ରକାଶ କରାଯିବ ବୋଲି ନିଷ୍ପତ୍ତି ▸ପୃଷ୍ଠା-୭

**ନୂଆ ସମ୍ଭାବନା ସୃଷ୍ଟି କରିବ ୨ ନୂଆ ବ୍ୟାଘ୍ର ପ୍ରକଳ୍ପ**

**ଆସୁଥିବା ବାଘଙ୍କ ସୁରକ୍ଷା ବନ ବିଭାଗ ପାଇଁ ଆହ୍ୱାନ**



---

### ବୌଦ୍ଧବାସୀଙ୍କ ନଦୀଗର୍ଭ ଜଳାଶୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

# ସତୀଘାଟ ପ୍ରକଳ୍ପକୁ ୩୨୪ କୋଟି

**ଭୁବନେଶ୍ୱର, ୨୩।୧୧ (ସମିସ):** ରାଜ୍ୟବ୍ୟାପୀ ବିଭିନ୍ନ ଜିଲ୍ଲାରେ ଭୂତଳ ଜଳରସ୍ତର ବୃଦ୍ଧି, ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନକୁ ଆହୁରି ବ୍ୟାପକ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୌଦ୍ଧ ଜିଲ୍ଲା ପାଇଁ ଗୋଟିଏ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ (ଇନଷ୍ଟ୍ରିମ ଷ୍ଟୋରେଜ ପ୍ରକଳ୍ପ) ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୩୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସାଲକୀ ନଦୀରେ ସତୀଘାଟ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ନାମରେ ଏହି ପ୍ରକଳ୍ପ ନିର୍ମାଣ ହେବ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ '୫-ଟି' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବୌଦ୍ଧ ଜିଲ୍ଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କ ଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଥିବା ଜଣାପଡ଼ିଛି। ସତୀଘାଟ ପ୍ରକଳ୍ପ ଦ୍ୱାରା ବୌଦ୍ଧ ଜିଲ୍ଲାର ଜନସାଧାରଣ ବିଶେଷ ବାବେ ଉପକୃତ ହେବେ।

**'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ**



# ଏକାଠି ଆସିବେ ବିଜୟ-ସନା

ବଲିଉଡ୍ ଅଭିନେତା ବିଜୟ ବର୍ମା ନିଜ ଅଭିନୟ ଦ୍ୱାରା ଇଣ୍ଡଷ୍ଟ୍ରୀରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ଏବେ ବିଜୟଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ଏହି ପ୍ରୋଜେକ୍ଟରେ ତାଙ୍କ ସହ ଫାତିମା ସନା ସେଖ୍ କାମ କରିବେ। ବିଭୁ ପୁରୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଟାଇଟଲ୍ ଏଯାବତ୍ ଫାଇନାଲ କରାଯାଇ ନାହିଁ। ଏଥିରେ ନସିରୁଦ୍ଦିନ୍ ଶାହ ଲିଡ୍ ରୋଲରେ ନଜର ଆସିବେ। ଚଳିତବର୍ଷ ଆରମ୍ଭରେ ପୁରୀ ନିଜର ପିରିୟଡ୍ ୱେବ୍ ଶୋ' 'ତାଜ୍: ଡିଭାଇଡେଡ୍ ବାଏ ବ୍ଲଡ୍' ନେଇ ଆସିଥିଲେ। ଏଥିରେ ନସିରୁଦ୍ଦିନ୍ ଶାହ ମୋଗଲ ସମ୍ରାଟ୍ ଆକବରଙ୍କ ଭୂମିକାରେ ଅଭିନୟ କରିଥିଲେ। ପୂର୍ବରୁ ପୁରୀ '୧୧ ମିନିଟ୍ସ' ନାମକ ଏକ ଲଘୁ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଏଥିରେ ଦୀପକ ଡୋବରିଆଲ, ସନ୍ନି ଲିଓନ୍ ଓ ଆଲୋକନାଥ ଅଭିନୟ କରିଥିଲେ। ବିଜୟ ଇତିମଧ୍ୟରେ 'ମର୍ଡର୍ ମୁବାରକ୍'ର ଡବିଂ ଶେଷ କରିଛନ୍ତି। ହୋମି ଅଜଦାନିୟାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବିଜୟଙ୍କ ସହ ସାରା ଅଲ୍ଲୀ ଖାନ୍, କରିସ୍ମା କପୁର, ଟିସ୍କା ଚୋପ୍ରା ଦେଖାଯିବେ। ସେହିଭଳି ସାନାଙ୍କ କାମ କଥା କହିବାକୁ ଗଲେ, ସେ ଭିକ୍କି କୌଶଲଙ୍କ ସହିତ 'ଶ୍ୟାମ ବାହାଦୁର' ଫିଲ୍ମରେ ଅଭିନୟ କରୁଛନ୍ତି। ଏଥିରେ ସନା ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଦେଖାଯିବେ।

# ବ୍ଲାକ୍ ଡାଇମଣ୍ଡ ଆପଲ୍



ଛୋଟରୁ ବଡ଼ ସମସ୍ତେ ସେଓ ଖାଇବାକୁ ପସନ୍ଦ କରନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ। ସେଓ କଳା ପଡ଼ିଗଲେ ଏହା ପଚିଯାଇଛି ବୋଲି ଅନେକ ଭାବନ୍ତି। କିନ୍ତୁ ଏମିତି ଏକ ସେଓ ଅଛି, ଯାହା ପ୍ରକୃତରେ କଳା। ଏହାର ଦାମ୍ ଲାଲ୍ ସେଓ ଅପେକ୍ଷା ଯଥେଷ୍ଟ ବେଶୀ। ଏହାକୁ 'ବ୍ଲାକ୍ ଡାଇମଣ୍ଡ ଆପଲ୍' କୁହାଯାଏ। ତିବ୍ବତର ପାହାଡ଼ିଆ ଅଞ୍ଚଳ, ଭୁଟାନ୍ ଓ ଆମେରିକାର କିଛି ସ୍ଥାନରେ ଏହି ସେଓ ଦେଖାଯାଏ। ଏହା ଖାଇବାକୁ ବେଶ୍ ସୁଆଦିଆ ହୋଇଥିବାବେଳେ ଏଥିରେ ଅନେକ ଔଷଧୀୟ ଗୁଣ ରହିଛି। ତିବ୍ବତର ଲୋକେ ଏହାକୁ ନିୟୁ କହୁଥିବାବେଳେ ଭାରତୀୟ ଲୋକେ ଏହାକୁ କଳା ସେଓ କୁହନ୍ତି। ତେବେ ଏହି ସେଓ ଚାଷ କରିବା ବହୁତ କଷ୍ଟକର। ଏହି ସେଓ ଫଳିବାକୁ ଆଠବର୍ଷ ସମୟ ଲାଗିଥାଏ। ସେଥିପାଇଁ ତିବ୍ବତର ଲୋକମାନଙ୍କୁ ଏହି ସେଓ ମିଳେ ନାହିଁ। ତିବ୍ବତର ପାହାଡ଼ିଆ ଅଞ୍ଚଳରେ ଏହି ସେଓ ଚାଷ କରାଯାଇ ଚୀନ୍‌ର ବଡ଼ ବଡ଼ ସହରକୁ ପଠାଇ ଦିଆଯାଏ। ତେବେ ଏହି ସେଓ ବେଶ୍ କମ୍ ପରିମାଣରେ ମିଳୁଥିବାରୁ ଏହାକୁ କିଲୋପ୍ରତି ବିକ୍ରି କରାଯାଏ ନାହିଁ। ଗୋଟିଏ ବ୍ଲାକ୍ ଡାଇମଣ୍ଡ ସେଓର ମୂଲ୍ୟ ଭାରତୀୟ ମୁଦ୍ରାରେ ୫୦୦ରୁ ୧୬୦୦ ଟଙ୍କା ମଧ୍ୟରେ ହୋଇଥାଏ। ୨୦୧୫ରେ ପ୍ରଥମ ଥର ତିବ୍ବତର ପାହାଡ଼ିଆ ଅଞ୍ଚଳରେ ଏହାକୁ ଚାଷ କରାଯାଇଥିଲା। ସେବେଠାରୁ ଏହା ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବାରେ ଲାଗିଲା। ତିବ୍ବତୀୟ ଲୋକେ ଏହାକୁ ସବୁଠୁ ଦାମୀ ଫଳ ଭାବନ୍ତି। ତେଣୁ ସେମାନେ ଏହାକୁ ଖାଆନ୍ତି ନାହିଁ। ଚୀନ୍‌ର ଲୋକେ ଏହାକୁ ଉପହାର ଭାବେ ଦିଅନ୍ତି।

# ବିପଜ୍ଜନକ ବତିଘର



ପୃଥିବୀ ପୃଷ୍ଠରେ ଏମିତି ଅନେକ ସ୍ଥାନ ରହିଛି, ଯାହା ଆଜିବି ଲୋକଙ୍କ ପାଇଁ ରହସ୍ୟମୟ ବିଷୟବସ୍ତୁ ହୋଇ ରହିଛି। ଏହି ସ୍ଥାନର ସ୍ୱତନ୍ତ୍ରତା ଅନ୍ୟମାନଙ୍କୁ ଆକୃଷ୍ଟ କରିଥାଏ। ଏମିତି ଏକ ରୋମାଞ୍ଚକର ସ୍ଥାନ ହେଉଛି 'ପ୍ରିଡାନଗର ଲାଇଟ୍‌ହାଉସ' । ଆଇସଲ୍ୟାଣ୍ଡର ସମୁଦ୍ର ତଟରୁ ଛଅ ମାଇଲ୍ ଦୂରରେ ଅବସ୍ଥିତ ଏହି ବତୀଘର କେବଳ ସମୁଦ୍ର ଜାହଜ ପାଇଁ ମାର୍ଗଦର୍ଶକ ସାଜୁଛି ତାହା ନୁହେଁ, ବରଂ ଏହା ବାସ୍ତୁଶିଳ୍ପର ଏକ ଅଭୁତ ନମୁନା। ଏହି ବତୀଘର ତିନୋଟି ଚଟ୍ଟାଣ ମଧ୍ୟରେ ଅବସ୍ଥିତ। ୧୯୩୯ରେ ଏକ ସୁଉଚ୍ଚତୀଖ ପାହାଡ଼ ଉପରେ ବିପଦଜନକ ବତିଘରର ନିର୍ମାଣ କରାଯାଇଥିଲା। ଏହି ସ୍ଥାନକୁ ପହଞ୍ଚିବା ପାଇଁ ହିଁ ବିମାନ ଏକ ମାତ୍ର ମାଧ୍ୟମ ଥିଲା। ୨୦୧୫ରେ ଏହି ବତିଘରର ଦେଖାରଖା କରିବାକୁ ବିମାନରେ ୬ଜଣ ଶ୍ରମିକଙ୍କୁ ସେଠାକୁ ପଠାଯାଇଥିଲା। ଏମାନଙ୍କ ମଧ୍ୟରୁ କେହିଜଣେ ଏହି ଅଦ୍ଭୁତବତିଘରର ଫଟୋ ଉଠାଇଥିଲେ। ଏଠାକୁ ଯାଇଥିବା ଶ୍ରମିକମାନେ ଦ୍ୱୀପରେ ରାତି ବିତାଇଥିଲେ ହେଁ, ସେଠାରେ କାହାକୁ ନିଦ ହୋଇନଥିଲା। ଏନେଇ ଶ୍ରମିକମାନେ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ କହିଥିଲେ ଯେ, ଏଠାରେ ଚାରିପାଖରେ କେବଳ ପାଣି ଘେରିରହିଥିବାବେଳେ ଏତେ ଉଚ୍ଚ ସ୍ଥାନରେ ବତିଘର ଥିବାରୁ ଏଠାରୁ ତଳକୁ ଖସିବା ମାତ୍ରେ ମୃତ୍ୟୁ ସୁନିଶ୍ଚିତ। ପାହାଡ଼ ତଳେ ବଡ଼ ବଡ଼ ତିମି ପହଁରୁଥିବାର ଦେଖାଯାନ୍ତି। ଏହି ବତିଘରରେ ଏକ ଉନ୍ନତ ଫ୍ରେଜନେଲ ଲେନ୍ସ ସଂଯୋଗ କରାଯାଇଥିବାରୁ ଏହା ଆଲୋକ ପ୍ରଦାନ କରିଥାଏ। ଏହାଦ୍ୱାରା ବହୁଦୂରଦୂରାନ୍ତ ପର୍ଯ୍ୟନ୍ତ ଲୋକଙ୍କୁ ଏହି ବତିଘର ଦେଖାଯାଇଥାଏ। କେବଳ ସେତିକି ନୁହେଁ, ପରିସ୍ଥିତି ଯେତେ ବି ଜଟିଳ ହୋଇଥାଉନା କାହିଁ, ଏହା ଜାହାଜକୁ ଉଚିତ ପଥ ଦେଖାଇଥାଏ।

# ଉଷୁମ ରଖିବ 'ପକେଟ୍ ହିଟର୍'



ଶୀତଦିନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଲୋକେ ଶୀତବସ୍ତ୍ର ପିନ୍ଧିବା ସାଙ୍ଗକୁ ଘରେ ରୁମ୍ ହିଟର୍‌ର ବ୍ୟବସ୍ଥା କରିଥାନ୍ତି। ଥଣ୍ଡାରୁ ହାତକୁ ରକ୍ଷା କରିବା ପାଇଁ ଗ୍ଲୋଭସ୍ ମଧ୍ୟ ପିନ୍ଧନ୍ତି। ଏବେ କିନ୍ତୁ ହାତକୁ ଉଷୁମ ରଖିବ ଏକ ଡିଭାଇସ୍। ଏହାକୁ 'ପକେଟ୍ ଇଲେକଟ୍ରିକ୍ ହ୍ୟାଣ୍ଡ ୱାର୍ମର ହିଟର' ବୋଲି କୁହାଯାଉଛି। ପକେଟ୍ ହିଟର୍ ହେଉଛି ଗୋଟିଏ ଛୋଟିଆ ଓ ହାଲୁକା ଡିଭାଇସ୍। ଯାହାକୁ ବ୍ୟବହାର କରିବା ଖୁବ୍ ସହଜ। ତେବେ ଏହା କେବଳ ହାତକୁ ନୁହେଁ, ବରଂ ପୂରା ଶରୀରକୁ ମଧ୍ୟ ଉଷୁମ ରଖିବାରେ ସାହାଯ୍ୟ କରିବ। ଯେତେବେଳେ ଯେକୌଣସି ସ୍ଥାନରେ ଥଣ୍ଡା ଲାଗିଲେ ଡିଭାଇସ୍‌କୁ ଅନ୍ କରି ଥଣ୍ଡାରୁ ରକ୍ଷା ପାଇବା ସମ୍ଭବ। ସେହିପରି ଏହା ୟୁଏସ୍‌ବି ଓ ବ୍ୟାଟେରି ଦ୍ୱାରା ମଧ୍ୟ ଚାଲିଥାଏ। ଅନ୍ୟପଟେ ଡିଭାଇସ୍‌ଟି ଦେଖିବାକୁ ଖୁବ୍ ସୁନ୍ଦର। ଡିଭାଇସ୍‌ଟି ଦେଖିବାକୁ ଖେଳଣା ସଦୃଶ। ସ୍ମାଇଲି ସଦୃଶ ଏହାର ଡିଜାଇନ। ପ୍ରଥମେ ଏହି ହିଟର୍‌କୁ ଚାର୍ଜ ନଚେତ୍ ବ୍ୟାଟେରି ପକାଇବାକୁ ହୁଏ। ଏହାବାଦ୍ ଏହାକୁ ପକେଟ୍ ନହେଲେ ହାତରେ ଧରିବା ସମ୍ଭବ। ଉକ୍ତ ପକେଟ୍ ହିଟର୍ ୩୦ ମିନିଟ୍ ପର୍ଯ୍ୟନ୍ତ ଉଷୁମ ପ୍ରଦାନ କରିଥାଏ।

# ଲୋକାଲ ଟ୍ରେନ୍‌ରେ ରେସ୍ତୋରାଁ



ଏବେ 'ରେସ୍ତୋରାଁ ଅନ୍ ହ୍ୱିଲ୍' ଆଦୌ ନୂଆ ଘଟଣା ନୁହେଁ। ଲୋକେ ପୁରୁଣା ଟ୍ରେନ୍, ବସ୍ ଆଦିକୁ ରୂପାନ୍ତରିତ କରି ତାହାକୁ ରେସ୍ତୋରାଁରେ ପରିଣତ କରୁଛନ୍ତି। ସେହିପରି ଚଳନ୍ତା ଟ୍ରେନ୍ ଭିତରେ ବାଦାମ, ଝାଲମୁଢ଼ି, ତେଲଭାଜି ଆଦି ଲୋକେ ବିକ୍ରି କରିଥିବା ସମସ୍ତେ ଜାଣନ୍ତି। ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକରେ ଭ୍ରାମ୍ୟମାଣ ରୋଷଶାଳା 'ପ୍ୟାଣ୍ଟ୍ରିକାର୍'ର ବ୍ୟବସ୍ଥା ରହିଛି। ତେବେ କେହି କେବେ ଲୋକାଲ୍ ଟ୍ରେନ୍‌ରେ ପଞ୍ଚ ତାରକା ହୋଟେଲ୍‌ର ଖାଇବା ବ୍ୟବସ୍ଥା କରି ନ ଥିବେ। ଏଭଳି ଏକ ଭିନ୍ନ ଧରଣର ଦୃଶ୍ୟ ଦେଖିବାକୁ ମିଳିଛି ମୁମ୍ବାଇ ଲୋକାଲ ଟ୍ରେନ୍‌ରେ। ଏହି ଟ୍ରେନରେ ଦୁଇ ଜଣ ଯୁବକ ରେସ୍ତୋରାଁ ଖୋଲିଛନ୍ତି। ମୁମ୍ବାଇ ଲୋକାଲ ଟ୍ରେନ୍‌ରେ ଯାତ୍ରୀଙ୍କ ସୁବିଧା ପ୍ରଦାନ କରିବାକୁ ଯାଇ ସେମାନେ ରେସ୍ତୋରାଁର ସମସ୍ତ ବ୍ୟବସ୍ଥା କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଁଙ୍କ ଦୃଷ୍ଟିଆକର୍ଷଣ କରିଛି। ସେମାନେ ତାଙ୍କ ରେସ୍ତୋରାଁର ନାଁ ରଖିଛନ୍ତି 'ଟେଷ୍ଟି ଟିକେଟ୍।' ପ୍ରଥମେ ସେମାନେ ଟ୍ରେନ୍ ଯାତ୍ରୀଙ୍କୁ କାର୍ଡ ବାଣ୍ଟିଛନ୍ତି। ପରେ ସେମାନେ ବଗିମଧ୍ୟରେ ଫୁଡ୍ ଟେବୁଲ୍‌ର ବ୍ୟବସ୍ଥା କରିଛନ୍ତି। ଏହା ଉପରେ ଧଳା କପଡ଼ା ବିଛାଇ ପ୍ଲେଟ୍ ଚାମଚ ଆଦି ରଖି ଯାତ୍ରୀଙ୍କୁ ଖାଦ୍ୟ ପରଷିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେମାନେ ମ୍ୟାଗି ଓ ଜଲିପି ଉପରେ ଓରେଗାନଙ୍କୁ ପରଷିଥିବା ଦେଖାଯାଇଛି। ଏହାସହ ଖାଦ୍ୟ ସମ୍ପର୍କିତ ମତାମତ ମଧ୍ୟ ସେମାନେ ଯାତ୍ରୀଙ୍କଠାରୁ ନେଇଛନ୍ତି। ଯେଉଁଥିରେ ଯାତ୍ରୀମାନେ ଏହି ଖାଦ୍ୟକୁ ଖୁବ୍ ପସନ୍ଦ ଆସିଛି। ଅନ୍ୟପଟେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଲୋକମାନେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ଡ୍ରିଲ୍ ମେସିନ୍ ଜୁସର୍



ସାମାଜିକ ଗଣମାଧ୍ୟମରେ ନିତିଦିନ କିଛି ନା କିଛି ଶିକ୍ଷଣୀୟ ଫଟୋ ତଥା ଭିଡିଓ ସହିତ ମଜାଦାର ଓ ରୋଚକୀୟ ତଥ୍ୟକୁ ମଧ୍ୟ ସେୟାର୍ କରାଯାଉଛି। ଏହି କ୍ରମରେ ଏବେ ଏକ ଡ୍ରିଲ୍ ମେସିନ୍ ଜୁସର୍ ଭିଡିଓକୁ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅବଶ୍ୟ ଭାରତୀୟମାନେ ଯୋଗାଡ଼ିଆ ବ୍ୟବସ୍ଥାରେ ଧୁରନ୍ଧର ଥିବା ବେଳେ ବ୍ରିଟେନ୍‌ର ଜଣେ ବ୍ୟକ୍ତି ମିକ୍ସଚର ଗ୍ରାଇଣ୍ଡରକୁ ନେଇ ଅଜବ ଯୋଗାଡ଼ିଆ ଟେକ୍ନୋଲୋଜିକୁ ଉପଯୋଗ କରିଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି, ସମ୍ପୃକ୍ତ ବ୍ୟକ୍ତିଜଣକ ମିକ୍ସଚର ଗ୍ରାଇଣ୍ଡର ଜାର୍‌ରେ ଫଳ ଭର୍ତ୍ତି କରୁଛନ୍ତି। ତେବେ ଗ୍ରାଇଣ୍ଡର ମେସିନ୍‌କୁ ଉପଯୋଗ ବିନା ହିଁ ସେ ଜୁସ୍‌କୁ ଅତି ସହଜରେ ପ୍ରସ୍ତୁତ କରିଥିବା ଦେଖାଯାଇଛି। ସେ ଜାର୍‌ର ତଳ ଅଂଶରେ ଡ୍ରିଲିଂ ମେସିନ୍‌କୁ ଉପଯୋଗ କରି ଫଳସବୁ ଗ୍ରାଇଣ୍ଡିଂ କରିଛନ୍ତି। ଏହି ଡ୍ରିଲିଂ ମେସିନ୍ ଅବିକଳ ଗ୍ରାଇଣ୍ଡର ମେସିନ୍ ଭଳି ହିଁ କାମ କରିଛି। ସେଥିପାଇଁ ଏହାକୁ 'ଡ୍ରିଲ୍ ମେସିନ୍ ଜୁସର୍' ବୋଲି କୁହାଯାଉଛି। ଯଦିଓ ଏହା ଲୋକଙ୍କୁ ପସନ୍ଦ ଆସିଛି, ତଥାପି ଏହି କାମ ଖୁବ୍ ବିପଦଜନକ ବୋଲି ସେମାନେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିବ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଚାକିରିକୁ ନେଇ ଶୁଭ ଖବର ମିଳିବ। ଘର କିମ୍ବା ଜାଗାବାଡ଼ି କିଣିବା ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଜୀବନସାଥୀଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହେବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ନୂଆ ଯାନବାହନ କିଣିବାର ସ୍ୱପ୍ନ ପୂରଣ ହେବ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇବେ। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୮୭୧- ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଅଫ୍ ଆମେରିକା (ଏନଆରଏ) ସ୍ଥାପନା କରାଗଲା।
- ୧୯୧୪- ବେନିତୋ ମୁସୋଲିନୀଙ୍କୁ ଇଟାଲୀୟ ସମାଜବାଦୀ ପାର୍ଟିରୁ ବାହାର କରାଗଲା।
- ୧୯୬୯- ଆପୋଲୋ ୧୨ ମହାକାଶଯାନ ଭୂପୃଷ୍ଠକୁ ଫେରୁଥିବା ସମୟରେ ପ୍ରଶାନ୍ତ ମହାସାଗରରେ ଖସିପଡ଼ିଲା।
- ୧୯୯୨- ଚୀନ୍‌ର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪୧ ଲୋକଙ୍କ ମୃତ୍ୟୁ।
- ୨୦୦୭-ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫ୍ ଆଠବର୍ଷର ନିର୍ବାସନ ପରେ ସ୍ୱଦେଶ ଫେରିଲେ।
- ୨୦୧୨- ଢାକାରେ ଏକ ପୋଷାକ କାରଖାନାରେ ନିଆଁ ଲାଗିବାରୁ ପାଖାପାଖି ୧୧୭ ଲୋକଙ୍କ ମୃତ୍ୟୁ।

# ଶୀତଦିନେ ଗୁଡ଼ ଚା'

**ଶୀତଦିନେ ସକାଳେ ଚା' ପିଇବାର ମଜା ଅଲଗା। ଅଧିକାଂଶ ଲୋକେ ଶୀତଦିନେ ଶରୀରକୁ ଉଷୁମ ରଖିବା ପାଇଁ ଚା' ପିଅନ୍ତି। ଯେଉଁଥିରେ ଆମେ ଅଧିକ ପରିମାଣରେ ଚିନି ମଧ୍ୟ ସେବନ କରିଥାଉ। ଯାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ। ଖାସ୍ ସେଥି ପାଇଁ ଶୀତଦିନରେ ଚା'ରେ ଚିନି ବଦଳରେ ଗୁଡ଼ ବ୍ୟବହାର କରିପାରିବେ। ମୁଣ୍ଡବିନ୍ଧା ହେଉ କିମ୍ବା ଥଣ୍ଡା ହେଉ ଚା'ସମସ୍ତଙ୍କର ପ୍ରଥମ ପସନ୍ଦ। ତେବେ ଯଦି ଚା'ର ପରିମାଣ କମାଇବା ପାଇଁ ଚାହୁଁଛନ୍ତି ତେବେ ଗୁଡ଼ ଚା' ଆପଣଙ୍କ ଇଚ୍ଛାକୁ ମଧ୍ୟ ନିୟନ୍ତ୍ରଣ କରିବ। ଏହା ସହିତ ଏହା ଆପଣଙ୍କର ଓଜନ କମାଇବାରେ ମଧ୍ୟ ସହାୟକ ହେବ। ଗୁଡ଼ରେ ମ୍ୟାଗ୍ନେସିୟମ୍, ଆଇରନ୍, ପୋଟାସିୟମ୍ ଏବଂ ଫସ୍‌ଫରସ୍ ସହିତ ଅତ୍ୟାବଶ୍ୟକ ଭିଟାମିନ୍ ଏବଂ ମିନେରାଲ୍ସ ଥାଏ। ଶୀତଦିନରେ ଗୁଡ଼ ଚା ଶରୀରକୁ ଗରମ ରଖିବାରେ ସାହାଯ୍ୟ କରିଥାଏ।**

- ସାଧାରଣତଃ ଶୀତଦିନେ ହଜମ ଶକ୍ତି ହ୍ରାସ ପାଇଥାଏ। ପାଚନ ତନ୍ତ୍ର ଧିମା ଗତିରେ କାର୍ଯ୍ୟ କରିଥାଏ। ଏଥିଯୋଗୁ କୋଷ୍ଠକାଠିନ୍ୟ ଓ ପେଟଫୁଲା ଭଳି ସମସ୍ୟା ଦେଖାଯାଏ। ଶୀତଦିନେ ନିୟମିତ ଗୁଡ଼ ଚା' ପିଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ପାଇଥାଏ।
- ଗୁଡ଼ ଶରୀରକୁ ତୁରନ୍ତ ଶକ୍ତି ଯୋଗାଏ। ଗୁଡ଼ ଚା' ପିଇବା ଦ୍ୱାରା ଶରୀର ସକ୍ରିୟ ରହିଥାଏ।
- ଗୁଡ଼ରେ ଅଧିକ ପରିମାଣରେ ଆଇରନ ଥାଏ, ଯାହା ରକ୍ତହୀନତା ରୋଗକୁ ଦୂର କରିଥାଏ । ଏଥିରେ ପୀଡ଼ିତ ବ୍ୟକ୍ତି ଚିନି ବଦଳରେ ଗୁଡ଼ ଚା' ପିଇବା ଲାଭଦାୟକ ହୋଇଥାଏ।
- ଲବଙ୍ଗ, ଡାଲଚିନି, ଅଦା, ତୁଳସୀ ଆଦି କିଛି ଔଷଧ ପକେଇ ଗୁଡ଼ ଚା' ପ୍ରସ୍ତୁତ କଲେ ଏହା ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିଭାଇରାଲ୍ ଗୁଣରେ ପରିପୂର୍ଣ୍ଣ ହୁଏ। ଥଣ୍ଡା, ଫ୍ଲୁ, କାଶରେ ଏଭଳି ଗୁଡ଼ ଚା' ପିଇବା ଅତ୍ୟନ୍ତ ଆରାମଦାୟକ ବୋଲି ପ୍ରମାଣିତ ହୁଏ। ବାସ୍ତବରେ, ଗୁଡ଼ରେ ଉଷ୍ମତା ପ୍ରଭାବ ରହିଥାଏ, ଯାହା ଶୀତଦିନେ ଶରୀରକୁ ଗରମ ରଖିଥାଏ। କାଶ ଏବଂ ଥଣ୍ଡାକୁ ରୋକିବା ପାଇଁ ଶୀତଦିନେ ଗୁଡ଼ ଚା' ପିଇବା ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।



# ବାଲିଯାତ୍ରାକୁ ମିଳିଲାନି ଜାତୀୟ ମାନ୍ୟତା

**କଟକ,୨୩।୧୧(ସମିସ):** କଟକ ବାଲିଯାତ୍ରାକୁ ମିଳିଲାନି ଜାତୀୟ ମାନ୍ୟତା। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏ ସଂପର୍କିତ ଏକ ଚିଠି କଟକ ମେୟର୍ ସୁବାସ ସିଂହଙ୍କ ପାଖକୁ ଆସିଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ମନ୍ତ୍ରଣାଳୟ ଅଧୀନରେ ନାହିଁ। ଏନେଇ ମେୟର୍ ଶ୍ରୀ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଆଙ୍କ ଭାବାବେଗରେ ଆଘାତ ଲାଗିଛି। ଐତିହାସିକ କଟକ ବାଲିଯାତ୍ରାର ଗୌରବମୟ ଇତିହାସ ପ୍ରତି କୁଠାରାଘାତ ହୋଇଛି। ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଚିଠି ଲେଖି ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିବା ପାଇଁ ଦାବି ଉଠାଇଥିଲେ। ମାନ୍ୟତା ମିଳିବ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କେବଳ ସେତିକି ନୁହେଁ, ଗତବର୍ଷର ବାଲିଯାତ୍ରା ଆୟୋଜନ ସମଗ୍ର ଭାରତରେ କମ୍ପନ ସୃଷ୍ଟି କରିଥିଲା। କଟକର ଏହି ମୁକ୍ତାକାଶ ବାଣିଜ୍ୟ ମେଳା ଗିନିଜ୍-ବୁକ୍-ଅଫ୍ ରେକର୍ଡରେ ସ୍ଥାନ ପାଇଥିଲା। ବିଶ୍ୱ ଦରବାରରେ ପ୍ରତିଫଳିତ ହୋଇଥିଲା ଓଡ଼ିଆ ସାଧବ ପୁଅଙ୍କ ଯାତ୍ରାର ପୁରୁଣା ଗାଥା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୨୦ ସମ୍ମିଳନୀରେ ମୁକ୍ତକଣ୍ଠରେ ବାଲିଯାତ୍ରାର ପ୍ରଶଂସା କରିଥିଲେ। ପରବର୍ତ୍ତୀ ସମୟରେ କଟକ ମହାନଗର ନିଗମ ପକ୍ଷରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ନିକଟରେ ସମାନ ଦାବି ଉପସ୍ଥାପନ କରାଯାଇଥିଲା। ହେଲେ ଏବେ ଜାତୀୟ ମାନ୍ୟତା ପ୍ରଦାନରେ କୁଣ୍ଠାବୋଧ କରୁଛନ୍ତି କେନ୍ଦ୍ର ସରକାର। ଆଗାମୀ ଦିନରେ ସଂସଦରେ ଏହି ପ୍ରସଙ୍ଗ ଉତ୍‌ଥାପନ କରାଯିବ ବୋଲି ସେ କହିଛନ୍ତି।

ଗତ ଅକ୍ଟୋବର ୧୭ରେ ମେୟର ଶ୍ରୀ ସିଂହ ଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ହେଲେ କେନ୍ଦ୍ରମନ୍ତ୍ରୀଙ୍କ ସହ ଭେଟ ହୋଇପାରି ନ ଥିଲା। ଏହି ଅବସରରେ ମେୟର ଶ୍ରୀ ସିଂହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଐତିହାସିକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳୁ ବୋଲି ମନ୍ତ୍ରଣାଳୟ ନିକଟରେ ଦାବି ରଖିଥିଲେ। କିଛି ଦିନ ପୂର୍ବେ ଏହାର ପ୍ରତ୍ୟୁତ୍ତର ଚିଠି ମେୟର ଶ୍ରୀ ସିଂହଙ୍କ ନିକଟକୁ ଆସିଛି। ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ନାହିଁ। ଏଭଳି ଚିଠି ପାଇବା ପରେ ମେୟର ଶ୍ରୀ ସିଂହ ପୁନର୍ବାର ଆଉ ଏକ ଚିଠି ଲେଖିଛନ୍ତି ମନ୍ତ୍ରଣାଳୟର ଉପସଚିବ ରାଜେନ୍ଦ୍ର ସିଂହଙ୍କ ନିକଟକୁ। ଜାତୀୟ ମାନ୍ୟତା ଦେବା କ୍ଷମତା କେଉଁ ମନ୍ତ୍ରଣାଳୟ ଅଧୀନରେ ରହିଛି, ତାହା ସ୍ପଷ୍ଟ କରିବା ପାଇଁ ମେୟର୍‌ର କହିଛନ୍ତି।



### କେନ୍ଦ୍ରକୁ ଦାୟୀ କଲେ କଟକ ମେୟର

ପ୍ରକାଶଯୋଗ୍ୟ, କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ ଗତ କିଛି ବର୍ଷ ହେବ ଦାବି ହୋଇ ଆସୁଛି। ୨୦୧୯ରେ କଟକ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ମାନ୍ୟତା ମିଳିଥିଲା। ଲକ୍ଷ ଲକ୍ଷ ଲୋକଙ୍କ ସମାଗମ, କୋଟିକୋଟି ଟଙ୍କାର ବ୍ୟବସାୟ ହେଉଥିବା ଏହି ମେଳାକୁ କେନ୍ଦ୍ର ଅଣଦେଖା କରୁଛି। ଜାତୀୟ ମାନ୍ୟତା ଦେବାରେ କେନ୍ଦ୍ର ଅବହେଳା କରୁଛି ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅପରାଜିତାଙ୍କ କେଳେଙ୍କାରୀର ପର୍ଦ୍ଦା ଖୋଲିଲା ଅଭିଭାବକ ସଂଘ

# ଗଣଶିକ୍ଷା ସଚିବ ଥିବାବେଳେ ଘରୋଇ ସ୍କୁଲକୁ ଅବାଞ୍ଛିତ ଅନୁକମ୍ପା

**ଭୁବନେଶ୍ୱର, ୨୩।୧୧(ସମିସ):** ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅତୀତର କେଳେଙ୍କାରୀ ଉପରୁ ପର୍ଦ୍ଦା ଉଠାଇଛି ରାଜ୍ୟ ଅଭିଭାବକ ମହାସଂଘ। ଶ୍ରୀମତୀ ଷଡ଼ଙ୍ଗୀ ୨୦୧୧ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଥିବା ସମୟରେ ନେଇଥିବା ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ରାଜ୍ୟର ୬ ଲକ୍ଷ ଛାତ୍ରଛାତ୍ରୀ କେବଳ ଶିକ୍ଷାରୁ ବଞ୍ଚିତ ହୋଇ ନାହାନ୍ତି, ପକ୍ଷାନ୍ତରେ କିଛି ନିର୍ଦ୍ଦିଷ୍ଟ ଘରୋଇ ସ୍କୁଲ ପ୍ରତି ଅବାଞ୍ଛିତ ଅନୁକମ୍ପା ପୋଷଣ କରିଥିବା ମହାସଂଘ ଅଭିଯୋଗ କରିଛି। ଅପରାଜିତାଙ୍କ ଏହି ଐତିହାସିକ ଭୁଲ ଯୋଗୁଁ ଶିକ୍ଷା ଅଧିକାର ଆଇନ ୨୦୦୯ରେ ଅନୁସୂଚୀତ ଜାତି, ଜନଜାତି ଓ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲା ସେମାନଙ୍କ ପାଇଁ ସଂରକ୍ଷିତ ୨୫% ସ୍ଥାନରୁ ବଞ୍ଚିତ ହୋଇଛନ୍ତି ଏବଂ ଅନ୍ୟପକ୍ଷରେ ଘରୋଇ ସ୍କୁଲଗୁଡ଼ିକ ଏହି ସ୍ଥାନରେ ସ୍ୱଚ୍ଛଳ ବର୍ଗର ପିଲାମାନଙ୍କ ନାମ ଲେଖାଇ ୨୫୦ରୁ ୩୦୦ କୋଟି ଟଙ୍କା ଉପାର୍ଜନ କରିଛନ୍ତି ବୋଲି ଅଭିଭାବକ ମହାସଂଘ ଅଭିଯୋଗ କରିଛି।

ରାଜ୍ୟ ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟଙ୍କ ଅଭିଯୋଗ ଅନୁସାରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଥିବା ସମୟରେ ଅପରାଜିତା ଷଡ଼ଙ୍ଗୀ ୨୦୧୧ ମସିହାରେ ଜାରି କରିଥିବା ଏକ ନିର୍ଦ୍ଦେଶନାମାରେ କିଛି ନିର୍ଦ୍ଦିଷ୍ଟ ଘରୋଇ ସ୍କୁଲକୁ ଅନୁକମ୍ପା ଦେଖାଇଛନ୍ତି। ଶିକ୍ଷା ଅଧିକାର ଆଇନରେ ଘରୋଇ ସ୍କୁଲରେ ୨୫% ଆର୍ଥିକ ଦୁର୍ବଳ, ଅନୁସୂଚୀତ ଜାତି ଓ ଜନଜାତି ପିଲାଙ୍କ ନାମ ଲେଖାଇବାକୁ ବାଧ୍ୟତାମୂଳକ କରାଯାଇଛି। ମାତ୍ର ଶ୍ରୀମତୀ ଷଡ଼ଙ୍ଗୀ ଘରୋଇ ସ୍କୁଲଗୁଡ଼ିକ ପାଇଁ ଏହି ନିୟମକୁ କୋହଳ କରିବାରୁ ୨୫% ଦୁର୍ବଳ ଶ୍ରେଣୀର ପିଲା ତ ନାମ ଲେଖାଇ ପାରିଲେ ନାହିଁ, ଅନ୍ୟପକ୍ଷରେ ସେହିସ୍ଥାନରେ ଅନ୍ୟ ସାଧାରଣ ବର୍ଗର ପିଲାଙ୍କୁ ନାମ ଲେଖା ସୁଯୋଗ ପାଇ ଘରୋଇ ସ୍କୁଲଗୁଡ଼ିକ ବ୍ୟାପକ ଭାବରେ ଲାଭାନ୍ୱିତ ହେଲେ। ଏଥିପାଇଁ ଶ୍ରୀମତୀ ଷଡ଼ଙ୍ଗୀ ସମ୍ପୂର୍ଣ୍ଣ ରୂପେ ଦାୟୀ।

୨୦୧୧ ସେପ୍ଟେମ୍ବର ୮ ତାରିଖରେ ଗୋଟିଏ ନାମୀ ବେସରକାରୀ ସ୍କୁଲର ଅଧ୍ୟକ୍ଷ ତତ୍‌କାଳୀନ ଗଣଶିକ୍ଷା ବିଭାଗକୁ ଏକ ଚିଠି ଲେଖିଥିଲେ। ସଂରକ୍ଷିତ ୨୫% ସିଟରେ ବିନା ମୂଲ୍ୟରେ ପାଠ ପଢ଼ିବା ପାଇଁ ପିଲା ମିଳୁ ନାହାନ୍ତି, ତେଣୁ ବହୁତ କ୍ଷତି ହେଉଛି। ତେଣୁ ୨୫% ସିଟ୍ ସଂରକ୍ଷଣ ହଟାଇ ଉକ୍ତ ସ୍ଥାନରେ ସାଧାରଣ ବର୍ଗ ପିଲାଙ୍କ ନାମ ଲେଖା ନିମନ୍ତେ ଅନୁମତି ଦେବାକୁ ସେ ଅନୁରୋଧ କରିଥିଲେ। ଆଇନତଃ ଏହା ଗ୍ରହଣୀୟ ହୋଇ ନ ଥିବାରୁ ବିଭାଗର ଅଧିକାରୀମାନେ ଏହାକୁ ଗ୍ରହଣ କରି ନ ଥିଲେ। ଗରିବ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ୨୫%

- ଅପରାଜିତାଙ୍କ ନିଷ୍ପତ୍ତି ଯୋଗୁଁ ଶିକ୍ଷାରୁ ବଞ୍ଚିତ ୬ ଲକ୍ଷ ଛାତ୍ରଛାତ୍ରୀ
- ଐତିହାସିକ ଭୁଲ ପାଇଁ ଅପରାଜିତାଙ୍କ କ୍ଷମା ପ୍ରାର୍ଥନା ଦାବି

ଆସନ ସାଧାରଣ ବର୍ଗର ପିଲାଙ୍କୁ ଦିଆଯାଇ ପାରିବ ନାହିଁ। ତେଣୁ ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କୈଫିୟତ ତଲବ କରିବାକୁ ବିଭାଗୀୟ ଅଧିକାରୀମାନେ ସଚିବଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ତତ୍‌କାଳୀନ ସଚିବ ଅପରାଜିତା ଷଡ଼ଙ୍ଗୀ ଏହାକୁ ଗ୍ରହଣ କରିବା ପରିବର୍ତ୍ତେ ଜଣେ ପରାମର୍ଶଦାତା ନିଯୁକ୍ତ କରି ତାଙ୍କ ମାଧ୍ୟମରେ ଘରୋଇ ସ୍କୁଲରେ ୨୫% ସଂରକ୍ଷିତ ଆସନରେ ସାଧାରଣ ବର୍ଗର ପିଲାଙ୍କ ନାମଲେଖା ନିମନ୍ତେ ଅନୁମତି ଦେଇଥିବା ଅଭିଭାବକ ସଂଘ ଅଭିଯୋଗ କରିଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ତତ୍‌କାଳୀନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏଥିନିମନ୍ତେ ମନ୍ତ୍ରୀ ବା ସରକାରଙ୍କ ଅନୁମତି ନ ନେଇ ଏପରି ନିଷ୍ପତ୍ତି ନେଇଥିଲେ। ଫଳରେ ସମ୍ପୃକ୍ତ ଘରୋଇ ବିଦ୍ୟାଳୟ ଗତ ୧୦ ବର୍ଷରେ ମ୍ୟାନେଜମେଣ୍ଟ କୋଟା ନାମରେ ଏହି ସିଟ୍‌ରେ ସାଧାରଣ ବର୍ଗର ପିଲାଙ୍କ ନାମ ଲେଖାଇ ୬୫ କୋଟି ଟଙ୍କା ରୋଜଗାର କରିଛି। ଶ୍ରୀମତୀ ଷଡ଼ଙ୍ଗୀଙ୍କ ଏହି ଐତିହାସିକ ଭୁଲ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କିଛି ନିର୍ଦ୍ଦିଷ୍ଟ ବିଦ୍ୟାଳୟ ପ୍ରାୟ ୨୫୦ କୋଟି ଟଙ୍କାର ରୋଜଗାର କରିଛି। ଅପରାଜିତା ଷଡ଼ଙ୍ଗୀଙ୍କ ଏହି ନିର୍ଦ୍ଦେଶ ଗରିବ, ନିରୀହ, ଦୁଃଖୀ, ଆଦିବାସୀ, ଦଳିତ ପିଲାମାନଙ୍କ ଗୁଣାତ୍ମକ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଛି। ଆକଳନ ଅନୁସାରେ ପ୍ରତି ବର୍ଷ ପ୍ରାୟ ୬୦ ହଜାର ଗରିବ ପିଲା ଘରୋଇ ବିଦ୍ୟାଳୟରେ ବିନା ଦେୟରେ ପାଠ ପଢ଼ାରୁ ବଞ୍ଚିତ ହୋଇଛନ୍ତି ଓ ଏଥିପାଇଁ ଶ୍ରୀମତୀ ଷଡ଼ଙ୍ଗୀ ଉତ୍ତରଦାୟୀ। ଏହିପରି ଏକ ଐତିହାସିକ ଭୁଲ କରିଥିବାରୁ ସେ କ୍ଷମାପ୍ରାର୍ଥନା କରିବା ଆବଶ୍ୟକ। ଅନୁରୂପ ଭାବରେ ରାଜ୍ୟ ସରକାର ମଧ୍ୟ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଭିଭାବକ ମହାସଂଘ ପକ୍ଷରୁ ଶ୍ରୀ ଭଟ୍ଟ ଦାବି କରିଛନ୍ତି।

## ଦମ୍ପତି ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର, ୨୩।୧୧(ସମିସ):** କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ୨୦୧୯ ମସିହାରେ ଘଟଗାଁ ଥାନା ଅଞ୍ଚଳର ଘଟିଥିବା ବହୁଚର୍ଚ୍ଚିତ ଦମ୍ପତି ହତ୍ୟା ମାମଲାରେ ହତ୍ୟାକାରୀକୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେ ହେଲା, ଜାମୁପଶି ଗ୍ରାମର ଦନାର ମୁଣ୍ଡା(୩୨)। ପୁଲିସ ତଦନ୍ତ ଓ ୧୭ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ମମିତା ଦାଶ ଗୁରୁବାର ଏହି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଦନାର ସେହି ଗ୍ରାମର ରାମାଇ ମୁଣ୍ଡା ଓ ତାଙ୍କ ପତ୍ନୀ ଚମ୍ପା ମୁଣ୍ଡାଙ୍କ ବିବାହିତା ଝିଅକୁ ଅପହରଣ କରିନେଇଥିଲା। ଦନାର ଆଗରୁ ବିବାହିତା ଥିବାରୁ ତାଙ୍କ ପତ୍ନୀ ଘରେ ସଉତୁଣି ରଖିବାକୁ ବାରଣ କରିଥିଲେ। ଫଳରେ ଅନ୍ୟ ଉପାୟ ନପାଇ ଦନାର ଅପହରଣ କରି ଆଣିଥିବା ବିବାହିତା ମହିଳାଙ୍କୁ ପୁଣି ତାଙ୍କ ଘରକୁ ନେଇଯାଇଥିଲା। କିନ୍ତୁ ମହିଳାଙ୍କ ପିତାମାତା ତାକୁ ଘରେ ରଖିବାକୁ ବାରଣ କରିଥିଲେ। ଏହି କଥାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ୨୦୧୯ ସେପ୍ଟେମ୍ବର ୭ତାରିଖରେ ରାତ୍ରିରେ ରାମାଇ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ଚମ୍ପା ମୁଣ୍ଡା ଘରେ ଶୋଇଥିବା ଅବସ୍ଥାରେ ଦନାର ଏକ ହାତୁଡ଼ିରେ ମୁଣ୍ଡା ଦମ୍ପତିଙ୍କୁ ଛେଚି ମାରି ଦେଇଥିଲା। ସରକାରଙ୍କ ପକ୍ଷରୁ ଏଡିଜେ କୋର୍ଟର ସ୍ୱତନ୍ତ୍ର ପିପି ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

## ପାରିତ ହେଲା ଭୂ-ସଂସ୍କାର ଆଇନ ସଂଶୋଧନ ବିଧେୟକ

**ଭୁବନେଶ୍ୱର,୨୩।୧୧(ସମିସ):** ଓଡ଼ିଶା ଭୂ-ସଂସ୍କାର ଆଇନ (ଦ୍ୱିତୀୟ ସଂଶୋଧନ) ବିଧେୟକ ୨୦୨୩ ଆଜି ବିଧାନସଭାରେ ପାରିତ ହୋଇଛି। ଏହାକୁ ବିରୋଧ କରି ଆଜି କଂଗ୍ରେସ୍ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଗୃହରେ ବିଧେୟକ ଆଗତ କରି ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ, ଏହି ବିଲ୍ ପାରିତ ହେଲେ ବର୍ଷବର୍ଷ ଧରି ଲୋକେ ଭୋଗୁଥିବା ସମସ୍ୟାର ସମାଧାନ ହୋଇପାରିବ। ସିକିମ୍ ରୟତ ଜମିକୁ ନେଇ ଲାଗି ରହିଥିବା ସମସ୍ୟା ଦୂର ହେବ। ଜମିର ଉତ୍ତରାଧିକାରୀଙ୍କୁ ମାଲିକାନା ସ୍ୱତ୍ୱ ମିଳିବ ଏବଂ ବଂଶାନୁକ୍ରମିକ ଭାବେ ଏହା ହସ୍ତାନ୍ତର ହୋଇପାରିବ। ଏବେ ବିଭିନ୍ନ ଦିଗକୁ ବିଚାର କରି ଏକର ପିଛା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଆବଶ୍ୟକ ହେଲେ, ସରକାର ଏହା ପରିବର୍ତ୍ତନ କରିପାରିବେ। ଓଡ଼ିଶା ଭୂ-ସଂସ୍କାର ଆଇନ୍ ୧୯୬୦ ଅନୁସାରେ ସିକିମ୍ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ସମୟ ୧୯୭୭ ପର୍ଯ୍ୟନ୍ତ ଥିଲା। ତେଣୁ ଲକ୍ଷାଧିକ ଲୋକ ଏହି ଅବଧି ଭିତରେ ଆବେଦନ କରିବାରୁ ବଞ୍ଚିତ ରହିଥିଲେ। ତେଣୁ ଆଇନ ସଂଶୋଧନ ହେଲେ ଲୋକଙ୍କୁ ସେମାନଙ୍କ ଜମି ଉପରେ ଅଧିକାର ମିଳିବ। ତେଣୁ ସମସ୍ତେ ଏହାକୁ ସମର୍ଥନ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଥିଲେ। ଆଲୋଚନାରେ ଭାଗ ନେଇ ଶାସକ ଦଳର ସଦସ୍ୟ ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ ପ୍ରମୁଖ ବିଲ୍‌କୁ ସମର୍ଥନ କରି କହିଥିଲେ ଯେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଇନରେ ସଂଶୋଧନ ପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଲକ୍ଷାଧିକ ଗରିବ ପରିବାର ଉପକୃତ ହେବେ। ଅପରପକ୍ଷେ ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଜେପି ବିଧାୟକ ମୁକେଶ ମହାଲିଙ୍ଗ ବିରୋଧ କରିଥିଲେ।

# ନିଦରୁ ଉଠିଲେ ମହାପ୍ରଭୁ

**ପୁରୀ,୨୩।୧୧(ସମିସ):** ଶ୍ରୀମନ୍ଦିରରେ ଗୁରୁବାର ହରି ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ହରି ଉତ୍‌ଥାପନ ଏକାଦଶୀ ଅନ୍ୟତମ। ମହାପ୍ରଭୁ ନିଦରୁ ଉଠିବା ପରେ ଗୁରୁବାରଠାରୁ ଶୁଭ କାଳ ଓ ଶୁଭ କର୍ମ ଆରମ୍ଭ ହୋଇଛି।

ବଡ଼ସିଂହାର ଭୋଗ ସରିବା ହରି ଉତ୍‌ଥାପନ ନୀତି ଆରମ୍ଭ ହୋଇଥିଲା। ରତ୍ନସିଂହାସନ ତଳେ ମହାସ୍ନାନ ପୂଜା ପରେ ମୁଦିରସ୍ତ ଓ ପଣ୍ଡା ତିନିଜଣ ଖଟଶେଯ ଘର ଉପରକୁ ଯାଇ ତଡ଼ାଉ ଶୟନ ପେଡ଼ି ମୁଦ ଭାଙ୍ଗିଥିଲେ। ମୁଦିରସ୍ତ ଶୟନ ପେଡ଼ି ଖୋଲି କର୍ପୂର, ଆଳତି, ଅଞ୍ଜଳି କରାଇ ୩ଟି ରୁପା ଥାଳିରେ ତିନିଦିଅଁକୁ ବିଜେ କରାଇ ପଣ୍ଡାଙ୍କୁ ସମର୍ପଣ କରିଥିଲେ। ପୂଜାପଣ୍ଡାମାନେ ତିନି ଠାକୁରଙ୍କୁ ଖଟୁଲିରେ ବିଜେ କରାଇ ମହାସ୍ନାନ କରାଇଥିଲେ। ମହାସ୍ନାନ ପରେ ଠାକୁରମାନେ ସିଂହାସନକୁ ବିଜେ କରିଥିଲେ। ପରେ ତିନି ଠାକୁରଙ୍କ ସର୍ବାଙ୍ଗ ଲାଗି,

### ଆରମ୍ଭ ହେଲା ଶୁଭ କାଳ

ନୂଆ ଲୁଗା, ମାଳ ଫୁଲ ଲାଗି ହେବା ସହ ୬ ମୂର୍ତ୍ତି ଅଳଙ୍କାର ବେଶ ହୋଇଥିଲେ। ବଲ୍ଲଭ ବଡ଼ସିଂହାର ଭୋଗ ପଟୁଆରରେ ଆସିଥିଲା। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ପରେ ଠାକୁରମାନେ ଶୟନ ଘରକୁ ବିଜେ କରିଥିଲେ।

ସୂଚନାଯୋଗ୍ୟ, ରଥଯାତ୍ରା ପରେ ହରିଶୟନ ଏକାଦଶୀରେ ନିଦ୍ରା ଯାଇଥିଲେ ମହାପ୍ରଭୁ। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ। ଚାରିମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଛନ୍ତି। ଏହି କାର୍ତ୍ତିକ ଶୁକ୍ଳ ଏକାଦଶୀକୁ ହରି ଉତ୍‌ଥାପନ ଏକାଦଶୀ କୁହାଯାଏ। ଠାକୁରଙ୍କ ଏହି ଶୟନ ଚାରିମାସକୁ ଚତୁର୍ମାସ୍ୟା ବୋଲି କୁହାଯାଏ। ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ।

**ଆରମ୍ଭ ହେଲା ପଞ୍ଚୁକ**

# ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ,୨୩।୧୧(ସମିସ):** ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପଞ୍ଚୁକ ବ୍ରତ ଆରମ୍ଭ ହୋଇଛି। ଏଥିପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି। ପଞ୍ଚୁକର ପ୍ରଥମ ଦିନ ଅର୍ଥାତ୍ ଗୁରୁବାର ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ଦାରୁଦିଅଁଙ୍କ ଏହି ବେଶ ଦର୍ଶନ ଲାଗି ଭକ୍ତଙ୍କର ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ୪ଟି ସୁବର୍ଣ୍ଣ ଶ୍ରୀଭୁଜ, ୩ଟି କିରୀଟ, ୪ଟି ଶ୍ରୀପୟର, ୬ଟି କାନ, ୪ଟି କଦମ୍ବମାଳି, ୧ଟି ହରିଡ଼ା କଦମ୍ବମାଳି, ୨ଟି ବାହାଡ଼ା ମାଳି, ଗୋଟିଏ ତାବିଜ ମାଳି, ଗୋଟିଏ ବାଘ ନଖମାଳି, ୩ଟି ସେବତୀ ମାଳି, ୨ଟି ହଳମୂଷଳ, ଗୋଟିଏ ଚକ୍ର, ୨ଟି ତ୍ରିଶାଖା, ୩ଟି ଅଳକା, ୪ଟି ଶ୍ରୀମୁଖ ପଦ୍ମ, ଗୋଟିଏ ରୁପା ଶଙ୍ଖ, ୩ଟି ଓଡ଼ିଆଣୀ, ୩ଟି ଚନ୍ଦ୍ରସୂର୍ଯ୍ୟ, ୨ଟି ତିଳକ (ଚିତା), ୩ଟି ଘାଘଡ଼ା ମାଳି, ୪ଟି କୁଣ୍ଡଳ, ୨ଟି ତଡ଼ଗୀ ଓ ଗୋଟିଏ ସ୍ୱର୍ଣ୍ଣ ଟୋପର ଲାଗି ହୋଇଥିଲା।

ଏହି ମାସରେ ଅନୁଷ୍ଠିତ ହୋଇଥିବା ରାଧାଦାମୋଦର ବେଶରେ ଠାକୁର ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ, ଶଙ୍ଖ, ଚକ୍ର, ହଳ, ମୂଷଳ ସହିତ ଅନ୍ୟାନ୍ୟ ଅଳଙ୍କାର ଧାରଣ କରିଥିଲେ। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଇଥିଲା। କୀରିଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗାଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ, ବାଳଧୂପ ସରିବା ପରେ ତିନି ବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁଙ୍କ ପଞ୍ଚକ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ମରୀଚିକୋଟ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ଭିତରକୁ ଯାଇଥିଲେ। ଦିନତମାମ୍ ଦର୍ଶନ ପାଇଁ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା।



- ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି
- ଆଜି ରତ୍ନସିଂହାସନରେ ବାଙ୍କଚୁଡ଼ା ବେଶ

ପ୍ରବଳ ଭିଡ଼ ହୋଇଥିଲା। ଶୁକ୍ରବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କ ବାଙ୍କଚୁଡ଼ା ବେଶ ଅନୁଷ୍ଠିତ ହେବ। ଏହି ଦିନ ଗରୁଡ଼ ଉତ୍‌ଥାପନ ନୀତି ମଧ୍ୟ ରହିଛି। ସେହିପରି ୨୫ରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୨୬ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ୨୭ ତାରିଖରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ।

ଗୁରୁବାର ଭୋର୍ ୩ଟା ୪୫ରେ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ମଇଲମ ଓ ତଡ଼ପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ପୁଷ୍ପାଳକମାନେ ତିନିଠାକୁରଙ୍କୁ

ନୀତିକାନ୍ତି କିପରି ନିର୍ଘଣ୍ଟ ଅନୁସାରେ ଚାଲିବ ଏବଂ ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେନେଇ ଅଧିକାରୀମାନେ ନିୟମିତ ତଦାରଖ କରୁଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର୍ ବିଶାଲସିଂ, ଉପଜିଲ୍ଲାପାଳ ଭବତାରଣ ସାହୁ ପ୍ରମୁଖ ଅଧିକାରୀ ବ୍ୟବସ୍ଥାକୁ ତଦାରଖ କରିଥିଲେ। ସେହିପରି ଧାଡ଼ିରେ ଥିବା ଶ୍ରଦ୍ଧାଳୁଙ୍କୁ ସ୍ୱେଚ୍ଛାସେବୀମାନେ ଜଳ ବଣ୍ଟନ କରିଥିଲେ। ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗମାନଙ୍କ ବିଶ୍ରାମ ପାଇଁ ସ୍ୱତନ୍ତ୍ର ସେଡ୍ କରାଯାଇଥିବା ବେଳେ ସେମାନଙ୍କୁ ପୁଲିସ ଏବଂ ସ୍ୱେଚ୍ଛାସେବୀମାନେ ନେଇ ସୁରକ୍ଷିତ ଭାବେ ଦର୍ଶନ କରାଇଥିଲେ। ଏମିତି ଦିନତମାମ୍ ଶ୍ରୀମନ୍ଦିର ଆଉ ବଡ଼ଦାଣ୍ଡରେ ଗହଳି ଲାଗିଥିଲା।



## କାର୍ତ୍ତିକରେ ପରିବା ଦର ଆକାଶଛୁଆଁ

# ପାଞ୍ଚ ଶହ ଟଙ୍କାରେ ପୂରୁନି ବ୍ୟାଗ୍

ରାଉରକେଲା, ୨୩।୧୧(ସମିସ)



ଏବେ କାର୍ତ୍ତିକ ମାସ ଚାଲିଥିବାରୁ ଅଧିକାଂଶ ଆମିଷ ଭକ୍ଷଣରୁ ଦୂରରେ ରହିଛନ୍ତି। ତେଣୁ ନିରାମିଷ ଖାଦ୍ୟ ଅର୍ଥାତ୍ ପନିପରିବା ଉପରେ ବେଶୀ ଚାହିଦା। କାରଣ ପବିତ୍ର ତଥା ଧର୍ମର ମାସ କାର୍ତ୍ତିକ ମାସରେ ବ୍ରତ ରଖି ପୂଜାର୍ଚ୍ଚନା କଲେ ବର୍ଷକର ଧର୍ମ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହାକୁ ଦୃଷ୍ଟିରେ ରଖି ଅଧିକାଂଶ ଲୋକ ଏହି ମାସରେ ଆମିଷ ଠାରୁ ଦୂରେଇ ରହି ନିରାମିଷ ଭୋଜନ ଆହାର କରିଥାନ୍ତି। ଯାହାଫଳରେ ଏହି ମାସରେ ସବୁଜ ପନିପରିବା ଉପରେ ଅଧିକ ଚାହିଦା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଏବେ ଆକାଶଛୁଆଁ ହୋଇଛି ପନିପରିବା ଦର। ଏଥିରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକ ଅଧିକ ପ୍ରଭାବିତ ହେଉଛନ୍ତି। ପରିସ୍ଥିତି ଏମିତି ହୋଇଛି ୫ ଶହ ଟଙ୍କାରେ ବ୍ୟାଗ ପୁରୁନି। ବଜାରରେ ପନିପରିବା ଦର ବୃଦ୍ଧି ହେବାରୁ ଅନଃନିଶ୍ୱାସୀ ହେଉଛନ୍ତି ଗ୍ରାହକ। ନିଜ ମନ ମୁତାବକ ପରିବା କିଣିବା ପାଇଁ ସେମାନେ ଅକ୍ଷମ। କାର୍ତ୍ତିକ ମାସ ଆରମ୍ଭରୁ ଖାଉଟିଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। ରାଉରକେଲାର ଟ୍ରାଫିକ ଗେଟ, ଡେଲି ମାର୍କେଟ, ଆଇଜିଏଚ ନିକଟ ମୁଣ୍ଡା ବା ଝାଡ଼ଖଣ୍ଡ, ବାସନ୍ତୀ କଲୋନୀ, ପାନପୋଷ, ଛେଣ୍ଡ କଲୋନୀ, ସାରନଗରୀ ସମେତ ବିଭିନ୍ନ ଅଞ୍ଚଳରେ ଥିବା ପରିବା ଦୋକାନରେ ପନିପରିବା ଦର ଆକାଶଛୁଆଁ। ଯେ କୌଣସି ପରିବା କିଣିଲେ ତାହା ୪୦ ଟଙ୍କା ଉପରେ। ରାଉରକେଲା ବଜାରରେ ଟମାଟର କିଲୋଗ୍ରାମ ପ୍ରତି ୪୦ରୁ ୫୦ ଟଙ୍କା, ବାଇଗଣ ୪୦ ରୁ ୫୦ ଟଙ୍କା, ପୋଟଳ ୬୦ରୁ ୮୦ ଟଙ୍କା, ଭେଣ୍ଡି ୪୦ରୁ ୫୦ ଟଙ୍କା, ଫୁଲକୋବି ୫୦ରୁ ୬୦ ଟଙ୍କା, ବନ୍ଧାକୋବି ୪୦, କାକୁଡି ୪୦ରୁ ୫୦ ଟଙ୍କା, ଜହ୍ନି ୪୦, ଗାଜର ୬୦, କୁନ୍ଦୁରି ୩୦, କାଙ୍କଡ଼ ୬୦, କଲରା ୮୦, ପିଆଜ ୫୦, କଞ୍ଚା ଲଙ୍କା ୨୫୦, କ୍ୟାପ୍ସିକମ ୧୦୦ ଟଙ୍କା, ଭେଣ୍ଡି ୪୦ରୁ ୫୦ ଟଙ୍କା, ବରୁଗୁଡି ୪୦ରୁ ୫୦ ଟଙ୍କା, ସାରୁ ୬୦ ଟଙ୍କା, ମାଟି ଆଳୁ ୫୦ରୁ ୭୦ ଟଙ୍କା, ସଜନା ଛୁଇଁ ୧୦୦ ଟଙ୍କା ରହିଥିବା ଜଣାପଡ଼ିଛି। କାର୍ତ୍ତିକ ମାସରେ ବହୁ ଲୋକ ହବିଷ କରିଥିବାରୁ ସେମାନେ କେବଳ ଡାଲି, ଏବଂ ପରିବା ଉପରେ ହିଁ ନିର୍ଭର କରିଥାନ୍ତି। ଏଭଳି ପରିସ୍ଥିତିରେ କୌଣସି ଡାଲି ୧୦୦ ଟଙ୍କାରୁ କମ୍ ନାହିଁ। ପନିପରିବା ଦର ବୃଦ୍ଧିକୁ ନେଇ ଖାଉଟି ହନ୍ତସନ୍ତ ହେଉଛନ୍ତି। ପରିବା ଦର ବୃଦ୍ଧି ନେଇ କିଛି ବ୍ୟବସାୟୀଙ୍କ କହିବା କଥା, ରାଉରକେଲାରେ ବଜାରରେ ଏବେ ଯେଉଁ ସବୁ ପରିବା ମିଳିଛି ତାହା ସାଧାରଣତଃ ବାଙ୍ଗାଲୋର, ନାସିକ, କଲିକତା, ରାଞ୍ଚି, ଛତିଶଗଡ଼ ଭଳି ରାଜ୍ୟ ବାହାରୁ ଆସୁଛି। ଏହି ପରିବାକୁ ବଡ଼ ବ୍ୟବସାୟୀ ମାନେ ଆଣୁଛନ୍ତି। ସେମାନଙ୍କ ଠାରୁ ଆମେ କିଣୁଛୁ। ଏହା ଭିତରେ ଟ୍ରାନ୍ସପୋର୍ଟ ବାବଦରେ ଦର ବଢ଼ିଛି। ଏହି କାରଣରୁ ଚଢ଼ା ଦରରେ ଆମେ ସେମାନଙ୍କ ଠାରୁ ପରିବା କିଣୁଛୁ। ୪ରୁ ୬ ଟଙ୍କା ଲାଭ ରଖି ଆମେ ଗ୍ରାହକଙ୍କୁ ବିକ୍ରି କରୁଛୁ ବୋଲି ସେମାନେ କହିଥିଲେ। ଆଉ ମାସେରୁ ଦୁଇ ମାସ ଭିତରେ ଜିଲ୍ଲାରେ ପନିପରିବା ଉତ୍ପାଦନ ହେବ। ସେତେ ପର୍ଯ୍ୟନ୍ତ ଏଭଳି ଦରର ଉତ୍ଥାନ ପତନ ହେବ ବୋଲି ସେମାନେ କହିଛନ୍ତି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଲୋଚନା



**ରାଉରକେଲା, ୨୩।୧୧(ସମିସ):** ସେଲ୍ଫ, ଆରଏସ୍‌ପି ଦ୍ୱାରା ପ୍ରୋ-ପ୍ଲାନେଟ୍ ପ୍ରୟାସ ଅନ୍ତର୍ଗତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଶିଳ୍ପ ସହରାଞ୍ଚଳର ସ୍ଥାନୀୟ ହୋଟେଲ ପ୍ରବନ୍ଧନଙ୍କ ସହିତ ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମିଶନ୍ ଲାଇଫ୍ (ପରିବେଶ ପାଇଁ ଜୀବନଶୈଳୀ) ଅନୁଯାୟୀ, ସେଲ ରାଉରକେଲା ଇସ୍ପାତ କାରଖାନା ଶିଳ୍ପ ସହରାଞ୍ଚଳରେ ପ୍ରୋ-ପ୍ଲାନେଟ୍ ପଦକ୍ଷେପ ଅଧୀନ ଅପଚୟ ସଂସ୍କୃତିରୁ ବୃତ୍ତାକାର ଅର୍ଥନୀତିକୁ ଏକ ପରିବର୍ତ୍ତନ ଆଣିବାକୁ ପ୍ରଚେଷ୍ଟା କରୁଛି। ଏହାର ଏକ ଅଂଶଭାବରେ ନଭେମ୍ବର ୨୨ ତାରିଖରେ ଶିଳ୍ପ ସହରାଞ୍ଚଳର ବିଭିନ୍ନ ହୋଟେଲ ପ୍ରବନ୍ଧନ ଏବଂ ସହର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏକ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଧିବେଶନ ପରିବେଶ ଏବଂ ଜଳବାୟୁ ସଙ୍କଟ ଉପରେ ବିଶେଷ ପ୍ରଭାବ ପକାଇବା ପାଇଁ ବ୍ୟକ୍ତିଗତ ତଥା ସମ୍ପ୍ରଦାୟର ଆଚରଣରେ ପରିବର୍ତ୍ତନ ଆଣିବା ନିମନ୍ତେ ସଚେତନତା ସୃଷ୍ଟି କରିଥିଲା। ସହର ସେବା ବିଭାଗର ଜିଏମ୍ ଟିଜି କାନେକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ମିକ ବିଭାଗର ଡିଜିଏମ ସଞ୍ଜୟ ଦେଓ, ସିନିୟର ମ୍ୟାନେଜର ସଞ୍ଜୀବ ବେହେରା ଏବଂ ସହର ସେବା ବାଣିଜ୍ୟିକ ବଣ୍ଟନ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ଏଥିରେ ହୋଟେଲ ଦୀପ୍ତି କୋର୍ଟୟାର୍ଡ, ମଧୁବନ୍, ନଟି-୯, ଲୀଳା, ସାଇ ରେଷ୍ଟୋରାଂ, ପାର୍କ ଏବଂ ସରୋବର ପାର୍କର ପ୍ରତିନିଧୀମାନେ ସାମିଲ ଥିଲେ। ହୋଟେଲ ଏବଂ ରେଷ୍ଟୋରାଂରେ ବୃହତ ଆକାରର ବରାଦ ଜନିତ ଖାଦ୍ୟର ଅପଚୟକୁ ହ୍ରାସ କରିବା ପାଇଁ ଗ୍ରାହକଙ୍କ ମଧ୍ୟରେ ଆଚରଣଗତ ପରିବର୍ତ୍ତନ ଆଣିବା ଏବଂ ସରକାରୀ ନୀତି ନିର୍ଦ୍ଧାରିତ ୧୨୦ ମାଇକ୍ରନରୁ କମ୍ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ପ୍ରତିବନ୍ଧକ ସମ୍ବନ୍ଧରେ ଏହି ଅଧିବେଶନରେ ଧ୍ୟାନ ଦିଆଯାଇଥିଲା। ଏହା ମଧ୍ୟ ହୋଟେଲରେ ଉତ୍ପାଦିତ ବର୍ଜ୍ୟବସ୍ତୁ ଯଥା ଅଣ୍ଡା ଖୋଳ, ଫଳ ଏବଂ ପନିପରିବା ଚୋପା, ହାଡ଼, ବଳକା ଖାଦ୍ୟ ଓ ପ୍ୟାକେଜିଂ ସାମଗ୍ରୀ ଏବଂ ବିଭିନ୍ନ ପର୍ଯ୍ୟାୟରେ ଉତ୍ପନ୍ନ ବର୍ଜ୍ୟବସ୍ତୁର ଉଚିତ ପ୍ରବନ୍ଧନ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲା। ଜନସଚେତନତା ସୃଷ୍ଟି କରିବା ପାଇଁ ମେନୁ କାର୍ଡ ଏବଂ ଟେବୁଲ୍ କାର୍ଡରେ ପୋଷ୍ଟର ଏବଂ ବ୍ୟାନର ଏବଂ ବାର୍ତ୍ତା ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଞ୍ଜୀବ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମ୍ୟୁନିସିପାଲ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ରାଉରକେଲା, ୨୩।୧୧(ସମିସ):** ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯିବା ଉଦ୍ଦେଶ୍ୟରେ ଆଜି ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଖେଳ କୁଦ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ ସମୂହ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପରେଶ୍ ଚନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସରକାରଙ୍କ ସମନ୍ୱିତ ଯୁବ ବିକାଶ ଯୋଜନା ହିଁ ରାଷ୍ଟ୍ରୋନ୍ନତିର ଆଧାର ବୋଲି କହିବା ସହ ଓ ଏଥିପାଇଁ ରାଜ୍ୟ ସରକାରଙ୍କ ଏହି ନୂତନ ଯୋଜନାରେ କରିଥିବା ଓ ପ୍ରଗତିରେ ଏହି ଯୋଜନା ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଡ. ପ୍ରକାଶ କର ସମନ୍ୱିତ ଯୁବ ବିକାଶ ପାଇଁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। +୨ ବିଭାଗ ସଂଯୋଜକ ବିଜୟ ପାଢ଼ୀ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଯୋଜନା ଉପସ୍ଥାପନା କରିଥିଲେ। +୩ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜିକା ଡ. ଦିବ୍ୟକାନ୍ତି ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାପଟେନ୍ ସତ୍ୟନାରାୟଣ ରାଉତ ଖେଳ କୁଦ କାର୍ଯ୍ୟକ୍ରମର ଯୋଜନା ଉପସ୍ଥାପନା କରିଥିଲେ। ଆକାଶ ଦାସ, ଭୂପେଶ ପଟେଲ, ପ୍ରିୟଙ୍କା ମହାନ୍ତି, ବୈଦେହୀ ମାଝୀ,




ଆର୍ଥିକ ଅନୁଦାନର ପ୍ରଶଂସା କରିଥିଲେ। ଛାତ୍ର ପ୍ରୟାସ ପ୍ରୀତି ରଞ୍ଜନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଅଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। +୩ ବିଭାଗ ସଂଯୋଜକ ତଥା ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ. ସନାତନ ପ୍ରଧାନ ଯୋଗ ଦେଇ ଶାରୀରିକ, ସାମାଜିକ, ସାଂସ୍କୃତିକ ନୀତୁ ସେଠ, ଭାଗ୍ୟଲକ୍ଷ୍ମୀ ବେହେରା, ଦୀପ୍ତି ସୋରେନ୍, ଚନ୍ଦ୍ରଲେଖା ପଣ୍ଡା, ସଂଯୁକ୍ତା ବେହେରା, ଏମ୍ ଜେ କୁଜୁର, ଅର୍ଘ୍ୟଦୀପ ବାନାର୍ଜୀ, ସୁଧୀର ତିର୍କୀ, ବିଜୟଲକ୍ଷ୍ମୀ ଦେଓ, ମମତା ଚାନ୍ଦ, ମହାଶ୍ୱେତା ମହାପାତ୍ର, ପ୍ରଜ୍ଞା ମହାପାତ୍ର ଓ ଦୀପ୍ତି ରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶୁଭଶ୍ରୀ ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଏସ୍‌ଆର୍ ସୂର୍ଯ୍ୟବଂଶୀଙ୍କୁ ଆଇଆଇଏମ୍-ଟିଏସ୍‌ଏଲ୍ ମିଲେନିୟମ ପୁରସ୍କାର



**ରାଉରକେଲା, ୨୩।୧୧(ସମିସ):** ସେଲ୍ଫ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶରଦ ରଘୁନାଥ ସୂର୍ଯ୍ୟବଂଶୀ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲର ୭୭ତମ ବାର୍ଷିକ ବୈଠକରେ ସମ୍ମାନଜନକ ଆଇଆଇଏମ୍ ଟିଏସ୍‌ଏଲ୍ ନୂତନ ମିଲେନିୟମ୍ ପୁରସ୍କାର - ୨୦୨୩ରେ ସମ୍ମାନିତ ହୋଇଛନ୍ତି। ଚଳିତବର୍ଷର ଥିମ୍ 'ଧାତବ ଶିଳ୍ପରେ ସ୍ଥାୟୀ ରୂପାନ୍ତରଣ' ବିଷୟବସ୍ତୁ ଉପରେ ଆଇଆଇଏମର ଏହି ଅଧିବେଶନ ନଭେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ବ୍ଲାଷ୍ଟ ଫର୍ଣ୍ଣେସ ଆଧାରିତ ଆଇରନ୍ ମେକିଂ କ୍ଷେତ୍ରରେ ଶ୍ରୀ ସୂର୍ଯ୍ୟବଂଶୀଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏଥିରେ ପ୍ରକ୍ରିୟାର ଉନ୍ନତିକରଣ, କଞ୍ଚାମାଲ ଚୟନ, ପ୍ରସ୍ତୁତି, ଏକତ୍ରିକରଣ ଏବଂ କାର୍ଯ୍ୟ ଅଭ୍ୟାସରେ ଉନ୍ନତି, ବିକଳ୍ପ ଲୁହା ତିଆରି ପ୍ରକ୍ରିୟା ଆଦି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ସାମିଲ ରହିଛି। ସୂର୍ଯ୍ୟବଂଶୀଙ୍କ ନିକଟରେ ଆରଏସ୍‌ପି ଓ ଭିଲାଇ ଇସ୍ପାତ କାରଖାନାରେ ଲୌହ ପ୍ରସ୍ତୁତିର ସୁଦୀର୍ଘ ୩୫ ବର୍ଷର ବୈଷୟିକ ଅଭିଜ୍ଞତା ରହିଛି। ତାଙ୍କର ପ୍ରଶଂସନୀୟ କ୍ୟାରିୟରରେ ଲୌହ ପ୍ରସ୍ତୁତି କ୍ଷେତ୍ରରେ ବିଶେଷ ଭାବରେ ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ସିନ୍ଟରିଂ ପ୍ଲାଣ୍ଟ ଅପରେସନରେ ଉଲ୍ଲେଖନୀୟ ସଫଳତା ଏବଂ ଅବଦାନ ପାଇଁ ଚିହ୍ନିତ ଅଟେ। ସେଲ ଆରଏସପିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଭାବରେ ତାଙ୍କର ଦାୟିତ୍ୱ ଅବଧିରେ ସେ ଆରଏସପିର ସର୍ବଶ୍ରେଷ୍ଠ ହଟ୍ ମେଟାଲ୍, ଅଶୋଧିତ ଇସ୍ପାତ ଏବଂ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ କାରଖାନା ୨୦୨୨-୨୩ରେ ୪ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ଅତିକ୍ରମ କରିଥିଲା। ତାଙ୍କ ମାର୍ଗଦର୍ଶନରେ, ଆରଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସ୍ ୫ରେ ଉତ୍ପାଦକତା, ଶକ୍ତି ବ୍ୟବହାର, ଅଙ୍ଗାରକାମ୍ଳ ନିର୍ଗମନ ଏବଂ ମେଟାଲିକ୍ ଇନପୁଟ୍‌ରେ ନୂତନ ମାନଦଣ୍ଡ ସ୍ଥିର କରିଥିଲା। ଏଥିସହ, ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ର ସଫଳ କମିଶନିଙ୍ଗ ଏବଂ ଉତ୍ପାଦନ ଦୃଢୀକରଣରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯାହା ସ୍ୱତନ୍ତ୍ର ଉତ୍ପାଦ ସମୂହର ବିକାଶରେ ସହଯୋଗ କରିଥିଲା।

## ବଣିକ ସଂଘ ସମ୍ମିଳନୀ କକ୍ଷରେ ଅଗ୍ନିକାଣ୍ଡ

**ରାଉରକେଲା, ୨୩।୧୧(ସମିସ):** ପାନପୋଷ ବାଇପାସ୍ ରୋଡସ୍ଥିତ ରାଉରକେଲା ବଣିକ ସଂଘର ସମ୍ମିଳନୀ କକ୍ଷରେ ଆଜି ଅଗ୍ନିକାଣ୍ଡ ଘଟି ଅନେକ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଥିବା ଜଣାପଡ଼ିଛି। ଗୁରୁବାର ସକାଳ ପ୍ରାୟ ସାଢେ ୯ଟାରୁ ୧୦ଟା ସମୟ ମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାଉଣ୍ଡ ଫ୍ଲୋରରେ ଥିବା ସମ୍ମିଳନୀ କକ୍ଷରୁ ହଠାତ୍ ଧୂଆଁ ବାହାରି ଥିଲା। ଦେଖୁ ଦେଖୁ ଧୂଆଁ ବୃଦ୍ଧି ପାଇଥିଲା। ସଂଘର କର୍ମଚାରୀମାନେ ନିଆଁ ଲାଗିବା ସମ୍ପର୍କରେ ଜାଣିବା ପରେ ନିଜସ୍ୱ ଉଦ୍ୟମରେ ନିଆଁକୁ ଆୟତ୍ତ କରି ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ସୋଫା, ଟେବୁଲ୍ ସମେତ ଅନ୍ୟ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ମାତ୍ର ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇପାରି ନଥିବା ବେଳେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଉପ ନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ଆଜି

**ରାଉରକେଲା, ୨୩।୧୧(ସମିସ):** ଜିଲ୍ଲାର ବିଭିନ୍ନ କଳ କାରଖାନାଗୁଡିକରେ ନିରପତା ଅଭାବରୁ ବହୁ ଦୁର୍ଘଟଣା ଘଟି ନିରିହ ଶ୍ରମିକଙ୍କର ଜୀବନ ଯାଉଛି। ଏହି ମାସକ ମଧ୍ୟରେ କୁଆଁରମୁଣ୍ଡା ସ୍ଥିତ ସ୍ୱସ୍ତିକ କାରଖାନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ତାପରେ କଳୁଙ୍ଗାସ୍ଥିତ ଶୁଭ ଇସ୍ପାତ ପ୍ରାଇଭେଟ୍ ଲିମିଟେଡରେ ଦୁର୍ଘଟଣା ଘଟି ଚିନ୍ମୟ ବେହେରା ନାମକ ଶ୍ରମିକର ମୃତ୍ୟୁ ଘଟିବା ସହିତ ଆଉ ଦୁଇଜଣ ଶ୍ରମିକ ଗୁରୁତର ଭାବରେ ଆହାତ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୩ଦିନ ତଳେ କୁତ୍ରାସ୍ଥିତ ସ୍କାନ୍ ଷ୍ଟିଲ୍ ଲିମିଟେଡରେ ଚରଣ ସିଂ ନାମକ ଜଣେ ଶ୍ରମିକ ମୃତ୍ୟୁବରଣ କରିଛି। ସେହିପରି ଆଇଏଫଜିଏଲ ରିଫ୍ରାଟୋରିରେ ଶ୍ରମିକ କାରଖାନାରେ କାମ କରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇ ପ୍ରଥମେ ଜେପି ହସ୍ପିଟାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଛି। କିଛିଦିନ ତଳେ କଳିଙ୍ଗ ସ୍ପଞ୍ଜରେ ଦୁର୍ଘଟଣା ଘଟି ଜଣେ ଶ୍ରମିକ ମୃତ୍ୟୁବରଣ କରିଥିଲେ। ସେହିପରି ବଣାଁଇସ୍ଥିତ ଭୂଷଣ ଷ୍ଟିଲରେ ଦୁର୍ଘଟଣାରେ ଜଣେ ଶ୍ରମିକ ତାର ଗୋଟେ ଗୋଡ଼ ହରାଇ କୌଣସି ମତେ ବଞ୍ଚି ଯାଇଛି। ମହାବୀର ଫେରେରେ ମଧ୍ୟ ଅପରୂପ ଦୁର୍ଘଟଣାରେ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଠାରୁ ଆରମ୍ଭ କରି ଘରୋଇ କାରଖାନା, କୌଣସି ଜାଗାରେ ଫ୍ୟାକ୍ଟ୍ରି ଆକ୍ଟ ଲାଗୁ କରାଯାଉ ପାରୁନାହିଁ ବା ଶ୍ରମିକଙ୍କର ନିରାପତ୍ତାର ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ଅବହେଳା ପ୍ରଦର୍ଶନ କରାଯାଉଛି। ଏହାକୁ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ(ସିଟୁ) ତୀବ୍ର ବିରୋଧ କରିବା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବା ପାଇଁ ଦାବି କରୁଛି। ଏ ମର୍ମରେ ଏକ ପତ୍ର ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ଭୁବନେଶ୍ୱରକୁ ପ୍ରଦାନ କରାଯାଇଛି। ରାଉରକେଲା ସ୍ଥିତ ଉପ ନିର୍ଦ୍ଦେଶକଙ୍କୁ ମଧ୍ୟ ଅବଗତ କରାଯାଇଛି। ଏଣୁ ଏ ସମସ୍ତ ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ ସିଟୁ ପକ୍ଷରୁ ଆସନ୍ତା ୨୪ ନଭେମ୍ବରରେ ରାଉରକେଲା ସ୍ଥିତ ଡେପୁଟି ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଉପ ନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି।

## ରାଉରକେଲାରେ ଡିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

## ଦଳକୁ ମଜଭୁତ କରିବି: ରଶ୍ମି ପାଢ଼ୀ



**ରାଉରକେଲା, ୨୩।୧୧(ସମିସ):** ବିଧାୟକ ଟିକେଟ ନେବା ପାଇଁ ମୋର ଆଶା ନାହିଁ, କେବଳ ରାଉରକେଲାରେ କଂଗ୍ରେସ ଦଳକୁ ତୃଣମୂଳ ସ୍ତରରେ ମଜଭୁତ କରିବା ସଂଗଠନର ଅଭୂତପୂର୍ବ ଉନ୍ନତି କରିବା ହିଁ ମୋର ପ୍ରାଧାନ୍ୟ ରହିବ ବୋଲି ନବ ନିଯୁକ୍ତ ରାଉରକେଲା ଡିସିସି ସଭାପତି ରଶ୍ମି ରଞ୍ଜନ ପାଢ଼ୀ କହିଛନ୍ତି। ସେକ୍ଟର -୨୧ ସ୍ଥିତ ପାର୍ଟି କାର୍ଯ୍ୟାଳୟ ଠାରେ ବରିଷ୍ଠ ନେତା ତଥା ଉପ ସଭାପତି ରାମାନନ୍ଦ ଶ୍ରୀଚନ୍ଦନ, କୀର୍ତ୍ତନ ଦାସଙ୍କ ଆବାହକତ୍ୱରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବତନ ସଭାପତି ଦେବବ୍ରତ ବିହାରୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ସଭାପତି ଜନାର୍ଦ୍ଦନ ଦେହୁରୀ, ଗଣେଶ ପ୍ରଧାନ, ସବିର ହୁସେନ, ପ୍ରଭାତୀ ମିଶ୍ର, ମେଘନାଦ ନାଏକ, ରଞ୍ଜିତ ଭିତ୍ତିରିଆ, ଗୋପାଳ ଦାସ, ଗଜେନ୍ଦ୍ର ତନ୍ତୀ, ବି ରିନା, ଖଦାଳ ସେଠୀ, ରାଜକୁମାର ଯାଦବ, ପୂର୍ବତନ ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବିନୋଦ ରାଉତ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ବିଧାୟକ ପ୍ରାର୍ଥୀ ବୀରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ରବି ରାୟ ପ୍ରମୁଖ ଯୋଗ ଦେଇ ନ ଥିଲେ। ସୂଚନାଯୋଗ୍ୟ ଯେ ୧୯୯୫ ମସିହାରେ ଛାତ୍ର ଜୀବନରୁ କଂଗ୍ରେସ ଦଳରେ ଯୋଗ ଦେଇ ରଶ୍ମୀ ରଞ୍ଜନ ପାଢ଼ୀ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଛାତ୍ର କଂଗ୍ରେସର ଜିଲ୍ଲା ସଂଯୋଜକ ଭାବେ କାମ କରିଥିଲେ। ୨୦୧୨ରୁ ୨୦୧୫ ମସିହା ପର୍ଯ୍ୟନ୍ତ ସେ ଯୁବ କଂଗ୍ରେସ ଓ ୨୦୧୫-୧୬ ମସିହାରେ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଦାୟିତ୍ୱ ନେଇ ଦଳ ପାଇଁ କାର୍ଯ୍ୟ କରିଥିଲେ। ଏହା ପରେ ପ୍ରଦେଶ କଂଗ୍ରେସ କମିଟିର ସହଯୋଗୀ ସଦସ୍ୟ ଏବଂ ପରେ ସେ କଂଗ୍ରେସର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରି ଥିଲେ।

## ଶିଶୁ ଅନୁକୂଳ ପରିବେଶ ସୃଷ୍ଟି ପ୍ରକ୍ରିୟା କର୍ମଶାଳା

ରାଉରକେଲା, ୨୩।୧୧(ସମିସ)



ଆଜିର ଶିଶୁ ଆସନ୍ତା କାଲିର ନାଗରିକ। ଏହି ଶିଶୁମାନଙ୍କ ଶୈଶବର ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଏକ ଉତ୍ତମ ପରିବେଶରେ ବଢ଼ିବା ପାଇଁ ସୁଯୋଗ ଦେବା ଲାଗି ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଓ ରାଉରକେଲା ମହାନଗର ନିଗମ ତରଫରୁ 'ନର୍ଚରିଂ ନେବରହୁଡସ୍ ଚ୍ୟାଲେଞ୍ଜ' ଅଭିଯାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଉଛି। ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଏଥିସହ ଜଡ଼ିତ ସଂସ୍ଥାମାନଙ୍କୁ ନେଇ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଶିଶୁଙ୍କୁ ସୁହାଇବା ଭଳି ଆନନ୍ଦମୟ ପରିବେଶ ତିଆରି କରିବା ନିମନ୍ତେ ଏକ ରୋଡ ମ୍ୟାପ ପ୍ରସ୍ତୁତ କରିବା ପାଇଁ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ବିକାଶର କାମକୁ ତ୍ୱରାନ୍ୱିତ କରିବା ସହ ରାଉରକେଲା ସହରକୁ ଶିଶୁମାନଙ୍କ ନିମନ୍ତେ ଶ୍ରେଷ୍ଠ ସହର ଭାବେ ଗଢ଼ି ତୋଳିବାକୁ ଏହି କର୍ମଶାଳାରେ ଚର୍ଚ୍ଚା ହୋଇଥିଲା। ନର୍ଚରିଂ ନେବରହୁଡସ୍ ଚ୍ୟାଲେଞ୍ଜ' ଅଭିଯାନରେ ଦେଶର ଶ୍ରେଷ୍ଠ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇବାପରେ ସହରର ପରିବେଶକୁ ଶିଶୁ ଅନୁକୂଳ କରିବା ସକାଶେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଓ ରାଉରକେଲା ମହାନଗର ନିଗମ ତରଫରୁ ବିଭିନ୍ନ ବିଭାଗର ସହାୟତାରେ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ବିଶେଷକରି ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକେ ବସବାସ କରୁଥିବା ଅଞ୍ଚଳଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ସେଠାକାର ପରିବେଶକୁ ଚାଇଲ୍ଡଫ୍ରେଣ୍ଡଲି କରାଯାଉଛି। ଶିଶୁ ମାନଙ୍କ ମାନସିକ ତଥା ଶାରୀରିକ ବିକାଶ ନିମନ୍ତେ ଖେଳକୁଦ ଜରୁରୀ ହୋଇଥିବା ବେଳେ ସହରରେ ଥିବା ଅବ୍ୟବହୃତ ଖୋଲା ସ୍ଥାନ ଗୁଡ଼ିକର ଉନ୍ନତିକରଣ କରାଯାଇ ଶିଶୁମାନଙ୍କ ଖେଳକୁଦ ପାଇଁ ଉତ୍ତମ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ସହରରେ ଥିବା ଅଙ୍ଗନବାଡି କେନ୍ଦ୍ର ପରିସରକୁ ଶିଶୁ ଅନୁକୂଳ କରି ପିଲାମାନଙ୍କ ପ୍ରାରମ୍ଭିକ ଶିକ୍ଷାକୁ ଆନନ୍ଦଦାୟକ କରିବା ନିମନ୍ତେ ବାଲା ମଡେଲ (ବିଲ୍ଡିଂ ଆଜ୍ ଲର୍ଣ୍ଣିଂ ଏଡ)ରେ ନୂତନ ଅଙ୍ଗନବାଡି ନିର୍ମାଣ କରାଯାଉଛି। ଉତ୍ତମ ଗୃହ, ବିଶୁଦ୍ଧ ପାନୀୟ ଜଳ, ମମତା ଗୃହ, ଶୌଚାଳୟ, ଅଙ୍ଗନବାଡ଼ି ଗୃହର କାନ୍ଥ ଗୁଡିକରେ ନାନା ପ୍ରକାରର ଚିତ୍ର କରି ଆକର୍ଷଣୀୟ କରାଯାଉଛି। ଯାହାଫଳରେ ଶିଶୁଙ୍କ ଉପସ୍ଥାନ ହାର ବୃଦ୍ଧି ହୋଇପାରିଛି। କେବଳ ଶିଶୁ ନୁହେଁ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ମଧ୍ୟ ପାର୍କ ତଥା ଖୋଲା ସ୍ଥାନ ଗୁଡ଼ିକର ବିକାଶ କରାଯାଇ ସେଠାରେ ମୋବାଇଲ ଲାଇବ୍ରେରୀ, କମ୍ୟୁନିଟି ସେଣ୍ଟର ଓ ଖୋଲା ଜିମ ପ୍ରତିଷ୍ଠା କରାଯାଉଛି। ଯାହା ଫଳରେ କେବଳ ଶିଶୁ ନୁହେଁ ସେମାନଙ୍କ ଅଭିଭାବକ ମାନଙ୍କ ପାଇଁ ମଧ୍ୟ ଅନୁକୂଳ ପରିବେଶ ସୃଷ୍ଟି ସୁନିଶ୍ଚିତ ହୋଇପାରିଛି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପ୍ରସୂତୀ ମା'ମାନଙ୍କ ଲାଗି ସ୍ୱତନ୍ତ୍ର ସ୍ତନ୍ୟପାନ କକ୍ଷର ବ୍ୟବସ୍ଥା କରାଯାଉଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ତଥା ସ୍ମାର୍ଟ ସିଟି ସିଇଓ ଡା. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ରାଉରକେଲା ସହରକୁ ଶ୍ରେଷ୍ଠ ଚାଇଲ୍ଡ ଫ୍ରେଣ୍ଡଲି ସହରରେ ପରିଣତ କରିବା ପାଇଁ ବିଭିନ୍ନ ବିଭାଗର ସହଯୋଗରେ ଉନ୍ନୟନମୂଳକ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି ବୋଲି କହିଥିଲେ। ଏହି ଅଭିଯାନ ସହ ଜଡ଼ିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ। ଏଥିରେ ଆରଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇ, ଗୌରବମୟ ପ୍ରଧାନ, ରୋନିତ କୁମାର, ରାଉରକେଲା ସରକାରୀ ଡାକ୍ତରଖାନାର ଶିଶୁରୋଗ ବିଭାଗର ମୁଖ୍ୟଡାକ୍ତର ପ୍ରଶାନ୍ତ କୁମାର ପାତ୍ର, ସିଏଫ୍‌ଓ ୟୁପିସି ପାତ୍ର, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ବସ୍ତି ଉନ୍ନୟନ ସଂଘର ସଦସ୍ୟ, ଆରଏମସି ଓ ରାଉରକେଲା ସ୍ମାର୍ଟସିଟିର ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୩ ଦିନିଆ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

# ଜୈବିକସାର ବ୍ୟବହାର ପାଇଁ ପରାମର୍ଶ




**ରାଉରକେଲା, ୨୩।୧୧(ସମିସ) :** ସ୍ଥାନୀୟ ବେଦବ୍ୟାସ ଶୈବପୀଠ ମେଳା ପଡ଼ିଆରେ ଗତ ତିନିଦିନ ଧରି ଚାଲିଥିବା ପାନପୋଷ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଏହି ମେଳାର ଶେଷ ଦିବସରେ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କହିଥିଲେ ଯେ ଆଧୁନିକ ପଦ୍ଧତିରେ ଉନ୍ନତ ଯନ୍ତ୍ରପାତି ବ୍ୟବହାର କରି ଚାଷୀ ଉତ୍ପାଦନ ବଢ଼ାଇପାରୁଛି। ଏହାଦ୍ୱାରା ଚାଷୀ ମାନେ ଲାଭବାନ ହେଉଛନ୍ତି କିନ୍ତୁ ମାଟିର ଉର୍ବରତା କମି କମିଯାଉଛି। ଚାଷୀ ଭାଇମାନେ ଚାଷ କରିବା ସମୟରେ ରାସାୟନିକ ସାର ବ୍ୟବହାର ନକରି ଜୈବିକସାର ବ୍ୟବହାର କରନ୍ତୁ। ଫଳରେ ଜମିର ଉର୍ବରତା ବଜାୟ ରହିବ ଏବଂ ଏହି ପଦ୍ଧତିରେ ଉତ୍ପାଦିତ ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷରେ ଉପଯୁକ୍ତ ରହିବ। ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅରୁଣ କୁମାର ମିଶ୍ର ଯୋଗ ଦେଇ ଏହି ମେଳା ଯୋଗୁଁ ଚାଷୀମାନେ ଅଧିକ ଲାଭ ବାନ ହୋଇପାରିବେ ବୋଲି କହିଥିଲେ। ନିର୍ବାହୀ ଯନ୍ତ୍ରୀ (କୃଷି) ସୁନ୍ଦରଗଡ଼, ପରମାନନ୍ଦ ପ୍ରଧାନ ଏହି ଅବସରରେ କହିଥିଲେ ଏହି ତିନି ଦିବସୀୟ ମେଳାରେ ବିଶ୍ରା, କୁଆଁରମୁଣ୍ଡା, ପାନପୋଷ, ନୂଆଗାଁ ଅଞ୍ଚଳର ହଜାର ସଂଖ୍ୟକ ଚାଷୀ ଭାଗ ନେଇଥିଲେ। ସେମାନେ ପ୍ରଦର୍ଶିତ କୃଷି ଯନ୍ତ୍ରପାତିର ବ୍ୟବହାର ବିଷୟରେ ପଚାରି ବୁଝିଥିଲେ ଏବଂ ୩୫୦ ରୁ ଅଧିକ ଚାଷୀ ଯନ୍ତ୍ରପାତି କ୍ରୟ କରିଛନ୍ତି। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ନୂଆଗାଁ (କ) ଜ୍ୟୋତି ଟେଟେ ଓ ନୂଆଗାଁ (ଖ) ସଞ୍ଜିତା କିସପୋଟା, ବ୍ଲକ ଚେୟାରମ୍ୟାନ ନୂଆଗାଁ ବିଶ୍ୱାସି ଟପ୍ପୋ, ଓଡ଼ିଶା କୃଷି ଶିଳ୍ପ ନିଗମ ପରିଚାଳକ ସୁବୋଧ ବିନୟ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ପାନପୋଷ କୃଷି ଜିଲ୍ଲା ଅଧିକାରୀ ରିଲିଜିୟସ ବେକ ସ୍ୱାଗତ ଅଭିଭାଷଣ ଦେଇ ଥିବା ବେଳେ ସହକାରୀ କୃଷି ଅଧିକାରୀ ଦୁଃଖୀନି ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ରା ସହକାରୀ କୃଷି ଅଧିକାରୀ ମନୋଜ କୁମାର ବାରିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଗାନ୍ଧୀ ମହାବିଦ୍ୟାଳୟରେ ସମନ୍ୱୟ ଯୁବବିକାଶ କାର୍ଯ୍ୟକ୍ରମ



**ରାଉରକେଲା, ୨୩।୧୧(ସମିସ):** ସ୍ଥାନୀୟ ଦେଓଗାଁସ୍ଥିତ ଗାନ୍ଧି ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ-ଓ ଯୁବ ବିକାଶ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଖେଳ ବିଭାଗର ମୁଖ୍ୟ ପରିଚାଳକ (ନୋଡାଲ ଅଫିସର) ଡ. ଅଶୋକ କୁମାର ବେଉରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଆନ୍ତଃ ଶ୍ରେଣୀସ୍ତରୀୟ ଉଭୟ +୨ ଏବଂ +୩ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିକେଟ ଓ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। +୨ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବ୍ଲେଣ୍ଡରର୍ସ ୱାରିୟର ଗ୍ରୁପ୍ ବିଜୟୀ ହୋଇଥିଲାବେଳେ ଗେମ୍ ଚାର୍ଜର ବିଜୟୀ ହୋଇଥିଲା। ସେହିପରି +୩ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସାଇନିଂ ଷ୍ଟାର୍ ଦଳ ବିଜୟୀ ହୋଇଥିଲା ବେଳେ ଓ ଷ୍ଟାର୍ ଇଭିନିଂ ଦଳ ରନର୍ସ ଅପ୍ ହୋଇଥିଲେ। ସେହିପରି +୨ ବିଭାଗରେ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୱାନ ମିସଟେକ୍ ଗେମ୍ ଓଭର ବିଜୟୀ ହୋଇଥିବାବେଳେ ଲିଟିଲ୍ ଷ୍ଟାର ରନର୍ସ ଅପ୍ ହୋଇଥିଲା। +୩ ବିଭାଗ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୟଙ୍ଗ ୟୁଥ୍ ୟୁନାଇଟେଡ ଦଳ ବିଜୟୀ ଲାଭ କରିଥିବା ବେଳେ ସେଭେନ୍ ଷ୍ଟାର ରନର୍ସ ଅପ୍ ହୋଇଥିଲା। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଖେଳ ଉପସଭାପତି ଡ. ନମିତା ରଥ ଓ ଖେଳ ଶିକ୍ଷକ ସୁବାସ ଚନ୍ଦ୍ର ବଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଡ. ସୁରେନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# କଲ୍ୟାଣୀରାୟ ଡିଗ୍ରୀ କଲେଜରେ 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ରାଉରକେଲା, ୨୩।୧୧(ସମିସ):** ହମିରପୁରସ୍ଥିତ କଲ୍ୟାଣୀ ରାୟ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଶା ସରକାର ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଇୱାଇଡିପି(ସମନ୍ୱିତ ଯୁବ ବିକାଶ ପ୍ରୋଗ୍ରାମ) ଅନ୍ତର୍ଗତ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତ ୨୦ ତାରିଖରୁ ଏହି ଯୋଜନାରେ ଆଥଲେଟିକ୍ ମିଟ୍ - ୨୦୨୩ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କମଳାକାନ୍ତ ଦାସ, ନୋଡାଲ ଅଧିକାରୀ ମିନତୀ ଦିପ୍, କ୍ରୀଡ଼ା କ୍ଲବ୍ ଅଧିକାରୀ ସୁଜାତା କିଣ୍ଡୋ, ସାଂସ୍କୃତିକ କ୍ଲବ୍ ଅଧିକାରୀ ପ୍ରତିଭା ଅଧିକାରୀ, ସାମାଜିକ କ୍ଲବ୍ ଅଧିକାରୀ ଅଭିରାମ ସାଗରିଆ ତଥା ସମସ୍ତ ଶିକ୍ଷକ ଓ କର୍ମଚାରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସୁଡ଼ଙ୍ଗରେ ଫସିଥିବା ଶ୍ରମିକଙ୍କ ପାଇଁ ପ୍ରାର୍ଥନା



**ରାଉରକେଲା, ୨୩।୧୧(ସମିସ):** ସ୍ଥାନୀୟ ଡିଏଭି ଛକ ଜେଲ ରୋଡ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଭେଣ୍ଡିଂ ଜୋନ୍ କମିଟି ପକ୍ଷରୁ ସୁଡ଼ଙ୍ଗରେ ଫସିଥିବା ଶ୍ରମିକଙ୍କ ଉଦ୍ଧାର ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଏହି ଅବସରରେ ସଭାପତି ଦେବବ୍ରତ ସିଂ, ରାଜେନ୍ଦ୍ର ମହାରଣା, ସମ୍ପାଦକ ସୁବାସ ନାୟକ, ସାଧାରଣ ସମ୍ପାଦକ କହରା ଜେନା, ବାସୁଦେବ ବରାଳ, ଅମିୟ ପୋଥାଳ, ଭଞ୍ଜ ସିଂ, ପ୍ରକାଶ ସେଠୀ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରବୀନ୍ଦ୍ର କୁମାର ସାହୁଙ୍କୁ ଝିରପାଣି ଥାନା ଦାୟିତ୍ୱ

**ରାଉରକେଲା, ୨୩।୧୧(ସମିସ):** ଇନ୍ସପେକ୍ଟର ରବୀନ୍ଦ୍ର କୁମାର ସାହୁ ଝିରପାଣି ଥାନା ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ସାହୁ ରାଉରକେଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ଇନ୍ସପେକ୍ଟର ଶ୍ରୀକାନ୍ତ ଖମାରୀଙ୍କୁ ଉକ୍ତ ଥାନାରେ ନିଯୁକ୍ତି ମିଳିଥିଲା। ମାତ୍ର ସେ ଯୋଗ ଦେବାର କିଛି ଦିନ ପରେ ଶରୀର ଅସୁସ୍ଥତା କାରଣରୁ ସେ ବର୍ତ୍ତମାନ୍ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଥିବା ସୂଚନା ମିଳିଛି।

# ଲିଫ୍ଟରଙ୍କ ମୃତ୍ୟୁଯୋଗୁଁ ଆରଏସ୍‌ପିର ୪ ଫାଟକରେ ପରିବହନ ବନ୍ଦ



**ରାଉରକେଲା, ୨୩।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନାରେ ଏକ ଠିକା ସଂସ୍ଥାରେ ଲିଫ୍ଟର ଭାବେ କାର୍ଯ୍ୟରତ ରାକେଶ କୁମାର ରୁଲେ(୫୨)ଙ୍କର ଗୁରୁବାର ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଆରଏସ୍‌ପିର ବଣିଆ ଗେଟଠାରେ ଏକ ଅଜଣା ଗାଡିର ଧକ୍କାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମର୍ମାହତ ହୋଇ ସମସ୍ତ ଠିକା ଲିଫ୍ଟର କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିଥିଲେ। ଫଳରେ ଗୁରୁବାର ସକାଳ ୬ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଆରଏସ୍‌ପି ଭିତରେ ଲିଫ୍ଟିଂ ବନ୍ଦ ହୋଇ ଯିବା ସହ ଆରଏସପିର ବଣିଆ ଗେଟ୍, ତାରାପୁର ଗେଟ୍, ନ୍ୟୁ ହଷ୍ଟଟ୍ରିପ ମିଲ୍ ଗେଟ୍, ଏସ ଏସୱାଇ ଗେଟ୍ ବନ୍ଦ ରହିଥିଲା। ଯାହାଫଳରେ ପରିବହନ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି।

# ସତ୍ୟସାଇ ବାବାଙ୍କ ୯୮ତମ ଜୟନ୍ତୀ ପାଳିତ




**ରାଉରକେଲା, ୨୩।୧୧(ସମିସ)** ସତ୍ୟସାଇ ବାବାଙ୍କ ୯୮ତମ ଜୟନ୍ତୀ ସତ୍ୟସାଇ ସେବା ସମିତି ରାଉରକେଲା ପକ୍ଷରୁ ଉଦିତ୍‌ନଗର, ଓରାମପଡ଼ା ସ୍ଥିତ ପ୍ରଶାନ୍ତି ବିହାରରେ ପାଳିତ ହୋଇଛି। ଦିବସବ୍ୟାପି ଏହି କାର୍ଯ୍ୟକ୍ରମରେ ପ୍ରାତଃ ୫ଟାରେ ଓମକାର ସୁପ୍ରଭାତମ୍ ନଗର କୀର୍ତ୍ତନ, ପୂର୍ବାହ୍ନ ୮ଟାରେ ପବିତ୍ର ପ୍ରଶାନ୍ତ ପତାକା ଉତ୍ତୋଳନ, ଏହାପରେ ସାମୂହିକ ବେଦ ଉଚ୍ଚାରଣ, ୮ଟା ୧୫ରେ ଭଗବାନଙ୍କ ପାଦପଦ୍ମରେ ୯୯ ଗୋଟି ଭଜନ ସମର୍ପଣ, ୧୧ଟା ୩୦ରେ ନାରାୟଣ ସେବା ଏବଂ ଏହାପରେ ସମସ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ୫ଟା ୩୦ରେ ସାମୂହିକ ଦୀପ ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମାନ ଅନୁଷ୍ଠିତ ହୋଇଥିଲା। ରାତି ୮ଟାରେ ଝୁଲଣ ଭଜନ, ଜନ୍ମଦିନ କେକ୍ ପ୍ରଦାନ ଏବଂ ୮ଟା ୩୦ରେ ମଙ୍ଗଳ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। ସତ୍ୟସାଇ ସେବା ସମିତି, ରାଉରକେଲା ସମେତ ୫ଟି ଭଜନମଣ୍ଡଳୀ, ଫର୍ଟିଲାଇଜର, ବନ୍ଧମୁଣ୍ଡା, ଏନ୍‌ଆଇଟି, କୋଏଲନଗର, ଝିରିପାଣି, ସେକ୍ଟର, ଛେଣ୍ଡ, ସିଭିଲ ଟାଉନ୍‌ସିପ୍‌ର ଭାଇ ଓ ଭଉଣୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମିତିର ଆବାହକ ବିଜୟ କୁମାର ମହାପାତ୍ରଙ୍କ ସମେତ ତ୍ରିଲୋଚନ ରାଉତ, ଅନାଥ ରାଉତ, କରୁଣାକର ପଟେଲ, ବିକେ. ସାହୁ, ବିଭୂତି ପଟ୍ଟନାୟକ, ମନୁପାତ୍ର, ଡ. ନିରଞ୍ଜନ ବେହେରା, ମଞ୍ଜୁଳା ସାହୁ, ସୁକାନ୍ତି ମହାରଣା, ଲିଲି ପଟେଲ, ଅଳକା ରଥ, ଯୁବ ଗୋଷ୍ଠୀ ପକ୍ଷରୁ ଲୋପାମୁଦ୍ରା ବଡଜେନା, ଚିନ୍ମୟାନନ୍ଦ ପାତ୍ର, ଆର୍‌କେ ରଥ, ଡ. ଅନୀଲ କୁମାର ନାୟକ, ବିକାଶ ବାନାର୍ଜୀ, ସୁନନ୍ତ ସାହୁ, ପ୍ରଦୀପ ପଟ୍ଟନାୟକ, ସାଧୁଚରଣ ପଣ୍ଡା, ଆନନ୍ଦ ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ଅଭିଲାଷା ଲେଡିଜ୍ କ୍ଲବ୍ ପକ୍ଷରୁ ସାଇକଲ ବଣ୍ଟନ



**ସୁନ୍ଦରଗଡ଼, ୨୩।୧୧(ସମିସ):** ଏନ୍‌ଟିପିସି ଦର୍ଲିପାଲିର ଅଭିଲାଶା ଲେଡିଜ୍ କ୍ଲବ୍ ପକ୍ଷରୁ ମହିଳାମାନଙ୍କ ଦକ୍ଷତା ବିକାଶ, ଶିଶୁ ଶିକ୍ଷାର ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକଳାପ ଆଦି ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ କରାଯାଉଛି। ଏ କ୍ରମରେ ଗୁରୁବାର ବାଳିକା ସଶକ୍ତିକରଣ ଅଭିଯାନ (ଜିଏମ୍)ରେ ମନୋନୀତ ପାଞ୍ଚ ଜଣ ଛାତ୍ରୀଙ୍କୁ ସାଇକଲ ପ୍ରଦାନ କରାଯାଇଛି। ସମ୍ପୃକ୍ତ ଛାତ୍ରୀମାନେ ଏନ୍‌ଟିପିସିର ବାଲ ଭାରତୀ ପବ୍ଲିକ୍ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ସେହିପରି ଆଖପାଖ ଅଞ୍ଚଳର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଗୋଷ୍ଠୀ ପ୍ରକଳ୍ପ ନିକଟସ୍ଥ ୬ ଟି ଅଙ୍ଗନବାଡି କେନ୍ଦ୍ରକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ଅଭିଲାଶା ଲେଡିଜ୍ କ୍ଲବ ଅଧ୍ୟକ୍ଷା ସ୍ୱାତୀ ଟଣ୍ଡନ ଏଥିରେ ଯୋଗଦେଇ ଅଭିଲାଷା ଲେଡିଜ୍ କ୍ଲବ୍ ଏବଂ ଏନ୍‌ଟିପିସି ଦର୍ଲିପାଲି ଦୀର୍ଘ ଦିନ ଧରି ଅସହାୟ ଲୋକଙ୍କୁ ଗୁଣାତ୍ମକ ଉତ୍ସ ଯୋଗାଇବା ଏବଂ ମହିଳା, ଶିଶୁ ଓ ବାଳିକାମାନଙ୍କୁ ନିରନ୍ତର ସାହାଯ୍ୟ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରି ଆସୁଥିବା ସୂଚନା ଦେଇଥିଲେ। ବସୁଧା ଲେଡିଜ୍ କ୍ଲବର ଅଧ୍ୟକ୍ଷା ମହୁଆ ମଜୁମଦାର ଛାତ୍ରୀମାନଙ୍କୁ ଭଲ ଅଧ୍ୟୟନ କରି ନିଜକୁ, ନିଜ ପରିବାର ଏବଂ ଦେଶକୁ ଗର୍ବିତ କରିବାକୁ ପରାମର୍ଶ ଦେଇଥିଲେ। ଉଭୟ କ୍ଲବର ଅନ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ସହାୟକ ଲାଇବ୍ରେରିଆନ୍‌ଙ୍କ ଅକାଳ ବିୟୋଗ



**ହେମଗିରି, ୨୩।୧୧(ସମିସ):** ହେମଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟରତ ସହାୟକ ଲାଇବ୍ରେରିଆନ୍ ଜୀତେଶ କୁମାର ପତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମାତ୍ର ୪୮ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ବିୟୋଗରେ ସମସ୍ତେ ମର୍ମାହତ।

## କିଞ୍ଜିରକେଲା ଡିଗ୍ରୀ ମହାବିଦ୍ୟାଳୟରେ ଯୁବବିକାଶ କାର୍ଯ୍ୟକ୍ରମ



**ବାଲିଶଙ୍କରା, ୨୩।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ ସମ୍ବନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ 'ନୂଆ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ଅବସରପ୍ରାପ୍ତ ବିଇଓ ଗୋଲାପ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଏକ, ଭବାନୀ ଶଙ୍କର ନାଏକ, ସନ୍ତୋଷ କୁମାର ନାଏକ, +୨ କଲେଜର ଅଧ୍ୟକ୍ଷ ଦିଳୀପ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ଗୁରୁଚରଣ ମିଶ୍ର ସ୍ୱାଗତଭାଷଣ ଦେବାସହ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ସଞ୍ଜୟ କୁମାର ନାଏକ, କୁସୁମକାନ୍ତି ଲାକ୍ରା, ଅଲିଭା ଭୋଇ, ରାଜେଶ କୁମାର ପଟେଲ, ପଦ୍ମନ ନାଏକ, ବାଲେଶ୍ୱର ଖଣ୍ଡା, ଅରୁଣ କୁମାର ନାଏକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମ୍ବନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ମନୋଜ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀ ଆକ୍ରମଣରୁ ବର୍ତ୍ତିଲେ ଦୁଇ ଯୁବକ

### ବାଇକ୍ ଭାଙ୍ଗିଦେଲେ ହାତୀ ପଲ

**ସବଡେଗା, ୨୩।୧୧(ସମିସ):** ସବଡେଗା ବ୍ଲକରେ ବିଗତ ୨ ମାସ ଧରି ହାତୀଙ୍କ ଆତଙ୍କ ଲାଗିରହିଛି। ଚାଷୀ ବର୍ଷଯାକ ଧାରଉଦ୍ଧାର କରି ବିଲରେ ଧାନ ଚାଷ କରିଛନ୍ତି, ହେଲେ ଠିକ ଅମଳ ସମୟରେ ହାତୀ ଦଳି ଚକଟି ଖାଇ ଯାଉଛନ୍ତି। ଗୁରୁବାର ସବଡେଗାରୁ କୁଲବା ଘରକୁ ଫେରୁ ଥିବା ସମୟରେ କୁକୁରିଡ଼ିହି ବଜାରର ଠିକ ୨୦୦ ମି ଆଗକୁ ରାସ୍ତା ଉପରେ ରବୀନ୍ଦ୍ର ସା ଓ ବିକି ପ୍ରଧାନ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତାଙ୍କ କହିବା ଅନୁଯାଇ ଘରୋଇ କାମରେ ସୁବଡେଗା ଯାଇ ଘରକୁ ଫେରୁଥିବା ସମୟରେ ହାତୀଙ୍କ ସାମ୍ନା ହୋଇଥିଲା। କୁଲବା ପଞ୍ଚାୟତ ସରପଞ୍ଚ ଦିନେଶ ପ୍ରଧାନ ଖବର ପାଇ ହାତୀ ଘଉଡ଼ାଇବା ଲୋକଙ୍କ ସମେତ ଘଟଣାସ୍ଥଳରେ ପହଞ୍ଚି ୨ ଯୁବକଙ୍କୁ ଉଦ୍ଧାର କରିଥିଲେ। ୩ ଟି ହାତୀ ତାଙ୍କ ବାଇକକୁ ଦଳି ଚକଟି ଗୁଣ୍ଡକରି ଦେଇଛନ୍ତି।

# ୪୫ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ପ୍ରଦର୍ଶିତ

### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

**ସୁନ୍ଦରଗଡ଼, ୨୩।୧୧(ସମିସ):**

ସ୍ଥାନୀୟ ମାଦ୍ରୀ କାଳୋଭବନ ପରିସରରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ଡା. ପରାଗ ହର୍ଷଦ ଗାଭାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକୁ ଏକ ବ୍ୟବସାୟ ଭାବେ ବିବେଚନା କରିବା, ନୂତନ ଜ୍ଞାନ କୌଶଳକୁ ଗ୍ରହଣ କରିବା ଏବଂ ଏହାର ଉଚିତ ଉପଯୋଗ କରି ଚାଷୀମାନେ ଲଭାନ୍ୱିତ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ବସନ୍ତ କୁମାର ଧଳ ଜିଲ୍ଲାର ବିଭିନ୍ନ ଯୋଜନାର ତଥ୍ୟ ଓ ପରିସଂଖ୍ୟାନ ଉପସ୍ଥାପନ କରିଥିଲେ। ଉକ୍ତ ପରିସଂଖ୍ୟାନ ଜିଲ୍ଲା ମତ୍ସ୍ୟଚାଷ ଓ ପଶୁପାଳନ କ୍ଷେତ୍ରରେ ଭଲ ଅଗ୍ରଗତି କରୁଥିବା କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ନିଜ ବକ୍ତବ୍ୟରେ ଜିଲ୍ଲାରେ ମିଲେଟ ମିଶନର ଉଲ୍ଲେଖନୀୟ କାର୍ଯ୍ୟ ତଥା ଭଲ ପ୍ରଦର୍ଶନ ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିବା ସୂଚନା ଦେଇଥିଲେ। ମତ୍ସ୍ୟ ତଥା ପ୍ରାଣୀ ସମ୍ପଦ କ୍ଷେତ୍ରରେ ମଧ୍ୟ ଅତୁଳନୀୟ ସଫଳତା ଆଣି ଜିଲ୍ଲାର ନାମ ରଖିବା ନିମନ୍ତେ ଆହ୍ୱାନ ଜଣାଇ ଥିଲେ। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଆନ୍ତ ବିଭାଗୀୟ ସମନ୍ୱୟ ରକ୍ଷା କରି ବିଭିନ୍ନ ବିଭାଗ ଗୁଡ଼ିକ କାର୍ଯ୍ୟକଲେ ବିକାଶ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ମାଛ ଯାଆଁଳା ନେଟୱକ କରିଥିବା ଲହୁଣୀପଡ଼ା ବ୍ଲକ ସଙ୍ଗପୋଷ ଗ୍ରାମର ସଫଳ ଉଦ୍ୟୋଗୀ ଭରତ ଚନ୍ଦ୍ର ମହନ୍ତ, ମତ୍ସ୍ୟ ପୋଖରୀ ଯୋଜନାରେ ମାଛ ଚାଷ କରିଥିବା ଟାଙ୍ଗରପାଲି ବ୍ଲକ ଉଜ୍ଜଳପୁର ଗ୍ରାମର ସଙ୍ଗାସିନୀ ପଟେଲ, ଲେଫ୍ରିପଡ଼ା ବ୍ଲକର ଘୁଷୁରୀ ଚାଷୀ ସନ୍ତୋଷ ବହିଦାରଙ୍କ ସମେତ ବଡ଼ଗାଁର ସ୍ନେହା କୁକୁଡ଼ା ଫାର୍ମକୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ବିଭିନ୍ନ ଚାଷ ସକାଶେ ଚାଷୀ ଓ ବିଶେଷଜ୍ଞ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ବିଭିନ୍ନ ଚାଷୀ, ଉଦ୍ୟୋଗୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠି ଅଂଶଗ୍ରହଣ କରିଥିଲେ। ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ଜିଲ୍ଲାର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୪୫ରୁ ଅଧିକ ଷ୍ଟଲରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ ଏହି ଷ୍ଟଲ ମାନ ପରିଦର୍ଶନ କରିବା ସହ ଚାଷୀ ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ବିଜନେସ୍ ମଡେଲ, ତାଲିମର ମାନ, ଉତ୍ପାଦ ପାଇଁ ଋଣ ସୁବିଧା ଏବଂ ଉପଲବ୍ଧ ବଜାର ଇତ୍ୟାଦି ବିଷୟରେ ପଚାରି ବୁଝିଥିଲେ।



## ସରକାରୀ ମହିଳା କଲେଜର କ୍ରୀଡ଼ା ସମାରୋହ ଉଦ୍‌ଯାପିତ



**ସୁନ୍ଦରଗଡ଼, ୨୩।୧୧(ସମିସ):** ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଯୁବ ସମନ୍ୱୟ ବିକାଶ କାର୍ଯ୍ୟକ୍ରମରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କୁମୁଦିନୀ ରାଉତରାୟ ଯୁବ ସମନ୍ୱୟ ବିକାଶ କାର୍ଯ୍ୟକ୍ରମ ଯୁବ ପ୍ରତିଭାକୁ ପ୍ରସ୍ଫୁଟିତ କରିବାର ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିବା ସହ ଛାତ୍ରୀ ମାନଙ୍କର କ୍ରୀଡ଼ା କ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ପାଇଁ ଖେଳ ପଡ଼ିଆକୁ ମହାବିଦ୍ୟାଳୟ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ଇନ୍ଦିରା ଗଡ଼ନାୟକ ଜାତୀୟ ଅନ୍ତର୍ଜାତୀୟସ୍ତରରେ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିବାକୁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲୁକାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ମହା ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଗୌରୀଶଙ୍କର ପଟେଲ କଲେଜ ରୂପାନ୍ତରଣ କାର୍ଯ୍ୟକ୍ରମରେ କଲେଜର କାୟକଳ୍ପ ହୋଇଛି ବୋଲି କହିବା ସହ ଏହି କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାରଙ୍କୁ ସାଧୁବାଦ ଜଣାଇ ଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ଇନ୍ଦିରା ନାଏକ, ଜିଲ୍ଲା କ୍ରୀଡ଼ା ସଂସଦର ସମ୍ପାଦକ ପ୍ରଭାତ କୁମାର ଭୋଳ, ଡମ୍ବରୁଧର ନାୟକ, ସମାଜସେବୀ ଜୟନାରାୟଣ ତ୍ରିପାଠୀ, ମୋ କଲେଜ ଅଭିଯାନର ସଂଯୋଜକ ସହକାରୀ ପ୍ରାଧ୍ୟାପକ ଅଜିତ କୁମାର ସାହୁ, ଅଧ୍ୟାପିକା ସୁସ୍ମିତା ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଗଣିତ ପ୍ରାଧ୍ୟାପକ କରନ କୁମାର ପ୍ରଧାନ ସ ସଞ୍ଚାଳନ କରିଥିବାବେଳେ ନୋଡାଲ ଅଫିସର ସହକାରୀ ଭୂବିଜ୍ଞାନ ପ୍ରାଧ୍ୟାପକ ମନୋଜ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା କ୍ଲବ୍‌ର ହାଉସ ମାଷ୍ଟର ରୁନୁବାଳା ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଦିବାହାଲ ଗ୍ରାମରେ ମିଲେଟ୍ ବ୍ୟଞ୍ଜନ ପ୍ରତିଯୋଗିତା



**ସୁନ୍ଦରଗଡ଼, ୨୩।୧୧(ସମିସ):** ଆନ୍ତର୍ଜାତୀୟ ମିଲେଟ୍ସ ବର୍ଷ ୨୦୨୩ ପାଳନ ଅବସରରେ ହେମଗିର ବ୍ଲକ ବାଦିବାହାଲ ଗ୍ରାମରେ ମିଲେଟରୁ ପ୍ରସ୍ତୁତ ବ୍ୟଞ୍ଜନ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ର ଏବଂ ଏସ୍‌ଜି ଫାଉଣ୍ଡେସନ ହେମଗିରିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ହେମଗିରି ବ୍ଲକର ଦଶଟି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରି ମାଣ୍ଡିଆ, କଦୋ, ସୁଆଁ ଓ ଗଙ୍ଗେଇ ଆଦିରୁ ପ୍ରସ୍ତୁତ ଲଡ୍ଡୁ, କେକ୍, ବରା, ପକୋଡି, ଚପ୍, ଖିରୀ, ଚା, ସୁପ୍, ହାଲୁଆ, ମିକ୍ସଚର, ରସଗୋଲା, ଆରିଷା, କାକରା, ଚକୁଳି, ମଣ୍ଡା ପିଠା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। କୃଷିବିଜ୍ଞାନ କେନ୍ଦ୍ରର ଭାରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡେଭିଡ୍ ଜେମସ୍ ବାଗେ, ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଶସ୍ୟ ବିଜ୍ଞାନୀ ଡ. ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହଯୋଗୀ ବିଦ୍ୟାଧର ଟୁଡୁ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ ମିଲେଟରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପ୍ରତିଯୋଗିତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏହାର ପୋଷଣ ନିରାପତ୍ତା ଓ ଉପାଦେୟ ଗୁଣଉପରେ ସଚେତନ କରାଇଥିଲେ। ପ୍ରତିଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସମସ୍ତ ବ୍ୟଞ୍ଜନକୁ ସମସ୍ତ ବିଚାରମଣ୍ଡଳୀ ଓ ଜନସାଧରଣ ଚାଖିଥିଲେ। ଏହାର ମୂଲ୍ୟାଙ୍କନ କରାଯାଇ ୫ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ଅରୁଣ କୁମାର ମିଶ୍ର, କମଳ ଲୋଚନ ମହାନ୍ତ, ରିଶିକେଶ ସାହୁ, ଜିତେନ୍ଦ୍ର କୁମାର ସେଠୀ, ଭ୍ରମରବର ସା ପ୍ରମୁଖ ପରିଚାଳନା କରିଥିଲେ।

## କୋଶଳ ସମାଜ ପକ୍ଷରୁ ଅଭିଭାବକ ଦିବସ ପାଳିତ

**ସୁନ୍ଦରଗଡ଼, ୨୩।୧୧(ସମିସ):** ସୁନ୍ଦରଗଡ଼ ସଦର ବ୍ଲକର ତଳସରା ଗ୍ରାମ ଧର୍ମଶାଳାଠାରେ କୋଶଳ ସମାଜ ପକ୍ଷରୁ ଅଭିଭାବକ ଦିବସ ପାଳିତ ହୋଇ ଯାଇଛି। ଗ୍ରାମର ବରିଷ୍ଠ ନାଗରିକ ପ୍ରଫୁଲ୍ଲ ପୃଷେଠଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କୋଶଳ ସମାଜ ମହାସଚିବ ଦିଲୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାବକ ମାନେ ସଚେତନ ହେଲେ ତାଙ୍କ ପିଲାମାନେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ଉପସ୍ଥିତ ଅଭିଭାବକମାନେ ନିଜେ ଯେପରି ହେବେ ନିଜ ପିଲା ଅନୁକରଣ କରି ସେପରି ଭବିଷ୍ୟତ ଗଢ଼ିବେ, ତେଣୁ ସମସ୍ତ ସତମାର୍ଗୀ ହେବାଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାରେ ନର୍ସରୀରୁ ବିଶ୍ୱବିଦ୍ୟାଳୟ ସମେତ ଡାକ୍ତରୀ, ଇଞ୍ଜିନିୟରିଂ, ଏମବିଏ, ଏମ୍‌ସିଏ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା। କୋଶଳ ସମାଜ ଅନ୍ତର୍ଗତ ୧୭ ଗୋଟି ଜିଲ୍ଲା ଧନଶାଳୀ ଅଞ୍ଚଳ ହୋଇଥିବା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଖଣିଜ ସମ୍ପଦରୁ ଉପାର୍ଜିତ ଲାଭ ହଜାରହଜାର କୋଟି ଟଙ୍କା ହେଉଥିଲେ ହେଁ ମେଧାବୀ ଛାତ୍ର ଛାତ୍ରୀମାନେ ଅର୍ଥାଭାବରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ପରେ କୋଶଳ ସମାଜର ତଳସରା ଗ୍ରାମ କମିଟି ଗଠନ କରାଯାଇଥିଲା।

## ଜିଲ୍ଲା ଯୋଜନା କମିଟି ସଭ୍ୟ ଭାବେ ସୁଶୀଲା ଓ ସୁମନ୍ତ ନିର୍ବାଚିତ



**ସୁନ୍ଦରଗଡ଼, ୨୩।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଯୋଜନା କମିଟି ସହରାଞ୍ଚଳ କୋଟାରେ ସ୍ଥାନୀୟ ପୌରପରିଷଦ ୱାର୍ଡ ନମ୍ବର ୧୫ର କାଉସିଲର ସୁଶୀଲା ନାଗ ଏବଂ ୱାର୍ଡ ନମ୍ବର ୧୬ ର କାଉନସିଲର ସୁମନ୍ତ ସାହୁ ନିର୍ବାଚିତ ଘୋଷିତ ହୋଇଛନ୍ତି। ଖାଲି ପଡ଼ିଥିବା ଉକ୍ତ ଦୁଇ ଗୋଟି ଆସନ ମଧ୍ୟରୁ ଗୋଟିଏ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ଜିଲ୍ଲାର ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ବୀରମିତ୍ରପୁର ପୌରାଞ୍ଚଳରୁ ସମୁଦାୟ ୫୩ ଜଣ ନଗରପାଳ, ଉପନଗରପାଳ ଓ ୱାର୍ଡ କାଉନସିଲର ମାନେ ନିଜ ମତ ସାବ୍ୟସ୍ତ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ଯୋଜନା କମିଟି ନିର୍ବାଚନର ରିଟର୍ଣ୍ଣିଂ ଅଫିସରଙ୍କ ତତ୍ତ୍ୱାବଧାନ ଏବଂ ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ତଥା ସହକାରୀ ରିଟର୍ଣ୍ଣି ଅଫିସରଙ୍କ ପରିଚାଳନାରେ ଏହି ନିର୍ବାଚନ ସମ୍ପାଦିତ ହୋଇଥିଲା।

## ଲେଫ୍ରିପଡ଼ା ଡିଗ୍ରୀ କଲେଜରେ କ୍ରୀଡ଼ା ପ୍ରତିଯୋଗିତା

**ସୁନ୍ଦରଗଡ଼, ୨୩।୧୧(ସମିସ):** ଲେଫ୍ରିପଡ଼ା ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶିତ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଯୋଜନାର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଛାତ୍ର ଛାତ୍ରୀମାନଙ୍କୁ ଯୁବ ଓଡ଼ିଶା ନବୀନ ଓଡ଼ିଶା ପ୍ରସଙ୍ଗରେ ସୂଚନା ଦେବାସହ ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ଯୁବରାଜ ସା, ଅକ୍ଷୟ କୁମାର ମହାନ୍ତି, ସ୍ୱୟଂ ବିକାଶ ପଣ୍ଡା, ଉଦିତ କୁମାର ରଥ, ରିନା ହୋତାଙ୍କ ସହିତ ଖେଳ ଶିକ୍ଷକ ଯୋଗେଶ ଚନ୍ଦ୍ର ଆଗୁଆନ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ଭାଗ ନେଇ ଥିବା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ରୋହନ ମାଝୀ, ଅଙ୍ଗାନି ଖାଲକୋ, ମିଳନ କିଶାନ, ସଚିନ କିଶାନ, ରଚନା ଅଡ଼ା, ରଞ୍ଜିତା ତିର୍କୀ, ଲେଖା ଲାକ୍ରା, ବଟକୃଷ୍ଣ ଭୋଇ, ବିଷ୍ଣୁପ୍ରିୟା ମହାକୁଡ଼ ପ୍ରଥମସ୍ଥାନ ଅଧିକାର କରିଥିଲେ।

## ଶତାଧିକ ଆରଓ ପ୍ଲାଣ୍ଟ ଅଚଳ...

# ପାନୀୟଜଳ ପାଇଁ ଲୋକେ ହୀନସ୍ତା

**ସୁନ୍ଦରଗଡ଼, ୨୩।୧୧(ସମିସ):**




ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଥିବା ଶତାଧିକ ଆରଓ ପ୍ଲାଣ୍ଟ ବର୍ଷବର୍ଷ ଧରି ଅଚଳ ହୋଇ ପଡ଼ିଥିଲେ ହେଁ ଏହାର ମରାମତି କରା ଯାଉ ନ ଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଭାରତୀୟ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ର କୁମାର ମୀନା କାର୍ଯ୍ୟରତ ସମୟରେ ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଉପରେ ବିଶେଷ ଆଗ୍ରହ ପ୍ରକାଶ କରି ଆଓପ୍ଲାଣ୍ଟ ସ୍ଥାପନ ଯୋଜନାକୁ ତ୍ୱରାନ୍ୱିତ କରିଥିଲେ। ଏଥିପାଇଁ ଜିଲ୍ଲାର ସମସ୍ତ ପଞ୍ଚାୟତରେ ୨୦୧୬-୧୭ ବର୍ଷରେ କେନ୍ଦ୍ର ଅର୍ଥ କମିଶନ ଅନୁଦାନରେ ଏହାସ୍ଥାପନ କରିବା ଦିଗରେ ପଦକ୍ଷେପ ନେଇଥିଲେ। ଉକ୍ତ ଆରଓ ପ୍ଲାଣ୍ଟଗୁଡିକ ବିଶୁଦ୍ଧ ପାନୀୟଜଳ ପାଇଁ ଗ୍ରାମାଞ୍ଚଳର ଲୋକଙ୍କ ଆଶାବାଡ଼ି ସାଜିଥିଲା। ମାତ୍ର ନିମ୍ନମାନ ଯନ୍ତ୍ରପାତି ଯୋଗୁଁ ଅଧିକାଂଶ ପ୍ରକଳ୍ପ କେଇଟା ମାସମଧ୍ୟରେ ଅଚଳ ହୋଇପଡ଼ିଛି। ଏହାର ମରାମତି ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଗ୍ରାମବାସୀଙ୍କ ବିଶୁଦ୍ଧ ପାନୀୟଜଳ ଆଶା ମଉଳି ଯାଇଛି। ଲୋକେ ଦୂଷିତ ଜଳ ପିଇ ବିଭିନ୍ନ ରୋଗ ବ୍ୟାଧିର ଶିକାର ହେଉଛନ୍ତି। ତଥାପି ଏଥିପ୍ରତି ଆଉ କେହି ଧ୍ୟାନ ଦେଉ ନାହାନ୍ତି। ଆରଓ ପ୍ଲାଣ୍ଟ ନିର୍ମାଣ ବାବଦ ଅର୍ଥ ଅପଚୟ ହେବା ଯାହା ସାର ହୋଇଥିବା ବେଳେ ବିଶୁଦ୍ଧ ପାନୀୟ ଜଳ ପାଇଁ ଲୋକେ ହୀନସ୍ତା ହେବାରେ ଲାଗିଛନ୍ତି।

## ଦିବ୍ୟାଙ୍ଗ ଜନ ନିର୍ଦ୍ଧାରଣ ଶିବିର

**ହେମଗିରି, ୨୩।୧୧(ସମିସ):** ବ୍ଲକ କାର୍ଯ୍ୟାଳୟଠାରେ ଏନ୍‌ଟିପିସି ଦର୍ଲିପାଲି ଆନୁକୂଲ୍ୟରେ ଏବଂ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମ ସହାୟତାରେ ଏକ ଦିବ୍ୟାଙ୍ଗଜନ ନିର୍ଦ୍ଧାରଣ ଶିବିର ଆୟୋଜନ ହୋଇଥିଲା। ଉକ୍ତ ଶିବିରରେ ହେମଗିରି ବ୍ଲକର ୧୯ ପଞ୍ଚାୟତର ପ୍ରାୟ ୫୪ ଦିବ୍ୟାଙ୍ଗ ତାଲିକାଭୁକ୍ତ ହୋଇ ଥିଲେ। ଏପରି ଏକ ଜନ କଲ୍ୟାଣ କାରି କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଅଭାବରୁ ଅଞ୍ଚଳର ବହୁ ଦିବ୍ୟାଙ୍ଗ ହିତାଧିକାରୀ ତାଲିକା ଭୁକ୍ତ ହୋଇ ପାରି ନ ଥିବାରୁ ଅଞ୍ଚଳରେ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବିଷୟରେ ଖବର ସଂଗ୍ରହରୁ ଜଣାଯାଏ ଯେ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଏବଂ ଆୟୋଜକ ସଂସ୍ଥାଙ୍କ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଅଭାବରୁ ବହୁ ସଂଖ୍ୟକ ହିତାଧିକାରୀ ଏହି ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ଶୁକ୍ରବାର କନକତୁରା ଗ୍ରାମରେ ଏହି ଶିବିର ପୁନଃ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଗୁଡ଼ କ୍ଲିନିକାଲ ପ୍ରାକ୍‌ଟିସ୍ କର୍ମଶାଳା



**ସୁନ୍ଦରଗଡ଼, ୨୩।୧୧(ସମିସ):** ସୁନ୍ଦରଗଡ଼ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆଇସିଏମ୍‌ଆର୍ ଓ ଆରଏମଆରସି ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଗୁଡ କ୍ଲିନିକାଲ ପ୍ରାକଟିସ କର୍ମଶାଳା ଅନୁଷ୍ଠିତ ହୋଇଛି। ଉକ୍ତ କର୍ମଶାଳାରେ ଆର୍‌ଏମ୍‌ଆରସିର ଡ. ସିଦ୍ଧାର୍ଥ ପାଣିଗ୍ରାହୀ ଏବଂ ଭିମସାରର ଡ. ସଞ୍ଜିବ ମିଶ୍ର ବକ୍ତାଭାବରେ ଯୋଗଦାନ କରି ପ୍ରତିଭାଗୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଭିମସାରର ଅଧ୍ୟକ୍ଷ ଓ ଅନ୍ୟ ଡାକ୍ତରମାନଙ୍କ ସମେତ ସେସି ଆଲ ପ୍ରତିନିଧି, ଲିଗାଲ ଏକ୍ସପାର୍ଟ୍ ପ୍ରେମ କୁମାର ଏବଂ ଏନ୍‌ଜିଓ ପ୍ରତିନିଧି ଭାବରେ ଅମିୟ ନାଏକ ଯୋଗଦାନ କରିଥିଲେ। ସୁନ୍ଦରଗଡ଼ ସରକାରୀ କଲେଜ ଓ ଡାକ୍ତରଖାନାର ଡିନ ଏବଂ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦୈତାରୀ ରାଉତରାୟ ଓ ପ୍ରଫେସର ଡ. ରାଜଶ୍ରୀ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାକୁ ଡାକ୍ତର ମାନସ ନାଏକ ପରିଚାଳନା କରିଥିବାବେଳେ ଡା. ମନୋଜ ସାହୁ, ଡା. ଯୋଗତି ନାଏକ ଓ ପୁରବ୍ ଆଚାର୍ଯ୍ୟ ପ୍ରମୁଖ ଭୂମିକା ନିଭାଇ ଥିଲେ।

**କବିସୂର୍ଯ୍ୟନଗର ମା'-ଝିଅ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ୍**

## ମାରିବାକୁ ଘରେ ସାପ ଛାଡ଼ିଥିଲା ସ୍ୱାମୀ

**ବ୍ରହ୍ମପୁର/ଛତ୍ରପୁର/କବିସୂର୍ଯ୍ୟନଗର,୨୩।୧୧(ସମିସ):** ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ସ୍ୱାମୀ ସାଜିଲା ସଇତାନ୍। ସ୍ତ୍ରୀ ଓ ଝିଅକୁ ମାରିଦେବାକୁ ଆଉ ନିଜେ ଧରା ନ ପଡ଼ିବା ପାଇଁ ରଚିଲା ଭୟଙ୍କର ଷଡ଼ଯନ୍ତ୍ର। ସାପୁଆ କେଳାଠାରୁ ଛଳନା କରି ନେଇ ଆସିଲା ଏକ ବିଷଧର ନାଗ ସାପ। ସାଧାରଣରେ ସାପ କାମୁଡ଼ାରେ ମାଆ ଆଉ ଝିଅଙ୍କ ମୃତ୍ୟୁ ହୋଇଥିବାର ସନ୍ଦେଶ ଦେବା ଲକ୍ଷ୍ୟରେ ଘର ଭିତରେ ନାଗ ସାପଟିକୁ ଛାଡ଼ିଦେଲା। ଆଉ ଯୋଜନା ଅନୁସାରେ ସାପ କାମୁଡ଼ାରେ ମାଆ-ଝିଅଙ୍କ ମୃତ୍ୟୁ ହେବା ପରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଗଲା। ହେଲେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଢେଇବରଗାଁରେ ଗତ ଅକ୍ଟୋବର ୭ତାରିଖରେ ଘଟିଥିବା ଏହି ଅଭାବନୀୟ ଘଟଣାର ପର୍ଦ୍ଦାଫାସ୍ କରି ପୁଲିସ ଆଜି ଦେଇଥିବା ତଥ୍ୟ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘରେ ନାଗ ସାପ ଛାଡ଼ି ନିଜ ପତ୍ନୀ ଓ ଝିଅକୁ ମାରିଥିବା ସ୍ୱାମୀକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।



ପୁଲିସ ସୂଚନା ମୁତାବକ, ଅଢେଇବର ଗାଁର ବି.ଖଲି ପାତ୍ରଙ୍କ ଦ୍ୱିତୀୟ ଝିଅ ବାସନ୍ତୀ ପାତ୍ରକୁ ଉକ୍ତ ଗ୍ରାମର କେ. ଧନୁ ପାତ୍ରଙ୍କ ସାନପୁଅ କେ ଗଣେଶ ପାତ୍ର ବିବାହ କରିଥିଲେ। ବିବାହର ୩ବର୍ଷ ବିତିଯାଇଥିଲେ ମଧ୍ୟ ଗତ କିଛି ମାସ ଧରି ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ବାସନ୍ତୀ ନିଜ ସ୍ୱାମୀ ଗଣେଶଙ୍କ ବିରୁଦ୍ଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ମାମଲାରେ ଗଣେଶ ଥାନାରେ ଲିଖିତ ପ୍ରତିଶ୍ରୁତି ନେଇ ଜାମିନରେ ଆସିଥିଲେ। ଏହାପରେ ଉଭୟେ ସ୍ୱାମୀ ଓ ସ୍ତ୍ରୀ କିଛି ମାସ ହେଲା ପୁଣି ଏକାଠି ମିଶି ରହୁଥିଲେ। ବିଭିନ୍ନ ସମୟରେ ଗଣେଶ ଉକ୍ତ ମାମଲାକୁ ଉଠାଇଦେବା ପାଇଁ ବାସନ୍ତୀଙ୍କ ଉପରେ ଚାପ ପକାଇବା ସହ ତାଙ୍କୁ ଓ ୨ବର୍ଷର ଝିଅକୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ଗତ ଅକ୍ଟୋବର ମାସ ୭ତାରିଖ ଭୋର ୫ଟା ସମୟରେ ଗଣେଶ ଜୋରରେ ନିଜ ଘରେ ପାଟି କରିବାରୁ ସାହି ପଡ଼ିଶା ଘର ସମ୍ମୁଖରେ ଏକାଠି ହୋଇଥିଲେ। ଏହି ସମୟରେ ବାସନ୍ତୀଙ୍କ ବାପା ଖଲି ପାତ୍ର ଘର ଭିତରକୁ ଯାଇ ଦେଖିବା ବେଳେ ଗଣେଶ ହାତରେ ଠେଙ୍ଗା ଟିଏ ଧରି ଗୋଟିଏ ବିଷଧର ନାଗସାପକୁ ବାଡ଼ଉଥିବା ଏବଂ ନିକଟରେ ଝିଅ ଓ ନାତୁଣୀ ଶୋଇଥିବା ଦେଖିବାକୁ ପାଇଥିଲେ। ଉଭୟଙ୍କୁ ବିଷଧର ସାପ କାମୁଡିଛି ବୋଲି ଗଣେଶ କହିଥିଲେ। ପରେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଜରିଆରେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ହିଞ୍ଜିଳିକାଟୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହାର କିଛି ଦିନପରେ ମୃତକଙ୍କ ବାପା ଖଲି ପାତ୍ର ନିଜ ଝିଅ ଓ ନାତୁଣୀକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ପତ୍ନୀ ବାସନ୍ତୀର ଅନ୍ୟ ଜଣେ ପୁରୁଷ ସହ ପ୍ରେମସମ୍ପର୍କ ଥିବାନେଇ ଗଣେଶ ସନ୍ଦେହ କରୁଥିଲେ। ସେହି କାରଣରୁ ସେ ପୋଲସରା ଥାନା ଅନ୍ତର୍ଗତ ମୁକ୍ତାମାଳ ଦେଇପୁରଶାସନରୁ ଜଣେ ସାପଧରାଳି ଠାରୁ ନାଗ ସାପଟିଏ ଆଣି ନିଜେ ପତ୍ନୀ ଓ ୨ବର୍ଷର ଶିଶୁକନ୍ୟାକୁ କାମୁଡେଇ ମାରିଥିବା ସ୍ୱୀକାର କରିଥିବା ଥାନା ଅଧିକାରୀ ପ୍ରଭାତ ସାହୁ ଆଜି(ଗୁରୁବାର) ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ରାଜ୍ୟରେ ସଡ଼କ ସାଜିଛି ଘାତକ**

## ୫ ବର୍ଷରେ ନେଲାଣି ୨୫, ୯୩୪ ଜୀବନ

**ଭୁବନେଶ୍ୱର,୨୩।୧୧(ସମିସ):** ସଡ଼କ ଦୁର୍ଘଟଣା ରୋକିବାକୁ ସୁପ୍ରିମ୍‌କୋର୍ଟଙ୍କଠାରୁ ଆରମ୍ଭ କରି ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ଲୋକଙ୍କୁ ବ୍ୟାପକ ସଚେତନ କରାଯାଉଛି। ଅମାନିଆ, ମଦ୍ୟପ ଗାଡ଼ି ଚାଳକଙ୍କ ବିରୋଧରେ ବି ରାଜ୍ୟ ପରିବହନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କିନ୍ତୁ ଏତେସବୁ ପରେ ବି ଦୁର୍ଘଟଣା ଏବଂ ମୃତାହତଙ୍କ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ବଢ଼ି ଚାଲିଛି। ଏହା ସରକାରଙ୍କ ପାଇଁ ମୁଣ୍ଡବଥାର କାରଣ ପାଲଟିଛି। ଦୁର୍ଘଟଣାକୁ ନେଇ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବିଧାନସଭାରେ ଯେଉଁ ତଥ୍ୟ ରଖିଛନ୍ତି, ତାହା ଅତ୍ୟନ୍ତ ଚିନ୍ତାଜନକ ଓ ସାଂଘାତିକ। ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଗତ ୫ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୋଟ ୨୫୯୩୪ଜଣଙ୍କ ଜୀବନ ଯାଇଛି। ଏହି ଅବଧି ମଧ୍ୟରେ ମୋଟ ୫୪୭୯୦ଟି ସଡ଼କ ଦୁର୍ଘଟଣା ଘଟଥିବା ବେଳେ ୧୦୩୦୨ ଜଣ ଆହତ ହୋଇଛନ୍ତି। ତେବେ ବିଗତ ୨ ବର୍ଷ ଅର୍ଥାତ୍ ୨୦୨୦ ତୁଳନାରେ ୨୦୨୧ ଓ ୨୦୨୨ରେ ରାଜ୍ୟରେ ଦୁର୍ଘଟଣା ସଂଖ୍ୟା, ମୃତକ ଏବଂ ଆହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୮ରେ ସଡ଼କ ଦୁର୍ଘଟଣାରେ ମୋଟ ୫୩୧୫ଜଣଙ୍କ ଜୀବନ ଯାଇଥିଲା। ସେହିପରି ୨୦୧୯ରେ ୫୩୩୩ ଜଣ, ୨୦୨୦ରେ ୪୭୩୮ ଜଣ, ୨୦୨୧ରେ ୫୦୮୧ ଜଣ ଓ ୨୦୨୨ରେ ୫୪୬୭ ଜଣ ମରିଛନ୍ତି। ମୃତକଙ୍କ ସଂଖ୍ୟାଠାରୁ ଆହତଙ୍କ ସଂଖ୍ୟା ବେଶୀ। ୨୦୧୮ରେ ବିଭିନ୍ନ ସ୍ଥାନରେ ଘଟିଥିବା ଦୁର୍ଘଟଣାରେ ୧୧୭୯୪ ଜଣ ଆହତ ହୋଇଥିବା ବେଳେ ୨୦୧୯ରେ ୧୧୧୬୭ ଜଣ, ୨୦୨୦ରେ ୮୮୧୮ଜଣ, ୨୦୨୧ରେ ୯୭୮୨ ଜଣ ଓ ୨୦୨୨ରେ ୧୦୩୦୨ ଜଣ ଆହତ ହୋଇଛନ୍ତି।

ମନ୍ତ୍ରୀ ଗୃହରେ ଉତ୍ତର ରଖି କହିଛନ୍ତି ଯେ ରାଜ୍ୟରେ ସଡ଼କ ସୁରକ୍ଷା ଏବଂ ସଚେତନତା ସୃଷ୍ଟି ପାଇଁ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ଏହି ଉଦ୍ଦେଶ୍ୟରେ ୨୦୧୮-୧୯ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ୭୯କୋଟି ୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଅଜଣା ଗାଡ଼ି ଧକ୍କାରେ ମୃତକଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରୁଛନ୍ତି। ଗୁରୁତର ଆହତଙ୍କୁ ବି ୫୦ହଜାର ଟଙ୍କାର ଅନୁକମ୍ପା ରାଶି ଦିଆଯାଉଛି। ମୃତାହତଙ୍କ ସମ୍ପର୍କୀୟଙ୍କୁ ଅନୁକମ୍ପା ରାଶି ବାବଦରେ ବିଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୫ କୋଟି ୬୮ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଛି।



**ଘଟିଛି ୫୪୭୯୦ଟି ଦୁର୍ଘଟଣା; ୧୦୩୦୨ ଜଣ ଆହତ**

**ସଚେତନତା ସତ୍ତ୍ୱେ ବି ଗତ ୨ ବର୍ଷରେ ବଢ଼ିଛି ମୃତାହତ ସଂଖ୍ୟା**

**■ ମହଙ୍ଗା ପଡ଼ିଲା ୧୫ ହଜାର ଲାଞ୍ଚ**

## ଭିଜିଲାନ୍ସ ହାତରେ ଧରାପଡ଼ି ଜିଆରଏସ୍ ଗିରଫ

**ଭୁବନେଶ୍ୱର/ଜୟପାଟଣା,୨୩।୧୧(ସମିସ):** ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଆଜି ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ବଡ଼କର୍ଲାକୋଟ ଜିଆରଏସ୍ ମାରଗ୍ରେଟ୍ ପାଣିଗ୍ରାହୀ। ଜଣେ ଜବ୍‌କାର୍ଡଧାରୀଙ୍କଠାରୁ ସେ ଏହି ଅର୍ଥ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି।



ସୂଚନାଯୋଗ୍ୟ, ଏମ୍‌ଜିଏନ୍‌ଆରଇଜି ଯୋଜନାରେ ହୋଇଥିବା ଏକ କାମର ମଷ୍ଟର୍ ରୋଲ୍ ପ୍ରସ୍ତୁତ କରିବା ଓ ଉକ୍ତ ଜବ୍‌କାର୍ଡଧାରୀଙ୍କ ସମେତ ଅନ୍ୟ ଜବ୍‌କାର୍ଡଧାରୀ ଯେପରି ସେମାନଙ୍କ ପ୍ରାପ୍ୟ ପାଇପାରିବେ, ତାହା ନିଶ୍ଚିତ କରିବାକୁ ଜିଆରଏସ୍ ମାରଗ୍ରେଟ୍ ଲାଞ୍ଚ ମାଗୁଥିଲେ। ଏହିଭଳି ସେ ମନରେଗା କାମ ପାଇଁ ସିଲାଇଜୋରର ବାବୁଲି ହରିଜନଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ବାବୁଲି ଭିଜିଲାନ୍ସ ନିକଟରେ ଅଭିଯୋଗ କରିବାରୁ ମାରଗ୍ରେଟ୍‌ଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ପୂର୍ବ ଯୋଜନା ଅନୁଯାୟୀ, ଆଜି ସେ ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ତାଙ୍କୁ ଟଙ୍କା ସହ କାବୁ କରିଥିଲେ। ପରେ ମୁଖିଗୁଡ଼ାରେ ଥିବା ତାଙ୍କ ଘର ଏବଂ ବଡ଼କର୍ଲାକୋଟ ପଞ୍ଚାୟତ ଅଫିସ୍‌ରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ଉ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମାରଗ୍ରେଟ୍ ଗଣମାଧ୍ୟମକୁ କହିଛନ୍ତି ଯେ ସେ ଲାଞ୍ଚ ନେଇନାହାନ୍ତି। ଅଭିଯୋଗକାରୀ ତାଙ୍କୁ ଜୋର୍ କରି ଟଙ୍କା ଦେଇଥିଲେ। କେତେ ଟଙ୍କା ଥିଲା, ତାହା ମଧ୍ୟ ସେ ଜାଣି ନାହାନ୍ତି।

## ପୂର୍ବତନ ବିଧାୟକ ରସାନନ୍ଦ ସାହୁଙ୍କ ପରଲୋକ

**ଆଠଗଡ଼,୨୩।୧୧(ସମିସ):** ଆଠଗଡ଼ ଓ ଟାଙ୍ଗୀ-ଚୌଦ୍ୱାରର ପୂର୍ବତନ ବିଧାୟକ ରସାନନ୍ଦ ସାହୁ(୮୬)ଙ୍କ ଗୁରୁବାର ପରଲୋକ ହୋଇଛି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବହୁ ରାଜନେତା, ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଠଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଂଗ୍ରେସ ନେତା ବିଭୂତିଭୂଷଣ ମିଶ୍ର, ବିଜେପି ନେତା ବ୍ରଜେନ୍ଦ୍ର ରାୟ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଅଭୟ ବାରିକ, ବିଜେଡି ଯୁବନେତା ହୃଦାନନ୍ଦ ସାହାଣୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ରସାନନ୍ଦଙ୍କ ପାର୍ଥିବ ଶରୀରକୁ ନିଜ ଗ୍ରାମ କାଦୁଆ ନୂଆଗାଁ ଅଞ୍ଚଳ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମଝିଆଁ ପୁଅ ଅକ୍ଷୟ କୁମାର ସାହୁ ମୁଖାଗ୍ନି ଦେଇଥିଲେ।



ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ଗୁରୁଡ଼ିଝାଟିଆ ଥାନା କାଦୁଆ ନୂଆଗାଁ ଗ୍ରାମରେ ୧୯୩୭ ମସିହାରେ ଜନ୍ମିତ ରସାନନ୍ଦ ସମାଜସେବା ପାଇଁ ନିଜର ସରକାରୀ ଚାକିରି ଛାଡ଼ି ଦେଇଥିଲ। ଦୁଇଥର ପରାଜିତ ହେବା ପରେ ୧୯୮୦ ମସିହାରେ ବିଧାୟକ ହୋଇଥିଲେ। ସେହିପରି ୧୯୮୭ରୁ ୧୯୯୦ ମସିହା ପର୍ଯ୍ୟନ୍ତ ଟାଙ୍ଗୀ-ଚୌଦ୍ୱାରର ବିଧାୟକ ହୋଇଥିଲେ। ତାଙ୍କ ସମୟରେ ଆଠଗଡ଼ରେ ରାଜ୍ୟ ସଡ଼କ ପରିବହନ ନିଗମ ଆନୁକୂଲ୍ୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ଆଠଗଡ଼ ଶୀତଳଭଣ୍ଡାରର ସେ ଥିଲେ ପ୍ରତିଷ୍ଠାତା ସଭାପତି। ୧୯୮୦ ମସିହାରେ ଗୁରୁଡ଼ିଝାଟିଆ ବାଳିକା ଉଚ୍ଚ ବିଦ୍ୟାଳୟ, ୧୯୮୬ରେ ଚୌଦ୍ୱାର ପୌରପାଳିକାରେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ମୁଖ୍ୟ ବିନ୍ଧାଣି ଥିଲେ।

**■ ଶିଳ୍ପସଂସ୍ଥା ପାଇଁ ସୁନ୍ଦରଗଡ଼ରେ ପରିବେଶ ପ୍ରଦୂଷିତ**

## ଦୁଇ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**କଟକ,୨୩।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ପଞ୍ଜ ଆଇରନ୍, ଇସ୍ପାତ ଓ ଅନ୍ୟ ପ୍ରାୟ ୧୧ ଶିଳ୍ପସଂସ୍ଥା ପାଇଁ ପରିବେଶ ଉପରେ କୁ-ପ୍ରଭାବ ପଡୁଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରି ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏକ ଚିଠି ମାଧ୍ୟମରେ ଦାଖଲ ଅଭିଯୋଗକୁ ଏନ୍‌ଜିଟି ବିଚାର ପାଇଁ ଗ୍ରହଣ କରି ସମସ୍ତ ପ୍ରତିପକ୍ଷଙ୍କୁ ଏନ୍‌ଜିଟି ନୋଟିସ୍ ଜାରି କରିବା ସହ ୪ ସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୁଧାଂଶୁ ଶେଖର ପାତ୍ର ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଜିଟି। ଏହି ମାମଲା ପରିଚାଳନା ପାଇଁ ଆଇନଜୀବୀ ଶଙ୍କର ପ୍ରସାଦ ପାଣିଙ୍କୁ ଆମିକସ୍‌କ୍ୟୁରୀ ଭାବେ ଏନ୍‌ଜିଟି ନିଯୁକ୍ତି ଦେଇଛନ୍ତି। ସ୍ଥିତି ଅନୁଧ୍ୟାନ କରି ଦୁଇ ମାସରେ ରିପୋର୍ଟ ଦାଖଲ ପାଇଁ ଏନ୍‌ଜିଟି ଏକ କମିଟି ଗଠନ କରିଛନ୍ତି।

ଆମିକସ୍‌କ୍ୟୁରୀଙ୍କ ସମେତ ଏହି କମିଟିରେ ସୁନ୍ଦରଗଡ଼ ଜିଲ୍ଲାପାଳ କିମ୍ବା ଏଡିଏମ୍ ପାହ୍ୟାର ଅଧିକାରୀ, ରାଜ୍ୟ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଲେଖାଏଁ ବରିଷ୍ଠ ବୈଜ୍ଞାନିକ ରହିବେ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନ ପାଇଁ ଜରିମାନା ଓ ପରିବେଶ କ୍ଷତିପୂରଣ ପ୍ରସଂଗରେ କମିଟି ତା'ର ସୁପାରିସ କରିବା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ପରାମର୍ଶ ଦେବ ବୋଲି ଏନ୍‌ଜିଟି ସ୍ପଷ୍ଟ କରିଛନ୍ତି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସୁନ୍ଦରଗଡ଼ ଜିଲ୍ଲାପାଳ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସଚିବଙ୍କ ସହ ସୁନ୍ଦରଗଡ଼ର ୧୧ଟି ଶିଳ୍ପ ସଂସ୍ଥାକୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ୨୦୨୪ ଫେବୃଆରୀ ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଶିଳ୍ପସଂସ୍ଥାଗୁଡ଼ିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସରଞ୍ଜାମ ନାହିଁ। ସ୍ପଞ୍ଜ ଆଇରନ ୟୁନିଟ୍‌ରେ ଧୂଳି ନ ଉଡ଼ିବା ପାଇଁ ରହିଥିବା ବ୍ୟବସ୍ଥାର ରକ୍ଷଣାବେକ୍ଷଣ କରାଯାଉନାହିଁ। ନିର୍ଗତ ଦୂଷିତ ଜଳ ନଦୀ, ଚାଷଜମି, କୂଅକୁ ଯାଉଥିବା ବେଳେ ଆବଶ୍ୟକ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନାହିଁ ବୋଲି ଆବେଦନରେ ଅଭିଯୋଗ କରାଯାଇଛି।

## ଜିଏସ୍‌ଟି ଠକେଇ ଘଟଣା; ଅଭିଯୁକ୍ତକୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ

**କଟକ, ୨୩।୧୧(ସମିସ):** ୧୧୧ଟି ଜାଲ୍ ସଂସ୍ଥାର ଜିଏସ୍‌ଟି ନମ୍ବରରେ ୨୬୭ କୋଟି ଟଙ୍କାର ଇନ୍‌ପୁଟ୍ ଟାକ୍ସ କ୍ରେଡିଟ୍ ଠକେଇ ଘଟଣାର ଅଭିଯୁକ୍ତ ନିତିନ କାପୁରଙ୍କୁ ଗୁରୁବାର ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଣେ ସ୍ଥାନୀୟ ଓ ଜଣେ ପରିବାର ସଦସ୍ୟ ଜାମିନ୍‌ଦାରଙ୍କ ବଦଳରେ ନିମ୍ନ ଅଦାଲତ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୁକ୍ତ ନିମ୍ନ ଅଦାଲତର ଶୁଣାଣିରେ ସହଯୋଗ କରିବା ସହ ଅନାବଶ୍ୟକ ମାମଲା ଶୁଣାଣି ଘୁଞ୍ଚାଇବେ ନାହିଁ। ସେହିପରି ଆବେଦନକାରୀ ନିଜ ମୋବାଇଲ ନମ୍ବରକୁ ବଦଳାଇବେ ଓ ଏହି ନମ୍ବରରେ ଯେପରି ସବୁବେଳେ ଯୋଗାଯୋଗ ହୋଇପାରୁଥିବେ। ସେହିପରି ନିମ୍ନ ଅଦାଲତରେ ନିଜର ପାସ୍‌ପୋର୍ଟ ଦାଖଲ କରିବେ ଓ ଅଦାଲତଙ୍କ ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଜିଏସ୍‌ଟି ଠକେଇ ଘଟଣାରେ ଅଭିଯୁକ୍ତଙ୍କୁ ଜିଏସ୍‌ଟି ବିଭାଗ ଗତ ଜୁଲାଇ ୧୧ରେ ଗିରଫ କରିଥିଲା। ଭୁବନେଶ୍ୱର ଅତିରିକ୍ତ ଦୌରାଜଜ୍ ଗତ ଅଗଷ୍ଟ ୨୨ରେ ତାଙ୍କର ଜାମିନ ଆବେଦନକୁ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶା ଆଗୁଆ

**ଭୁବନେଶ୍ୱର, ୨୩।୧୧(ସମିସ):** ସ୍ତନ୍ୟପାନକୁ ପ୍ରୋତ୍ସାହିତ କରି କୁ-ପୋଷଣ ଦୂର କରିବାରେ ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି ଓଡ଼ିଶା। ସ୍ତନ୍ୟପାନକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦେଇଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପୁରସ୍କୃତ କରିଛି। ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ଶିଶୁ ପାଇଁ ମା' କ୍ଷୀର ଏକାନ୍ତ ଅପରିହାର୍ଯ୍ୟ। ଜଣେ ସୁସ୍ଥ ମାନବ ଗଠନରେ ମା' କ୍ଷୀରର ସର୍ବାଧିକ ଗୁରୁତ୍ୱ ରହିଛି। ସେଥିଲାଗି ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଲାଗି ଦୁଇଟି କମ୍ପ୍ରିହେନ୍ସିଭ୍ ଲାକ୍ଟେସନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ସିଏଲ୍‌ଏମସି) କାର୍ଯ୍ୟକାରୀ କରାଯାଇଛି। ଡାକ୍ତର, ନର୍ସ, ଅଙ୍ଗନବାଡ଼ି ତଥା ଆଶା କର୍ମୀଙ୍କ ଜରିଆରେ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ନିଷ୍ଠାପର ଉଦ୍ୟମ ହେତୁ ରାଜ୍ୟରେ ସ୍ତନ୍ୟପାନ ହାର ଜାତୀୟ ହାରଠାରୁ ଅଧିକ ରହିଛି। ସ୍ତନ୍ୟପାନରୁ ବଞ୍ଚିତ ପିଲାଙ୍କୁ ମା' କ୍ଷୀର ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଏସ୍‌ସିବି ମେଡିକାଲ କଲେଜ ଓ କ୍ୟାପିଟାଲ ହସ୍ପିଟାଲରେ ମିଲ୍କ ବ୍ୟାଙ୍କ ପ୍ରତିଷ୍ଠା କରିଛନ୍ତି।


**AFFIDAVIT**

I, Bijaya Senapati, S/o- Late Natabar Senapati, resident of L.P.-624, Prasanti Vihar, Patia, PO-KIIT, PS-Infocity, Bhubaneswar, Dist- Khordha, Pin-751024, Odisha declared by this affidavit No. 115, dated- 22/11/2023, that now onwards I shall be known as **BIJAYA KUMAR SENAPATI** for all future purposes.

**AFFIDAVIT**

I, Anil Kumar Agarwal S/o- Nawrang Lal Agarwal, resident of At-Mungapada Jharsuguda, PO/PS/Dist- Jharsuguda, Pin-768201 Odisha declared by the affidavit No-6, dated- 23.11.2023 that now onwards I shall be known as **ANIL KUMAR AGRAWAL,** S/o-Nawrang Lal Agarwal for all future purposes.

**ANIL KUMAR AGRAWAL**
At-Mungapada Jharsuguda,
PO/PS/Dist- Jharsuguda,
Pin-768201, Odisha.

**DISTRICT PROJECT OFFICE**
**SAMAGRA SHIKSHA, NUAPADA**

No. 3135/Civil/2023 Dated: 23.11.2023

**CORRIGENDUM NOTICE**

**Reference : Tender Call Notice No 3057 dated 18.11.2023**
The eligibility criteria for bidders at point (g) may be read as follows:-
The bidders applying for incinerator and vending machine should have minimum average turn over of 1 Core for the last three financial years instead of 2 Crore for last three financial years. The other term and conditions will remain same.

**Sd/- District Education Office-cum-DPC**
**Samagra Shiksha, Nuapada**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାବଳଙ୍କୁ ଆକୃଷ୍ଟକରୁଛି...

ହୋଇଛି। ଅପରପକ୍ଷେ, ୨୦୧୮ରେ ଶିମିଳିପାଳରେ ୮ଟି ବାଘ ଥିବା ବେଳେ ବର୍ତ୍ତମାନ ତାହା ୧୬କୁ ବୃଦ୍ଧି ପାଇଥିବା ଏନ୍‌ଟିସିଏ ପକ୍ଷରୁ କୁହାଯାଇଛି। ମାତ୍ର ୨୦୧୮ରେ ରାଜ୍ୟରେ ୨୮ଟି ବାଘ ଥିବା ବେଳେ ଏ ବର୍ଷ ତାହା ୨୦କୁ ଖସି ଆସିଥିବା ଏହି ସଂସ୍ଥା ନିଜର ରିପୋର୍ଟରେ ପ୍ରକାଶ କରିଛି।

ରାଜ୍ୟର ବିଭିନ୍ନ ଜଙ୍ଗଲରେ ବାଘ ଦେଖାଯିବା ସମ୍ପର୍କରେ ପୂର୍ବତନ ବରିଷ୍ଠ ବନ୍ୟପ୍ରାଣୀ ଗବେଷକ ଲାଲା ଏକେ ସିଂହ କହିଛନ୍ତି ଯେ ଅଧିକ ବାଘ ଦେଖାଯିବା ଏକ ଭଲ ଖବର। ତେବେ ଏହି ବାଘଗୁଡ଼ିକ ଅନ୍ୟ କେଉଁଆଡୁ ଆସିନାହାନ୍ତି, ବରଂ ସେମାନେ ଓଡ଼ିଶା ଜଙ୍ଗଲରେ ହିଁ ରହୁଥିଲେ। ଏନ୍‌ଟିସିଏ ପକ୍ଷରୁ ଯେଉଁ ବାଘ ଗଣନା କରାଯାଉଛି, ସେଥିରେ ଅତ୍ୟଧିକ ମେସିନ୍ ଉପରେ ଭରସା କରାଯାଉଛି। ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିଜସ୍ୱ ବାଘ ଗଣନା ଜାରି ରହିଛି। ଏଥିରେ ଅଧିକ ସଂଖ୍ୟକ ବନ କର୍ମଚାରୀ ସାମିଲ୍ ହୋଇଛନ୍ତି ଓ ଜଙ୍ଗଲକୁ ଯାଉଛନ୍ତି। ଯାହାଦ୍ୱାରା ଅଧିକ ବାଘଙ୍କ ଗତିବିଧି ନଜରକୁ ଆସୁଛି ବୋଲି ଶ୍ରୀ ସିଂହ କହିଛନ୍ତି।

ଅନ୍ୟପଟେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଦେଖାଦେଉଥିବା ମହାବଳଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତୀତରେ ରାଜ୍ୟର ଏକାଧିକ ଜଙ୍ଗଲରେ ମହାବଳ ବାଘ ରହୁଥିଲେ। ହେଲେ ଶିକାରୀଙ୍କ ପ୍ରାଦୁର୍ଭାବ ବାଘଙ୍କ ସଂଖ୍ୟାକୁ ଦ୍ରୁତ ଗତିରେ ହ୍ରାସ କରାଇଥିଲା। ତେଣୁ ଏବେ ବନ ବିଭାଗ କିପରି ରଣନୀତି କରିବ ଓ ବାଘଙ୍କୁ ସୁରକ୍ଷା ଦେବ, ତାହା ଏକ ବଡ଼ ଆହ୍ୱାନ ହୋଇଛି। ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି ଯେ ଗୋଟିଏ ଜଙ୍ଗଲରେ ଗୋଟିଏ ଅଣ୍ଡିରା ବାଘ ପ୍ରାପ୍ତ ବୟସ୍କ ହେବା ପରେ ସେ ସେହି ଅଞ୍ଚଳରୁ ବାହାରି ନିଜ ପାଇଁ ଏକ ନୂଆ ସ୍ଥାନ ସୃଷ୍ଟି କରିଥା'ନ୍ତି। ଏହି ଧାରାରେ ଶିମିଳିପାଳରୁ ଗୋଟିଏ ବାଘ ଆସି କେନ୍ଦୁଝରରେ ରହୁଛି। ସମାନ ଭାବେ ଛତିଶଗଡ଼ରୁ ଗୋଟିଏ ବାଘ ଆସି ସମ୍ବଲପୁରରେ ରହିଛି। ଗଜପତିରେ ମଧ୍ୟ ଗୋଟିଏ ବାଘ ଆସିଛି। ସବୁ ବାଘଙ୍କ ସୁରକ୍ଷା ଉପରେ ବନ ବିଭାଗ ଗୁରୁତ୍ୱ ଦେଉଥିବା ଶ୍ରୀ ନନ୍ଦ କହିଛନ୍ତି।

ଅନ୍ୟପଟେ ସୁନାବେଡ଼ା ଜଙ୍ଗଲରେ ବ୍ୟାଘ୍ର ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ମିଳିସାରିଛି। କେବଳ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଜାରି କରିବା ପରେ ଏଠାରେ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଯିବ। ସମାନ ଭାବେ ଡେବ୍ରିଗଡ଼ରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ ପାଇଁ ଯୋଜନା ରହିଛି। ତେଣୁ ଏନ୍‌ଟିସିଏର ଅନୁମତିକୁ ଅପେକ୍ଷା ରହିଛି। ଏହି ଦୁଇ ବ୍ୟାଘ୍ର ପ୍ରକଳ୍ପ ରାଜ୍ୟ ପାଇଁ ଏକ ବଡ଼ ସୁଫଳ ଆଣିବ ବୋଲି ଆଶା କରାଯାଉଛି।

ଏନ୍‌ଟିସିଏର ରିପୋର୍ଟ ଅନୁସାରେ, ୨୦୦୬ରେ ରାଜ୍ୟରେ ୪୫ଟି ବାଘ ଥିଲା ବେଳେ ୨୦୧୦ରେ ଏହି ସଂଖ୍ୟା ୩୨କୁ ଖସିଥିଲା। ୨୦୧୪ ଓ ୨୦୧୮ରେ ବାଘ ସଂଖ୍ୟା ୨୮କୁ ହ୍ରାସ ପାଇଥିଲା। ସେହିପରି ରାଜ୍ୟ ସରକାର ଏହି ଗଣନା ପ୍ରକ୍ରିୟାକୁ ଗ୍ରହଣ ନ କରି ନିଜସ୍ୱ ଭାବେ ବାଘ ଗଣନା କିରିଥିଲେ। ଏଥିରେ ୨୦୦୪ରେ ରାଜ୍ୟରେ ୧୯୨ଟି ବାଘ ଥିବା ବେଳେ ୨୦୧୬ରେ ଏହି ସଂଖ୍ୟା ୪୦କୁ ଖସି ଆସିଥିଲା। ଏହା ପରଠାରୁ ରାଜ୍ୟ ସରକାର ନିଜସ୍ୱ ଭାବେ ବାଘ ଗଣନା କରି ନ ଥିବା ବେଳେ ୭ବର୍ଷ ପରେ ପୁଣି ଥରେ ବାଘ ଗଣନା ପ୍ରକ୍ରିୟା ଜାରି ରଖିଛନ୍ତି।

### ଲଘୁଚାପ ଆସନ୍ନ...

ଲଘୁଚାପ ସୃଷ୍ଟି ହେବା ପରେ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ପବନ ଟାଣିବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ତାପମାତ୍ରା ୨-୩ ଡିଗ୍ରୀ ହ୍ରାସ ପାଇବ। ଏହି ଲଘୁଚାପ ଓଡ଼ିଶା ଉପକୂଳ ନିକଟବର୍ତ୍ତୀ ହେଲେ ରାଜ୍ୟକୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁର ପ୍ରବେଶ ବଢ଼ିବ। ଫଳରେ ପୁଣି ଥରେ ତାପମାତ୍ରା ବୃଦ୍ଧି ପାଇବ।

### ରାସ୍ତାକଡ଼ରୁ ମିଳିଲା...

ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ପୁଲିସ ପ୍ରଥମେ କହିଥିଲା। କିନ୍ତୁ ପରିବାରଲୋକଙ୍କ ଯୁକ୍ତି ଏବଂ ପ୍ରଦ୍ୟୁମ୍ନଙ୍କ ପେଟ, ଛାତିରେ କଳା ଦାଗ ଏବଂ ମୁଣ୍ଡ ପଛପାର୍ଶ୍ୱ ଫାଟିଥିବା ଦେଖି ପୁଲିସ ମତ ବଦଳାଇଥିଲା। ପରେ ପ୍ରଦ୍ୟୁମ୍ନଙ୍କ ଭିଣୋଇ ଉମାକାନ୍ତ ଦାଶଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରେ ସନ୍ଧାନୀ କୁକୁର ତଦନ୍ତ କରିଥିଲେ ହେଁ କୌଣସି ସୁରାକ୍ ମିଳି ନଥିବା ଜଣାଯାଇଛି।

ସରପଞ୍ଚ ପ୍ରେମଶୀଳା ପ୍ରଧାନଙ୍କ କହିବାନୁଯାୟୀ, ପ୍ରଦ୍ୟୁମ୍ନ ଜଣେ ଶିକ୍ଷିତ ଓ ଭଲ ଲୋକ। ତାଙ୍କର କାର୍ଯ୍ୟକଳାପ ମଧ୍ୟ ଭଲ। କୌଣସି ଠିକା କାମକୁ କେନ୍ଦ୍ର କରି ପ୍ରଦ୍ୟୁମ୍ନଙ୍କୁ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବା ପାଇଁ ଦୁର୍ବୃତ୍ତମାନେ ଅପଚେଷ୍ଟା କରିଥିବା ଆଲୋଚନା ହେଉଛି।


**WORKS DEPARTMENT** B-1318
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR , ROURKELA**
E-Mail Id – eepwdrkl@gmail.com
Government of Orissa "e" Procurement Notice
**Bid Identification No.: 88 / 2023-24 Dated:14.11.2023**

1. Number of works:1(One) number of Works
2. Estimated cost: Rs. 70.32 Lakhs
3. Period of completion: 6(Six) calendar months
4. Date & Time of availability of bid document in the portal: Dt. 24.11.2023 at 11.00 A.M.
5. Last date/ Time for receipt of bids in the portal: Dt 08.12.2023 up to 05.00 P.M.
6. Date of opening of Bid: Dt. 11.12.2023 at 11.30A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela , UditNagar.

Further details can be seen from the e-procurement portal http//tendersorissa.gov.in"

OIPR-34068/11/0025/2324 — **Superintending Engineer, R & B Division , Rourkela**

**OFFICE OF THE MUNICIPAL COUNCIL: RAYAGADA** C-1923
PIN CODE-765001, ODISHA
Tel No./Fax No.- 06856-235067, Email id: raygadam.hud@nic.in
No. 5703 Dt. 22.11.2023

**2nd CORRIGENDUM TO TENDER CALL NOTICE NO 5231 DATED 13.11.2023**

1. Schedule -1 of Financial Bid Table B ( Material Component)
   As per revised schedule of rates 2022 published by works department Odisha, the per hour rate of Tractor with Trolley is modified of Rs 357.55.
2. New point as Sl.No 1.27 has been added in Chapter-1 General Terms & Conditions that All kinds of revised rates will be applicable to the tenderer as notified by the Government of Odisha from time to time.

This Corrigendum applies to all 6 Zones and other terms & conditions mentioned in aforesaid notice remain unchanged.

OIPR-13150/11/0035/2324 — **Executive Officer, Rayagada Municipality**

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751 001
Ref, No, OSCB/HRDD/ 5333/2023-24 Dated 22.11.2023

**Tender Call Notice**

**LL-61:** The Managing Director, Odisha State Cooperative Bank ltd, Pandit Jawaharlal Nehru Marg, Bhubaneswar-751001 invites Percentage Rate Bids sealed tender from the eligible contractors for execution of Renovation of 02 nos. of work at Odisha State Cooperative. Bank Head Office Bhubaneswar, detailed Tender Notice, Terms and Conditions of Contract, which can be seen & downloaded from the website www.odishascb.com Sealed Tender, complete in all respect along with EMO & Tender Cost shall be received from 28.11.2023 to 08.12.2023 upto 5.00 P.M through Registered Post / Speed Post only. The received tenders shall be opened on 11.12.2023 at 03.00 PM in the OSCB Head Office Premises, Bhubaneswar.
Any Addendum/Corrigendum of tender will be displayed in the OSCB Website.
The authority reserves the right to reject any or all tenders without assigning any reason thereof.

OIPR-39012/11/0026/2324 — **Sd/- Chief General Manager (Gen.)**

**OFFICE OF THE REGULATED MARKET COMMITTEE, BHAWANIPATNA**
Near Kendriya Vidyalaya, Bhawanipatna, Dist.- Kalahandi-766001
Email: rmcbhawanipatna@gmail.com
No. 318/RMC Dated 20.11.2023

**BID IDENTIFICATION NO. 2 RMC-BHAWANIPATNA-02/2023-24**

**H-43:** Sub-Collector, Bhawanipatna-cum-Chairman, RMC, Bhawanipatna invites Bid / Tender for 4 (Four) nos. of Construction works for creation of Infrastructures at eight different places under RMC, Bhawanipatna vide Tender Call Notice No. 313 dated 20.11.2023 and Bid Identification No. 02/2023-24. The details of which are available at e-procurement portal i.e. www.tendersodisha.gov.in. Intending bidders are requested to visit the mentioned website for submission of e-tender.

OIPR-07078/11/0002/2324 — **Sub-Collector, Bhawanipatna -cum-Chairman, R.M.C. Bhawanipatna**

**CHIEF DIST. MEDICAL & PUBLIC HEALTH OFFICER, KANDHAMAL**
Advt No. 14145/FW/2023 Dated 22.11.2023

**Tender Call Notice**

**E-585:** Sealed tenders are invited from the interested eligible bidders for hiring of vehicles under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMO & document as per tender call notice. The bidders have to submit their proposal(s) at the O/o: CDM & PHO, Kandhamal, DHH, Phulbani. Proposal(s) complete in all respect should reach the undersigned on or before 5.00 PM of 22.12.2023 through Regd/Speed post/ Courier and the same will be opened on 27.12.2023 at 11.30 AM. The undersigned reserves the right to reject any or all the tender(s) without assigning any reason thereof.

OIPR-10015/11/0015/2324 — **Sd/- Chief District Medical & Public Health Officer, Kandhamal**

ଜଣେ ଗାୟକ ଗୀତ ଭିତରେ ତା'ର ଆତ୍ମାକୁ ଅବିଷ୍କାର କରେ ।
-ଲତା ମଙ୍ଗେଶକର

ସକାଳ
THE SAKALA

# ନୂଆ ସାଇବର ଅପରାଧ: ଡିପ୍ ଫେକ୍

ଟେକ୍ନୋଲୋଜିର ଦୁରୁପଯୋଗ କଲେ ଏହା ମଣିଷ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି କିପରି ଏକ ବିରାଟ ଆହ୍ୱାନ ହୁଏ, ତାହାର ଉଦାହରଣ ଆଜିର ଆଇଟି ଯୁଗରେ ବିରଳ ନୁହେଁ । ଏବେ 'ଡିପ୍ ଫେକ୍' ସେଭଳି ଏକ ଟେକ୍ନୋଲୋଜି ଯାହା ଭାରତ ସମେତ ସମଗ୍ର ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ଏବଂ ଏହା ସାଇବର ଅପରାଧର ଆଉ ଏକ ବଡ଼ ଘଟଣା ପାଲଟିଛି । ତେବେ ଏହି 'ଡିପ୍ ଫେକ୍'ଟି ସତରେ କ'ଣ, ଯାହା ସାରା ଦୁନିଆରେ କୋକୁଆ ଭୟ ରଚିଛି? ସରଳ ଭାଷାରେ ଜଣେ ମଣିଷର ଭିଡିଓ, ଯେଉଁଥିରେ ତା'ର ମୁଖମଣ୍ଡଳ ଓ ଶରୀରକୁ ଡିଜିଟାଲ ଉପାୟରେ ବଦଳାଇ ଦିଆଯାଇଥାଏ । ଏହାଫଳରେ ପ୍ରକୃତ ଲୋକଟି ଅନ୍ୟ ଜଣେ ଲୋକ ପରି ଦେଖାଯାଏ । ଏହି ଟେକ୍ନୋଲୋଜିକୁ ବିଦ୍ୱେଷପରାୟଣ ହୋଇ ବା ମନ୍ଦ ଉଦ୍ଦେଶ୍ୟ ରଖି ବ୍ୟବହାର କରିବା ସହିତ ଗୁଜବ ଓ ଅପପ୍ରଚାର ରଟନା କରାଯାଏ । ଏହା ଏକ ଜଘନ୍ୟ କାର୍ଯ୍ୟ । ଏଥିରେ ବ୍ୟକ୍ତିବିଶେଷ, ରାଷ୍ଟ୍ରମୁଖ୍ୟ, ସରକାରୀ ମୁଖ୍ୟ, ପଦାଧିକାରୀ ଆଦି ଯେ କୌଣସି ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କ ଭିଡିଓ ଚିତ୍ରକୁ ବିବାଦୀୟ ତଥା ଆପତ୍ତିଜନକ କରାଯାଇପାରେ । ସବୁଠୁ ବଡ଼ କଥା ହେଲା ଏହାକୁ ସୋସିଆଲ୍ ମିଡିଆ ଓ ଅନ୍ୟ ଡିଜିଟାଲ୍ ମିଡିଆରେ ଓ ଅନ୍‌ଲାଇନ୍‌ରେ ଅତି ସହଜରେ ପ୍ରସାରିତ କରାଯାଇପାରେ । ଏଭଳି ଏକ ଟେକ୍ନୋଲୋଜି, ଯାହା ମନ୍ଦ ଉଦ୍ଦେଶ୍ୟ ରଖି ବ୍ୟବହାର କରାଯାଉଛି, ତାହା ଯେ କେତେ ଭୟଙ୍କର ତାହା ବର୍ଣ୍ଣନା କରିବା ଅନାବଶ୍ୟକ ।

ସୂଚନାଯୋଗ୍ୟ 'ଡିପ୍ ଫେକ୍'ର କ୍ରମବର୍ଦ୍ଧିଷ୍ଣୁ ଦୁରୁପଯୋଗ ନେଇ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର ନିୟନ୍ତ୍ରଣ ପୁଲିସ ଅଧିକାରୀମାନଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ବୋଲି କହିଥିଲେ । 'ଡିପ୍ ଫେକ୍' ଉଗ୍ରବାଦ, ଚୋରା ଚାଲାଣ, ଠକେଇ ଆଦି ପାଇଁ ସୁହାଉଥିବାରୁ ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱର ସହ ଧ୍ୟାନ ଦେବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ 'ଡିପ୍ ଫେକ୍'କୁ ଭାରତ, ବିଶ୍ୱ, ମାନବ ସମାଜ ଓ ଗଣତନ୍ତ୍ର ପାଇଁ ମହାବିପଦ ବୋଲି କହି ଏହାର ମୁକାବିଲା ଉପରେ ଗୁରୁତ୍ୱ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଦୁରୁପଯୋଗ କିପରି ହୋଇପାରେ, 'ଡିପ୍ ଫେକ୍' ତାହାର ନଗ୍ନ ଉଦାହରଣ । ବିଶ୍ୱବ୍ୟାପୀ ନେତାମାନେ ଏହାର ବ୍ୟବହାର ଓ ପ୍ରସାର ନେଇ ଆପତ୍ତି ଉଠାଇଛନ୍ତି । ବଡ଼ ବଡ଼ ଆଇଟି କମ୍ପାନୀର ମୁଖିଆଙ୍କ ସହିତ ଏ ବିଷୟରେ ମଧ୍ୟ ବିଚାରବିମର୍ଶ ଚାଲିଛି ।

ଭାରତରେ ଅନ୍‌ଲାଇନରେ କାହାର ଭିଡିଓ ଓ ଛବିକୁ ପ୍ରତିରୂପିତ କରିବା ୨୦୦୦ ମସିହାରେ ପ୍ରଣୀତ ସୂଚନାପ୍ରଯୁକ୍ତି ଆଇନର ଧାରା ୬୬ଡି ଅନୁସାରେ ବେଆଇନ ଏବଂ ଧର୍ତ୍ତବ୍ୟ ଅପରାଧ । ତଥାପି ସୋସିଆଲ୍ ମିଡିଆ ଓ ଅନ୍ୟ ବ୍ୟବସ୍ଥାରେ ଗୁପ୍ତରେ ଅନୁପ୍ରବେଶ କରି ଏଭଳି କାହାର ଭ୍ରମାତ୍ମକ ପରିଚୟ ଉଦ୍ଦେଶ୍ୟମୂଳକ ଭାବେ ଉପସ୍ଥାପିତ କରିବା ନିଶ୍ଚିତ ଚିନ୍ତାର ବିଷୟ । ତେବେ ସେ ଯା'ହେଉ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବେଗ ପରେ ଭାରତରେ ୧୦ ଦିନ ମଧ୍ୟରେ 'ଡିପ୍ ଫେକ୍'କୁ ନିଷିଦ୍ଧ କରିବାକୁ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଗୁରୁବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ମନ୍ତ୍ରୀ ଶ୍ରୀବୈଷ୍ଣବ କହିଛନ୍ତି ଯେ କେନ୍ଦ୍ର ସରକାର ଓ ସୋସିଆଲ୍ ମିଡିଆ କମ୍ପାନୀମାନେ 'ଡିପ୍ ଫେକ୍' ଠାବ, ନିରାକରଣ ଓ ପ୍ରସାର ରୋକିବାକୁ ସବିଶେଷ ନିର୍ଦ୍ଦେଶାବଳୀ ଯଥାଶୀଘ୍ର ଜାରି କରିବେ, ଯାହା ତତ୍‌କାଳ କାର୍ଯ୍ୟକାରୀ ହେବ । ସେ ମଧ୍ୟ ଏହାକୁ ଗଣତନ୍ତ୍ର ପ୍ରତି ଏକ ମହାବିପଦ ଭାବେ ବର୍ଣ୍ଣନା କରିଛନ୍ତି । 'ଡିପ୍ ଫେକ୍'କୁ ଠାବ କରିବା, ଏହାକୁ ଜଣେ ଅନ୍ୟଜଣକ ପାଖକୁ ଯେପରି ପଠାଇ ନ ପାରେ ତାହାକୁ ରୋକିବା, ଭାଇରାଲ୍ ବ୍ୟବସ୍ଥାକୁ ବନ୍ଦ କରିବା ଓ ଏହାକୁ ଠାବ କରିବାର ବ୍ୟବସ୍ଥାର କାର୍ଯ୍ୟକାରିତା, ପ୍ରତିକାର ଓ ଦଣ୍ଡବିଧାନ ତଥା ଏ ସମ୍ପର୍କରେ ଜନସଚେତନତା ବ୍ୟାପକ ଭାବେ ସୃଷ୍ଟି କରିବା ଆଦି ଏହି ପ୍ରସଙ୍ଗରେ ବିଶେଷ ଗୁରୁତ୍ୱ ରଖେ । ମନ୍ତ୍ରୀ ଶ୍ରୀବୈଷ୍ଣବ କହିଛନ୍ତି ଯେ ସବୁ ସମ୍ପୃକ୍ତ ପକ୍ଷଙ୍କ ସହ ଏକ ଉଚ୍ଚସ୍ତରୀୟ କମିଟି ଏ ବିଷୟରେ ଆଲୋଚନା କରିଛି । ତେଣୁ ପ୍ରତିକାର ବ୍ୟବସ୍ଥାରେ ସରକାର, ଉଦ୍ୟୋଗ ଏବଂ ଗଣମାଧ୍ୟମର ବିଶେଷ ଭୂମିକା ରହିଛି ।

ବିଜ୍ଞାନ ହେଉ ବା ପ୍ରଯୁକ୍ତି ବିଦ୍ୟା ମାନବ ସମାଜର ହିତ ସାଧନ ପାଇଁ ଓ ଜୀବନଯାତ୍ରାକୁ ସହଜ, ସୁଗମ କରିବା ପାଇଁ ଅଭିପ୍ରେତ । କିନ୍ତୁ ଯେତେବେଳେ ଏହାର ଦୁରୁପଯୋଗ ହୁଏ ତେବେ ତାହା ଜଗତ ପ୍ରତି ବିପଦ ପାଲଟି ଯାଏ । ଆଦିମ କାଳରେ ନିଆଁର ବ୍ୟବହାର ମଣିଷ ଶିଖିବା ପରଠାରୁ ବିଂଶ ଶତାବ୍ଦୀର ପରମାଣୁ ଶକ୍ତିର ଉଦ୍‌ଭାବନ ଏବଂ ବର୍ତ୍ତମାନ ସୂଚନା ପ୍ରଯୁକ୍ତି ବିଦ୍ୟାର ଅତ୍ୟାଧୁନିକ ପ୍ରଭାବଶାଳୀ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ପର୍ଯ୍ୟନ୍ତ ଏହି ଆପ୍ତ ବାକ୍ୟ ସତ୍ୟ ପ୍ରମାଣିତ ହୋଇଆସିଛି । ଘରେ ବସି ଇଣ୍ଟରନେଟ୍ ଯୋଗେ ଖୁବ୍ କମ୍ ସମୟରେ କମ୍ ପରିଶ୍ରମରେ ଟଙ୍କା ଦେଣନେଣ ପାଇଁ ଇ-ପେମେଣ୍ଟ ବା ଇ-ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । କିନ୍ତୁ ତାହା ଏବେ ସାଇବର ଅପରାଧର ମୁଖ୍ୟ ଆୟୁଧ ପାଲଟିଛି । ସେହିପରି ମୁଖ୍ୟତଃ ସିନେମାର ଅନ୍ୟଭାଷାରେ ପୁନଃନିର୍ମାଣ ବା ରିମେକ୍ କିମ୍ବା ଡବିଂ ପାଇଁ 'ଡିପ୍ ଫେକ୍' ଭଳି ସଫ୍ଟୱେରର ବିକାଶ କରାଯାଇଥିଲା, ଯାହା ବ୍ୟୟବହୁଳ ପୁନଃନିର୍ମାଣ ପ୍ରକ୍ରିୟାକୁ ସୁଲଭ ଓ ସହଜ କରିପାରିଥିଲା । ଏବେ ତାହା 'ଡିପ୍ ଫେକ୍'ର ରୂପ ନେଇଛି । ଏକ ଉନ୍ନତ ଧୀଶକ୍ତି ସମ୍ପନ୍ନ ମସ୍ତିଷ୍କ ପ୍ରସୂତ ଏହି ବୈଜ୍ଞାନିକ ସାଧନଗୁଡ଼ିକର ଦୁରୁପଯୋଗ ହିଁ ଆଜି ମାନବ ସଭ୍ୟତା ପ୍ରତି ବୁମେରାଂ ହୋଇଛି । ଏକଦା ହିଂସ୍ରଜନ୍ତୁଙ୍କ କବଳରୁ ସୁରକ୍ଷା ପାଇଁ ମଣିଷ ବନ୍ଧୁକ ତିଆରି କରିଥିଲା । କିନ୍ତୁ ତାହା ଆଜି ବହୁଳ ବ୍ୟବହୃତ ମଣିଷମାରଣ ଅସ୍ତ୍ର ହୋଇଛି । କିଛି ମନ୍ଦବୁଦ୍ଧି ତଥା ମାନବ ସମାଜର କଳଙ୍କ ଶଠ ଚରିତ୍ରର ବ୍ୟକ୍ତିଙ୍କ ପାଇଁ ସାଧନର ଉଦ୍‌ଭାବକମାନଙ୍କୁ ଦୋଷ ଦିଆଯାଇପାରିବ ନାହିଁ କି ଉଦ୍‌ଭାବନ ବେଳେ ତାହାର ମନ୍ଦଦିଗ ପ୍ରତି ଦୃଷ୍ଟି ଦେଇ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ନାହିଁ ।

ଏବେ 'ଡିପ୍ ଫେକ୍' ଭଳି ବିଷୟବସ୍ତୁ (କଣ୍ଟେଣ୍ଟ) ପ୍ରସାରଣକୁ ରୋକିବା ପାଇଁ ନୂଆ ଆଇନ ପ୍ରସ୍ତୁତ ସହ ଅନ୍ୟାନ୍ୟ କଟକଣା ସଂକ୍ରାନ୍ତ ଚିଠାନୀତି ତୁରନ୍ତ ପ୍ରସ୍ତୁତ ହୋଇ ଏହାକୁ କାର୍ଯ୍ୟକାରୀ କରାଯିବା ଘେନି ମନ୍ତ୍ରୀ ମହୋଦୟ ଦେଇଥିବା ପ୍ରତିଶ୍ରୁତି ନିଶ୍ଚୟ ଆଶା ଉଦ୍ରେକକାରୀ । ଏହା ଯେତେଶୀଘ୍ର କାର୍ଯ୍ୟକାରୀ ହେବ, ସେତେ ଭଲ । ସାଇବର କ୍ରାଇମ୍ ଓ ଅନ୍‌ଲାଇନ୍ ଠକେଇ ଆଦି ଏବେ ଭୟଙ୍କର ରୂପ ନେଉଛି ଓ ନାନାମତେ ବ୍ୟାପୁଛି । ତେଣୁ କାଳବିଳମ୍ବ ନ କରି ଏହାର ପ୍ରତିକାର ବ୍ୟବସ୍ଥା ହେବା ଉଚିତ । ଆଶା କରିବା ଆମ କେନ୍ଦ୍ର ସରକାରଙ୍କ ପ୍ରତିକାର ବ୍ୟବସ୍ଥା ସଫଳ ହେବ ।

# ସଙ୍ଗୀତ: ନିଷ୍ଠା ଓ ସାଧନାର ଫଳଶ୍ରୁତି



ଡ. ସଙ୍ଗୀତା ଗୋସାଇଁ
ଭୁବନେଶ୍ୱର, ମୋ: ୯୪୩୭୨୮ ୭୬୨୨

ସଙ୍ଗୀତକୁ ସମସ୍ତେ ଭଲ ପାଆନ୍ତି । ଆଉ ସେହି ଭଲ ପାଇବା ସ୍ୱତଃସ୍ଫୂର୍ତ୍ତ ଭାବେ ହୋଇଥାଏ । ଭଲ ଗୀତଟିଏ ଶୁଣିଲେ ହୃଦୟ ଆନନ୍ଦରେ ଭରିଯାଏ । ଥକିଯାଇଥିବା ମଣିଷଟିଏ ସଙ୍ଗୀତ ଶୁଣିଲେ ସତେଯେମିତି ତା'ର ଶକ୍ତି ସଞ୍ଚାର ହୋଇଉଠେ । ସଙ୍ଗୀତ ହେଉଛି ଜୀବନର ସ୍ପନ୍ଦନ, ହୃଦୟର ଝଙ୍କାର । ସୁଖରେ ହେଉ ବା ଦୁଃଖରେ ହେଉ ଜୀବନକୁ ଜୀଇଁବାର ସର୍ବଶ୍ରେଷ୍ଠ ଉପାଦାନ । ସଙ୍ଗୀତ ଭିତରେ ସେହି ଶକ୍ତି ଅଛି ତାହା ସୁଖକୁ ଦ୍ୱିଗୁଣିତ କରିପାରେ, ଆଉ ଦୁଃଖକୁ ବି ଉପଶମ କରିପାରେ ।

କେଉଁ ଅନାଦିକାଳରୁ ସଙ୍ଗୀତର ସୃଷ୍ଟି ହୋଇଛି, ଯାହାକି ଯୁଗ ପରେ ଯୁଗ ଗଡ଼ିଚାଲିଛି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ, ସକାଳରୁ ସଞ୍ଜ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର କାର୍ଯ୍ୟ ଭିତରେ ସଙ୍ଗୀତ ତା'ର ଅସ୍ତିତ୍ୱ ଜାରି ରଖିଛି । ଦେବାଦେବୀମାନେ ମଧ୍ୟ ସଙ୍ଗୀତରେ ପାରଙ୍ଗମ ଥିଲେ; ଏହାର ପ୍ରମାଣ ଦିଏ ଶିବଙ୍କ ହାତରେ ଡମ୍ବରୁ, ନାରଦଙ୍କ କରତାଳ, ସରସ୍ୱତୀଙ୍କ ବୀଣା, ଶ୍ରୀକୃଷ୍ଣଙ୍କର ବଂଶୀ ଇତ୍ୟାଦି । ତେଣୁ ନିରବଚ୍ଛିନ୍ନ ଏଇ ସଙ୍ଗୀତର ଧାରା । କେବଳ ମଣିଷ ନୁହେଁ, ସମଗ୍ର ଜୀବଜଗତ ମଧ୍ୟ ସଙ୍ଗୀତର ପ୍ରଭାବରେ ବଶୀଭୂତ । ଗୀତ ଶୁଣିକି କୁନିପିଲାଟିଏ କାନ୍ଦ ବନ୍ଦ କରି ଦେଉଛି, ବିଷଧର ସର୍ପଟିଏ ଫଣା ତଳକୁ କରି ବଶୀଭୂତ ହୋଇଯାଉଛି, ଗୀତ ଶୁଣିକି ମାଙ୍କଡ଼ଟିଏ ନାଚି ଯାଉଛି । ପ୍ରବଚନ ଭିତରେ ସଙ୍ଗୀତ ମାଧ୍ୟମରେ ଧାର୍ମିକ ଚିନ୍ତାଧାରା ବ୍ୟକ୍ତ କରାଯାଉଛି । ସମସ୍ତ ସାମାଜିକ ଉତ୍ସବଗୁଡ଼ିକରେ ମଧ୍ୟ ସଙ୍ଗୀତର ଭୂମିକା ଅନନ୍ୟ । ପ୍ରକୃତି ମଧ୍ୟ ସଙ୍ଗୀତର ପ୍ରଭାବରେ ଫଳପ୍ରସୂ ହୋଇପାରୁଛି, ଗୋମାତା ଅଧିକ ଦୁଗ୍ଧ ଦେଉଛି । ଚିକିତ୍ସା କ୍ଷେତ୍ରରେ ସଙ୍ଗୀତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏଡ଼ାଇ ଦେବାର ନୁହେଁ । ଏହା ହିଁ ତ ହେଉଛି ସଙ୍ଗୀତର ପ୍ରଭାବ ।

ଜୀବନର ସମସ୍ତ ଭାବ ଆଉ ରସ ଯାହା ଅନୁଭବ କରୁଥାଇଁ, ତାହାରି ଅଭିବ୍ୟକ୍ତି ହେଉଛି ସଙ୍ଗୀତ । ଯେଉଁ କାମ କଥାରେ ହୋଇପାରେ ନାହିଁ, ସଙ୍ଗୀତ ତାହାକୁ ଅକ୍ଳେଶରେ ସାଧନ କରିପାରେ । ସେଥିପାଇଁ ସରକାରଙ୍କର ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର, ଏପରିକି ନିର୍ବାଚନ ମଧ୍ୟ ସଙ୍ଗୀତ ଦ୍ୱାରା ସହଜ ହୋଇଥାଏ । ତେଣୁ ସଙ୍ଗୀତ ହେଉଛି ବହୁମୁଖୀ । ସମସ୍ତେ ସେଥିପ୍ରତି ଆକର୍ଷିତ ହେବା ସ୍ୱାଭାବିକ ।

ଆମେ କିନ୍ତୁ ମନେ ରଖିବାକୁ ହେବ, ସଙ୍ଗୀତ ହେଉଛି ଏକ ସାଧନା ଆଉ ପୂଜା, ଯେଉଁଥିପାଇଁ ଲୋଡ଼ା ଉପଯୁକ୍ତ ଶିକ୍ଷା ବା ତାଲିମ୍ ଏବଂ ଏକାଗ୍ରତା ଓ ଧୈର୍ଯ୍ୟ । କାରଣ ଏହା ହେଉଛି ଏପରି ଏକ ମାର୍ଗ, ଯାହା ତତ୍‌କ୍ଷଣାତ ଈଶ୍ୱରଙ୍କ ସହିତ ମିଳିତ କରିପାରେ । ସେଥିପାଇଁ କୁହାଯାଏ ଈଶ୍ୱରଙ୍କର କରୁଣା ବା ଆଶୀର୍ବାଦ ନଥିଲେ ଜଣେ କଳାକାର ହେବା ସମ୍ଭବପର ନୁହେଁ । ସେଥିପାଇଁ ବୋଧହୁଏ ଭଲ କଳାକାରଟିଏ ମିଳିବା କଷ୍ଟକର । ୧୦୦ ଜଣ ଭିତରେ ଖୋଜିଲେ ସବୁ ବର୍ଗର ବ୍ୟକ୍ତି ୯୦ ପ୍ରତିଶତ ମିଳିଯିବେ । ମାତ୍ର ୧୦ ପ୍ରତିଶତ ଭଲ କଳାକାର ମିଳିବା ବହୁତ କଷ୍ଟ । ରିମୋଟ୍ କଣ୍ଟ୍ରୋଲ୍ ରହିଛି ସେହି ଅଦୃଶ୍ୟ ଶକ୍ତି ହାତରେ । ନିଶ୍ଚିତ ଭାବରେ ସଙ୍ଗୀତ ହେଉଛି ଦିବ୍ୟ ଚେତନାର ଅଂଶ । ଆଉ ସେହି ଚେତନା ଜାଗରିତ ହୁଏ କେବଳ ତାଙ୍କରି କୃପାରେ ।

ଏହି ଗୁରୁମୁଖୀ ବିଦ୍ୟା ହିଁ ସୃଷ୍ଟି କରିଛି ଗୁରୁ ଶିଷ୍ୟ ପରମ୍ପରା । ଦୀର୍ଘ ଦିନର ଶିକ୍ଷା ଓ ଶିକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ହିଁ ଗୁରୁଙ୍କର ଅନୁମତି କ୍ରମେ ଶିଷ୍ୟଶିଷ୍ୟା ନିଜର କଳା ପ୍ରଦର୍ଶନ ସର୍ବସମ୍ମୁଖରେ କରିଥା'ନ୍ତି । ଏହା ପୁରାକାଳରୁ ପ୍ରଚଳିତ । ମାତ୍ର ଗତ ୩/୪ ଦଶନ୍ଧି ଭିତରେ ସଙ୍ଗୀତ କ୍ଷେତ୍ରରେ ଆସିଛି ଅନେକ ପରିବର୍ତ୍ତନ । ପରିବର୍ତ୍ତନ ସ୍ୱାଗତଯୋଗ୍ୟ ଏବଂ ଆଉ କିଛି ସମ୍ପୂର୍ଣ୍ଣ ଅସାଂଗୀତିକ ଓ ଗ୍ରହଣଯୋଗ୍ୟ ନୁହେଁ । ଆଜିକାଲି କିଛି ଲୋକ ସଙ୍ଗୀତର ସଂଜ୍ଞା ପୂରା ବଦଳେଇ ଦେଲେଣି । ପାଟିରୁ ଯାହା ବାହାରିଲା ତାହା ସଙ୍ଗୀତ । ତାହା ପୁଣି କାଳଜୟୀ ସଙ୍ଗୀତ । କହିଲେ କୁଳ କୁଟୁମ୍ବକୁ ଲାଜ ନ କହିଲେ କୁଳ ଭାସିଯାଉଛି । ଏ, ବି, ସି, ଡି, ନ ଜାଣି ଇଂରାଜୀରେ ରଚନା ଲେଖିବା ଯାହା, ସ୍ୱର ନଚିହ୍ନି ଗାଇବା ଏକା କଥା । ତାରି ଭିତରେ, କିଛି ସାଧନାସିକ୍ତ ସଙ୍ଗୀତ ଚାଲିଛି ବୋଲି ସଙ୍ଗୀତର ମର୍ଯ୍ୟାଦା ରହିଛି । କିଛି କଳାକାର କିଛି ନଶିଖି ମଧ୍ୟ ଈଶ୍ୱରଙ୍କ କରୁଣା ଆଉ ପୂର୍ବ ଜନ୍ମର ସୁକୃତରୁ ଖୁବ୍ ସୁନ୍ଦର ଗାଇ ପାରନ୍ତି, ସ୍ୱର ଓ ତାଳର ସୁନ୍ଦର ସମନ୍ୱୟରେ । ମାତ୍ର ସେମାନଙ୍କର ସଂଖ୍ୟା ବହୁତ ବେଶୀରେ ୩/୪ ପ୍ରତିଶତ ହେବ । ୧୦ ପ୍ରତିଶତ କଳାକାର ବିଧିବଦ୍ଧ ଭାବରେ ଶିକ୍ଷା ଗ୍ରହଣ କରି, ସାଧନା କରି ସଙ୍ଗୀତ କ୍ଷେତ୍ରରେ ପାଦ ଥାପିଲା ବେଳକୁ ପ୍ରାୟ ବାକି ରହିଥିବା ୮୬ ପ୍ରତିଶତ ବ୍ୟକ୍ତି ସ୍ୱଘୋଷିତ ସଙ୍ଗୀତଜ୍ଞ ଏବଂ ସମସ୍ତେ ନିଜେ ନିଜେ ତିଆରି ଗାୟକ ଗାୟିକା ।



ମୋର ପିଲାଦିନୁ ଶୁଣି ଆସିଛି ବହୁତ ଲୋକ କହିବାର ଯେ ଆମେ 'ବାଥରୁମ୍ ସିଙ୍ଗର', ଯଦିଓ ତା' ଭିତରେ ଅନେକ ବହୁତ ଭଲ ଗାୟକ ଗାୟିକା ଥିଲେ । ମାତ୍ର ବିଜ୍ଞାନର ଉଦ୍ଭାବନ, ଆଉ ବ୍ୟବସାୟିକ ଦୃଷ୍ଟିକୋଣ ସମସ୍ତଙ୍କୁ କରିଦେଇଛି ଗାୟକ, ଗାୟିକା । ଏଭଳି ଯନ୍ତ୍ର ବାହାରିଲାଣି, ଭଲ କଣ୍ଠ ଆଉ ସାଧନାର ଆବଶ୍ୟକତା ନାହିଁ । ସବୁ କାମ ମେସିନ୍ କରିଦେଉଛି । ବେସୁରା ଗାଇଲେ ବି ଚଳୁଛି, ଟିକିଏ ଅଧିକା ପଇସା ଖର୍ଚ୍ଚ କଲେ ମିକ୍ସିଙ୍ଗ ବେଳେ ସୁର ହେଇଯାଉଛି । ସେଥିପାଇଁ ହ୍ୱାଟ୍‌ସଆପ୍‌ରେ ଗୋଟିଏ କୁକୁର ଆଉ ଗୋଟିଏ ଛେଳିର (ବୋବେଇବାକୁ) ଗାୟନକୁ ରେକର୍ଡିଂ କରି ସୋସିଆଲ୍ ମିଡିଆରେ ଛଡ଼ା ଯାଇଥିଲା ଏବଂ ତାହା ମିଡ଼ିଆରେ ବେଶ୍ ଭାଇରାଲ୍ ହୋଇଥିଲା ।

ଆଜିକାଲିର ରେକର୍ଡିଂ କ୍ୱାଲିଟି ଅତି ଉଚ୍ଚକୋଟୀର । ସତେଯେମିତି ଗୀତଗୁଡ଼ିକ ସୁର ତାଳ ଦୃଷ୍ଟିରୁ ସବୁ ଠିକ୍ । ମାତ୍ର ତା' ଭିତରେ 'ଜୀବନ' ନାହିଁ । କଟ୍ ପେଷ୍ଟ ରେକର୍ଡିଂ । ଆଗରୁ ମ୍ୟୁଜିକ୍ ସହିତ ୨/୩ ଥର ଅଭ୍ୟାସ ହେବା ଦ୍ୱାରା ସମସ୍ତେ ଗୀତର ଲେଖା, ସ୍ୱର, ଭାବ, ରସକୁ ଭଲରେ ବୁଝି ବଜାଉଥିଲେ ଓ ଗାଉଥିଲେ । ମାତ୍ର ଏବେ କାହାପାଖେ ସମୟ ନାହିଁ । ମ୍ୟୁଜିକ୍ ତିଆରି ହୋଇଗଲା । ପ୍ରଥମେ ମେଟ୍ରୋନମ୍ ବଜେଇ ରିଦିମ୍ ରେକର୍ଡିଂ ହୋଇଗଲା । ସ୍ଥାୟୀ ଅନ୍ତରା ମ୍ୟୁଜିକ୍‌କୁ ସହଯୋଗୀ ଶିଳ୍ପୀମାନେ ଥରେ ଥରେ ବଜେଇଦେଲେ । ତା'ପରେ କାମ ହେଲା ରେକର୍ଡିଷ୍ଟଙ୍କର । କଟ୍ ପେଷ୍ଟ କରି ଗୀତର ଅନ୍ତରା ଅନୁସାରେ ସମୁଦାୟ ଗୀତଟିକୁ ସେଟ୍ କରିଦେଲା । ମ୍ୟୁଜିକ୍ ବାଜିବା ପାଇଁ ଡାରେନାରେ କରିଛି, ଡମି ଭଏସ୍ ଗୀତଟିକୁ ଗାଇଦେଲେ । ବାସ୍, ଟ୍ରାକ୍ ରେକର୍ଡିଂ ସରିଗଲା । ଶେଷରେ ଆସିବେ ପ୍ରକୃତ ଗାୟକ ବା ଗାୟିକା । ଗୀତ ଶୁଣିଦେବେ, ଟ୍ରାକ୍ ଶୁଣିଦେବେ, ଧାଡ଼ିଧାଡ଼ି ବା ଗୋଟେ ଗୋଟେ ଶବ୍ଦ ଗାଇଯିବେ, ସରିଗଲା ରେକର୍ଡିଂ । ରେକର୍ଡିଂ ବଢ଼ିଆ, ମାତ୍ର ଦେଖିବେ ସଙ୍ଗୀତଟି ମନକୁ ଛୁଉଁନି । ତା'ର ମୁଖ୍ୟ କାରଣ ହେଲା, ଭାବର ଅଭାବ, ରସର ଅଭାବ ଏବଂ ଶିଳ୍ପୀଙ୍କର ସଙ୍ଗୀତଟିକୁ ବୁଝିବାର ଅଭାବ ।

ଏବେତ ଗୀତଟି ରେକର୍ଡିଂ ନ ସରୁଣୁ ଆଗ କିପରି ମାର୍କେଟିଙ୍ଗ ହେବ, ସେଥିପାଇଁ ନିଜେ ନିଜେ କହିବାକୁ ପଡୁଛି, ମୁଁ ଏହି ଗୀତଟି ଅମକଙ୍କ ସ୍ୱର, ଅମୁକଙ୍କ ଲେଖା, ଅମୁକଙ୍କ ପ୍ରଯୋଜନା ଇତ୍ୟାଦି ଇତ୍ୟାଦି । ନିଜ ମୁହଁରେ ନିଜର ପ୍ରଶଂସା । ଏହା ବହୁତ ଭଲ ହେଉଛି । ଆପଣମାନେ ନିଶ୍ଚୟ ଶୁଣିବେ ଆଉ ଭଲ ପାଇବେ । ଏଇଟା କ'ଣ ଗୋଟେ କଥା? ଗୀତଟିଏ ଗାଉଥିଲେ ଆପେ ଆପେ ହରିଣଟିଏ ଆକୃଷ୍ଟ ହୋଇ ଦୌଡ଼ି ପଳେଇ ଆସୁଥିଲା ଶୁଣିବା ପାଇଁ, ଦୀପଟିଏ ଜଳି ଉଠୁଥିଲା, ବର୍ଷା ବର୍ଷିଯାଉଥିଲା । ତାହା ହିଁ ତ ସଙ୍ଗୀତର ଯାଦୁକରୀ ଶକ୍ତି । ସାଧନାର ଫଳ । ଏବେ ତ ମୋତେ ଲାଗୁଛି ଶାସ୍ତ୍ରୀୟ ସଙ୍ଗୀତକୁ ଛାଡ଼ିଦେଲେ, ଉପଶାସ୍ତ୍ରୀୟ, ସୁଗମ ସଙ୍ଗୀତ ଗୁଡ଼ିକରେ ଆଉ ଗୀତ ହଉନି । ଯିଏ ଯେତେ ଜୋର୍‌ରେ ଚିଲ୍ଲେଇ ପାରିଲା, ସିଏ ସେତେ ବଡ଼ ଗାୟକ । ଗୀତ ଶୁଣିଲେ ମନ ଆନନ୍ଦରେ ପୂରିଉଠେ । ବହୁତ ଜାଗାରେ ଦେଖୁଛି ଏତେ ଜୋର୍ ଚିଲ୍ଲେଇ କି ଗୀତ ଗାଇଲା ବେଳକୁ କୁନି ପିଲାଟିଏ ବି କାନ ବନ୍ଦ କରି ଦେଉଛି । କାରଣ ତାହା ଶ୍ରୁତିକଟୁ ହେଉଛି । ମାଧୁର୍ଯ୍ୟ କୁଆଡ଼େ ହଜିଯାଉଛି । ପାଶ୍ଚାତ୍ୟର ଶିଳ୍ପୀମାନେ ଆମ ସଙ୍ଗୀତର ଗୁଣବତ୍ତାକୁ ଭଲପାଇ ବସିବା ବେଳେ ଆମର ଅନେକ ସଂଯୋଜକ ପାଶ୍ଚାତ୍ୟ ଶୈଳୀର ଅନୁସରଣରେ ନିଜର ଭାଷା ଆଉ ସ୍ୱରର ଅପବ୍ୟବହାର କରି ସଙ୍ଗୀତର ମର୍ଯ୍ୟାଦା ହାନି କରୁଛନ୍ତି ।

ସତକଥା କହିଲେ, ପ୍ରାୟ ସମସ୍ତେ ପୁରୁଣା ସିନେମା ଗୀତଗୁଡ଼ିକୁ ଅଳ୍ପେ ବହୁତେ ମନେ ରଖିଥାଆନ୍ତି । ଗୁଣ ଗୁଣେଇ ହେଉଥାଆନ୍ତି । ନୂଆ ସିନେମା ବା ଏବେର ଗୀତଗୁଡ଼ିକ ଆଗର ସଙ୍ଗୀତ ପରି ଛାପ ପକେଇ ପାରୁନାହିଁ କାହିଁକି? କାରଣ ଆଗପରି ଏହା ପଛରେ ସେ ଏକାଗ୍ରତା, ସେ ସାଧନା, ସେ ପୂର୍ଣ୍ଣପ୍ରାଣତା ନାହିଁ । କିନ୍ତୁ ମୁଁ ସବୁ ଗୀତକୁ ଗୋଟିଏ ମାପକାଠିରେ ମାପୁନି । ତା' ଭିତରେ ମଧ୍ୟ ଖୁବ୍ କମ୍ ପ୍ରତିଶତ ଭଲ ଗୀତ ହେଉଛି, ଯାହା ମନକୁ ଛୁଉଁଛି ।

ଜଣେ ଗାୟକ ବା ଗାୟିକାଙ୍କର କ'ଣ ଗୁଣଥିବା ଦରକାର ବା କ'ଣ ବୈଶିଷ୍ଟ୍ୟ ଥିବା ଦରକାର, ଜଣେ ହଠାତ୍ ସର୍ବସମକ୍ଷରେ ଗାଇବାବେଳକୁ ଭାବିବା ଦରକାର । ନିଜେ ନିଜର ଗୀତକୁ ରେକର୍ଡିଂ କରି ଶୁଣିବା ଦରକାର । ମାତ୍ର ଆଜିକାଲି ବିଭିନ୍ନ ଆପ୍ ସବୁ ସମସ୍ତଙ୍କୁ ଏତେ ବାଇଆ କରିଛି, ପଞ୍ଜୀକରଣ କର, ତାରକା ହୋଇଯାଅ । ସ୍ୱର ଥାଉ ନ ଥାଉ ତାଳ ହେଉ ବା ନହେଉ । 'ଆମେ ଷ୍ଟାର' । ଭଲ ୟୁଟ୍ୟୁବ୍ ହେଲା ଯେ, ଧୂଆମୂଳା ଅଧୂଆମୂଳା ସବୁ ସମାନ । ଏତେ ସୁନ୍ଦର ସୁନ୍ଦର କାଳଜୟୀ ପୁରୁଣା ଗୀତଗୁଡ଼ିକ ଭାଙ୍ଗିରୁଜି ଏକାକାର ।

ସମସ୍ତଙ୍କ ଭିତରେ ସଙ୍ଗୀତ ରହିଛି, ମାତ୍ର ସୁର ନଥିଲେ ଅସୁର, ତାଳ ନଥିଲେ ବେତାଳ । ସୁର ଆଉ ତାଳକୁ ଶିଖିବାକୁ ହୁଏ । ସମୟ ଦେବାକୁ ହୁଏ, ଧୈର୍ଯ୍ୟ ରଖିବାକୁ ହୁଏ । ସମସ୍ତଙ୍କର ସଉକ୍ ଅଛି, ସମସ୍ତଙ୍କର ଅଧିକାର ଅଛି ଗୀତ ଗାଇବା ପାଇଁ । କିନ୍ତୁ ତା' ପାଇଁ ପରିଶ୍ରମ ନିତାନ୍ତ ଆବଶ୍ୟକ । ସଙ୍ଗୀତ ହେଉଛି ପୂଜା । ଫୋପାଡ଼ି ଦେଲା ପରି ସଙ୍ଗୀତ କରାଯାଏନି । ଆଜି ଶିଖିକି କାଲି ମଞ୍ଚକୁ ଯିବା ଧାରଣାକୁ ସମ୍ପୂର୍ଣ୍ଣ ଭୁଲିଯିବାକୁ ହେବ । ରେକର୍ଡିଂ କରିବା ଆଗରୁ ୧୦ଥର ଅଭ୍ୟାସ୍ କରନ୍ତୁ, ଆତ୍ମବିଶ୍ୱାସ ଆସିଲା ପରେ ରେକର୍ଡିଂ କରନ୍ତୁ । ତାହାହେଲେ ସଙ୍ଗୀତକୁ ଆପଣ ଭଲପାଇବା ସହିତ ସଙ୍ଗୀତ ଆପଣଙ୍କୁ ଭଲପାଇବ ।

ସଙ୍ଗୀତ ସଂଯୋଜନା ମଧ୍ୟ ହାର୍‌ମୋନିୟମ୍‌ର ଯେଉଁ ରିଡ୍‌ରେ ହାତ ପଡ଼ିଲା, ତାକୁଇ ସ୍ୱର ନ କରି ଶବ୍ଦଗୁଡ଼ିକୁ ବୁଝି ଗୀତର ଅର୍ଥ, ତା' ଭିତରର ଭାବ, ରସକୁ ଭଲରେ ଚିନ୍ତା କରି ସ୍ୱର କରନ୍ତୁ । ଜଣେ ଭଲ ସଂଯୋଜକର ସେଇଥିରେ ବାହାଦୁରୀ ଥାଏ, ଯିଏ ଗାୟକ ବା ଗାୟିକାଙ୍କର କଣ୍ଠ ଓ ଦକ୍ଷତାକୁ ନେଇ ସ୍ୱର ସଂଯୋଜନା କରିଥାଆନ୍ତି । ଭାବିବସିଲେ ଏସବୁ ବହୁତ ଛୋଟ ଛୋଟ କଥା । ମାତ୍ର ଏହା ହିଁ ସଙ୍ଗୀତରେ ବହୁତ ଅର୍ଥ ରଖିଥାଏ । ସାରା ଜୀବନ ସରିଗଲେ ବି ଶିଖିବାର ଶେଷ ହୁଏନି । ତେଣୁ ସଙ୍ଗୀତଜ୍ଞ ହେବାକୁ ଇଚ୍ଛା ଥିଲେ ବିଧିବଦ୍ଧ ଭାବରେ ସଙ୍ଗୀତର ମର୍ଯ୍ୟାଦା ରଖି ସଙ୍ଗୀତ ଜଗତରେ ପାଦ ଥାପିବା ଉଚିତ ।

# ଜୀବନର ସିଂହାବଲୋକନ



ଡ. ନିଖିଳାନନ୍ଦ ପାଣିଗ୍ରାହୀ
ବ୍ରହ୍ମପୁର, ମୋ: ୯୪୩୭୦୨୬୬୫୧

ଆମେ ଏକ ଶୋଭାବର୍ଦ୍ଧକ ଯୁଗରେ ବାସ କରୁଛେ । ଚାରିଚକିଆ ଯାନ ହେଉ, ନିବାସ ସ୍ଥଳ ହେଉ, ରାସ୍ତା କିମ୍ବା ଆମେମାନେ ନିଜେ ସମସ୍ତେ ଯିଏ ବା ଯାହା ହେଉ, ଆମକୁ ଦରକାର ସବୁକିଛି ସୁନ୍ଦର ଦେଖାଯିବା । ଆମେ ଅନ୍ତରାତ୍ମା କିମ୍ବା ତା'ର ମୂଳ ସତ୍ତା ସମ୍ପର୍କରେ ଆଦୌ ବ୍ୟସ୍ତ ହୋଇ ନଥାଉ । ଶାରୀରିକ ଭାବେ ଆମ ଉଦରର ବଳିଷ୍ଠ ମାଂସପେଶୀ ପାଇଁ ଲାଗି ପଡୁ... । ତେବେ ଚାଳିଶ ବର୍ଷ ଅତିକ୍ରମ କରିବା ପରେ ଆମେ ଗ୍ରହଣ କରୁ ଯେ ଆଧ୍ୟାତ୍ମିକ ଓ ମାନସିକ ସ୍ୱାସ୍ଥ୍ୟ ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ପ୍ରଖ୍ୟାତ ବଲିଉଡ୍ ଚଳଚ୍ଚିତ୍ର ଅଭିନେତା ମନୋଜ ବାଜପେୟୀଙ୍କ ଉକ୍ତ ଉଦ୍ଧୃତିରେ ସ୍ପଷ୍ଟ ହେଉଛି ଜଣକର ବୟସ ବଢ଼ିଲେ ତା'ର ମାନସିକତାରେ କେମିତି ପରିଶେଷରେ ଆମୂଳଚୂଳ ପରିବର୍ତ୍ତନ ହେବା ସମ୍ଭାବନା ରହିଛି । ଉଦ୍ଦାମ ଯୌବନରେ ସେ ଯେମିତି ଭୋଗ ବିଳାସ, ମଉଜ ମଜଲିସ୍‌ରେ ବେପରୁଆ ଭାବେ ସମୟ ଅତିବାହିତ କରେ, ଚାଳିଶରେ ପହଞ୍ଚିଲେ ସେଥିରେ ଉଲ୍ଲେଖନୀୟ ରୂପାନ୍ତର ପରିଦୃଷ୍ଟ ହେବା ସମ୍ଭାବନା ଦେଖାଦିଏ । ଏମିତି ବୟସ ବୃଦ୍ଧି ସହ ସେ କ୍ରମଶଃ ମାନସିକ ଶାନ୍ତି ପାଇଁ ଲାଳାୟିତ ହୁଏ ଏବଂ ଏହାର ପ୍ରାପ୍ତି ସକାଶେ ଆଧ୍ୟାତ୍ମିକ ପ୍ରବଣତା ଆପଣେଇ ନିଏ ।

ପ୍ରାଚୀନ ଗ୍ରନ୍ଥମାନଙ୍କରେ ଉଲ୍ଲେଖ କରାଯାଇଛି ଯେ ଜଣେ ଦୀର୍ଘାୟୁ ବ୍ୟକ୍ତିର ଜୀବନରେ ବିଭିନ୍ନ ଅଧ୍ୟାୟ ବା ପର୍ଯ୍ୟାୟ ରହିଛି । ଯଥା - ବ୍ରହ୍ମଚର୍ଯ୍ୟ ବା ବାଲ୍ୟକାଳ ଏବଂ କୈଶୋରରେ ଜଣେ ଆତ୍ମସଂଯମ ଶିକ୍ଷା କରେ ଏବଂ ବିଜ୍ଞତା ଆହରଣରେ ସମୟ ଅତିବାହିତ କରେ । ଗ୍ରାର୍ହ୍ୟସ୍ଥରେ ଗୃହସ୍ଥ ଧର୍ମ ପାଳନ କରେ । ତା'ପରେ ବାନପ୍ରସ୍ଥ ଓ ସନ୍ନ୍ୟାସ । ଏତାଦୃଶ ଆଶ୍ରମ ବ୍ୟବସ୍ଥାଭିତ୍ତିକ ଭାରତୀୟ ଜୀବନ-ପ୍ରଣାଳୀ ଅନୁଯାୟୀ ଗୃହସ୍ଥାଶ୍ରମରେ ଜଣେ ବ୍ୟକ୍ତି ଜୀବିକା ପାଇଁ ବୃତ୍ତିରେ ନିଜକୁ ନିୟୋଜିତ କରେ, ବିବାହ-ବନ୍ଧନରେ ଆବଦ୍ଧ ହୁଏ ଓ ବିଭିନ୍ନ ସାଂସାରିକ ଜଞ୍ଜାଳ ଓ ସମସ୍ୟାରେ ସଂଶ୍ଳିଷ୍ଟ ହୋଇ ପରିବାର ପରିପୋଷଣ କରେ । ସେ ମୁଖ୍ୟତଃ ଜଡ଼ବାଦର ଭକ୍ତିରେ ସନ୍ତୁଳିତ ହୋଇଯାଏ । ପଚାରିଲେ ତରବରରେ 'ମୋ ପାଖରେ ସମୟ ନାହିଁ' ବୋଲି ନିଜ ଓ ପର, ସମସ୍ତଙ୍କୁ ଉତ୍ତର ଦେଇ ସେ ଦୌଡ଼ି ପଳାଏ । ସେ ହୋଇଯାଏ ଅହରହ ଅଣନିଃଶ୍ୱାସୀ ।



ବାନପ୍ରସ୍ଥ କାଳରେ ସେ ଅବସର ଗ୍ରହଣ କରି ବୈଷୟିକ ଚିନ୍ତାରୁ ନିଜକୁ ମୁକ୍ତ ରଖେ ଓ ପରପିଢ଼ିକୁ ନିଜ ଦାୟିତ୍ୱ ସମର୍ପିଥାଏ । ପ୍ରକାରାନ୍ତରେ ହିନ୍ଦୁଧର୍ମର ତୃତୀୟ ଆଶ୍ରମ ଭାବେ ବିଦିତ ଏହି ସମୟରେ ସେ ଆତ୍ମଚିନ୍ତନ ଓ ଆଧ୍ୟାତ୍ମିକତା ଆଡ଼କୁ ମନ ବଳାଏ । ପରବର୍ତ୍ତୀ ଅବସ୍ଥା ହେଉଛି ଜୀବନର ଅନ୍ତିମ କାଳଖଣ୍ଡ । ଏହା ହେଉଛି ସନ୍ନ୍ୟାସୀ ଭାବେ ଜୀବନ କଟାଇବା । ଏହା କେବଳ ଐଶ୍ୱରିକ ଉପଲବ୍ଧ ପାଇଁ ଉଦ୍ଦିଷ୍ଟ ।

ଏହିପ୍ରକାରେ ଆଦର୍ଶ ଜୀବନ ନିର୍ବାହ କରି ଜଣେ ପରିଣତ ବୟସରେ ସଂସାରରୁ ବିଦାୟ ନିଏ । ମୁନିଋଷିମାନେ ଆମ ପାଇଁ ଯେଉଁ ଆଦର୍ଶ ମାର୍ଗଦର୍ଶିକା ପ୍ରଣୟନ କରିଛନ୍ତି, ତାହା ଆମେ ପାଳନ କଲେ ଜୀବନର ବିଭିନ୍ନ ସ୍ୱାଦ ପୂର୍ଣ୍ଣମାତ୍ରାରେ ଉପଭୋଗ କରିବା; ଆମର ମନସ୍ତାତ୍ତ୍ୱିକ ସୁଷମ ବିବର୍ତ୍ତନ ଘଟିବ ଓ ଏକ ପୂର୍ଣ୍ଣାଙ୍ଗ ଜୀବନ ଅନୁଭବ କରି ଆତ୍ମତୃପ୍ତିର ସହ ସଂସାର ଛାଡ଼ିବା ।

ଆମେ କିନ୍ତୁ ଆଜିକାଲି ଏହି ଜୀବନ ସାରଣୀ ଅନୁସରଣ କରିବାକୁ ପରାଙ୍ମୁଖ । ଆମେ ଗୃହସ୍ଥାବସ୍ଥାକୁ ଦୀର୍ଘଦିନ ଯାଏଁ ଲମ୍ବାଇ ଚାଲୁ । ଏଥିରେ ଯଥାସମୟରେ ଅନ୍ତ ଘଟାଇ ଆମେ ବାନପ୍ରସ୍ଥକୁ ଆଦରି ନେଇ ନ ଥାଉ । ଏପରିକି ବାନପ୍ରସ୍ଥରେ ଭବିଷ୍ୟତରେ କେବେ ମଧ୍ୟ ପହଞ୍ଚିବାକୁ ଚାହୁଁ ନ ଥିବାବେଳେ ତା'ର ପରବର୍ତ୍ତୀ ସନ୍ନ୍ୟାସ-ଜୀବନର ପ୍ରଶ୍ନ ମଧ୍ୟ ଉଠୁ ନାହିଁ । ସତେଯେମିତି ଏ ଯୁଗରୁ ସେହି ମହନୀୟ ଭାରତୀୟ ଜୀବନାଦର୍ଶ ଓ ଜୀବନଚର୍ଯ୍ୟାର ବ୍ୟବସ୍ଥା ଅନ୍ତର୍ଦ୍ଧାନ ହୋଇଯାଇଛି । ଆଧୁନିକ ଚାକଚକ୍ୟ ଭରା ପରିବେଶରେ ମନୋଜ ବାଜପେୟୀଙ୍କ ଉପରୋକ୍ତ ଉଦ୍ଧୃତିରେ ବାନପ୍ରସ୍ଥର ଝଲକ ବାସ୍ତବିକ ଲଙ୍କାରେ ହରିଶବ୍ଦ ସହ ସମାନ ।

ଏରିକ୍ ଏରିକସନ (ଜୁନ୍ ୧୯୦୨-ମେ ୧୯୯୪) ଜଣେ ଜର୍ମାନୀ ଦାର୍ଶନିକ ଓ ଲେଖକ । ଆମେରିକୀୟ ବିକାଶ ସଂକ୍ରାନ୍ତ ମନସ୍ତତ୍ତ୍ୱବିତ୍ (ଡେଭେଲେପମେଣ୍ଟାଲ ସାଇକୋଲୋଜିଷ୍ଟ) ଭାବେ ତାଙ୍କର ସୁଖ୍ୟାତି ରହିଛି । ସେ ନିଜତ୍ୱ ବା ପରିଚୟ ସଂକଟ (ଆଇଡେଣ୍ଟିଟି କ୍ରାଇସିସ୍) ନାମକ ବାକ୍ୟାଂଶ (ଫ୍ରେଜ୍) ପ୍ରଥମେ ଗଠନ କରିଥିଲେ । ବୟସ୍କମାନଙ୍କ ପାଇଁ ସେ ପରାମର୍ଶ ଦେଇଥିଲେ ଯେ ସେମାନେ ନିଜ ଅତୀତର କାର୍ଯ୍ୟକଳାପ ପ୍ରତି ସିଂହାବଲୋକନ କରନ୍ତୁ । ଯଦି ଏମିତି ରୋମନ୍ଥନ ଫଳରେ ସେମାନେ ସନ୍ତୋଷ ଲାଭ କରନ୍ତି, ତେବେ ସେମାନଙ୍କ ଜୀବନ ସଫଳ ବୋଲି ବିବେଚିତ ହେବ ଏବଂ ସେମାନଙ୍କ ଅନ୍ତିମକାଳ ଶାନ୍ତିରେ କଟିବ । କିନ୍ତୁ ଯଦି ସେମାନେ ଅନୁତପ୍ତ ହୁଅନ୍ତି, ଏହା ସେମାନଙ୍କ ଜୀବନର ବ୍ୟର୍ଥତାର ସୂଚନା ଦେବ । ତେଣୁ ଯାବତ ଜୀବନ ଜଣେ ସତ୍‌କର୍ମରେ ନିୟୋଜିତ ହେଲେ, ତା'ର ବାର୍ଦ୍ଧକ୍ୟ ହୁଏ ଶାନ୍ତିପୂର୍ଣ୍ଣ । କିନ୍ତୁ ଜୀବନର ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅର୍ଥାତ୍ ଅତୀତରେ ସମୀକ୍ଷା ଜଣଙ୍କର ବାନପ୍ରସ୍ଥ ଅବଧିରେ ଅଧିକ ସମ୍ଭବ । ଆଧୁନିକ ଜୀବନରେ ବାନପ୍ରସ୍ଥ ପର୍ଯ୍ୟାୟକୁ ଯେମିତି ଅବଜ୍ଞା କରାଯାଉଛି, ତାହା ଯଥାର୍ଥ ନୁହେଁ । ତେଣୁ ଅନ୍ତତଃ ପ୍ରୌଢ଼ ବୟସରେ ଏକାନ୍ତରେ କିଛି ସମୟ ଏକାଗ୍ର ଚିତ୍ତରେ ଧ୍ୟାନମଗ୍ନ ହେବା ବାଞ୍ଛନୀୟ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ବାୟୋଲୋଜି ବିନା ଡାକ୍ତରୀ ପ୍ରବେଶିକା ଦେଇପାରିବେ ଛାତ୍ରଛାତ୍ରୀ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଯୁକ୍ତ-୨ରେ ବାୟୋଲୋଜି ପଢି ନଥିବା ଛାତ୍ରଛାତ୍ରୀମାନେ ଏଣିକି ଡାକ୍ତରୀ ପାଠ ପଢିବା ପାଇଁ ସୁଯୋଗ ପାଇବେ । ଜାତୀୟ ମେଡିକାଲ କାଉନସିଲ(ଏନଏମସି) ଲାଗୁ କରିବାକୁ ଯାଉଥିବା ନୂଆ ନିୟମାବଳୀ ଅନୁଯାୟୀ ଏହା ସମ୍ଭବ ହେବ । ଏହି ନୂଆ ନିୟମ ଅନୁସାରେ ଏବିକି ଯୁକ୍ତ ଦୁଇ ବିଜ୍ଞାନରେ ବାୟୋଲୋଜି ନ ରଖି ପାସ ହୋଇଥିବା ପିଲାମାନେ ଏମବିବିଏସ୍ ଏବଂ ବିଡିଏସ୍ ଆଦି କ୍ଷେତ୍ରରେ ନାମଲେଖା ପାଇଁ ନିଟ୍-ୟୁଜି ପରୀକ୍ଷା ଦେଇପାରିବେ । ଯେଉଁ ବିଦ୍ୟାର୍ଥୀ ଦ୍ୱାଦଶ ଶ୍ରେଣୀରେ ପଦାର୍ଥ ଓ ରସାୟନ ବିଜ୍ଞାନ ସହ ମାଥମେଟିକ୍ସ ବିଷୟ ରଖି ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ ପରବର୍ତ୍ତୀ ସମୟରେ ବାୟୋଲୋଜି/ବାୟୋଟେକ୍ନୋଲୋଜି ପରୀକ୍ଷାରେ କୌଣସି ସ୍ୱୀକୃତିପ୍ରାପ୍ତ ବୋର୍ଡରୁ ଅତିରିକ୍ତ ବିଷୟ ଭାବରେ ଏଥିପାଇଁ ଯୋଗ୍ୟତା ହାସଲ କରିପାରିବେ ବୋଲି କୁହାଯାଇଛି । ଯଦି ସେମାନଙ୍କ ପାଖରେ ଅତିରିକ୍ତ ବିଷୟ ଭାବେ ବାୟୋଲୋଜି/ବାୟୋଟେକ୍ନୋଲୋଜି ପ୍ରମାଣପତ୍ର ରହିଥିବ, ତେବେ ସେମାନେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଦେଇପାରିବେ ବୋଲି କୁହାଯାଇଛି ।

■ ୧୦୦ କୋଟିର ପୋଞ୍ଜି ସ୍କିମ୍ ମାମଲା

# ପ୍ରକାଶ ରାଜଙ୍କୁ ଇଡି ସମନ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଲୋକପ୍ରିୟ ବଲିଉଡ୍ ଅଭିନେତା ପ୍ରକାଶ ରାଜଙ୍କୁ ଗୁରୁବାର ଇଡି ସମନ ଜାରି କରିଛି । ୧୦୦ କୋଟିର ପୋଞ୍ଜି ସ୍କିମ୍ ଘୋଟାଲା ମାମଲାରେ ତାଙ୍କୁ ନୋଟିସ୍ ଜାରି କରାଯାଇଛି । ତାମିଲନାଡୁର ତିରୁଚିସ୍ଥିତ ପ୍ରଣବ ଜୁଏଲର୍ସରେ ୧୦୦ କୋଟିର ଘୋଟାଲା କରାଯାଇଥିବା ଇଡି



ଜାଣିବା ପରେ ଏ ସମ୍ପର୍କରେ ଖୋଳତାଡ଼ କରିଥିଲା । ତେବେ ପ୍ରକାଶ ରାଜ ଏହି ଜୁଏଲର୍ସଙ୍କ ପାଇଁ ବ୍ରାଣ୍ଡ ଆମ୍ବାସାଡ଼ାର ବନି ଥିବାରୁ ତାଙ୍କୁ ପଚରାଉଚରା ପାଇଁ ଇଡି ନୋଟିସ୍ ପଠାଇଥିବା ଜଣାପଡ଼ିଛି । ପୂର୍ବରୁ ଇଡି ପକ୍ଷରୁ ପ୍ରଣବ ଜୁଏଲର୍ସ ବିରୋଧରେ ପିଏମଏଲଏ ଆକ୍ଟରେ ମାମଲା ରୁଜୁ କରାଯାଇସାରିଛି । ପ୍ରଣବ ଜୁଏଲର୍ସ ଲୋକଙ୍କୁ ମୋଟା ଅଙ୍କର ଲାଭ ଦେବାକୁ ପ୍ରତିଶ୍ରୁତି ଦେଇ ପୋଞ୍ଜି ସ୍କିମ୍‌ରେ ପ୍ରାୟ ୧୦୦ କୋଟି ଟଙ୍କା ହେରଫେର କରିଥିଲା ।ହେଲେ ପରେ ପରେ ତାମିଲନାଡୁରେ ଥିବା ଏହାର ସବୁ ଶୋ'ରୁମ ରାତାରାତି ବନ୍ଦ କରିଦେଇଥିଲା । ଏହି ସ୍କିମ୍‌ରେ ଗ୍ରାହକମାନେ ୧ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ନିବେଶ କରିଥିବା ଇଡି ଜାଣିବାକୁ ପାଇଥିଲା ।

# ବିରିୟାନି ଖାଇବାକୁ ୩୦୦ ଟଙ୍କା ପାଇଁ ଯୁବକଙ୍କୁ ହତ୍ୟା

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ରାଜଧାନୀ ଦିଲ୍ଲୀ ସହର ଅପରାଧିକ କାର୍ଯ୍ୟକଳାପକୁ ନେଇ ବେଳକୁ ବେଳ ଅଧିକ ଚର୍ଚ୍ଚିତ ହେବାରେ ଲାଗିଛି । ସହରର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସମୟରେ ଯେଭଳି ଜଘନ୍ୟ କାଣ୍ଡ ଘଟୁଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲ ଗଭୀର ଚିନ୍ତାପ୍ରକଟ କରିଛି । ଗୁରୁବାର ଜଣେ ୧୬ ବର୍ଷର ଯୁବକ ବିରିଆନି ଖାଇବା ଉଦ୍ଦେଶ୍ୟରେ ଅନ୍ୟ ଜଣେ ୧୭ ବର୍ଷୀୟ ଅଜଣା ଯୁବକକୁ ୩୦୦ ଟଙ୍କା ମାଗିବା ଏବଂ ସେ ନ ଦେବାକୁ ତାକୁ ଛୁରି ଭୁଶି ହତ୍ୟା କରିବା ଘଟଣା ସାରା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । କେବଳ ସେତିକି ନୁହେଁ, ଯୁବକଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ଜଣକ ଘଟଣାସ୍ଥଳରେ ଛିଡ଼ା ହୋଇ ନାଚିବା ଘଟଣା ମଧ୍ୟ ସାଧାରଣରେ ବିସ୍ମୟ ସୃଷ୍ଟି କରିଛି । ଘଟଣାର ସମସ୍ତ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଏଭଳି ଲୋମହର୍ଷଣକାରୀ ଘଟଣା ଉତ୍ତର-ପୂର୍ବ ଦିଲ୍ଲୀର ୱେଲକମ୍ ଅଞ୍ଚଳରେ ଘଟିଛି । ଅଭିଯୁକ୍ତ ଜଣକ ଟଙ୍କା ମାଗିଥିବା ଯୁବକ ଜଣକୁ ୫୦ ରୁ ଅଧିକ ବାର ଛୁରି ଭୁଶୁଥିବା ଦେଖାଯାଇଛି । ଏପରିକି ଯୁବକ ଜଣକ ତଳେ ପଡିଯିବା ପରେ ତାଙ୍କର ମୃତ୍ୟୁ ହୋଇଛି କି ନାହିଁ ପରୀକ୍ଷା କରୁଛି । କାଳେ ସେ ବଞ୍ଚି ଯିବ ଭାବି ତା' ବେକକୁ ବାରମ୍ବାର ଛୁରୀରେ କାଟୁଥିବା ଭିଡିଓରେ ଦେଖାଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି ।

# ସୁପ୍ରିମକୋର୍ଟ ପ୍ରଥମ ମହିଳା ବିଚାରପତି ଫତିମା ବିବିଙ୍କ ପରଲୋକ



**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଜଷ୍ଟିସ୍ ଫତିମା ବିବିଙ୍କର ଗୁରୁବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା । ସେ ଗତ କିଛି ଦିନ ହେଲା ଅସୁସ୍ଥ ରହି ଏକ ଘରୋଇ ହସପିଟାଲରେ ଚିକିତ୍ସିତ ରହିଥିଲେ । ତାଙ୍କ ମୃତଦେହକୁ କେରଳର ପଥାନମଥିଟ୍ଟାସ୍ଥିତ ବାସଭବନକୁ ଅଣାଯିବା ପରେ ଶୁକ୍ରବାର ଏଠାକାର ଜୁମା ମସଜିଦ ନିକଟରେ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡ଼ିଛି । ୧୯୨୭ ମସିହାରେ ଜନ୍ମଗ୍ରହଣ କରିଥିବା ଫତିମା ୧୯୫୦ ମସିହାରେ ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ପରେ ପଦୋନ୍ନତି ପାଇ ୧୯୮୩ ମସିହାରେ କେରଳ ହାଇକୋର୍ଟରେ ବିଚାରପତି ନିଯୁକ୍ତ ହୋଇଥିଲେ । ଏହାପରେ ଅକ୍ଟୋବର ୬, ୧୯୮୯ରୁ ଏପ୍ରିଲ ୨୯, ୧୯୯୨ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ପ୍ରଥମ ମହିଳା ବିଚାରପତି ଭାବେ କାର୍ଯ୍ୟ କରିଥିଲେ । ଅବସର ପରେ ତାଙ୍କୁ ୨୫ ଜାନୁଆରୀ ୧୯୯୭ରୁ ଜୁଲାଇ ୩, ୨୦୦୧ ପର୍ଯ୍ୟନ୍ତ ତାମିଲନାଡୁର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା । ତାଙ୍କ ପରଲୋକରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଶୋକ ପ୍ରକାଶ କରିଛନ୍ତି ।

# ପୁଣି ଜଣେ ଯବାନ ସହିଦ; ଲସ୍କର କମାଣ୍ଡର ନିପାତ



**ଶ୍ରୀନଗର,୨୩।୧୧(ଏଜେନ୍ସି):** ଜମ୍ମୁ-କାଶ୍ମୀରର ରଜୌରୀ ଜିଲ୍ଲାରେ ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ଏନକାଉଣ୍ଟର ଅପରେସନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଥିଲା ବେଳେ ପୁଣି ଜଣେ ଯବାନ ସହିଦ ହୋଇଛନ୍ତି । ଫଳରେ ଦୁଇ ଦିନ ମଧ୍ୟରେ ଭାରତୀୟ ସେନାର ସହିଦଙ୍କ ସଂଖ୍ୟା ୫ରେ ପହଞ୍ଚିଛି । ଗତକାଲି ଆତଙ୍କବାଦୀଙ୍କ ଗୁଳିରେ ଜଣେ ମେଜର ଏବଂ ଅନ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ସହ ୪ ଯବାନ ସହିଦ ହୋଇଥିଲେ । ଅନ୍ୟପକ୍ଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଗୁରୁବାର ଜଣେ ଟପ୍ ଲସ୍କର କମାଣ୍ଡରର ମୃତ୍ୟୁ ହୋଇଛି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି । ତେବେ ଗୁରୁବାର ନିହତ ହୋଇଥିବା ଲସ୍କର ଆତଙ୍କବାଦୀ ପାକିସ୍ତାନ ନାଗରିକ ବୋଲି ଜଣାପଡ଼ିଛି । ସେ ପ୍ରାୟ ଏକବର୍ଷ ଧରି କାଶ୍ମୀର ଉପତ୍ୟକାରେ ସକ୍ରିୟ ରହିବା ସହିତ ବିଭିନ୍ନ ଆତଙ୍କୀ ହମଲାରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା ବୋଲି କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ରଜୌରୀ ଜଙ୍ଗଲ ଅଞ୍ଚଳରେ ଆଉ କିଛି ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ମିଳିଥିବାରୁ ଏବେ ମଧ୍ୟ ଅପରେସନ ଜାରି ରହିଛି । ଜମ୍ମୁ-କଶ୍ମୀର ପୁଲିସ ଓ ସେନା ପକ୍ଷରୁ ମିଳିତ ଅପରେସନ କରାଯାଉଛି ।

## ପୁଣି ରହସ୍ୟମୟ ନିମୋନିଆ କବଳରେ ଚୀନ୍

# ହଜାର ହଜାର ଶିଶୁ ହସ୍ପିଟାଲରେ ଭର୍ତ୍ତି

**ବେଜିଂ,୨୩।୧୧(ଏଜେନ୍ସି)**

ମହାମାରୀ କରୋନାର ଉତ୍ପତ୍ତିସ୍ଥଳ ଚୀନ ଏବେ ବି ଏହି ମହାମାରୀ ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇପାରି ନାହିଁ । ଦେଶର ବିଭିନ୍ନ ଭାଗରେ କରୋନାର ପ୍ରଭାବ ରହିଥିଲା ବେଳେ କେତେକ ସ୍ଥାନରେ ଏବେ ବି କଟକଣା ଲାଗୁ ରହିଛି । ଏହାମଧ୍ୟରେ ଚୀନ୍‌ରେ ଏକ ନୂଆ ବିପଦ ସୃଷ୍ଟି ହୋଇଛି । ଏକ ରହସ୍ୟମୟ ନିମୋନିଆ ଜ୍ୱର ବେଜିଂ ଏବଂ ଲିଆଓନିଙ୍ଗ୍ ପ୍ରଦେଶ ସମେତ ଅନ୍ୟ କିଛି ପ୍ରଦେଶରେ କାୟା ବିସ୍ତାର କରିବା ଘଟଣା କେବଳ ଚୀନ ନୁହେଁ, ବିଶ୍ୱସମାଜ ପାଇଁ ଚିନ୍ତାର କାରଣ ପାଲଟିଛି । କରୋନା କାଳରେ ଉଭୟ ପିଲା ଓ ଶିକ୍ଷକ ଅସୁସ୍ଥ ହୋଇପଡ଼ିଥିଲେ । ବର୍ତ୍ତମାନ ମଧ୍ୟ ସମାନ ସ୍ଥିତି ଉପୁଜିଛି । ବେଜିଂ ଏବଂ ଲିଆଓନିଙ୍ଗ ପ୍ରଦେଶ ଏହି ରୋଗର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ଏଠାକାର ହଜାର ହଜାର ଶିଶୁ ନିମୋନିଆରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ, ହସ୍ପିଟାଲରେ ଲୋକଙ୍କୁ ସ୍ଥାନ ମିଳୁ ନାହିଁ । ଯାହାକି ପୁଣିଥରେ



କରୋନା କାଳର କଥା ମନେ ପକାଇ ଦେଇଛି । ଏଭଳି ସଙ୍କଟଜନକ ସ୍ଥିତିକୁ ନେଇ ଏହିସବୁ ପ୍ରଦେଶରେ ସ୍କୁଲ ବନ୍ଦ ଘୋଷଣା କରାଯାଇଛି । ଆକ୍ରାନ୍ତ ପିଲାଙ୍କଠାରେ ଉଚ୍ଚ ଜ୍ୱର ଏବଂ ଫୁସଫୁସରେ ସମସ୍ୟା ରହିବା ଭଳି ଲକ୍ଷଣ ଦେଖାଯାଇଛି ବୋଲି ଡାକ୍ତରମାନେ କହିଛନ୍ତି । ସବୁଠାରୁ ବଡ଼ କଥା ହେଲା କୌଣସି ପିଲାଙ୍କୁ କାଶ ହେଉ ନାହିଁ । ଯଦିଓ ଏହାକୁ ଏକ ନିର୍ଦ୍ଦିଷ୍ଟ ଜ୍ୱର ବୋଲି ବିଶେଷଜ୍ଞମାନେ କହୁଛନ୍ତି ତେବେ ଏହା କି ପ୍ରକାର ନିମୋନିଆ ତାହା ସ୍ପଷ୍ଟ ହୋଇପାରି ନାହିଁ ବୋଲି ଆନ୍ତର୍ଜାତିକ ରୋଗ ନିରୀକ୍ଷଣକାରୀ ନେଟଓ୍ୱର୍କ 'ପ୍ରୋମେଡ୍' କହିଛି । ଏହି ଜ୍ୱର ବୟସ୍କମାନଙ୍କୁ ପ୍ରଭାବିତ କରୁ ନଥିବା ବେଳେ ଶିଶୁଙ୍କ ଠାରେ ଅଧିକ ସଂକ୍ରମିତ ହେଉଥିବାରୁ ଆନ୍ତର୍ଜାତିକ ସ୍ତରରେ

> **ଦେଶର ବିଭିନ୍ନ ଭାଗରେ ଜରୁରୀକାଳୀନ ସ୍ଥିତି**
>
> **ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତାପ୍ରକଟ**

ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ଏହାକୁ ନେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ଚୀନ ସରକାରଙ୍କୁ ସବିଶେଷ ରିପୋର୍ଟ ଦେବାକୁ କୁହାଯାଇଛି । ସେହିପରି ଚୀନରେ ଶ୍ୱାସ ରୋଗର ଆଶଙ୍କାକୁ ହ୍ରାସ କରିବା ପାଇଁ କିଛି ପଦକ୍ଷେପ ନେବାକୁ ହୁ' ସୁପାରିସ କରିଛି । ଟିକା ବ୍ୟବସ୍ଥା ସହିତ ଅସୁସ୍ଥ ଲୋକଙ୍କ ଠାରୁ ଦୂରେଇ ରହିବା ଏବଂ ରୋଗ ପରୀକ୍ଷା କରିବା ଆଦିକୁ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ 'ହୁ' ପରାମର୍ଶ ଦେଇଛି । ଏହାବ୍ୟତୀତ କରୋନା ସମୟରେ ନିୟମିତ ହାତ ସଫା ରଖିବା ଏବଂ ମାସ୍କ ବ୍ୟବହାର ଭଳି ସତର୍କତାମୂଳକ ପଦକ୍ଷେପ ନେବାକୁ ମଧ୍ୟ ହୁ କହିଛି । ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଚୀନରେ ପୁଣି କଟକଣା ଜାରି କରାଯିବାର ଆଶଙ୍କା ପ୍ରକାଶ ପାଇଛି । ଯେଉଁ ଅଞ୍ଚଳରେ ଏହି ଜ୍ୱର ବ୍ୟାପୁଛି ସେଠାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯିବା ସହିତ କରୋନା ମୁକାବିଲା କରିବା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଗ୍ରହଣ କରାଯାଉଛି । କରୋନା ଭଳି ଚୀନ୍‌ରୁ ଅନ୍ୟ ଦେଶକୁ ଯେଭଳି ଏହି ଜ୍ୱର ନ ବ୍ୟାପେ ସେଥିନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଥିବା କୁହାଯାଇଛି ।

■ ଶୁକ୍ରବାର ପୂର୍ବରୁ ଗାଜାରେ ହେବନି ଯୁଦ୍ଧ ବିରତି

# ଅଲ୍-ସିଫା ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଗିରଫକଲା ଆଇଡିଏଫ୍



**ତେଲ୍ ଆଭିଭ୍,୨୩।୧୧(ଏଜେନ୍ସି)**

ଗାଜାରେ ୪ ଦିନିଆ ଯୁଦ୍ଧ ବିରତି ସହ ଇସ୍ରାଏଲୀ ବନ୍ଧକମାନଙ୍କୁ ମୁକ୍ତ କରିବାକୁ ଚାଲିଥିବା ଆଲୋଚନା ଏବେ ସୁଦ୍ଧା ଫଳପ୍ରଦ ହୋଇପାରି ନାହିଁ । ଶୁକ୍ରବାର ପୂର୍ବରୁ ଯୁଦ୍ଧ ବିରତି ହେବା ସମ୍ଭବ ନୁହେଁ ବୋଲି ଉଭୟ ଇସ୍ରାଏଲ ଏବଂ ଆମେରିକୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବିଶେଷକରି ଯୁଦ୍ଧ ବିରତି ପାଇଁ ଇସ୍ରାଏଲ ରଖିଥିବା ସର୍ତ୍ତକୁ ନେଇ ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ବୁଝାମଣା ହୋଇପାରୁ ନଥିବାରୁ ତୁରନ୍ତ ଯୁଦ୍ଧ ବନ୍ଦ କରିବା ସମ୍ଭବ ନୁହେଁ ବୋଲି କୁହାଯାଇଛି ।

> **ଇସ୍ରାଏଲ ଆକ୍ରମଣରେ ସାଂସଦଙ୍କ ପୁଅ ସମେତ ୫ ହିଜବୁଲ୍ଲା ନେତା ମୃତ**
>
> **ବିଶ୍ୱବ୍ୟାପି ହମାସ୍ ଆତଙ୍କୀଙ୍କୁ ଖୋଜି ବାହାର କରିବାକୁ ନେତନ୍ୟାହୁଙ୍କ ନିର୍ଦ୍ଦେଶ**

ଅନ୍ୟପକ୍ଷରେ ଗାଜାରେ ଇସ୍ରାଏଲ ସେନା ଆଇଡିଏଫ୍ ପକ୍ଷରୁ ଆକ୍ରମଣ ଜାରି ରହିଛି । ଗୁରୁବାର ଆଇଡିଏଫ ଅଲ-ସିଫା ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଗିରଫ କରିଛି । ସେ ହସ୍ପିଟାଲ ପରିସରରୁ ଲୁଚି ଦକ୍ଷିଣ ଗାଜାକୁ ପଳାଇବାକୁ ଉଦ୍ୟମ କରୁଥିଲା ବେଳେ ଆଇଡିଏଫ୍ ତାଙ୍କୁ ନିଜ ହେପାଜତକୁ ନେଇଛି । ଏହି ହସ୍ପିଟାଲ ପରିସରର ଭୂଭାଗରେ କେଉଁଠି ଟନେଲ ଏବଂ ଅସ୍ତ୍ରଶସ୍ତ୍ର ରହିଛି ସେନେଇ ଆଇଡିଏଫ ତାଙ୍କୁ ପଚରାଉଚରା କରୁଛି । ଏହାମଧ୍ୟରେ ଆଇଡିଏଫ ହସ୍ପିଟାଲ ପରିସରରୁ ଆଉ ଏକ ଟନେଲର ସନ୍ଧାନ ପାଇବା ସହିତ ଅନେକ ଅସ୍ତ୍ରଶସ୍ତ୍ର ଜବତ କରିଥିବା କୁହାଯାଇଛି । ଅନ୍ୟପକ୍ଷରେ ଲେବାନନର ହିଜବୁଲ୍ଲା ଠିକଣାରେ ଇସ୍ରାଏଲ ସେନା ଆକ୍ରମଣରେ ସେଠାକାର ଜଣେ ସାଂସଦଙ୍କ ପୁଅଙ୍କ ସମେତ ୫ ହିଜବୁଲ୍ଲା ନେତାଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି ।

## ଇଣ୍ଟରନେଟ୍‌ରେ ଚାଞ୍ଚଲ୍ୟ

# ଘରଭଡ଼ା ଅଧିକ ହେବାରୁ ନିଜ ଖଟର ଅଧା ଭଡ଼ା ଦେବାକୁ ମହିଳାଙ୍କ ବିଜ୍ଞାପନ

**ଟରଣ୍ଟୋ,୨୩।୧୧(ଏଜେନ୍ସି):** କାନାଡାର ଟରଣ୍ଟୋ ସହରରେ ଘରଭଡ଼ା ମାତ୍ରାଧିକ ବୃଦ୍ଧି ପାଇବାରୁ ଜଣେ ମହିଳା ନିଜ ଖଟରୁ ଅଧା ଭଡ଼ାସୂତ୍ରରେ ଦେବାକୁ ଇଣ୍ଟରନେଟ୍‌ରେ ବିଜ୍ଞାପନ ଦେବା ଘଟଣା ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏଭଳି ବିଷୟ 'ଟିକ୍ ଟକ୍' ଭିଡିଓରୁ ଉଦ୍ଧୃତ କରି 'ବିଜ୍‌ନେସ୍ ଇନ୍‌ସାଇଡର୍' ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି । ଗତମାସରେ ଘର କିଣାବିକା ବ୍ୟବସାୟ କରୁଥିବା ଟରୋଣ୍ଟୋର ଆନିୟା ଏଙ୍ଗିଙ୍ଗର୍ ନାମରେ ଜଣେ ଏଜେଣ୍ଟ 'ଫେସ୍‌ବୁକ୍ ମାର୍କେଟ୍‌ପ୍ଲେସ୍'ରେ ଏହି ବିଜ୍ଞାପନ ଦେଖି 'ହାଇଲାଇଟ୍' କରିଥିଲେ । ଜଣେ ମହିଳା ତାଙ୍କ ଖଟରୁ ଅଧେ କାନଡୀୟ ଡଲାର୍ ୯୦୦ରେ (ଭାରତୀୟ ମୁଦ୍ରାରେ ୫୪,୭୯୦ ଟଙ୍କା) ମାସିକ ଭଡ଼ାସୂତ୍ରରେ ଦେବାକୁ ଆଗ୍ରହୀ ବୋଲି ଉକ୍ତ ବିଜ୍ଞାପନରେ ଉଲ୍ଲେଖ ଥିଲା ।

## ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଟିପ୍ପଣୀକୁ ନେଇ ପୁଣି ଚର୍ଚ୍ଚାରେ ମମତା

# 'ପାପୀ'ଙ୍କ ପାଇଁ ଜିତିପାରିଲାନି ଭାରତ

**କୋଲକାତା,୨୩।୧୧(ଏଜେନ୍ସି)**

ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆ ଠାରୁ ପରାଜିତ ହେବା ଘଟଣା ଏବେ ରାଜନୈତିକ ମୋଡ଼ ନେଇଛି । ଏହି ମ୍ୟାଚ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଆଦି ଉପସ୍ଥିତ ରହିଥିଲା ବେଳେ ଭାରତର ପରାଜୟକୁ ଏବେ ବହୁ ବିରୋଧୀ ଦଳ ରାଜନୀତିକ ରଙ୍ଗ ଦେବା ଆରମ୍ଭ କରିଛନ୍ତି । ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଜସ୍ଥାନର ଏକ ସଭାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି 'ପନୌତି' ଶବ୍ଦ ବ୍ୟବହାର କରି ଚର୍ଚ୍ଚିତ ରହିଛନ୍ତି । ଏହାପରେ ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ସମାନ ଢଙ୍ଗରେ ମୋଦୀଙ୍କୁ ନିଶାଣ କରି ଟିପ୍ପଣୀ କରିଛନ୍ତି । ଗୁରୁବାର ବିଜେପିକୁ ନିଶାଣ କରି ମମତା କହିଛନ୍ତି ଯେଏ ଟିମ୍ ଇଣ୍ଡିଆ ବିଶ୍ୱକପ୍‌ର ସମସ୍ତ ମ୍ୟାଚରେ ଉତ୍ତମ ପ୍ରଦର୍ଶନ କରି ଟପ୍‌ରେ ରହିଥିଲା । ଫାଇନାଲ ମ୍ୟାଚ୍‌ରେ ମଧ୍ୟ ବିଜୟୀ ହୋଇଥାଆନ୍ତା । କିନ୍ତୁ ଫାଇନାଲ୍‌ରେ ପାପୀମାନଙ୍କ ଉପସ୍ଥିତି ଭାରତୀୟ ଟିମ୍‌ର ପରାଜୟର କାରଣ ହୋଇଥାନ୍ତା । ଅଭ୍ୟାସ ବେଳେ ଭାରତୀୟ ଟିମ୍‌କୁ ଗେରୁଆ ଜର୍ସି ଦିଆଯାଇଥିଲା । କିନ୍ତୁ ଖେଳାଳିମାନେ ଗେରୁଆ ଜର୍ସି ପିନ୍ଧିବାକୁ ମନା କରିଥିଲେ । ଏହାସତ୍ତ୍ୱେ ସେମାନଙ୍କୁ




ପିନ୍ଧିବାକୁ ଦିଆଯାଇଥିଲା । କେବଳ କ୍ରିକେଟ୍ ନୁହେଁ, କବାଡ଼ି ଖେଳରେ ମଧ୍ୟ ଖେଳାଳିଙ୍କୁ ଗେରୁଆ ରଙ୍ଗର ଜର୍ସି ଦିଆଯାଇଛି । ଏଭଳି କରି ବିଜେପି ସବୁକିଛି ନିଜ କବଜାକୁ ନେବାକୁ ଚାହୁଁଛି ବୋଲି ମମତା କହିଥିଲେ । କୋଲକାତାସ୍ଥିତ ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବୋଧନ କରି ମମତା କହିଥିଲେ ଯେ ଭାରତ ବିଶ୍ୱକପ୍ ଜିତି ପାରିଥାନ୍ତା, ଯଦି ମ୍ୟାଚ୍ କୋଲକାତା କିମ୍ବା ମୁମ୍ବାଇରେ ହୋଇଛି ବୋଲି ମମତା କହିଛନ୍ତି ।

## ରାହୁଲଙ୍କୁ ନିର୍ବାଚନ ଆୟୋଗଙ୍କ ନୋଟିସ୍

ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆ ଠାରୁ ହାରିଯିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ପନୌତି'(ଅମଙ୍ଗୁଳିଆ) ମୋଦୀ କହି କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିଭିନ୍ନ ମହଲରେ ଚର୍ଚ୍ଚିତ ହୋଇପଡ଼ିଥିବା ବେଳେ ଏହି ପ୍ରସଙ୍ଗରେ ତାଙ୍କୁ ନିର୍ବାଚନ ଆୟୋଗ ନୋଟିସ୍ ଜାରି କରିଛନ୍ତି । ରାହୁଲଙ୍କ ଏଭଳି ଟିପ୍ପଣୀକୁ ନେଇ ବିଜେପି ତୀବ୍ର ନିନ୍ଦା କରିବା ସହିତ ଗତକାଲି ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହୋଇଥିଲା । ଏହାର ଦିନକ ପରେ ନିର୍ବାଚନ ଆୟୋଗ ରାହୁଲଙ୍କୁ ନୋଟିସ୍ ପଠାଇଛନ୍ତି । ଏଥିରେ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ରାହୁଲଙ୍କୁ ଜବାବ ରଖିବାକୁ ଇସି ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ,ରାଜସ୍ଥାନରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ସମୟରେ ରାହୁଲ ଟିମ୍ ଇଣ୍ଡିଆ ଫାଇନାଲ୍ ହାରିବା ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଶାଣ କରିଥିଲେ । ଜଣେ ଅମଙ୍ଗୁଳିଆ ବ୍ୟକ୍ତିଙ୍କ ପାଇଁ ଭାରତୀୟ ଟିମ୍ ହାରିଗଲା ବୋଲି କହିଥିଲେ ।

# ମହୁଆ ମୋଇତ୍ରାଙ୍କ ବିବାଦ ପରେ ବଦଳିଲା ସଂସଦୀୟ ଲଗ୍-ଇନ୍ ନିୟମ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି)**

ବିଗତ ଦିନରେ ଲୋକସଭା ପୋର୍ଟାଲକୁ ନେଇ ଟିଏମସି ସାଂସଦ ମହୁଆ ମୋଇତ୍ରା ବିବାଦୀୟ ହୋଇ ପଡ଼ିଥିଲେ । ସେ ଲୋକସଭା ପୋର୍ଟାଲର ଲଗ୍-ଇନ୍ ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ସହ ସେୟାର କରିଥିବାରୁ ବିଭିନ୍ନ ମହଲରେ ଚର୍ଚ୍ଚିତ ହେବା ସହିତ ସଂସଦୀୟ ଆଚାର ସଂହିତା କମିଟି ଦ୍ୱାରା ଯାଞ୍ଚର ସମ୍ମୁଖୀନ ହୋଇଥିଲେ । ତେବେ ଏଭଳି ବିବାଦ ପରେ ସଂସଦ ପୋର୍ଟାଲ ଓ ଏହାର ଆପ୍ ନିୟମ ବଦଳାଇ ଦିଆଯାଇଛି । ନୂଆ ନିୟମ ଅନୁସାରେ ଏଣିକି ସାଂସଦମାନେ ନିଜ ସଚିବ ଓ ସହାୟକଙ୍କ ସହିତ ମଧ୍ୟ ଓଟିପି ଓ ପାସ୍‌ୱାର୍ଡ ସେୟାର କରିପାରିବେ ନାହିଁ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ, ଟିଏମସି ସାଂସଦ ମହୁଆ ମୋଇତ୍ରା ତାଙ୍କ ସାଂସଦୀୟ ଆଇଡି ଓ ପାସ୍‌ୱାର୍ଡ ଦୁବାଇରେ ରହୁଥିବା ବ୍ୟବସାୟୀ ହୀରାନନ୍ଦାନୀଙ୍କୁ ଦେଇଥିଲେ । ସେ ହୀରାନନ୍ଦାନୀଙ୍କଠାରୁ ମହଙ୍ଗା ଉପହାର ନେଇ ଲୋକସଭାରେ ଆଦାନୀ ଗ୍ରୁପ୍ ବିରୋଧରେ ପ୍ରଶ୍ନ କରୁଥିଲେ । ଏହାକୁ ନେଇ ମହୁଆଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଅଭିଯୋଗ କରିଥିଲେ । ମହୁଆ ତାଙ୍କ ସାଂସଦ ପୋର୍ଟାଲ ସୂଚନା ହୀରାନନ୍ଦାନୀଙ୍କୁ ଦେଇଥିବାର ସ୍ୱୀକାର କରିଥିଲେ ବେଳେ ତଦନ୍ତ ବେଳେ ଏହି ପୋର୍ଟାଲରେ ଦୁବାଇରୁ ୪୭ ଥର ଲଗ୍-ଇନ ହୋଇଥିବା ଜଣାପଡିଥିଲା । ଏହାପରେ ଲୋକସଭା ଆଚାର ସଂହିତା



କମିଟି ମହୁଆଙ୍କ ସଂସଦୀୟ ସଦସ୍ୟତା ରଦ୍ଦ କରିବାକୁ ସୁପାରିସ କରିଥିଲେ । ତେବେ ଏଭଳି ସ୍ପର୍ଶକାତର ଘଟଣା ସାମ୍ନାକୁ ଆସିବା ପରେ ଲୋକସଭା ସଚିବାଳୟ ପୋର୍ଟାଲରେ ସାଂସଦଙ୍କ ଲଗ୍-ଇନ୍ ଆଇଡି ନେଇ ନିୟମ କଡ଼ାକଡି କରାଯାଇଛି ।

### ପ୍ରଥମଥର ପାଇଁ ମୁହଁ ଖୋଲିଲେ ମମତା

## ମହୁଆଙ୍କୁ ସଂସଦରୁ ହଟାଇବାକୁ ବିଜେପି ଯୋଜନା କରୁଛି

'କ୍ୟାସ୍ ଫର କ୍ୱେରି' ମାମଲାରେ ଫସିଥିବା ଟିଏମସି ସାଂସଦ ମହୁଆ ମୋଇତ୍ରଙ୍କ ସମର୍ଥନରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ । ବିଜେପି ମହୁଆଙ୍କୁ ସଂସଦରୁ ହଟାଇବା ଲାଗି ଯୋଜନା କରିଛି ବୋଲି ମମତା ଅଭିଯୋଗ କରିଛନ୍ତି । କିନ୍ତୁ ବିଜେପିର ଏହି ଷଡ଼ଯନ୍ତ୍ର ସଫଳ ହେବ ନାହିଁ । ବଙ୍ଗ ନିର୍ବାଚନ ପୂର୍ବରୁ ମହୁଆ ଆହୁରି ଲୋକପ୍ରିୟତା ହାସଲ କରିବାକୁ ସୁଯୋଗ ପାଇବେ ବୋଲି ସେ କହିଛନ୍ତି । ମହୁଆ ପୂର୍ବରୁ ସଂସଦରେ ଯାହା କହୁଥିଲେ ଏବେ ତାହା ବାହାରେ କହିବେ ବୋଲି ମମତା କହିଛନ୍ତି ।

ପ୍ରୋତ୍ସାହନ ଅଭାବ

# କୁଳବେଉସା ଛାଡୁଛନ୍ତି ଚିତ୍ରକର ପରିବାର

**ଧରାକୋଟ, ୨୩।୧୧(ସମିସ):** ଧରାକୋଟ ଗଡ଼ର ଚିତ୍ରକର ପରିବାର ବର୍ତ୍ତମାନ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି। ଏପଟେ ପେଟ ପୁରୁନି ସେପଟେ କୂଳ ବେଉଶାକୁ ଛାଡ଼ି ହେଉନି। ରାଜା ରଜୁଡା ଅମଳରୁ ପୁରୀ କୋଳି ସାହିରୁ ଧରାକୋଟ ରାଜା ସେମାନଙ୍କୁ ଆଣି ଏଠାରେ ସ୍ଥାୟୀ ଭାବରେ ରଖିଥିଲେ। ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଠାକୁର ମାନଙ୍କ ଚିତ୍ର ଆଙ୍କିବା ସହ ବିଭିନ୍ନ ପର୍ବ ପର୍ବାଣୀରେ ଠାକୁର ମୂର୍ତ୍ତି ବିଶେଷ କରି ମାଟିରେ କଣ୍ଢେଇ ସବୁ ତିଆରି କରି ହାଟ ବଜାର ଅଞ୍ଚଳ ରେ ବିକ୍ରି କରି ବେଶ ଦୁଇପାଇସା ରୋଜଗାର କରୁଥିଲେ ସେମାନେ। ହେଲେ ବର୍ତ୍ତମାନ ପ୍ଲାଷ୍ଟିକ ଓ ରବର ଖେଳନା ଓ ମୂର୍ତ୍ତି ସବୁ ବଜାରରେ ବିକ୍ରି ଯଥେଷ୍ଟ ପରିମାଣରେ ହେଉଥିବାରୁ କୂଳ ବେଉଶା ଏବେ ସଂକଟରେ ପଡ଼ିଛି। ହାତ ତିଆରି ମୂର୍ତ୍ତି, କଣ୍ଢେଇ ଆଦିର ଆଦର କମୁଥିବା ପ୍ରକାଶ କରିଛନ୍ତି ଚିତ୍ରକର ରତ୍ନାକର ମହାପାତ୍ର ଓ ପ୍ରଫୁଲ୍ଲ ମହାପାତ୍ର। ପରିବର୍ତ୍ତିତ ପରିସ୍ଥିତି ସହ ନିଜକୁ ଖାପଖୁଆଇବା ପାଇଁ ସଂଗ୍ରାମ କରୁଛନ୍ତି। ନିମ, ଶାଗୁଆନ, ଗମ୍ଭାରୀ, ଆମ୍ବ, ପଣସ କାଠରେ ବିଭିନ୍ନ ଠାକୁରଙ୍କ ମୂର୍ତ୍ତି ନିର୍ମାଣ କରୁଥିବା ବେଳେ ସିମେଣ୍ଟ ଓ ପଥର ମୂର୍ତ୍ତି ମଧ୍ୟ ନିର୍ମାଣ କରୁଛନ୍ତି। ତେବେ ଦିନକୁ ଦିନ କଟକଣା ବଢୁଥିବା ଯୋଗୁଁ କାଠର ମୂଲ୍ୟ ବୃଦ୍ଧି ଘଟିଛି। ଅନ୍ୟ ପକ୍ଷରେ ସୁଦୂର ରାଇରଙ୍ଗପୁରରୁ କଳା ମୁଗୁନି, ଧଳା ମୁଗୁନି ଓ ମାଙ୍କଡା ପଥର ଆସୁଥିବା ଯୋଗୁଁ ଖର୍ଚ୍ଚ ଅଧିକ ହେଉଛି। ଏଣୁ ମୂର୍ତ୍ତି ନିର୍ମାଣ ପାଇଁ ଲୋକଙ୍କ ଆଗ୍ରହ କମୁଥିବା ଚିତ୍ରକର ମାନେ ପ୍ରକାଶ କରିଛନ୍ତି। ଏହାକୁ ବାଦ ଦେଲେ ବର୍ତ୍ତମାନ କୂଳ ବେଉଶାରୁ ମୁହଁ ଫେରାଇ ସେମାନେ ରାଜମିସ୍ତ୍ରୀ ଓ ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଜକୁ ଜଡ଼ିତ କରିଥିବା କ୍ଷୋଭର ସହ କହିଛନ୍ତି। ଏଣୁ ସରକାର ରିହାତି ମୂଲ୍ୟରେ କାଠ, ପଥର, ରଙ୍ଗ, ତୂଳୀ ଯୋଗାଇବା ସହିତ ବଜାର ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**ଟିକାବାଲି,୨୩।୧୧(ସମିସ):** ଟିକାବାଲି ବ୍ଲକରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ମେଳା-୨୦୨୩-୨୪ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟିକାବାଲି ବ୍ଲକରେ ଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ଶତାଧିକ କୁନି ବୈଜ୍ଞାନିକ ନିଜ ନିଜର ବିଜ୍ଞାନ, ପରିବେଶ, କୃଷି, ସ୍ୱାସ୍ଥ୍ୟ ଇତ୍ୟାଦି ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେହି ପ୍ରକଳ୍ପ ମଧ୍ୟରୁ ପାଞ୍ଚଟି ପ୍ରକଳ୍ପକୁ ଚୟନ କରି ପୁରସ୍କୃତ କରିବା ସହ ଜିଲ୍ଲାସ୍ତରୀୟ ନିମନ୍ତେ ମନୋନୀତ କରାଗଲା। ପୁରସ୍କୃତ ହୋଇଥିବା ଛାତ୍ର ଛାତ୍ରୀ ହେଲେ ସ୍ୱାସ୍ଥ୍ୟରେ ଦିପାଞ୍ଜଳି ଦେହୁରି, କୃଷିରେ ଶୁଭଶ୍ରୀ ସେଠି, ଗୁଣିତ୍ମକ ଭାବନାରେ ସାଗରିକା କହଁର, ଯୋଗାଯୋଗରେ ସୋହନ ଦାଶ, ପରିବେଶକ ଜୀବନ ଶୈଳୀରେ ରଞ୍ଜନ ଖୁଣ୍ଟିଆ ସମୂହ। ଶେଷରେ ଏକ ଉଦଯାପନୀ ଉତ୍ସବ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଢି ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ହେଲେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ସାହୁ ଏବଂ ବିଚାରକ ଭାବେ ସବିତା ସାହୁ, ଅମିତ କୁମାର ତ୍ରିପାଠୀ ଯୋଗଦେଇଥିଲେ। କୃତୀ ଛାତ୍ର ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଗଲା।

# ଅଭିଭାବକ-ଶିକ୍ଷକ ସଂଘର ବୈଠକ

**ବୁଗୁଡ଼ା, ୨୩।୧୧(ସମିସ):** ସ୍ଥାନୀୟ ପିପୁଲ୍ସ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଅଭିଭାବକ-ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟରାମ ବିଷୋୟୀ, ଅଧ୍ୟାପିକା ଅନୀତା ଦେବୀ, ଅଧ୍ୟାପକ ଦିଲ୍ଲୀପ ସାହୁ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ଅଭିଭାବକ ଏବଂ ଶିକ୍ଷକଙ୍କ ଆବଶ୍ୟକୀୟ ଭୂମିକା ସମ୍ପର୍କେ ବ୍ୟାପକ ଆଲୋଚନା କରାଯାଇଥିଲା। ଏଥି ସହ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଅହେତୁକ ଅନୁପସ୍ଥିତି ପ୍ରତି କଡା ଆଭିମୁଖ୍ୟ ଗ୍ରହଣ ନିମନ୍ତେ ସର୍ବସମ୍ମତି ପ୍ରକାଶ ପାଇଥିଲା। ବୈଠକରେ ଆଶାନୁରୂପକ ଅଭିଭାବକଙ୍କ ଉପସ୍ଥିତି ସାଙ୍ଗକୁ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ ଦେଖିବାକୁ ମିଳିଥିଲା।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୩।୧୧(ସମିସ):** ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଋଷିମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବରାଜ ବଳିଆର ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର, ଏସ୍ଏମସି ସଭାପତି ରାମଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସରପଞ୍ଚ ସଂଯୁକ୍ତା ମଲିକ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାସ୍କର ଚରଣ ନାୟକ, ରାଜକିଶୋର ବଳିଆର ସିଂ, ମହାବିଦ୍ୟାଳୟର ନୋଡାଲ ଅଫିସର ଉପେନ୍ଦ୍ର କୁମାର ଛଟେଇ, ଦିବାକର ବେହେରା ପ୍ରମୁଖ ମଞ୍ଚାସିନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ରାଜକିଶୋର ବଳିଆର ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ମଞ୍ଚ ପରିଚାଳନା କରିଥିଲେ। ବିଡିଓ ଶ୍ରୀ ପାତ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ବିଷୟରେ କହିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ନାହକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖିଳ ଉତ୍କଳ ଭଣ୍ଡାରି ସମାଜର ବୈଠକ

**ଦିଗପହଣ୍ଡି, ୨୩।୧୧(ସମିସ):** ଦିଗପହଣ୍ଡି ବ୍ଲକ ଓଡ଼ାସିଙ୍ଗି ଗ୍ରାମ ରେଡ୍ଡୀ ସମାଜ କୋଠ ଘର ପରିସରରେ ବୁଧବାର ବଡ଼ ଖେମୁଣ୍ଡି ତାଲୁକା ନିଖିଳ ଉତ୍କଳ ଭଣ୍ଡାରି(ନାପିତ) ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କୃଷ୍ଣ ଡାକୁଆ ବୈଠକକୁ ଉଦଘାଟନ କରିଥିଲେ। ସମ୍ପାଦକ କୋରେଶୁ ଡାକୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଦୀପକ ଡାକୁଆ ବାର୍ଷିକ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। କମିଟି ସଦସ୍ୟ ପଞ୍ଚୁ ଡାକୁଆ, ବଳରାମ ଡାକୁଆ, ସୁରେନ୍ଦ୍ର ଡାକୁଆ, କୈଳାସ ଡାକୁଆ, ସନ୍ତୋଷ ଡାକୁଆଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା କମିଟି ସଭ୍ୟ ବୃନ୍ଦ ଅଂଶଗ୍ରହଣ କରିଥିଲେ।

# କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ



**ଭଞ୍ଜନଗର, ୨୩।୧୧(ସମିସ):** ଭଞ୍ଜନଗର ଭେଜିପୁଟ ବଡ଼ଦାଣ୍ଡ ସାହି ଠାରେ ପୂଜା କମିଟି ତରଫରୁ କାର୍ତ୍ତିକେଶ୍ୱର ପୂଜା ପାଳନ କରାଯାଉଛି।କାର୍ତ୍ତିକେୟଙ୍କ ସୁନ୍ଦର ମୃଣ୍ମୟୀ ମୂର୍ତ୍ତୀ ସାଙ୍ଗକୁ ଆକର୍ଷଣୀୟ ସାଜସଜ୍ଜା ଓ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳାରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇ ଉଠିଛି। ଗୁରୁବାର ଭୋର ସମୟରୁ ଯଥା ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜା ପାଇଁ ଜଳ ସଂଗ୍ରହ, ଅଧିବାସ, ଆବାହନ, ପ୍ରତିଷ୍ଠା, ହୋମଯଜ୍ଞ, ଆଳତୀ ଆଦି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ହୋଇଥିଲା। କର୍ତ୍ତା ଭାବେ ପୂଜା କମିଟି ସଭାପତି ଦୀପକ ଗୌଡ଼ ଦାୟିତ୍ୱ ତୁଲାଇଥିଲେ। ସମ୍ପାଦକ ଅନନ୍ତ ନାରାୟଣ ବିଷୋୟୀ, ପରିଚାଳକ ଟୁକୁନା ସ୍ୱାଇଁ, କୋଷାଧ୍ୟକ୍ଷ ସୁନୀଲ କୁମାର ବିଷୋୟୀ, ନିରଜ ବିଷୋୟୀ, ପିଣ୍ଟୁ ବିଷୋୟୀ, ଅଜିତ ବିଷୋୟୀ ଓ ସମସ୍ତ ସାହି ବାସିନ୍ଦା ସହଯୋଗ କରିଥିଲେ। ଆସନ୍ତା ୨୭ତାରିଖରେ ପୂର୍ଣ୍ଣାହୁତି ଓ ଭଷାଣି କାର୍ଯ୍ୟକ୍ରମ ରହିଛି।

# କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ଆରମ୍ଭ



**ବୁଗୁଡା, ୨୩।୧୧(ସମିସ):** ସ୍ଥାନୀୟ ବଡଦାଣ୍ଡଠାରେ ବିରଞ୍ଚି ନାରାୟଣ ପୂଜା କମିଟି ପକ୍ଷରୁ ଠାକୁର କାର୍ତ୍ତିକେଶ୍ୱରଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ପୁରୋହିତ ଭାବେ ଦୀପକ କୁମାର ଦାଶ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ବାବୁଲା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ବାଲିପିଣ୍ଡି ସନ୍ତୋଷୀ ମନ୍ଦିର ସାହିରେ ମଧ୍ୟ ପ୍ରଥମ ଥର ପାଇଁ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୋହିତ ଭାବେ ଶ୍ରୀକାନ୍ତ ଦାଶ ଯୋଗ ଦେଇଥିବାବେଳେ ନିତ୍ୟାନନ୍ଦ ସାହୁ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ।

# 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଭଞ୍ଜନଗର, ୨୩।୧୧(ସମିସ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଗୁରୁବାର ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ଏହିଭଳି ଯୋଜନାକୁ ଉଚ୍ଚ ପ୍ରଶଂସା କରିବା ସହ ଅଧିକରୁ ଅଧିକ ଛାତ୍ରୀ ଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆହ୍ୱାନ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ଥିବା କଳା, କ୍ରୀଡା ପ୍ରମୁଖ ପ୍ରତିଭାକୁ ଖୋଜି ବାହାର କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହେଇଛି ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରାଧ୍ୟାପିକା ଆରତି ବାଳା ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ପୂଜା ଦାସ ସଭାକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଅମିୟ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଅଧ୍ୟାପକ ସନାତନ ବେହେରା, ଡ. ରବୀନ୍ଦ୍ର ମିଶ୍ର, ବିତ୍ତ ଅଧିକାରୀ ଅଧ୍ୟାପକ ସୁନୀଲ ଦାସ, ହରିଶ ଭଙ୍ଗର, ହରମୋହନ ନାୟକ, ବାବୁଲା ପ୍ରଧାନ, ଦୁର୍ଗାପ୍ରସାଦ ସାହୁ, ବିଦେଶୀ ରାଉତ, ଅଧ୍ୟାପିକା ରାଜଶ୍ରୀ ନାୟକ, ସସ୍ମିତା ଦାସ, ମନ୍ଦାକିନୀ ପଣ୍ଡା, ଜ୍ୟୋସ୍ନାରାଣୀ ଦାସ, ସୁଧାଶ୍ରୀ ନାୟକ, ଶେଫାଳି ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ




**ଛତ୍ରପୁର, ୨୩।୧୧(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ ତମ ଜନ୍ମ ତିଥି ଉପଲକ୍ଷେ ଗୁରୁବାର ମଦମୁକ୍ତି ଯୁବବାହିନୀ ଦ୍ୱାରା ଏକ ପ୍ରଭାତଫେରି ଏବଂ ସଭା ଆୟୋଜିତ ହୋଇଯାଇଛି। ଏକ ମଦମୁକ୍ତ ତଥା ସ୍ୱାଭିମାନୀ ଓଡ଼ିଶାର ନିର୍ମାଣ ପାଇଁ କାର୍ଯ୍ୟରତ ଯୁବବାହିନୀ ଦ୍ୱାରା ଅହୁତ ଏହି କାର୍ଯ୍ୟକ୍ରମରେ ଯୁବକ ମାନେ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗୃହୀତ ହୋଇଥିବା ଓଡ଼ିଶା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଠାରେ ଦାବି ରଖିଛନ୍ତି। ଯୁବକ ଯୁବତୀ ମାନେ ସଙ୍ଗଠିତ ହେଲେହିଁ ମଦମୁକ୍ତ ଓଡ଼ିଶା ସମ୍ଭବ ହୋଇପାରିବ ବୋଲି ମଦମୁକ୍ତି ଯୁବବାହିନୀର ଆବାହକ ସତ୍ୟବ୍ରତ ପୃଷ୍ଟି ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ସଂଯୋଜକ ଗଣେଶ ବେହେରା ଓ ସହ ଦିନେଶ ମହାନ୍ତି ପରିଚାଳନା କରିଥିବା ବେଳେ ବ୍ଲକ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ସେଠୀ, ଗଣେଶ ବେହେରା, ଡି ରମେଶ ରେଡି, ଜି ଟୁନା ରେଡି, ପ୍ରକାଶ ବେହେରା, ଉମେଶ, ବିଶ୍ୱଜିତ ରେଡି, ଜି କ୍ରୀଷ୍ଣା ରେଡି, ସନ୍ୟାସୀ ବେହେରା, ଜଗବନ୍ଧୁ ବେହେରା, କେଶବ ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ସାମ୍ପ୍ରଦାୟିକ ସମନ୍ୱୟ ସପ୍ତାହ ପାଳିତ




**ଛତ୍ରପୁର, ୨୩।୧୧(ସମିସ):** ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଏନ ଏସ ଏସ ମହିଳା ୟୁନିଟ୍ ତରଫରୁ ସାମ୍ପ୍ରଦାୟିକ ସମନ୍ୱୟ ସପ୍ତାହ ପାଳନ କରାଯାଇଛି। ଆମ ଜୀବନରେ ସାମ୍ପ୍ରଦାୟିକ ସମନ୍ୱୟ, ଏକତା, ଜାତି, ଧର୍ମ, ରଙ୍ଗ, ବିଶ୍ୱାସ ଏବଂ ଧର୍ମ ନିର୍ବିଶେଷରେ ଜୀବନର ଏକ ଅନ୍ତର୍ଭୂକ୍ତ ଭାବନାକୁ ଗ୍ରହଣ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଛାତ୍ରୀମାନେ ପ୍ରେମ, ଶାନ୍ତି ଏବଂ ଭାତୃଭାବ ପ୍ରସାର କରିବାକୁ ଶପଥ ନେଇଥିଲେ। ସେମାନଙ୍କର ସାମାଜିକ ଜୀବନରେ ପ୍ରେମ ଏବଂ ଶାନ୍ତି ଛାତ୍ରୀମାନଙ୍କ ମନରେ ସମନ୍ୱୟ ଏବଂ ପ୍ରେମର ମହତ୍ୱକୁ ଉତ୍ସାହିତ କରିବା ପାଇଁ ସମ୍ମାନିତ ଅଧ୍ୟକ୍ଷା ଡ଼.ସୁମିତା ମିଶ୍ର, ଅଧ୍ୟାପିକା କବିତା ସାହୁ, ଡ଼. ଯାଜ୍ଞସେନୀ ପାଣିଗ୍ରାହୀ, ଦୀପ୍ତି ନନ୍ଦ, ଡ଼ ସୁଜାତା ବେହେରା, ସନ୍ତୋଷ ବିଷୋୟୀ, ଗୀତାଞ୍ଜଳି ସାମନ୍ତରାୟ, ପି.ନାଗାମା, ଏମ.ଜନାର୍ଦ୍ଦନ ରାଓ ଏବଂ ପ୍ରୋଗ୍ରାମ ଅଫିସର ଅଞ୍ଜଳି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ମହାବିଦ୍ୟାଳୟରେ ଆଲୋଚନାଚକ୍ର




**ବେଲଗୁଣ୍ଠା, ୨୩।୧୧(ସମିସ):** ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହେଇଯାଇଛି। ଶିକ୍ଷା ବିଭାଗର ଅଧ୍ୟାପିକା ଶ୍ରୀମତୀ ପିଙ୍କି ପାତ୍ରଙ୍କ ଆବାହକତ୍ୱରେ ପ୍ରମିତା ରାଣୀ ଗୌଡ଼ 'ଉଚ୍ଚଶିକ୍ଷା' ସମ୍ବନ୍ଧୀୟ ସନ୍ଦର୍ଭ ପଠା କରିଥିଲେ। ଏଥିରେ ସଭାପତି ଅଧ୍ୟକ୍ଷ ଅଜିତ କୁମାର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଉପଖଣ୍ଡର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଯୋଗ ଦେଇଥିଲେ ଏବଂ ଅତିଥି ଭାବେ ଅଧ୍ୟାପକ ଡ଼ଃ ଗୁରୁମୂର୍ତ୍ତି ନାୟକ, ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ଅଧ୍ୟାପକ ସପନ କୁମାର ପ୍ରଧାନ, ଅଧ୍ୟାପିକା ପିଙ୍କି ପାତ୍ର, ରଞ୍ଜିତ କୁମାର ସାମଲ, ବିଶ୍ୱରଞ୍ଜନ ସ୍ୱାଇଁ ଏବଂ ଯୁବ ସାମ୍ବାଦିକ ଶିବ ରାମ ଚୌଧୁରୀ ମଞ୍ଚାସୀନ ଥିଲେ। ଏହି ସଭାରେ ଉଚ୍ଚ ଶିକ୍ଷାର ସମସ୍ୟା ଓ ତାର ସମାଧାନ, ଆରମ୍ଭ ଓ ଗତି ପ୍ରଗତିକୁ ଅତିଥି ମାନେ ବିଶ୍ଳେଷଣ କରିଥିଲେ। ବହୁ ଛାତ୍ର ଛାତ୍ରୀ ଏହି ପାଠଚକ୍ରରେ ଯୋଗ ଦେଇଥିଲେ। ଶ୍ରୀମତୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟସାଇ ବାବାଙ୍କ ଜୟନ୍ତୀ

**ବୁଗୁଡ଼ା, ୨୩।୧୧(ସମିସ):** ସ୍ଥାନୀୟ ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇଙ୍କ ୯୮ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ଓଁକାର ସୁପ୍ରଭାତ, ସମୂହ ନଗର ସଂକୀର୍ତ୍ତନ, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଶ ଉପଚାର ପୂଜା ସାଙ୍ଗକୁ ନାରାୟଣ ସେବା ଓ ଶୀତ ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥି ସହ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ୯୮ ଦୀପ ପ୍ରଜ୍ୱଳନ ସାଙ୍ଗକୁ ବେଦ ପାଠ, ଭଜନ ଗାନ ପରେ ବାଳ ବିକାଶ ପିଲାଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବ ପରିଚାଳନାରେ ଆବାହକ, ବିଭିନ୍ନ ବିଭାଗର ସଂଯୋଜକ ଓ ସଂଯୋଜିକା ଏବଂ ଯୁବବର୍ଗ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଏହି ସମିତି ଅନ୍ତର୍ଗତ ବାଲିପଦର, ମାଣିତରା, ବି.କରଡାବାଡି ଓ ଅନ୍ତରପଡ଼ା ଆଦି ଭଜନ ମଣ୍ଡଳୀ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ବଞ୍ଚିଛି ଓଡ଼ିଆ ସଂସ୍କୃତି ଓ ପରମ୍ପରା

# ପଞ୍ଚୁକରେ ଗାଁ ଗାଁ ବୁଲି ଚାଲିଛି ସଂକୀର୍ତ୍ତନ

**ଜି. ଉଦୟଗିରି ୨୩।୧୧(ସମିସ):**

ସମାଜରୁ ସସ୍କୃତି ପରମ୍ପରା ଧିରେ ଧିରେ ଲୋପ ପାଇ ଯାଉଥିବା ବେଳେ ଭଗବତ ପ୍ରେମୀ ବନ୍ଚେଇ ରଖିଛନ୍ତି ସସ୍କୃତି ପରମ୍ପରା। ଯାହା ଫଳରେ ପବିତ୍ର କାର୍ତ୍ତିକ ମାସର ପନ୍‌ଚୁକରେ ଶୁଭୁଛି ହରି ନାମ ସଂକିର୍ତ୍ତନ। ଗାଁକୁ ଗାଁ ବୁଲି କରୁଛନ୍ତି ହରି ନାମ ସଂକୀର୍ତ୍ତନ। ମୃଦଙ୍ଗର ତାଳେ ତାଳେ ରାଧାକୃଷ୍ଣଙ୍କ ଯୁଗଳ ବେଶରେ ନାଚୁଛନ୍ତି ରାଧାକୃଷ୍ଣ। ନାଚି ନାଚି ଗୋଟିଏ ଗାଁରୁ ଯାଉଛନ୍ତି ଅନ୍ୟ ଏକ ଗାଁକୁ। ଏହି ମହାନ କାମରେ ପଦାସାହି ସଂକିର୍ତ୍ତନ ମଣ୍ଡଳୀ ସଦସ୍ୟ ଲାଗି ପଡ଼ିଛନ୍ତି। ।ଏହି ସଂକିର୍ତ୍ତନ ମଣ୍ଡଳୀ ତରଫରୁ ପଞ୍ଚୁକରେ ପାଞ୍ଚ ଦିନିଆ ପାଇଁ ହରିନାମ ସଂକିର୍ତ୍ତନ ଯାତ୍ରା ଆରମ୍ଭ ହୋଇଛି। ଏହି ମଣ୍ଡଳୀ କୁର୍ମୀଗିଂଆ, ବଲୁପାଗାଂ, କଳିଗାଂ, ସୁଜେଲି ଗ୍ରେସିଗିଂଆ, ଝିମାଗିଂଆ, ଯାକାମାହା, କରାମାହା, ବାଉଡି, ସହିତ ଜି. ଉଦୟଗିରି ସହର ପରିକ୍ରମା କରିଥିବା ରହିଛି ଲକ୍ଷ୍ୟ। ଦକ୍ଷିଣାରେ ଯାହା ମିଳେ ସେଥିରେ ନିସ୍ତାର ସହିତ ମଠ ମନ୍ଦିରରେ ରହି ପ୍ରସାଦ ସେବନ କରି ପୁଣି ଯାତ୍ରା ଆରମ୍ଭ କରିଥାନ୍ତି। ରାତିରେ ବିଶ୍ରାମ ନେଇ ପୁଣିଥରେ ସକାଳୁ ଯାତ୍ରା ଆରମ୍ଭ ହୋଇଥାଏ। ପଦାସାହି ଏହି ସଂକିର୍ତ୍ତନ ମଣ୍ଡଳୀର ଏହି ମହାନ କାମରେ ଗରିବ ଦାସ ପ୍ରଧାନ, ପ୍ରଦୀପ କୁମାର ନାୟକ, ଅଶୋକ ମଲ୍ଲିକ, ଚିଣ୍ଟୁ ପ୍ରଧାନ, ପ୍ରମୁଖ ସାମିଲ ହୋଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥାନ୍ତି।



### ରାସାୟନିକ ଦୁର୍ଘଟଣାର ମୁକାବିଲା ପାଇଁ ଆପାତକାଳୀନ ବୈଠକ

# ୯ ଶିଳ୍ପସଂସ୍ଥା ଅତି ବିପଦପୂର୍ଣ୍ଣ, ୫ ବିପଦପୂର୍ଣ୍ଣ

**ଜଗତସିଂହପୁର, ୨୩।୧୧(ସମିସ):** ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ବାର୍ଷିକ ଜିଲ୍ଲା ଆପତ୍ କାଳୀନ ବୈଠକ ଜିଲ୍ଲାପାଳ ପାରୁଲ ପଟାଓରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ବିଭିନ୍ନ କଳକାରଖାନା ଓ ବାଞ୍ଛିତ ବିଭାଗ ମିଳିତ ଅନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷତାକରି ଜିଲା୍ପାଳ କହିଲେ, ଜଗତସିଂହପୁର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ହୋଇଥିବାରୁ ଏହି ଜିଲ୍ଲାରେ ବିପର୍ଯ୍ୟୟ ପ୍ରତି ଲୋକମାନେ ସଜାଗ ଓ ସତର୍କ ରହିଛନ୍ତି। ତେବେ ପାରାଦୀପରେ ଗଢି ଉଠିଥିବା ବୃହତ ଶିଳ୍ପାନୁଷ୍ଠାନ ଦ୍ୱାରା ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଓ ସୁରକ୍ଷାର ବନ୍ଦୋବସ୍ତ କରିବାକୁ ଜିଲ୍ଲା ଆପାତକାଳିନ ଗ୍ରୁପ କାର୍ଯ୍ୟ କରୁଛି। ଜଗତସିଂହପୁର ଜିଲ୍ଲାରେ ମୋଟ ୭୮ଟି ଶିଳ୍ପ ରହିଛି। ସେଥିରୁ ୯ଟି ମୁଖ୍ୟ ଦୁର୍ଘଟଣା ପ୍ରବଣ ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ଓ ୫ଟି ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ରହିଛି। ଏଠାରେ ନିମୋନିଆ କଲୋରିନ ପରି ବିପଦପୂର୍ଣ୍ଣ ଅତି ବିଶାକ୍ତ ଗ୍ୟାସ ଲିକ ହେବାର ଆ।ଙ୍କା ରହିଛି।

ଏଥିପାଇଁ ଜରୁରୀକାଳୀନ ଖସଡା ପ୍ରସ୍ତୁତ କରିବା, ଅଧୁନିକ ତଥା ଅବିଚ୍ଛିନ୍ନ ଭାବରେ ରାସାୟନିକ ଦୁର୍ଘଟଣାର ପରିଚାଳନା କରିବା, ରାଜ୍ୟ ତଥା କେନ୍ଦ୍ର କ୍ରାଇସ୍ସ ଗ୍ରୁପକୁ ସୂଚନା ଦେବା, ମକ୍‌ଡ୍ରିଲ କରାଇବା ଓ ଆଖପାଖର ଜନସାଧାରଣଙ୍କୁ ରାସାୟନିକ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେବା ପାଇଁ ଜିଲ୍ଲାପାଳ ଶିଳ୍ପ ସଂସ୍ଥାକୁ ପରାମର୍ଶ ଦେଇଥିଲେ। ଔଦ୍ୟୋଗୀକରଣ ଦ୍ୱାରା ଜନଜୀବନ ଉପରେ ପଡୁଥିବା କ୍ଷତିକାରକ ପ୍ରଭାବ ସମ୍ପର୍କରେ ଆକଳନ କରି ୩ମାସକୁ ଥରେ ଏପରି ବୈଠକର ଆୟୋଜିନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ନିକଟରେ ଘଟିଥିବା ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣାକୁ ଗୁରୁତ୍ୱ ଦେଇ ଗ୍ୟାସ ଓ ପେଟ୍ରୋଲିୟମ ପଦାର୍ଥର ପରିବହନ କରୁଥିବା ଗାଡିଚାଳକଙ୍କୁ ତାଲିମ ବା ପ୍ରଶିକ୍ଷଣ ଶିବିର ଆୟୋଜିତ କରିବାକୁ ଜିଲ୍ଲାପାଳ କହିଥିଲେ। ସେହିପରି ପାରାଦୀପରେ ଲୋକାଲ ଆପାତ କାଳୀନ ଗ୍ରୁପ ଗଠନ କରିବାକୁ ଜିଲ୍ଲାପଳ ପାରମର୍ଶ ଦେଇଥିଲେ। ଫ୍ୟାକଟ୍ରି ଓ ବଏଲର ବିଭଗର ଉପ ନିର୍ଦ୍ଦେଶକ କଟକ ଡିଭିଜନ ମନୋଜ ପଣ୍ଡାଙ୍କୁ ବିଭିନ୍ନ ଶିଳ୍ପାନୁଷ୍ଠାନ ସହ ସମ୍ଭାବ୍ୟ ବିପଦ ନିମନ୍ତେ ନିଆଯାଇଥିବା ପଦକ୍ଷେପ ନେଇ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯନ୍ତ୍ରୀ ଡି. ଏଲ ମହାପାତ୍ର, ଡିଏସସିର ସାଧାରଣ ପରିଚାଳକ ଜଗମୋହନ ପତି, ଉପ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କେରେକେଟ୍ଟା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ଜରୁରୀ ବିଭାଗ ଅଧିକାରୀ ଉମେଶଚନ୍ଦ୍ର ଲେଙ୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଇଫ୍‌କୋ, ପିପିଏଲ, ଆଇଓସିଏଲ, ଗୋଆ କାର୍ବନ, ଏଚପିସିଏଲ, ଆଇଓସିଏଲ ପାଇପଲାଇନ, ବିପିସିଏଲ, ଆର୍ସେଲର ନିପନ ଷ୍ଟିଲର ପ୍ରତିନିଧି ଉପସ୍ଥିତ ଥିଲେ।




- ପାରାଦୀପରୁ ନିମୋନିଆ ଓ ବିଶାକ୍ତ କ୍ଲୋରିନ ଗ୍ୟାସ ଲିକ୍ ହେବାର ଆଶଙ୍କା
- ଆଖପାଖର ଜନସାଧାରଣଙ୍କୁ ସଚେତନ ପାଇଁ ପରାମର୍ଶ
- ଗ୍ୟାସ ଓ ପେଟ୍ରୋଲିୟମ ପରିବହନ କରୁଥିବା ଗାଡିଚାଳକଙ୍କୁ ତାଲିମ
- ପାରାଦୀପରେ ଆପାତକାଳୀନ ଗ୍ରୁପ ଗଠନ କରିବାକୁ ପରାମର୍ଶ

### ● ହାଇକୋର୍ଟରେ ଜେଇଇ ମାର୍କସିଟ୍ ବିଭ୍ରାଟମାମଲା

## ସିବିଆଇର ତଦନ୍ତ ରିପୋର୍ଟ ଦାଖଲ ପରେ ମାମଲାରେ ପୂର୍ଣ୍ଣଚ୍ଛେଦ

**କଟକ, ୨୩।୧୧(ସମିସ):** ଜେଇଇ ମେନ୍ ପରୀକ୍ଷାରେ ଜଣେ ଛାତ୍ରଙ୍କୁ ମିଳିଥିବା ମାର୍କସିଟ୍‌ରେ ହୋଇଥିବା ବିଭ୍ରାଟ ଘଟଣାରେ ସିବିଆଇ ପକ୍ଷରୁ ତଦନ୍ତ ରିପୋର୍ଟ ଦାଖଲ କରାଯିବା ପରେ ହାଇକୋର୍ଟ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଂଶୁମାନ କାନୁନ୍‌ଗୋଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସିବିଆଇ ଏସ୍‌ପିଙ୍କ ପକ୍ଷରୁ ମୁଦା ଲଫାପାରେ ଏହି ରିପୋର୍ଟକୁ ଦାଖଲ କରାଯାଇଥିଲା ଓ ଏହାକୁ ଅଦାଲତରେ ଖୋଲାଯିବା ସହ ଆବେଦନକାରୀଙ୍କ ଓକିଲଙ୍କୁ ପ୍ରଦାନ କରାଯାଇଥିଲା। ଏହି ଘଟଣାକୁ ଆଉ ଆଗକୁ ବଢ଼ାଇବାକୁ ଆବେଦନକାରୀଙ୍କ ପକ୍ଷରୁ ଅବଗତ କରାଯିବା ପରେ ଅଦାଲତ ମାମଲାର ଅବସାନ ଘଟାଇଥିଲେ। ଏହି ଘଟଣାରେ କିଛି ଅନିୟମିତତା ହୋଇ ନ ଥିବା ସ୍ପଷ୍ଟ ହୋଇଥିଲା। ପ୍ରକାଶଥାଉ କି, ଏହି ଘଟଣାରେ ଗତ ଅଗଷ୍ଟ ୧୭ରେ ୪ ମାସ ମଧ୍ୟରେ ଏହି ତଦନ୍ତ ଶେଷ କରି ଅଦାଲତରେ ରିପୋର୍ଟ ପ୍ରଦାନ କରିବା ପାଇଁ ସିବିଆଇକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ଜଗତସିଂହପୁର ଜିଲ୍ଲା ପାରଦୀପ ଅଞ୍ଚଳର ଆବେଦନକାରୀ ଛାତ୍ର ଜଣକୁ ମିଳିଥିବା ନମ୍ବର ଆଧାରରେ ସେ ଏନ୍‌ଆଇଆଇଟି, ଆଇଆଇଟି ଭଳି ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ ବୋଲି ନିଶ୍ଚିନ୍ତ ଥିଲେ; ହେଲେ ତାଙ୍କ ନିକଟକୁ କୌଣସି ଇଣ୍ଟିମେସନ ନ ଆସିବାରୁ ସେ ୱେବ୍‌ସାଇଟ୍ ମାଧ୍ୟମରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ମାର୍କସିଟ୍‌ରେ କାର୍‌ସାଦି ହୋଇଥିବା ଜାଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବାଇକ୍ ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

**ପାରାଦୀପ, ୨୩।୧୧(ସମିସ):** ବେଲ୍ଟ ଲାଇନ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଜ୍ଞାନରଞ୍ଜନ ମିଶ୍ର। ସେ ରିପ୍ଲେ କମ୍ପାନୀର ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ବିଳମ୍ବିତ ରାତିରେ ଡିଉଟି ସାରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଛି। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କେନ୍ଦ୍ରାଞ୍ଚଳ ଆଇଜିଙ୍କ ସମୀକ୍ଷା

**ପାରାଦୀପ, ୨୩।୧୧(ସମିସ):** ଆସନ୍ତା ୨୭ ତାରିଖରେ ପାରାଦୀପ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରାଦୀପ ବନ୍ଦର ତରଫରୁ ଆୟୋଜିତ ବୋଇତବନ୍ଦାଣ ଉତ୍ସବରେ ସେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଗସ୍ତ ଜନିତ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଅନୁସଙ୍ଗିକ ବ୍ୟବସ୍ଥାର ତଦାରଖ କରିବାକୁ ପାରାଦୀପରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ପହଞ୍ଚି ସମୀକ୍ଷା କରିଛନ୍ତି। ୨୫ ତାରିଖରେ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା କଡାକଡି ପାଇଁ ଏକ ଅଭ୍ୟାସ ରହିଛି। ଏହା ପୂର୍ବରୁ କେନ୍ଦ୍ରାଞ୍ଚଳ ଆଇଜି ପାରାଦୀପ ଗସ୍ତରେ ଆସି ବିଭିନ୍ନ ସ୍ପଟ୍ ଦେଖିବା ସହ ୨୫ ତାରିଖ ପୂର୍ବରୁ କିପରି ସମସ୍ତ ଫୋର୍ସ ପାରାଦୀପରେ ପହଞ୍ଚିବେ ସେ ନେଇ ଆଲୋଚନା କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଏକ ସ୍ୱତନ୍ତ୍ର ଟିମ୍ ହେଲିକପ୍ଟର ଅବତରଣ କରିବା ପାଇଁ ସଜାଗ ରହିବ। ସୁରକ୍ଷା ବ୍ୟବସ୍ଥାକୁ ନେଇ ସମସ୍ତ ବିଭାଗ ସଜାଗ ରହିବା ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଥିବା କେନ୍ଦ୍ରାଞ୍ଚଳ ଆଇଜି ପ୍ରକାଶ କରିଛନ୍ତି।




## ଚାଳିଶ ଖଣ୍ଡୁଆଳୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଜଗତସିଂହପୁର, ୨୩।୧୧(ସମିସ):** ତିର୍ତ୍ତୋଲ ବ୍ଲକ ଶଙ୍ଖେଶ୍ୱର ପଞ୍ଚାୟତର ବେହେଡ଼ପୁର ଗ୍ରାମ ଦେବତୀ ଶ୍ରୀ ଶ୍ରୀ ଚାଳିଶ ଖଣ୍ଡୁଆଳୀଙ୍କ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ସକାଳ ୮ଟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଶହ ଶହ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସଂକୀର୍ତ୍ତନରେ ଗ୍ରାମର ପରିବେଶ ଆଧ୍ୟାତ୍ମିକମୟ ହୋଇଥିଲା। ରାହାସ ଚାଲିଥିବାରୁ ଗ୍ରାମ ଆହୁରି ଉତ୍ସବମୁଖର ହୋଇ ଉଠିଛି। ଶୁକ୍ରବାର ମନ୍ଦିର ପ୍ରତିଷ୍ଠା ଓ ମା'ଙ୍କ ଆସ୍ଥାନ ବିଜେ, ଭଜନ ସମାରୋହ ଅନୁଷ୍ଠିତ ହେବ। ଶନିବାର ସନ୍ଧ୍ୟା ୬ଟାରେ ପୂଜ୍ୟପୂଜକ ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଏଥିରେ ବେହେଡପୁର ଗ୍ରାମବାସୀ ବୃନ୍ଦ ସହଯୋଗ କରୁଛନ୍ତି।



## ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ ଆରମ୍ଭ

**ବର୍ଷା-ଅନୁଭବ ମାମଲା**

**କଟକ, ୨୩।୧୧(ସମିସ):** ଷ୍ଟାର୍ ଦମ୍ପତି କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦ ବା ଛାଡ଼ପତ୍ର ମାମଲାକୁ କଟକ ପରିବାର ଅଦାଲତ ରଦ୍ଦ କରିବା ଆଦେଶକୁ ବିରୋଧ କରି ଅନୁଭବଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି ହାଇକୋର୍ଟରେ ହୋଇଛି। ଏହି ମାମଲାରେ ଗୁରୁବାର ପ୍ରଥମେ ଅନୁଭବଙ୍କ ଓକିଲ ତାଙ୍କର ଯୁକ୍ତି ଉପସ୍ଥାପନ ଆରମ୍ଭ କରିଛନ୍ତି। ସେହିପରି ପରିବାର ଅଦାଲତରେ ଜେରା ସମୟରେ ବର୍ଷା ରଖିଥିବା ଜମାନବନ୍ଦୀକୁ ହାଇକୋର୍ଟ ଅନୁଧ୍ୟାନ କରିଛନ୍ତି। ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ପରିବାର ଅଦାଲତର ସମସ୍ତ ରେକର୍ଡପତ୍ର ହାଇକୋର୍ଟରେ ଦାଖଲ ହୋଇଛି। ମାମଲାରୁ ପ୍ରକାଶ ଯେ, ଅନୁଭବଙ୍କ ପକ୍ଷରୁ ଛାଡ଼ପତ୍ର ପାଇଁ ହୋଇଥିବା ଆବେଦନକୁ ଗତ ସେପ୍ଟେମ୍ବର ୨୨ ତାରିଖରେ କଟକ ପରିବାର ଅଦାଲତ ଖାରଜ କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଓ ବର୍ଷାଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ଦାସ ମାମଲା ପରିଚାଳନା କରୁଛନ୍ତି।

## ରୂପକାରଙ୍କ ପରିବାରକୁ ଆର୍ଥିକ ସହାୟତା

**ଏରସମା, ୨୩।୧୧(ସମିସ):** ଚଟୁଆ ପଞ୍ଚାୟତ ଗରାଦେଇପୁରୁ ଗ୍ରାମର ରୂପକାର ସ୍ୱାଇଁ (ଉପ)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଗୋଟିଏ ୮ ବର୍ଷର ପୁଅ ଓ ଗୋଟିଏ ୫ ବର୍ଷର ଝିଅ ଅଛନ୍ତି। ଏହି ଖବର ପାଇ ଅନୀତା ମେମୋରିଆଲ ଫାଉଣ୍ଡେସନ ସଭାପତି ଆଦିତ୍ୟ ନନ୍ଦନ ଦାସ ଗରାଦେଇପୁରୁସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଥିଲେ। ଏହି ପରିବାରକୁ ସେ ସମବେଦନା ଜଣାଇବା ସହିତ ଗଭୀର ଶୋକବ୍ୟକ୍ତ ପ୍ରକାଶ କରିଛନ୍ତି। ଏହା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏରସମା ବ୍ଲକ ଯୁବ ବିଜୁଜନତାଦଳ ଉପସଭାପତି ଲୋକନାଥ ରାଉତ (ହାପି), ଛାତ୍ର କାର୍ଯ୍ୟକାରୀ ସଭାପତି ଚନ୍ଦନ ମଲ୍ଲିକ, ଚଟୁଆ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ନକୁଳ ନାୟକ, ଚଟୁଆ ପଞ୍ଚାୟତ ଯୁବ ସଭାପତି ପ୍ରମୋଦ ନାୟକ, ଗରାଦେଇପୁରୁ ଗ୍ରାମର ମୁରବୀ ଗୋବିନ୍ଦ ସ୍ୱାଇଁ, ଚନ୍ଦ୍ର ଶେଖର ସେଠୀ, ନୃସିଂହ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



## ପୁଲିସ ଭ୍ୟାନ୍ ଧକ୍କାରେ ୨ ଷଣ୍ଢ ମୃତ

**ଜଗତସିଂହପୁର, ୨୩।୧୧(ସମିସ ):** ପୁନଙ୍ଗ ପଞ୍ଚାୟତ ବାରଙ୍ଗ ଛକ ରାସ୍ତାରେ ଗୁରୁବାର ରାତିରେ ଶୋଇଥିବା ଦୁଇ ଷଣ୍ଢଙ୍କ ଉପରେ ଏକ ପୁଲିସ ଭ୍ୟାନ୍ ଚଢି ଯାଇଛି। ଘଟଣାସ୍ଥଳରେ ଦୁଇ ଷଣ୍ଢଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ତେବେ ପୁଲିସ ଗାତଖୋଳି ରାତିରେ ପୋତି ଦେଇଛି। ପୁଲିସ ଭ୍ୟାନ୍ ଚାଳକଙ୍କ ବେପରୁଆ ମନୋଭାବ ପାଇଁ ଦୁଇ ଷଣ୍ଢଙ୍କ ଜୀବନ ଯାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜୀବ ମଙ୍ଗଳ ସମିତି ଦାବି କରିଛି।



### ରାଜ୍ୟପାଳଙ୍କୁ ଭେଟିଲେ ସମ୍ବିତ

**କୁଜଙ୍ଗ, ୨୩।୧୧(ସମିସ):** ପାରାଦୀପ ବିଧାୟକ ଇଂ ସମ୍ବିତ ରାଉତରାୟ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷତ କରିଛନ୍ତି। ଏହି ଅବସରରେ ସେ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ରଣ ଶୁଝିବା ଅଫର ଦେଇ ଲୁଟ୍

**ସାଇବର ଅପରାଧ**

**କେନ୍ଦ୍ରାପଡ଼ା, ୨୩।୧୧(ସମିସ):** ରଣ ଟଙ୍କା ଶୁଝିବାକୁ ଅଫର ଦେଇ ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ସଦର ଥାନା ଅଧୀନ ପାଣ୍ଡିରୀର କସୋଟି ଅଞ୍ଚଳର ଶିବପ୍ରସାଦ ସ୍ୱାଇଁଙ୍କୁ ସାଇବର ଲୁଟେରା ଚୂନ ମାରିଛନ୍ତି। ସେ ଗତ ୮ ମାସ ତଳେ ଏଲଆଣ୍ଡଟି କମ୍ପାନୀରୁ ୧ ଲକ୍ଷ ୩୨ ହଜାର ୮୮୮ ଟଙ୍କା ପର୍ଶନାଲ ଲୋନ୍ କରିଥିଲେ। ମାସକୁ ୬୭୯୬ ଟଙ୍କା ହିସାବରେ କିସ୍ତି ଜମା କରୁଥିଲେ। ଗତ ୧୮ ତାରିଖରେ ଏଲଆଣ୍ଡଟି ଅଫିସ ନାଁ ନେଇ ଜଣେ ଯୁବତୀ ତାଙ୍କ ନମ୍ବରକୁ ଫୋନ୍ କରିଥିଲା। ଆପଣଙ୍କ ପାଇଁ ସ୍ପେଶାଲ ଅଫର ରହିଛି; ମାତ୍ର ୪୯ ହଜାର ୭୬୮ ଟଙ୍କା ପୈଠ କଲେ ମାତ୍ର ୨ ଘଣ୍ଟାରେ ଲୋନ କ୍ଲୋଜ ହୋଇଯିବା ନେଇ କୁହାଯାଇଥିଲା। ଶିବ ପ୍ରସାଦ ବିଶ୍ୱାସ କରିଯାଇଥିଲେ। ଫୋନରେ ଥିବା ଯୁବତୀଙ୍କୁ କେମିତି ଲୋନ କ୍ଲୋଜ କରିବେ ବୋଲି ଶିବପ୍ରସାଦ ପଚାରିଥିଲେ। ସେପଟୁ ଯୁବତୀ ଜଣଙ୍କ ଏକ ଆଇଏଫସି କୋଡ୍ ସହ ଆକାଉଣ୍ଟ ନମ୍ବର ପଠାଇଥିଲେ। ଏହାପରେ ଶିବପ୍ରସାଦ ୪୯୭୬୮ ଟଙ୍କା ସେହି ଆକାଉଣ୍ଟରେ ଜମା କରିଦେଇଥିଲେ। ଜମା କରିବାର ୫ ମିନିଟ ପରେ କଲ୍ ଆସିଥିବା ନମ୍ବରକୁ ଫୋନ୍ କରିବାରୁ ସୁଇଚ୍ ବନ୍ଦ ଥିବା ଶିବପ୍ରସାଦ ଜାଣିବାକୁ ପାଇଥିଲେ। ଏ ନେଇ ଶିବପ୍ରସାଦ ଏଲଆଣ୍ଡଟି କାର୍ଯ୍ୟାଳୟରେ ପହଞ୍ଚି ତନାଘନା କରିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିଥିଲେ। ଏହାପରେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଶ୍ରୀ ଅନନ୍ତଶ୍ୱର ୪ର୍ଥ ବାର୍ଷିକ ଉତ୍ସବ

**ମାର୍ଶାଘାଇ, ୨୩।୧୧(ସମିସ):** ମାର୍ଶାଘାଇ ବ୍ଲକ ହଳଦିଆ-ଭଗବାନପୁର ଶ୍ରୀ ଶ୍ରୀ ଅନନ୍ତଶ୍ୱର ୪ର୍ଥ ବାର୍ଷିକ ଉତ୍ସବ ଅବସରରେ ଯଜ୍ଞ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ତାଳସଙ୍ଗା ନିକଟସ୍ତ ଚିତ୍ରୋତ୍ପଳା ନଦୀଘାଟରୁ କଳସ ଶୋଭାଯାତ୍ରରେ ଶ୍ରୀ ଶ୍ରୀ ଅନନ୍ତଶ୍ୱରପୀଠରେ ପହଞ୍ଚି ଥିଲେ। ଧୀରେନ ବାରିକଙ୍କ ସଂଯୋଜନାରେ ୩ଦିନବ୍ୟାପୀ ମହାଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

## ଶିକ୍ଷକ ଗୋପବନ୍ଧୁ ସାହୁଙ୍କ ପରଲୋକ



**କୁଜଙ୍ଗ, ୨୩।୧୧(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ନିବାସୀ ଲୋକପ୍ରିୟ ପ୍ରାଥମିକ ଶିକ୍ଷକ ଗୋପବନ୍ଧୁ ସାହୁ(୮୧)ଙ୍କ ବର୍ଷ ବୟସରେ ପରଲୋକ ଘଟିଛି। ଗୁରୁବାର ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୩ଟାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିଲେ। ରାତିରେ ପଙ୍କପାଳ ଗ୍ରାମ ଶ୍ମଶାସନରେ ଅନ୍ତିମ ସଂସ୍କାର କରାଯାଇଛି। ସାନ ପୁଅ ଚିତ୍ତ ମୁଖାଗ୍ନି ଦେଇଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



**ରାଜନଗର, ୨୩।୧୧(ସମିସ):** ରାଜନଗର ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ଦୋଳଗୋବିନ୍ଦ ଜେନାଙ୍କ ମା' ଉମା ଦେବୀଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ହଠାତ୍ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ; ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମହିଁଷାସୁର ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ବଳରାମ ଜେନା ମୁଖାଗ୍ନି ଦେଇଥିଲେ।

## ଧର୍ମାନ୍ତରକରଣ ବନ୍ଦ କର



**ରାଜନଗର, ୨୩।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ଉପାନ୍ତ ବଙ୍ଗୀୟ ଅଧ୍ୟୁଷିତ ଅଞ୍ଚଳରେ ଧର୍ମାନ୍ତକରଣ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ଧର୍ମାନ୍ତକରଣର ଏକ ଭିଡିଓ ଭାଇରାଲ ହୋଇଛି। ଏ ନେଇ ରାଜନଗର ହିନ୍ଦୁ ସଂସ୍କୃତି ସୁରକ୍ଷା ସମିତିର ଶିବ ପ୍ରସାଦ ମହାପାତ୍ର, ସନ୍ତୋଷ ଲେଙ୍କା, ବିବେକାନନ୍ଦ ଭୂୟାଁ, ଆଇନଜୀବୀ ଦେବଦତ୍ତ ସେଠୀ, ମନ୍ମଥ ରାଉତ, ସୌମ୍ୟରଞ୍ଜନ ଜେନା, ବିକାଶ ସେଠୀ, ସମୀର ଜେନା, ମନୋଜ ଦାସ ପ୍ରମୁଖ ରାଜନଗର ତହସିଲଦାର ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟିଛନ୍ତି। ହିନ୍ଦୁ ଧର୍ମରୁ ଅନ୍ୟ ଧର୍ମକୁ ପରିବର୍ତ୍ତନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉ ଥିବା ଜଣେ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଗହୀରମଥାରୁ ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର/ମହାକାଳପଡ଼ା, ୨୩।୧୧(ସମିସ):** ବିରଳ ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ଗୋଟିଏ ଟ୍ରଲର ଜବତ ହୋଇଛି। ସେଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣା, ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ସାତଭାୟା କୂଳଠାରୁ ୬ କିମି ଦୂରରେ ମାଛ ଧରୁଥିବା ଦୀପିକା-୧ ନାମକ ଏହି ଟ୍ରଲର ଜବତ ହୋଇଥିଲା। ଟ୍ରଲରରେ ଥିବା ରାମ ନାରାୟଣ ମଣ୍ଡଳ, ନାରାୟଣ ରାମ ମଣ୍ଡଳ, ଧନେଶ୍ୱର ମଣ୍ଡଳ, ଶଙ୍କର୍ଷଣ ମହାଳିକ, ବୃନ୍ଦାବନ ମହାଳିକ, ସହଦେବ ମଣ୍ଡଳ, ଚନ୍ଦ୍ର ପ୍ରସାଦ ମାଝି, ରମେଶ ମାଝି, ରାଜେଶ ଦାସ ପ୍ରମୁଖ ୯ଜଣ ମତ୍ସ୍ୟବୀଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁସାରେ ଗିରଫ କରାଯାଇଛି। ଜବତ ଟ୍ରଲରରୁ ଗୋଟିଏ ଫିସ୍ ଫାଇଣ୍ଡର, ୩ଟି ଭିଏଚଏଫ, ୧୨ଟି ଟ୍ରଲିଂ ନେଟ୍ ଜବତ କରାଯାଇଛି।



ତେଲ ଗୋଦାମରୁ ଚୋରି ଘଟଣାର ପର୍ଦ୍ଦାଫାସ

# ସାମଗ୍ରୀ ସହ ଗାଡ଼ି ଜବତ, ୪ କୋର୍ଟ ଚାଲାଣ



**କଣ୍ଟାବାଞ୍ଜି, ୨୩ା୧୧(ସମିସ):** କଣ୍ଟାବାଞ୍ଜି ପୁଲିସର ବଡ଼ ସଫଳତା। କିଛି ଦିନ ତଳେ ମଧ୍ୟରାତ୍ରରେ ସହରର ଗୋକୁଳ ଧାମ ରାସ୍ତାରେ ଥିବା ଲକ୍ଷ୍ମୀ ତେଲ ଗୋଦାମରୁ ଅଜଣା ଦୁର୍ବୃତ୍ତମାନେ ଲୁଟ୍‌ତରାଜ କରିଥିଲେ। ୨ଟି ପିକଅପ ଭ୍ୟାନ ସହ ବାଇକ, ଏଲଇଡି ଟିଭି, ପ୍ରିଣ୍ଟର ମେସିନ, ଟଙ୍କାଗଣା ମେସିନ, ଜେରକ୍ସ ମେସିନ, ରୁପାର ଛୋଟ ହନୁମାନ ମୂର୍ତ୍ତି, ଗୋଟେ ଇନଭଟର, ବ୍ୟାଟେରୀ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଗୋଦାମ କାର୍ଯ୍ୟାଳୟ ତାଲା ଭାଙ୍ଗି ଚୋରି ହୋଇଥିଲା। ଏସବୁ ଚୋରି ସାମଗ୍ରୀ ଉଦ୍ଧାର କରାଯିବା ସହ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା କଣ୍ଟାବାଞ୍ଜି ଏସଡିପିଓ ଗୌରାଙ୍ଗ ଚରଣ ସାହୁ ଏବଂ ଥାନାଧିକାରୀ ରଶ୍ମିତା ବେହେରା ସୂଚନା ଦେଇଛନ୍ତି। ଗୋଦାମ ମାଲିକ ଲକ୍ଷ୍ମୀ ମାଲିକ ଅଶୋକ ଅଗ୍ରୱାଲଙ୍କ ଏତଲା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଗତକାଲି ଯବେଲପଡା ଥାନାଞ୍ଚଳରେ ଏକ ପିକଅପ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହେଲା ପରେ ଏହି ଚୋରିର ପର୍ଦାଫାସ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଚଟୁଅନକା ଗାଁର ଆରିଫ ଖାଁ (୨୦), ବବଲୁ ପୁଟେଲ (୨୧), ଡ଼ଙ୍ଗାମାରା ଗାଁର ରୂପଧର ବାଗ (୨୦) ପାଟଣାଗଡ଼ ଥାନା ବାଲିଆଭଟାର ନୀଳମଣି ବରିଆଙ୍କୁ ପୁଲିସ ଗିରଫ କରି ବିଭିନ୍ନ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଥାନାଧିକାରୀଙ୍କ ନେତୃତ୍ୱରେ ୭ ଜଣିଆ ତଦନ୍ତ ଟିମରେ ସବଇନ୍ସପେକ୍ଟର ସୁରେଶ ଛତ୍ରିଆ, ଏଏସଆଇ ଈଶ୍ୱରଚନ୍ଦ୍ର ମାଝୀ, କନେଷ୍ଟେବଲ ବି ସାହୁ, ଚନ୍ଦ୍ରଶେଖର ବାଗ, ହୋମଗାର୍ଡ ଜେ ଖୁରା ଓ ଗୋକୁଳ ସାମିଲ ଥିଲେ।

# ଜଙ୍ଗଲ ମଣିଷ ସମାରୁ ମେଣ୍ଢା

ଭିନ୍ନ ଜଣେ ସବୁଜ ଯୋଦ୍ଧା

- ଗାଇଖାଇ ଜଙ୍ଗଲର ନିଃସ୍ୱାର୍ଥପର ଜଗୁଆଳି
- ଅଧାରୁ ଅଧିକ ଜୀବନ ବିତିଲାଣି ଜଙ୍ଗଲରେ
- ସେବା ବାବଦରେ ମିଳୁଛି ସ୍ୱଳ୍ପ ଦରମା

**ବଲାଙ୍ଗିର, ୨୩ା୧୧(ସମିସ)**

ଦୁନିଆରେ ଅନେକ ମଣିଷ ଅଛନ୍ତି ଯେଉଁମାନେ ପ୍ରକୃତି ପ୍ରେମରେ ପଡ଼ି ସାଧାରଣ ଲୋକଙ୍କ ପାଇଁ ଉଦାହରଣ ସାଜିଥାନ୍ତି। ଆଉ ଏମିତି ବି ଲୋକ ଅଛନ୍ତି ଯେଉଁମାନେ ଲୋକଦେଖାଣିଆ ପ୍ରକୃତିପ୍ରେମର ବାନା ଧରିଥାନ୍ତି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ବନାଞ୍ଚଳର ଗାଇଖାଇ ଜଙ୍ଗଲକୁ ଏମିତି ଜଣେ ବ୍ୟକ୍ତି ଜଗିଛନ୍ତି ଯେ କି ନିସ୍ୱାର୍ଥପର ଭାବେ ନିଜ ପରିବାର ଭଳି ଜଙ୍ଗଲ ସହିତ ଜୀବନର ଅଧା ସମୟ ସାରିଦେଇଛନ୍ତି। ରାତିରେ ପରିବାର ସକାଳୁ ଜଙ୍ଗଲ ସହିତ ଜୀବନ କାଟିଥାନ୍ତି। ଏଭଳି ଜଣେ ନିସ୍ୱାର୍ଥପର ସବୁଜ ଯୋଦ୍ଧା ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଦାନିପାଲି ଗାଁର ଜଙ୍ଗଲ ମଣିଷ ସମାରୁ ମେଣ୍ଢା।

ଗୋଟିଏ ହାତରେ କୁରାଢ଼ି ଆଉ ଏକ ହାତରେ ଏକ ଛୋଟ ବ୍ୟାଗ। ପାଟିରେ ହାତ ତିଆରି ବିଡି। କଳା ମୁହଁ ସାଙ୍ଗକୁ ଧଳା ପଡ଼ିଯାଇଥିବା ଚୁଟି। ଏ ଚେହେରା ବଲାଙ୍ଗିର ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନସ୍ଥଳ ବା ବଣଭୋଜିସ୍ଥଳ ଗାଇଖାଇକୁ ଆସୁଥିବା ସମସ୍ତ ପର୍ଯ୍ୟଟକଙ୍କ ପାଇଁ ଏକ ଚିହ୍ନା ମୁହଁ। ଏ ହେଉଛନ୍ତି ଆଗଲପୁର ବ୍ଲକ ଦାନିପାଲି ଗାଁର ସମାରୁ ମେଣ୍ଢା (୮୦)। ଭୋଜି କରିବାକୁ ଆସୁଥିବା ସମସ୍ତଙ୍କୁ ଭେଟି ଜଙ୍ଗଲ ସୁରକ୍ଷା କମିଟି ପାଇଁ ସହାୟତା ରାଶି ସଂଗ୍ରହ କରିଥାନ୍ତି। ଏହା ବାଦ୍ ସେ ଜଣେ ନିସ୍ୱାର୍ଥପର ଜଙ୍ଗଲପ୍ରେମୀ ଅଟନ୍ତି। ସମାରୁ ଗତ ଦୁଇ ଦଶନ୍ଧି ହେଲା ଗାଇଖାଇ ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। ସକାଳୁ ଘର ଆସିବା ପରେ ସଂଧ୍ୟା ପର୍ଯ୍ୟନ୍ତ ସେ ଜଙ୍ଗଲ ଭିତରେ ପାଦରେ ଚାଲି ଚାଲି ବୁଲଥାନ୍ତି। ତାଙ୍କ କହିବାନୁସାରେ, ଗାଁ ନିକଟରେ ଘଞ୍ଚ ଜଙ୍ଗଲ ରହିଥିବାରୁ ସେଠାରେ ଥିବା ବନ୍ୟଜନ୍ତୁ ସୁରକ୍ଷା ପାଇଁ ଯୁବାବସ୍ଥାରେ ଜଙ୍ଗଲରେ ଅନ୍ୟମାନଙ୍କ ସହ ସମୟ କାଟୁଥିଲେ। ଅନ୍ୟମାନେ ନିଜ କାମରେ ବ୍ୟସ୍ତ ରହିବା ପରେ ସେ ଏକା ଏକା ଦିନ ସାରା ଜଙ୍ଗଲରେ ବୁଲିବାକୁ ବସିଲେ। ସକାଳ ହେଲେ ନିଜ ବ୍ୟାଗ ଓ କୁରାଢ଼ି ଧରି ଜଙ୍ଗଲକୁ ପ୍ରବେଶ କରିଥାନ୍ତି। ଯିଏ ଦେଖିଲେ ସିଏ ଭାବିବ ଯେ ସମାରୁ ଗଛ କାଟିବାକୁ ଜଙ୍ଗଲକୁ ଯାଉଛନ୍ତି। ସମାରୁଙ୍କୁ ଯିଏ ଚିହ୍ନିଛି ସେ ହିଁ ଜାଣିଛି ବୃଦ୍ଧ ଜଣକ ଗଛକୁ କେତେ ଭଲ ପାଆନ୍ତି। ସକାଳୁ ବାହାରିଲେ ସଂଧ୍ୟା ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ବୁଲି ପୁଣି ଘରକୁ ଫେରନ୍ତି। ଏହା ଏମିତି ଏକ ଅଭ୍ୟାସରେ ପରିଣତ ହୋଇଛି ଯେ ସେ ଜଙ୍ଗଲ ଭିତରକୁ ନଗଲେ ରାତିରେ ଶୋଇପାରନ୍ତି ନାହିଁ। ଜଙ୍ଗଲ ଭିତରେ କିଛି ବେଆଇନ କାମ ଦେଖିଲେ ତାକୁ ତାଗିଦ କରିବା ସହ ହାତୀ ପଶିଲେ ଲୋକଙ୍କୁ ସଚେତନ କରାଇଥାନ୍ତି ସମାରୁ। ଏହାସହ ଭୋଜି କରିବାକୁ ଆସୁଥିବା ଲୋକଙ୍କୁ ସଫାସୁତୁରା ରଖିବା ପାଇଁ ସଚେତନ କରାଇଥାନ୍ତି ସମାରୁ। ତାଙ୍କ ଏହିଭଳି କାର୍ଯ୍ୟ ଦେଖି ବନ ବିଭାଗ ତରଫରୁ ହେଉଥିବା ବନୀକରଣ କାମରେ ତାଙ୍କୁ ନିଯୋଜିତ କରାଯାଇଥିଲା। ତାହା ବନ୍ଦ ହୋଇଯିବା ପରେ ଗାଇଖାଇ ଜଙ୍ଗଲ ସୁରକ୍ଷା କମିଟି ସାଲେଭଟା ପକ୍ଷରୁ ତାଙ୍କୁ ଜଙ୍ଗଲରେ ବୁଲିବା ଓ ଜଗିବା କାମରେ ନିୟୋଜିତ କରାଯାଇଛି। ପୂର୍ବରୁ ସେ ଅନେକ ରାତି ଏହି ଜଙ୍ଗଲରେ ବିତାଇଥିବା ବେଳେ କିଛି ବର୍ଷ ହେଲା ଜଙ୍ଗଲରେ ଶିକାରୀ ଭୟ, କାଠ ମାଫିଆଙ୍କ ଦାଦାଗିରି ଯୋଗୁଁ ରାତ୍ରିରେ ଜଙ୍ଗଲ ଭିତରେ ରହୁନଥିବା କହିଛନ୍ତି। ସେ ଅନେକ ଥର କାଠ ମାଫିଆଙ୍କୁ ଗଛ ଚୋରି କରିବାକୁ ନେଇ ବାରଣ କରିଛନ୍ତି। ଅନୈତିକ କାମକୁ ପ୍ରତିବାଦ କରିଛନ୍ତି। ଏଥିପାଇଁ ଧମକ ମଧ୍ୟ ପାଇଛନ୍ତି। ତାଙ୍କ ପାଖରେ କୌଣସି ସୁରକ୍ଷା କିମ୍ବା ସେ ସରକାରୀ ସ୍ୱୀକୃତି ପାଇ ନଥିବାରୁ ତାଙ୍କ ଦ୍ୱାରା ଯାହା କିଛି ହୁଏ ସେ କରନ୍ତି ବୋଲି କହିଛନ୍ତି। ମାସିକ ସାଢେ ତିନିହଜାର ଟଙ୍କାର ସ୍ୱଳ୍ପ ପାରିଶ୍ରମିକ ପାଉଥିବା ବେଳେ ତାହା ପରିବାରକୁ ଦେଇଥାନ୍ତି। ପୁଅ ଝିଅ ଉଭୟ ବାହା ହୋଇସାରିଥିବା ବେଳେ ଜଙ୍ଗଲ ହିଁ ତାଙ୍କ ଜୀବନ ବୋଲି ସେ କହନ୍ତି। ତେବେ ତାଙ୍କୁ ବନ ବିଭାଗରୁ କୌଣସି ସହାୟତା ପ୍ରଦାନ ସହ କିଛି ପାରିଶ୍ରମିକ ପ୍ରଦାନ କଲେ ବୟସର ଅପରାହ୍ନରେ ତାଙ୍କ ପାଇଁ ଏକ ବଡ଼ ପୁରସ୍କାର ହେବ ବୋଲି ସମାରୁ କହିଛନ୍ତି। ନିସ୍ୱାର୍ଥପର ଭାବେ ଦୁଇ ଦଶନ୍ଧି ଧରି ଜଙ୍ଗଲ ଜଗିଆସୁଥିବା ଏହି ଜଙ୍ଗଲ ମଣିଷ ସମାରୁ ନିହାତି ଭାବେ ଆଧୁନିକ ସମାଜ ପାଇଁ ବଡ଼ ଉଦାହରଣ।



# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




**ବୋଡ଼େନ, ୨୩ା୧୧(ସମିସ):** ବୋଡ଼େନ ବ୍ଲକ ଅନ୍ତର୍ଗତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଠାରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଦୀର୍ଘ ସପ୍ତାହେ ବ୍ୟାପି ଚାଲିବ। ଉଦଘାଟନୀ ସମାରୋହରେ କଲେଜ ଅଧ୍ୟକ୍ଷ ଅବନୀ କୁମାର ଖମାରୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ରାଜାରାମ କଟା, ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲୀ ମାଝୀ ବିଶେଷ ଅତିଥି, ମୁଖ୍ୟବକ୍ତା ଭାବରେ ନୂଆପଡ଼ା ଜିଲ୍ଲା ନୋଡାଲ ଅଫିସର ଡ. ପଦ୍ମଲୋଚନ ବର୍ମା, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ସାମାଜିକ କାଯ୍ୟକ୍ରମର ନୋଡାଲ ଅଫିସର ଡ. କିଶୋର କୁମାର କର୍ଣ୍ଣ, କ୍ରୀଡା ନୋଡାଲ ଅଫିସର ଗୌରହରି ମେହେର, ସାଂସ୍କୃତିକ ନୋଡାଲ ଅଫିସର ଅତିକ୍ ଅହମଦ ଖାନ ଏବଂ ସହ ନୋଡାଲ ଅଫିସର ସନ୍ତୋଷ କୁମାର ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ସନ୍ତୋଷ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅତିକ ଅହମଦ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



**ନୂଆପଡ଼ା, ୨୩ା୧୧(ସମିସ):** ସ୍ଥାନୀୟ ମିନି ଷ୍ଟାଡ଼ିୟମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ମହେନ୍ଦ୍ର କୁମାର ନାଏକ ସଭାପତିତ୍ୱ କରିଥିବାବେଳେ ଶିକ୍ଷା ବିକାଶ ପରିଷଦ ଯୁଗ୍ମ ସମ୍ପାଦକ ଦୁଲ୍ଲଭ ଚରଣ ବେହେରା ମୁଖ୍ୟ ଅତିଥି, ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ଶିବାଜୀ ପଣ୍ଡା ମୁଖ୍ୟବକ୍ତା, କୋଷାଧକ୍ଷ ସଞ୍ଜୀବ କୁମାର ସାହୁ ସମ୍ମାନନୀତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କ୍ରୀଡା ଉତ୍ସବରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଶିଶୁ ଯୋଗ ଦେଉଛନ୍ତି। କାର୍ଯ୍ୟକ୍ରମରେ ଗୁରୁଜୀ ପ୍ରଶାନ୍ତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଦୌଡ, ଲମ୍ବ, ଉଚ୍ଚ ଡିଆଁ, ଡିସ କସ ଥ୍ରୋ ଆଦି ପ୍ରତିଯୋଗିତା ହେଉଛି। ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା, କର୍ମଚାରୀ ସହଯୋଗିତା କରୁଛନ୍ତି।

ନୃତ୍ୟ ସଙ୍ଗମ - ୨୦୨୩ର ପ୍ରସ୍ତୁତି ବୈଠକ

# ଡିସେମ୍ବର ୧୪ରୁ ଚାରିଦିନିଆ ସାଂସ୍କୃତିକ ଉତ୍ସବ

**ଭବାନୀପାଟଣା, ୨୩ା୧୧ (ସମିସ)** ପ୍ରତିଭା ଦ୍ୱାରା ଆୟୋଜିତ 'ନୃତ୍ୟ ସଙ୍ଗମ - ୨୦୨୩'ର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଡିସେମ୍ବର ୧୪ ରୁ ୧୭ ତାରିଖ ଚାରିଦିନ ବ୍ୟାପୀ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟ ତଥା ଜାତୀୟ ସ୍ତରୀୟ ବିଭିନ୍ନ ସାଂସ୍କୃତିକ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏହାସହ କଳାହାଣ୍ଡିର ଲୋକକଳା ଉପରେ ଏକ ଆଲୋଚନା ଚକ୍ର ମଧ୍ୟ ହେବାର ସ୍ଥିରୀକୃତ ହୋଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିକାର୍ଯ୍ୟ ପାଇଁ କୃତି ସନ୍ତାନ ମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ଦଳ ଭାବରେ ଆସାମ ର ବିହୁ, ପଶ୍ଚିମବଙ୍ଗର ପୁରୁଲିଆ ଛଉ, ତେଲଙ୍ଗାନାର ଓଗୁ ଢ଼ୋଲୁ ଓ କୋଳଟମ ଓ ଓଡ଼ିଶା ର ବିଭିନ୍ନ ସାଂସ୍କୃତିକ ଦଳ ସମ୍ବଲପୁରୀ, ରଣପା, ମୁଖା ନାଚ, ଢେମସା, କୋୟା ବିଭିନ୍ନ ପ୍ରକାରର ନୃତ୍ୟ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆଜି ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସଭାପତି ଧ୍ୟାନାନନ୍ଦ ପଣ୍ଡା, ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ, ଜିତାମିତ୍ର ସାହୁ, କମଳ କିଶୋର ଶତପଥୀ, ରାଜେଶ କୁମାର ସିଂ, ଅନିଲ କୁମାର ରାଉତ, ତାପସ ରଞ୍ଜନ ପଟେଲ, କ୍ଷିତିଶ ବେମାଳ, ଜନ୍ମେଜୟ ନାୟକ, ତରୁଣ କୁମାର ଦୁର୍ଗା ଗୌରୀଶଙ୍କର ଦୁର୍ଗା, ମାନଭଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା

**ତୁଷୁରା, ୨୩ା୧୧ (ସମିସ):** ତୁଷୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଦିନିଆ ବାର୍ଷିକ କ୍ରୀଡ଼ା ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତୁଷୁରା ତହସିଲଦାର କର୍ଣ୍ଣ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ସଂଜୀବ ପ୍ରଧାନ, ତୁଷୁରା ଭାରପ୍ରାପ୍ତ ଥାନା ଅଧିକାରୀ ସଂଜୀବ ପ୍ରଧାନ ଯୋଗ ଦେଇଥିଲେ। ବେଣୁଧର ମନହିରା, ଦିନଦୟାଲ କେଡ଼ିଆ,ସୌଦାମିନୀ ଷଡ଼ଙ୍ଗୀ, ସୁଶୀଲ ଦାସ ମଞ୍ଚାସୀନ ଥିଲେ। ଦୁଇଦିନ ଧରି ଏହି ବାର୍ଷିକ କ୍ରୀଡାରେ ସମୁଦାୟ ୪୫୦ ଜଣ ଶିଶୁ ଅଂଶଗ୍ରହଣ କରିଛନ୍ତି ବୋଲି ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଖେଳ ପ୍ରଶିକ୍ଷକ ଯେମନ୍ତ ରଣା ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରୁଛନ୍ତି।



# କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥାର ବାର୍ଷିକ ସାଧାରଣ ସଭା

**ଭବାନୀପାଟଣା, ୨୩ା୧୧ (ସମିସ):** ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟେଡିୟମ୍ ସଭାଗୃହରେ ସଂସ୍ଥାର ବାର୍ଷିକ ସାଧାରଣ ସଭାରେ ସଂସ୍ଥାର ଉପସଭାପତି ରାମ କୁମାର ଜୈନ୍‌ଙ୍କ ଅଧ୍ୟକ୍ଷତାରେ ସଭାପତିରେ ସଭା ଅନୁଷ୍ଠିତ ହୋଇ ଗତ ୨୦୨୧/୨୦୨୨ ର ବାର୍ଷିକ ବିବରଣୀ, ୨୦୨୨/୨୦୨୩ ବର୍ଷର ବାର୍ଷିକ ବିବରଣୀ, ୨୦୨୨/୨୦୨୩ ର ଅଡିଟ୍ ରିପୋର୍ଟ ଏବଂ ୨୦୨୩/୨୦୨୪ ର ପେଣ୍ଟେଟିଭ୍ ରିପୋର୍ଟ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଯାଇଛି। ଏହି ସଭାରେ ଆସନ୍ତା ଚାରି ବର୍ଷ ସକାଶେ (ନଭେମ୍ବର ୨୦୨୭) ବର୍ଷ ପର୍ଯ୍ୟନ୍ତ ନୂତନ କାର୍ଯ୍ୟକାରୀ କମିଟି ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ସୁନୀଲ କୁମାର ବେହେରା, ଉପସଭାପତି ରାମ କୁମାର ଜୈନ, ଅର୍ଜୁନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ ଏବଂ ଚକ୍ରଧର ସେଠୀ, କୋଷାଧ୍ୟକ୍ଷ ନିର୍ମଳ ସିଂ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦିର, ଧିରେଜ କୁମାର ପଟ୍ଟନାୟକ ଅନ୍ୟାନ୍ୟ ସମ୍ପାଦକ, ସନତ୍ ସିଂ କ୍ରିକେଟ୍ ସମ୍ପାଦକ, ରବି ପ୍ରସାଦ କାନୁନ୍‌ଗୋ ଆଥଲେଟିକ୍ସ ସମ୍ପାଦକ, ୭ ଜଣ କାର୍ଯ୍ୟକାରୀ ସଭ୍ୟ ରୂପେ ସୁବାଷ ଚନ୍ଦ୍ର ପଣ୍ଡା, ପୁରନ୍ଦର ଭୋଇ, ବିପିନ ଚନ୍ଦ୍ର ମିଶ୍ର, କୁଳମଣୀ ସାହୁ, ଅଜୟ କୁମାର ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ ଏବଂ ଅସିତ୍ ପଟ୍ଟନାୟକ ଉପସ୍ଥିତ ଥିଲେ।




# ବ୍ଲକସ୍ତରୀୟ ଭିଜନ୍ ସ୍କ୍ରିନିଂ କ୍ୟାମ୍ପ ସୁନେତ୍ର

**ବୋଡ଼େନ, ୨୩ା୧୧(ସମିସ):** ବୋଡ଼େନ ବ୍ଲକ କେରାପଦର୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ଭିଜନ୍ ସ୍କ୍ରିନିଂ କ୍ୟାମ୍ପ ସୁନେତ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭୦ ବିଭିନ୍ନ କ୍ଲଷ୍ଟରର ଛାତ୍ର ଛାତ୍ରୀ ଆସି ତାଙ୍କର ଆଖି ପରୀକ୍ଷା କରାଇଛନ୍ତି। ସେଥିରୁ ୫୩ଜଣଙ୍କୁ ଚଷମା ଓ କେତେ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ କରାଯାଇଛି। ଏଥିରେ ଏସଏସଏର ଆଇଏ କୋର୍ଡିନେଟର, ବୋଡ଼େନ ବିଇଓ ରୁଦ୍ରେଶ୍ୱର ମେହେର, ଏ ବି ଇ ଓ ନେପାଲ ଚନ୍ଦ୍ର ଦେ, ଦିଲ୍ଲୀପ ଦାସ ଓ ଦୁଆରସନି ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ବିଆରଟି କେଶବ ମେହେର ଓ ଅଜୟ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ଚାଉଳସୁଖା ଅଞ୍ଚଳରେ ବୁଲୁଛନ୍ତି କ୍ୱାକ୍

**ତୁରେକେଲା,୨୩ା୧୧(ସମିସ):** ତୁରେକେଲା ବ୍ଲକ ଚାଉଳଖଶା ଅଞ୍ଚଳର ଗାଁ ଗାଁରେ ମାତିଛନ୍ତି କ୍ୱାକ ଡାକ୍ତର। କିଛି ମାସ ପୂର୍ବରୁ ଖପ୍ରାଖୋଲ ଅଞ୍ଚଳର ଜଣେ ବଙ୍ଗାଳୀ କ୍ୱାକକୁ ଗିରଫ କରିଥିଲା ପୁଲିସ। ଜଣେ ନକଲି ଡାକ୍ତର (କ୍ୱାକ) ଯୋଗୁଁ ଜଣେ ରୋଗୀଙ୍କ ଜୀବନ ଯାଇଥିବା ଅଭିଯୋଗ ଆସିଥିଲା ମୁରିବାହାଲ ଥାନା ଚନାବାହାଲ ଗାଁରୁ। ଏପରି ଘଟଣା ପରେ ମଧ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଗ୍ରାମାଞ୍ଚଳରେ କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବକୁ ଅଙ୍କୁଳ ଲଗାଇପାରି ନାହିଁ। ବିନା କୌଣସି ମେଡିକାଲ ଡିଗ୍ରୀରେ ଏହି ବ୍ୟକ୍ତିମାନେ ଗ୍ରାମାଞ୍ଚଳରେ ଲୋକଙ୍କୁ ଠକି ଚାଲିଛନ୍ତି। ସେମାନେ ଲାଭବାନ ହେଉଥିଲା ବେଳେ ସାଧାରଣଙ୍କ ଲୋକଙ୍କ ଜୀବନ ବିପନ୍ନ ହୋଇ ରହିଛି। ମନଇଛା, କୌଣସି ଲାଇସେନ୍‌ସ ନଥାଇ ସେମାନେ ମେଡିସିନ ଦେଉଥିବା ଅଭିଯୋଗ ହେଉଛି। କିଛି ଦିନ ତଳେ କଣ୍ଟାବାଞ୍ଜିର ଜଣେ ଡାକ୍ତର ଏଭଳି ଘଟଣା ଉପରେ ପ୍ରଶ୍ନ କରିବା ସହ କ୍ୱାକ୍‌ମାନେ ଦେଉଥିବା ଇଞ୍ଜେକ୍‌ସନ୍ ଏବଂ ଔଷଧ ପାଇଁ ରୋଗୀଙ୍କ ଜୀବନ ଆହୁରି ଗୁରୁତର ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଏନେଇ ସଚେତନତାର ଅଭାବ ରହିଥିଲା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଜନଜାତି ଗୌରବ ଦିବସ ପାଳିତ

**ନୂଆପଡ଼ା/ଖଡ଼ିଆଳ, ୨୩ା୧୧(ସମିସ)**

ଖଡ଼ିଆଳ ବ୍ଲକ କୁଲି ଗାଆଁ ସ୍ଥିତ ଆଶ୍ରମ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସବୁ ଜନଜାତି ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ମାନ ଜଣାଇବା ଓ ଏହି ସମ୍ପ୍ରଦାୟର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ କରାଯାଉଥିବା ଯୋଜନା ଓ ପ୍ରଚେଷ୍ଟାକୁ ସାକାର କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଥିବା ସେ କହିଥିଲେ। ପୂର୍ବତନ ସାନ ମହେଶ୍ୱର ସରପଞ୍ଚ ବିଦୁର ଶବର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଜନଜାତି ସମ୍ପ୍ରଦାୟର ସାମୁହିକ ବିକାଶ ସହ ଅନ୍ତର୍ନିହିତ ପ୍ରତିଭାକୁ ଉନ୍ମୋଚିତ କରିବାରେ ସହାୟକ ହୋଇ ପାରିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଧର ମାଝୀ କୁଲି ଗାଆଁ ଆଶ୍ରମ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଆୟୋଜନ ଅଞ୍ଚଳର ଆଦିବାସୀ ପରମ୍ପରାକୁ ପ୍ରୋତ୍ସାହନ ଦେଇଥିବା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ଆଦିବାସୀ ସଂସ୍କୃତି ଓ ଜୀବନଚର୍ଯ୍ୟାକୁ ନେଇ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଯୋଷୀ, ଶିକ୍ଷକ ପ୍ରଦ୍ୟୁମ୍ନ ପତି, ଶ୍ୟାମସୁନ୍ଦର ମେହେର, ଲତିକା ମଞ୍ଜରୀ ରାଉତ, ଲତିକା ଶବର ଓ ଏସ ଏମ ସି କମିଟି ର ସଭ୍ୟ ସଭ୍ୟା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଜ୍ୟ ସରକାର ଓ ରାଜ୍ୟ ଜନଜାତି ଗବେଷଣା ପ୍ରତିଷ୍ଠାନ ଏହାର ଆୟୋଜନ କରିଥିଲା।



# ୩ ଦିନିଆ କୃଷି ମେଳା ଉଦ୍‌ଘାଟିତ

**ଟିଟିଲାଗଡ଼, ୨୩ା୧୧(ସମିସ):** କୃଷି ଓ କୃଷକର ବିକାଶ ପାଇଁ ଉନ୍ନତମାନର ଉପଖଣ୍ଡସ୍ତରୀୟ ତିନିଦିନିଆ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ମେଳା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁବାସଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଟୁକୁନି ସାହୁ ଯୋଗଦାନ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ସଦସ୍ୟା ଗୀତା ବିଶି, ସଞ୍ଜୟ ବେହେରା, ବ୍ଲକ ଅଧ୍ୟକ୍ଷା, ସଞ୍ଜୁକ୍ତା ନାୟକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ପ୍ରଫୁଲ୍ଲ ଭଞ୍ଜ, ଲାଲବିହାରୀ ମଲ୍ଲିକ ଯୋଗଦାନ ଦେଇଥିଲେ। ଲସ ମୁର୍ମୁ, ସୁଧାକର ନନ୍ଦଙ୍କ ସମେତ କୃଷି ବିଭାଗର ବିଭିନ୍ନ ପଦାଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ।



### ବିପ୍ଳବଙ୍କ ପ୍ରଥମ ୫ ୱିକେଟ ସଫଳତା, ଦେବବ୍ରତଙ୍କ ୪

# ତ୍ରିପୁରାକୁ ହରାଇ ଓଡ଼ିଶାର ଅଭିଯାନ

**କଟକ, ୨୩।୧୧(ସମିସ):**

ତ୍ରିପୁରାକୁ ୪ ୱିକେଟରେ ପରାସ୍ତ କରି ବିଜୟ ହଜାରେ ଟ୍ରଫି ଜାତୀୟ ଦିନିକିଆ କ୍ରିକେଟରେ ବିଜୟ ଅଭିଯାନ ଆରମ୍ଭ କରିଛି ଓଡ଼ିଶା ଦଳ। ବେଙ୍ଗାଲୁରୁର କିନ୍ନି ସ୍ପୋର୍ଟସ ଏରିନା ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୪ ୱିକେଟରେ ବିଜୟୀ ହୋଇଛି। ବିପ୍ଳବ ସାମନ୍ତରାୟ ୫ଟି ୱିକେଟ ଦଖଲ କରିବା ସହ ୨୯ ରନର ମ୍ୟାଚ୍ ବିଜୟୀ ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ୩୨ରନ ବ୍ୟୟ କରି ବିପ୍ଳବ ୫ଟି ୱିକେଟ ଦଖଲ କରିଛନ୍ତି। ଲିଷ୍ଟ-ଏ ଫର୍ମାଟରେ ଏହା ତାଙ୍କର ପ୍ରଥମ ୫ ୱିକେଟ ସଫଳତା। ଆସନ୍ତା ୨୫ରେ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ରେଳବାଇକୁ ଭେଟିବ।

ଅଧିନାୟକ ବିପ୍ଳବ ଟସ୍ ଜିତି ରିଦ୍ଧିମାନ ସାହଙ୍କ ନେତୃତ୍ୱାଧୀନ ତ୍ରିପୁରାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ପ୍ରାରମ୍ଭରୁ ଧିମା ଗତିରେ ରନ ସଂଗ୍ରହ କରୁଥିବା ତ୍ରିପୁରା ୨୦ରନରେ ପ୍ରଥମ ତିନି ବ୍ୟାଟରଙ୍କୁ ହରାଇଥିଲା। ଦୁଇ ଓପନର ବିକ୍ରମ କୁମାର ଦାସ (୪ରନ) ଏବଂ ପଲ୍ଲବ ଦାସ (୩ରନ)ଙ୍କୁ ଦେବବ୍ରତ ପ୍ରଧାନ ଆଉଟ କରିଥିଲେ। ପୂର୍ବତନ ବେଙ୍ଗଲ ଖେଳାଳି ସୁଦୀପ ଚାଟାର୍ଜୀ ୩ରନରେ ପ୍ରୟାସ ସିଂହଙ୍କ ଶିକାର ହୋଇଥିଲେ। ଓଡ଼ିଶାର ପେସ୍ ଆଟାକ୍ ସମ୍ମୁଖରେ ତ୍ରିପୁରାର ବ୍ୟାଟିଂ ଲାଇନଅପ୍ ବେଶି ସମୟ ତିଷ୍ଠି ପାରି ନଥିଲା। ବଡ ସଟ୍ ଖେଳି କ୍ରିଜରେ ତିଷ୍ଠିବାକୁ ଆରମ୍ଭ କରିଥିବା ମଣିଶଙ୍କର ମୁରାସିଂହ ବିପ୍ଳବଙ୍କ ବଲରେ ଆଉଟ ହୋଇଥିଲେ। ସେ ଦଳ ନିମନ୍ତେ ସର୍ବାଧିକ ୨୪ରନ କରିଥିଲେ। ତ୍ରିପୁରାର ଇନିଂସ୍ ୧୦୭ରନରେ ସୀମିତ ରହିଥିଲା। ଅଧିନାୟକ ରିଦ୍ଧିମାନ ୧୫ରନ କରିଥିବା ବେଳେ ଅନ୍ୟ ଖେଳାଳି ମାନେ ଫେଲ୍ ମାରିଥିଲେ।


ବିପ୍ଳବ ସାମନ୍ତରାୟ


ଦେବବ୍ରତ ପ୍ରଧାନ


ଶୁଭ୍ରାଂଶୁ ସେନାପତି

ବିପ୍ଳବ, ଦେବବ୍ରତ ଓ ପ୍ରୟାସ ଯଥାକ୍ରମେ ୫ଟି, ୪ଟି ଏବଂ ଗୋଟିଏ ୱିକେଟ ବାଣ୍ଟି ନେଇଥିଲେ।

୧୦୮ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ମଧ୍ୟ ସଂଘର୍ଷ କରିଥିଲା। ପେସ୍ ବୋଲିଂକୁ ସୁହାଉଥିବା ବେଙ୍ଗାଲୁରୁର ଏହି ପିଚ୍‌ରେ ଓଡ଼ିଶା ୧୬ରନରେ ପ୍ରଥମ ୩ ୱିକେଟ ହରାଇଥିଲା। ଓପନର ଅନୁରାଗ ଷଡ଼ଙ୍ଗୀ ୧୦ରନ, ଶାନ୍ତନୁ ମିଶ୍ର ୧ରନରେ ଏବଂ କାର୍ତ୍ତିକ ବିଶ୍ୱାଳ ଖାତା ଖୋଲିବା ଆଗରୁ ଆଉଟ ହୋଇଥିଲେ। ୪ର୍ଥ ୱିକେଟ ଭାଗିଦାରୀରେ ଶୁଭ୍ରାଂଶୁ ଶେଖର ସେନାପତି ଓ ବିପ୍ଳବ ସାମନ୍ତରାୟ ୫୬ରନ ଯୋଡି ଓଡ଼ିଶା ଶିବିରରେ ବିଜୟ ଆଶା ସଞ୍ଚାରିଥିଲେ। ଶୁଭ୍ରାଂଶୁଙ୍କୁ ୪୧ରନରେ ଆଉଟ କରି ତ୍ରିପୁରା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ ମଣିଶଙ୍କର ମୁରାସିଂହ। ପରେ ବିପ୍ଳବ ୨୯ରନ ଏବଂ ଅଭିଷେକ ଯାଦବ ୦ରେ ଆଉଟ ହୋଇଥିଲେ। ଓଡ଼ିଶାର ଦଳୀୟ ସ୍କୋର ୯୭ ହୋଇଥିବା ବେଳେ ୬ଷ୍ଠ ୱିକେଟ ପତନ ଘଟିଥିଲା। ୱିକେଟକିପର ରାଜେଶ ଧୂପର ୧୪ରନ ଏବଂ ପ୍ରୟାସ ସିଂହ ୨ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ତ୍ରିପୁରା ପକ୍ଷରୁ ମଣିଶଙ୍କର ଏବଂ ରାଣା ଦତ୍ତ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ।

# ୩୫୬ ରନ୍‌ର ଲକ୍ଷ୍ୟ ହାସଲ କଲା ଝାଡ଼ଖଣ୍ଡ

**ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି):** ଭାରତୀୟ ଘରୋଇ କ୍ରିକେଟ୍‌ର ଏକଦିବସୀୟ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ୨୧ତମ ସଂସ୍କରଣ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ବିଶ୍ୱକପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଟି-୨୦ ସିରିଜରୁ ବାଦ୍ ପଡ଼ିଥିବା ହରିୟାଣା ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ୬ ୱିକେଟ୍, ମହାରାଷ୍ଟ୍ର ବିପକ୍ଷରେ ଝାଡ଼ଖଣ୍ଡ ୩୫୬

## ଅଷ୍ଟ୍ରେଲିଆ ସିରିଜ୍‌ରୁ ବାଦ୍ ପଡ଼ିଥିବା ଚହଲଙ୍କୁ ୬ ୱିକେଟ୍

ରନର ବିଶାଳ ଲକ୍ଷ୍ୟକୁ ପିଛା କରିବା ଏବଂ ଜାମ୍ମୁ ଓ କାଶ୍ମୀର ବିପକ୍ଷରେ କର୍ଣ୍ଣାଟକ ୨୨୨ ରନରେ ଜିତିବା ପ୍ରଥମ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା।

ଗୁଜରାଟର ଏଡିଏସ୍‌ଏ ରେଲୱେ କ୍ରିକେଟ୍ ଗ୍ରାଉଣ୍ଡରେ ହରିୟାଣା ଓ ଉତ୍ତରାଖଣ୍ଡ ମଧ୍ୟରେ ଗ୍ରୁପ୍-ସି'ର ରାଉଣ୍ଡ-୧ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଖଣ୍ଡ ଆଦିତ୍ୟ ତାରେଙ୍କ ୬୫ ରନ ବଳରେ ୨୦୭ ରନରେ ଅଲ୍‌ଆଉଟ୍ ହୋଇଥିଲା। ପ୍ରତିପକ୍ଷ ସ୍ପିନର ଚହଲ ୧୦ ଓଭର ବୋଲିଂ କରି ୨ ମେଡେନ ସହ ୨୬ ରନ ବ୍ୟୟରେ ସର୍ବାଧିକ ୬ ୱିକେଟ ନେଇଥିଲେ। ଜବାବରେ ହରିୟାଣା ୪୫ ଓଭରରେ ୪ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ସେହିଭଳି ଜୟପୁରରେ ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ମଧ୍ୟରେ ଗ୍ରୁପ୍-ବି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେଦାର ଯାଦବଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ପ୍ରଥମେ ବ୍ୟାଟିଂ କରି ୪ ୱିକେଟ୍‌ରେ ୩୫୫ ରନ କରିଥିଲା। ଅଙ୍କିତ ବାୱନେ ସର୍ବାଧିକ ୧୦୭ ରନ କରିଥିଲେ। ଜବାବରେ ଝାଡ଼ଖଣ୍ଡ ଅଧିନାୟକ ବିରାଟ ସିଂଙ୍କ ୧୪୩ ଏବଂ ସୌରଭ ତିୱାରୀ (୭୦), କୁମାର କୁଶାଗ୍ର (୬୭) ଓ ବିକାଶ ବିଶାଳ (୫୩)ଙ୍କ ଅର୍ଦ୍ଧଶତକ ବଳରେ ୪ ୱିକେଟ୍ ହରାଇ ୪୮ ଓଭରରେ ବିଜୟ ହାସଲ କରିଥିଲା। ଗ୍ରୁପ୍-ସି'ରେ ଜାମ୍ମୁ ଓ କାଶ୍ମୀର ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୫୦ ଓଭରରେ ୨ ୱିକେଟ୍ ହରାଇ ୪୦୨ ରନ କରିଥିଲା। ଅଧିନାୟକ ମୟଙ୍କ ଅଗ୍ରୱାଲ ୧୫୭ ଓ ଆର୍ ସମର୍ଥ ୧୨୩ ରନର ଶତକୀୟ ପାଳି ଖେଳିଥିଲେ। ଲିଷ୍ଟ-ଏ'ରେ କର୍ଣ୍ଣାଟକର ଏହା ସର୍ବାଧିକ ସ୍କୋର ହୋଇଛି। ଏହାକୁ ପିଛା କରିଥିବା ଜାମ୍ମୁ ଓ କାଶ୍ମୀର ୩୦.୪ ଓଭରରେ ୧୮୦ ରନରେ ସୀମିତ ରହିଥିଲା।




ବିଜୟ ହଜାରେ ଟ୍ରଫି

● କିକ୍ ବକ୍ସିଂ ଜାତୀୟ ଶିବିର

# ପୁମାସ କରାଟେ ସ୍କୁଲରୁ ୧୨ ମନୋନୀତ



**ଭୁବନେଶ୍ୱର, ୨୩।୧୧(ସମିସ):** ଭୁବନେଶ୍ୱର ଭିଏସଏସ ନଗର ସ୍ଥିତ ପୁମାସ କରାଟେ ସ୍କୁଲରୁ ଜତୀୟ କିକ୍ ବକ୍ସିଂ ଶିବିର ଲାଗିକୁ ୧୨ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ୪ଟି ବୟସ ବର୍ଗରେ ୫ ଜଣ ଝିଅ ଏବଂ ୭ ଜଣ ପୁଅ, ମୋଟ୍ ୧୨ ଜଣ ଏହି ଦଳରେ ରହିଛନ୍ତି। ଗତ ଅକ୍ଟୋବର ୮ ତାରିଖରେ ଭୀମଟାଙ୍ଗିର କମ୍ୟୁନିଟି ହଲରେ ରାଜ୍ୟସ୍ତରୀୟ ଚୟନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଶିବିରରୁ ପୁମାସେ କରାଟେ ସ୍କୁଲକୁ ଉପରୋକ୍ତ ସଫଳତା ମିଳିଛି। ଏହି ଶିବିର ଲାଗି ୭ରୁ ୯ ବର୍ଷ ମଧ୍ୟରେ ଦିବ୍ୟାଂଶୀ ବିଶ୍ୱଜିତ୍ ମହାନ୍ତି, ଶ୍ରୀମନଜିତ୍ ସେଠୀ ଓ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କୁ ସୁଯୋଗ ମିଳିଛି। ସେହିପରି ୧୦ରୁ ୧୪ ବର୍ଷ ବୟସ ମଧ୍ୟରେ ଆଶୀର୍ବାଦ ପଟ୍ଟନାୟକ, ରୁଦ୍ରପ୍ରତାପ ରାଉତ, ଆୟୁଷ୍ମାନ ପରିଡ଼ା, ବିଶ୍ୱଜିତ୍ ପାଣି, ପ୍ରତିଜ୍ଞା ବେହେରା ଓ ତପସ୍ୟା ସେଠୀ ଜାତୀୟ କ୍ୟାମ୍ପକୁ ମନୋନୟନ ହେବାରେ ସଫଳ ହୋଇଛନ୍ତି। ୧୫ରୁ ୧୮ ବର୍ଷ ମଧ୍ୟରେ ସୁଜୈନ ଇସଲାମ୍, ସନ୍ତୋଷ ଦାସ ଓ ଅନୁଶ୍ରୀ ଆଶ୍ରିତାଙ୍କୁ ଏହି ସଫଳତା ମିଳିଛି। ନ୍ୟାସନାଲ ସ୍ପୋର୍ଟସ୍ ଫେଡେରେସନ ପକ୍ଷରୁ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆମ୍ବେଦକର ନ୍ୟାସନାଲ ଗେମ୍ ଆୟୋଜିତ ହେବ। ଏଥିରେ ସେମାନେ ଅଂଶଗ୍ରହଣ କରିବେ। ସେହିପରି ଏହି ଅବସରରେ ପୁମାସ୍ କରାଟେ ସ୍କୁଲ, ଭିଏସଏସ ନଗର ଶାଖାରୁ ୫ ଜଣଙ୍କୁ ବ୍ଲାକବେଲ୍ଟ ମିଳିବା ନେଇ କରାଟେ କୋଚ୍ ଉଦୟନାଥ ରାଉତ ସୂଚନା ପ୍ରଦାନ କରିଛନ୍ତି। ସେମାନେ ହେଲେ ପ୍ରତିଜ୍ଞା ବେହେରା, ସୁଜୈନ ଇସଲାମ୍, ରୁଦ୍ରପ୍ରତାପ ରାଉତ, ବିଶ୍ୱଜିତ୍ ପାଣି ଓ ଆଶୀର୍ବାଦ ପଟ୍ଟନାୟକ।

# ବିଦର୍ଭ ଠାରୁ ହାରିଲା ଓଡ଼ିଶା

**କଟକ, ୨୩।୧୧(ସମିସ):** ୧୫ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶାକୁ ୯ ୱିକେଟରେ ବିଦର୍ଭ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୬ ୱିକେଟ ବିନିମୟରେ ୧୦୯ ରନ କରିଥିଲା। ଶୁଭଲକ୍ଷ୍ମୀ ସିଂହ ସର୍ବାଧିକ ୨୫ରନ କରିଥିଲେ। ବିଦର୍ଭ ପକ୍ଷରୁ ଏନ ଅନୁଷ୍କା ଏବଂ ଯଶଶ୍ରୀ ମୋହନଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ୨୭.୪ ଓଭରରେ ଗୋଟିଏ ୱିକେଟ ହରାଇ ବିଦର୍ଭ ବିଜୟୀ ହୋଇଥିଲା। କୁନ୍ତଳ ଶର୍ମା ୫୭ରନର ଅପରାଜିତ ମ୍ୟାଚ୍ ବିଜୟୀ ଇନିଂସ୍ ଖେଳିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଦର୍ଶିନୀ ପରମାଣିକଙ୍କୁ ଏକମାତ୍ର ୱିକେଟ ମିଳିଥିଲା।

■ ଚୀନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରରେ ପ୍ରଣୟ: ସାତ୍ତ୍ୱିକ-ଚିରାଗ

**ଶେନଝେନ, ୨୩।୧୧ (ଏଜେନ୍ସି):** ଭାରତର ଏଚ୍‌ଏସ୍ ପ୍ରଣୟଙ୍କ ସମେତ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏଠାରେ ଚାଲିଥିବା ଚୀନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ଯୁଗଳ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୫, ୨୧-୧୬ ସିଧାସଳଖ ଗେମ୍‌ରେ ଜାପାନର ଅକିରା କୋବା ଓ ତାଇଚି ସାଇତୋ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଭାରତୀୟ ଯୋଡ଼ିଙ୍କୁ ୪୬ ମିନିଟ୍ ସମୟ ଲାଗିଥିଲା। ଅପରପକ୍ଷରେ ପୁରୁଷ ଏକକ ରାଉଣ୍ଡ-୧୬ ମୁକାବିଲାରେ ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ରହିଥିବା ପ୍ରଣୟ ୨୧-୧୨, ୨୧-୧୮ ଗେମ୍‌ରେ ଡେନମାର୍କର ମାଗ୍ନସ ଜନେସେନଙ୍କୁ ପରାସ୍ତ କରିଥିଲେ।

ସର୍ବଭାରତୀୟ ବେସାମରିକ ହକି

# ଫାଇନାଲରେ ଓଡ଼ିଶା ସଚିବାଳୟ



**ଭୁବନେଶ୍ୱର, ୨୩।୧୧ (ସମିସ):** ଓଡ଼ିଶା ସଚିବାଳୟ ମହିଳା ହକି ଦଳକୁ ଏକ ବଡ଼ ସଫଳତା ମିଳିଛି। କଳିଙ୍ଗ ଷ୍ଟାଡିୟମ୍ ଚାଲିଥିବା ସର୍ବଭାରତୀୟ ବେସାମରିକ ମହିଳା ହକି ୨୦୨୩-୨୪ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଓଡ଼ିଶା ସଚିବାଳୟ ଦଳ ୮-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରି ବୃହତ୍ ବିଜୟ ସହ ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି। ବିଜୟୀ ଦଳ ପକ୍ଷରୁ ଦୀପ୍ତି ଲାକ୍ରା ସର୍ବାଧିକ ୩ଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାହ୍ନବୀ ପ୍ରଧାନ ୨ଟି, ଫ୍ଲୋରେନ୍ସିଆ ଏକ୍କା, ଲକ୍ଷ୍ମୀ ଏକ୍କା ଓ ପ୍ରେମିତା ବାଡ଼ା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫାଇନାଲ ମୁକାବିଲା ଶୁକ୍ରବାର ଖେଳାଯିବ। ଓଡ଼ିଶା ସଚିବାଳୟ ସହ ଟାଇଟଲ ଲଢ଼େଇରେ କେନ୍ଦ୍ରୀୟ ସଚିବାଳୟ ମୁକାବିଲା କରିବ। ମହିଳା ଦଳ ଫାଇନାଲରେ ପ୍ରବେଶ କରିଥିଲାବେଳେ ପୁରୁଷ ଦଳ ସେମିଫାଇନାଲରେ ପରାଜୟ ବରଣ କରିଛି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଆରଏସ୍‌ବି ଚଣ୍ଡିଗଡ଼ ୯-୧ ଗୋଲରେ ଓଡ଼ିଶା ସଚିବାଳୟକୁ ପରାସ୍ତ କରିଛି। ପୁରୁଷ ବିଭାଗ ଫାଇନାଲ ଚଣ୍ଡିଗଡ଼ ଓ କେନ୍ଦ୍ରୀୟ ସଚିବାଳୟ ମଧ୍ୟରେ ଖେଳାଯିବ। ସେହିପରି କାଂସ୍ୟ ପଦକ ଲାଗି ହରିୟାଣା ସଚିବାଳୟ ସହ ଓଡ଼ିଶାର ମୁକାବିଲା ହେବ।

ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟେନିସ୍

# ଫାଇନାଲରେ କିଟ୍‌ର ଉଭୟ ଦଳ



**ଭୁବନେଶ୍ୱର, ୨୩।୧୧(ସମିସ):** କିଟ୍‌ର ଉଭୟ ପୁରୁଷ ଓ ମହିଳା ଟେନିସ୍ ଦଳ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟେନିସ୍ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ରାୟପୁରର ପଣ୍ଡିତ ରବି ଶୁକ୍ଳା ବିଶ୍ୱବିଦ୍ୟାଳୟରେ ଏହି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହେବ। ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ କିଟ୍ ପୁରୁଷ ଦଳ ୨-୦ ଗେମ୍‌ରେ ବାରାଣସୀର ମହାତ୍ମାଗାନ୍ଧି କାଶୀ ବିଦ୍ୟାପୀଠକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ କିଟ୍ ସହ କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟର ମୁକାବିଲା ହେବ। ସେହିପରି କିଟ୍ ମହିଳା ଦଳ ଓଡ଼ିଶାର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟକୁ ମଧ୍ୟ ୨-୦ରେ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛି। ଫାଇନାଲରେ ରାୟପୁରର ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ ସହ କିଟ୍ ମହିଳା ଦଳର ମୁକାବିଲା ହେବ। କିଟ୍ ପୁରୁଷ ଟେନିସ ଦଳରେ କବୀର ହଂସ, ଅଥର୍ଭ ଶର୍ମା, ଅଂଶୁମାନ ସିଂ, ପ୍ରତ୍ୟୁଷ ମହାନ୍ତି ଓ ଆଶିଷ କୁମାର ପରିଡ଼ା ସଦସ୍ୟ ରହିଛନ୍ତି। ମହିଳା ଦଳରେ ଋତୁପର୍ଣ୍ଣା ଚୌଧୁରୀ, ଅଭିଳାଷା ବିଷ୍ଟ, ରିୟା ମର୍ଦ୍ଦରାଜ ଓ ଆକାର୍ତ୍ତୀ ସଦସ୍ୟ ଅଛନ୍ତି। ଅନାମୁଲ ହକ୍ ଉଭୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଟେନିସ ଦଳର ସଫଳତା ଲାଗି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତ ପ୍ରକାର ସହଯୋଗ ଓ ସୁବିଧା ସୁଯୋଗ ଯୋଗାଇଦେବେ ବୋଲି କହିଛନ୍ତି।

■ ଜାତୀୟ ବରିଷ୍ଠ ପୁରୁଷ ହକି

# କ୍ୱାର୍ଟରରେ ମଣିପୁର ଓ ଝାଡ଼ଖଣ୍ଡ



**ଚେନ୍ନାଇ, ୨୩।୧୧(ଏଜେନ୍ସି):** ମଣିପୁର ଓ ଝାଡଖଣ୍ଡ ହକି ଇଣ୍ଡିଆ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୩ତମ ଜାତୀୟ ବରିଷ୍ଠ ପୁରୁଷ ହକି ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ହକି ବେଙ୍ଗଲ ସହ ୩-୩ ଗୋଲରେ ମ୍ୟାଚ୍ ଡ୍ର ରଖି ହକି ମଣିପୁର ଗ୍ରୁପ୍‌ର ଶୀର୍ଷସ୍ଥାନ ଅଧିକାର କରିଛି। ସେହିପରି ପୁଲ-ଏଫ୍'ରେ ଖେଳାଯାଇଥିବା ମ୍ୟାଚ୍‌ରେ ହକି ଝାଡଖଣ୍ଡ ୩-୦ ଗୋଲରେ ଗୋଆକୁ ପରାସ୍ତ କରିବା ସହ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନ ଅଧିକାର କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଅନ୍ୟ ଦୁଇଟି ମ୍ୟାଚ୍‌ରେ ହକି ମଧ୍ୟପ୍ରଦେଶ ୧୩-୦ ଗୋଲରେ ହକି ଜାମ୍ମୁ-କାଶ୍ମୀରକୁ ପରାସ୍ତ କରି ବଡ଼ ବିଜୟ ହାସଲ କରିଛି। ସେହିପରି ହକି ଚଣ୍ଡିଗଡ଼ ୬-୨ ଗୋଲରେ ହକି ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି।

# ଫେଡେରେସନ କପ୍‌ରୁ ଆଥ୍‌ଲେଟିକ୍ ସିଜନ ଆରମ୍ଭ

**ନୂଆଦିଲ୍ଲୀ, ୨୩।୧୧(ଏଜେନ୍ସି):**

ATHLETICS FEDERATION OF INDIA

ଆଥଲେଟିକ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୨୩-୨୪ ସିଜନ ଲାଗି ଖେଳସୂଚୀ ପ୍ରକାଶ କରାଯାଇଛି। ଏହି ସୂଚୀ ଅନୁଯାୟୀ ଫେଡେରେସନ କପ୍‌ରୁ ଭାରତୀୟ ଆଥଲେଟିକ୍ସ ସିଜନ ଆରମ୍ଭ ହେବ। ଘରୋଇ କ୍ୟାଲେଣ୍ଡରର ଏହି ପ୍ରଥମ ଟୁର୍ଣ୍ଣାମେଣ୍ଟ ମେ ୧୨ରୁ ୧୫ ତାରିଖଯାଏ ଚାଲିବ। ଏହା ପରେ ହରିୟାଣାର ପଞ୍ଚକୁଲାଠାରେ ଆନ୍ତଃ-ରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁନ୍ ୨୭ରୁ ୩୦ ତାରିଖ ଯାଏ ଏହା ଅନୁଷ୍ଠିତ ହେବ। ଉଭୟ ପ୍ରତିଯୋଗିତା ଆସନ୍ତାବର୍ଷ ପ୍ୟାରିସ୍‌ରେ ଖେଳାଯିବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସକୁ ଆଖିଆଗରେ ରଖି ଆୟୋଜନ କରାଯାଇଛି। ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବା ସକାଶେ ଆନ୍ତଃ-ରାଜ୍ୟ ଦୌଡ଼କୁଦ ଶେଷ ଘରୋଇ ପ୍ରତିଯୋଗିତା। ଏହା ପରେ ଭାରତରେ ଆଉ କୌଣସି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଆୟୋଜିତ ହେବ ନାହିଁ। ପ୍ୟାରିସ୍ ଅଲିମ୍ପିକ୍ସ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ସ୍ତରରେ ବାହାମାସ ବିଶ୍ୱ ରିଲେ ରେସ୍-୨୦୨୪ ମେ ମାସ ୪ ଓ ୫ ତାରିଖ ଦୁଇଦିନ ଧରି ଖେଳାଯିବ। ଏଥିରେ ମଧ୍ୟ ପ୍ରତିଯୋଗୀଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବା ସକାଶେ ସୁଯୋଗ ମିଳିବ। ଏସୀୟ ସ୍ତରରେ ଫେବୃଆରୀ ୨୧ରୁ ୨୩ ତାରିଖ ଯାଏ ପ୍ରଥମ ଟୁର୍ଣ୍ଣାମେଣ୍ଟ ଏସିଆନ ଇଣ୍ଡୋର ଚାମ୍ପିଅନସିପ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଇରାନର ତେହେରାନଠାରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାରତର ଦୁଇ ଶ୍ରେଷ୍ଠ ପ୍ରତିଯୋଗୀ ସଟ୍‌ପୁଟର ତାଜିନ୍ଦରପାଲ ସିଂ ଟୁର୍ ଓ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ଭାଗନେବେ ନାହିଁ। ଏଏଫ୍‌ଆଇର ୨୦୨୪ ଘରୋଇ କ୍ୟାଲେଣ୍ଡରରେ ଓଡ଼ିଶାକୁ ୨ଟି ପ୍ରତିଯୋଗିତା ମିଳିଛି। ଅକ୍ଟୋବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ୩୫ତମ ପୂର୍ବାଞ୍ଚଳ ଆଥ୍‌ଲେଟିକ ଚାମ୍ପିଅନସିପ୍ ଓଡ଼ିଶାରେ ଖେଳାଯିବ। ସେହିଭଳି ନଭେମ୍ବର ୭ରୁ ଭୁବନେଶ୍ୱରରେ ଜାତୀୟ କନିଷ୍ଠ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଉଭୟ ପ୍ରତିଯୋଗୀ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଏଣୁ ଏମାନେ ଇଣ୍ଡୋର ଚାମ୍ପିଅନସିପରେ ଭାଗ ନ ନେଇ ପ୍ରସ୍ତୁତିରେ ମନୋନିବେଶ କରିବେ। ଆମର କୋର ପ୍ରତିଯୋଗୀମାନେ ଠିକଣା ସମୟରେ ସେମାନଙ୍କ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଅନ୍ତର୍ଜାତୀୟସ୍ତରରେ ଭାରତର ଗୌରବ ବଢ଼ାଇବାକୁ ଆଥଲେଟିକ ଫେଡେରେସନ ଅଫ୍ ଇଣ୍ଡିଆର ସଭାପତି ଆଦିଲ ସୁମରିୱାଲା କହିଛନ୍ତି।

### ୩୫ତମ ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ

# ବାଳିକା ଏକକ ଫାଇନାଲ୍‌ରେ ଓଡ଼ିଶାର ତନ୍‌ଭି

**ବଲାଙ୍ଗିର, ୨୩।୧୧(ସମିସ):**

ବଲାଙ୍ଗିର ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩୫ତମ ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଫାଇନାଲ ଶୁକ୍ରବାର ଖେଳାଯିବ। ବାଳିକା ଏକକ ସେମିଫାଇନାଲରେ ଓଡ଼ିଶାର ତନଭି ପତ୍ରି ୨୧-୧୬, ୨୧-୦୮ ସିଧାସଳଖ ଗେମ୍‌ରେ ତାମିଲନାଡୁର ହନ୍‌ସିନି ଚନ୍ଦରମକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ସେମିଫାଇନାଲରେ କର୍ଣ୍ଣାଟକାର ସାଇନା ମନିମୁଥୁ ହରିୟାନାର ଜୋଏଲ ରାଣାଙ୍କୁ ୧୨-୨୧, ୨୧-୧୬ ଓ ୨୧-୧୮ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଫଳରେ ତନ୍‌ଭି ପତ୍ରି ଓ ସାଇନାଙ୍କ ମଧ୍ୟରେ ଶୁକ୍ରବାର ଫାଇନାଲ ଅନୁଷ୍ଠିତ ହେବ। ସେହିପରି ବାଳକ ବିଭାଗରେ କର୍ଣ୍ଣାଟକର ପୁଷ୍କର ସାଏ ୨୧-୧୪, ୧୫-୨୧, ୨୧-୭ ଗେମ୍‌ରେ ପଶ୍ଚିମବଙ୍ଗର ସ୍ୱୟମ ଜ୍ୟୋତି ଘୋଷଙ୍କୁ, ଦିଲ୍ଲୀର ହର୍ଷିତ କ୍ଷତ୍ରି ୨୧-୧୨, ୨୧-୧୨ ସିଧାସଳଖ ଗେମ୍‌ରେ ଆନ୍ଧ୍ରପ୍ରଦେଶର ହେମନ୍ତ ସିଂଙ୍କୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଟପ୍ ସିଡ୍ ପୁଷ୍କର ଓ ହର୍ଷିତଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହେବ। ଭାରତୀୟ ବ୍ୟାଡମିଣ୍ଟନ, ଓଡ଼ିଶା ରାଜ୍ୟ ଓ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ମିଳିତ ଆନୁକୂଲ୍ୟରେ ଏହି ଉପକନିଷ୍ଠ ଜାତୀୟ ଚାମ୍ପିଅନସିପ୍ ଆୟୋଜିତ ହେଉଛି। ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ମୁରଲୀଧରନ, ବୈଷୟିକ କମିଟିର ରାକେଶ ଶେଖର, ଅନ୍ତର୍ଜାତୀୟ ରେଫରି ଏବଂ ଅମ୍ପାୟାର ପିଆନ୍‌ସି ଦଥାନ, ସୁଧିର ଭାର୍ବେ, ମ୍ୟାଚ କଣ୍ଟ୍ରୋଲର ଜି. ପ୍ରଶାନ୍ତ, ରେଫରି ଡ. ସତିଶ ମାଲ୍ୟା, ଡେପୁଟି ରେଫରି ରୀତା ଦାଶ, ସାଙ୍ଗଠନିକ ସମ୍ପାଦକ ଲିଲିନ କୁମାର, ରାଜ୍ୟ ଉପସଭାପତି ପ୍ରଦୀପ ପଟ୍ଟନାୟକ, ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ତଥା ସଂଯୋଜକ ସୁରୁଲାଲ ମଟାରୀ, ଦୀପକ ମହାନ୍ତି, ମନୋରଞ୍ଜନ ଦାଶ, ଶୁଭମ ଶର୍ମା ପ୍ରମୁଖ ପରିଚାଳନା କରୁଛନ୍ତି।






# ଆପେଣ୍ଡିସାଇଟିସ୍

## କାରଣ ଓ ନିରାକରଣ

**ପେଟ ଟାଣିହେବା ଓ ପେଟ ଦରଜକୁ ସମସ୍ତେ ଏକ ସାଧାରଣ ସମସ୍ୟା ବୋଲି ଭାବିଥା'ନ୍ତି । କିନ୍ତୁ ଏହାକୁ ଅବହେଳା ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଉଚିତ । କାରଣ ପେଟ ଟାଣିହେବା ବା ପେଟରେ ଅସହ୍ୟ ଯନ୍ତ୍ରଣା ହେବାର କାରଣ ଆପେଣ୍ଡିସାଇଟିସ୍ ମଧ୍ୟ ହୋଇପାରେ । ୧୦ରୁ ୩୦ ବର୍ଷର ବୟସବର୍ଗଙ୍କ କ୍ଷେତ୍ରରେ ଏହି ରୋଗ ଅଧିକ ଦେଖିବାକୁ ମିଳିଥାଏ । ଏହା ଅତ୍ୟନ୍ତ ଜଟିଳ ଓ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହୋଇଥିବାରୁ ଏହାର ନିରାକାରଣ ଜରୁରି ।**

ଅନ୍ତନଳୀରେ ଥିବା ଆପେଣ୍ଡିକ୍ସ ନାମକ ଏକ ଅଂଶରେ ସଂକ୍ରମଣ ହେଲେ ଆପେଣ୍ଡିସାଇଟିସ୍ ହୋଇଥାଏ । ଆପେଣ୍ଡିକ୍ସ ଅନେକଗୁଡ଼ିଏ ତନ୍ତୁ ଦ୍ୱାରା ଗଠିତ । ବୃହତ୍‌ଅନ୍ତ ଓ କ୍ଷୁଦ୍ରାନ୍ତର ମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଯେତେବେଳେ ଅନ୍ତନଳୀର ବ୍ୟାକ୍ଟେରିଆ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କରନ୍ତି, ସେତେବେଳେ ଏହା ସଂକ୍ରମିତ ହୋଇଥାଏ । ଏହାକୁ ଆପେଣ୍ଡିସାଇଟିସ୍ ବୋଲି କୁହାଯାଏ । ସଂକ୍ରମଣ ବଢ଼ିଗଲେ, ଆପେଣ୍ଡିକ୍ସ ଫାଟିଯିବାର ଆଶଙ୍କା ଥାଏ । ଏହାକୁ 'ଆପେଣ୍ଡିକ୍ସ ବର୍ସ୍ଟ' କୁହାଯାଏ । ଏହା ଗମ୍ଭୀର ଓ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ । ଆପେଣ୍ଡିସାଇଟିସ୍ ଦୁଇ ପ୍ରକାର ଯଥା - ଏକ୍ୟୁଟ୍ ଆପେଣ୍ଡିସାଇଟିସ୍ ଏବଂ କ୍ରୋନିକ୍ ଆପେଣ୍ଡିସାଇଟିସ୍ । କ୍ରୋନିକ୍ ଆପେଣ୍ଡିସାଇଟିସ୍‌କିଛି ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜାଣିବା ସମ୍ଭବ ହୁଏ । ଅସ୍ତ୍ରୋପଚାର ଦ୍ୱାରା ହିଁ ଆପେଣ୍ଡିସାଇଟିସ୍‌ର ଚିକିତ୍ସା କରାଯାଏ ।



### ଲକ୍ଷଣ

ଆପେଣ୍ଡିସାଇଟିସ୍ ହେଲେ ପେଟରେ ଭୀଷଣ ଯନ୍ତ୍ରଣା ହୋଇଥାଏ । ଡାହାଣ ପଟ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ ହେବା, ନାଭି, ଉପର ପେଟ କିମ୍ବା ତଳିପେଟ ସବୁବେଳେ ଦରଜ ଲାଗିବା, ଭୋକ ନ ଲାଗିବା, ପେଟରେ ଯନ୍ତ୍ରଣା ଆରମ୍ଭ ହେବା ସଙ୍ଗେ ସଙ୍ଗେ ବ୍ୟତିବ୍ୟସ୍ତ ଲାଗିବା, ପେଟ ଫୁଲିଯିବା, ଶରୀରର ତାପମାତ୍ରା ୧୦୦ରୁ ୧୦୧ ଡିଗ୍ରୀ ରହିବା, ପେଟରେ ଗ୍ୟାସ୍ ହେବା, କୋଷ୍ଠକାଠିନ୍ୟ ସମସ୍ୟା ସହିତ ଅନେକ ସମୟରେ ପତଳା ଝାଡ଼ା ଲାଗି ରହିବା ଇତ୍ୟାଦି । ଅନେକ ସମୟରେ ଏହିସବୁ ଲକ୍ଷଣ ସହିତ ପିଠି ଓ ମଳାଶୟରେ ଦରଜ ଅନୁଭୂତ ହେବା, ମୂତ୍ର ନିଷ୍କାସନ ସମୟରେ ଯନ୍ତ୍ରଣା ହେବା ଏବଂ କିଛି ଖାଦ୍ୟ ଖାଇବା ପରେ ବାନ୍ତି ହେବାର ଦେଖାଯାଏ ।

### କାରଣ

ଆପେଣ୍ଡିସାଇଟିସ୍‌ର ଅନ୍ୟାନ୍ୟ କାରଣ ମଧ୍ୟରୁ ମୁଖ୍ୟ ହେଉଛି ଆଜିକାଲିର ଅନିୟମିତ ଓ ଅନିୟନ୍ତ୍ରିତ ଖାଦ୍ୟପେୟ । ତେବେ ଏହାର ଅନ୍ୟ କାରଣଗୁଡ଼ିକ ହେଉଛି ଅଧିକ ଦିନ ପର୍ଯ୍ୟନ୍ତ କୋଷ୍ଠକାଠିନ୍ୟ ଲାଗିରହିବା, ଖାଦ୍ୟର କିଛି କଣିକା ଅନ୍ତନାଳୀ ଭିତରକୁ ଚାଲିଯିବା, ନିତିଦିନିଆ ଖାଦ୍ୟରେ ତନ୍ତୁଜାତୀୟ (ଫାଇବର୍) ଖାଦ୍ୟର ଅଭାବ କିମ୍ବା ଆପେଣ୍ଡିକ୍ସରେ କୌଣସି କଠିନ ଅଂଶ ସୃଷ୍ଟି ହେବା ଏବଂ କ୍ୟାନସର୍ ହେବା ।

### ଚିକିତ୍ସା

ସିଟି ସ୍କାନ୍, ଅଲ୍‌ଟ୍ରାସାଉଣ୍ଡ, କମ୍ପ୍ଲିଟ୍ ବ୍ଲଡ୍ କାଉଣ୍ଟ୍ (ସିବିସି) ଏବଂ ଏମ୍‌ଆର୍‌ଆଇ ଦ୍ୱାରା ଆପେଣ୍ଡିସାଇଟିସ୍ ହୋଇଛି କି ନାହିଁ, ତାହା ପରୀକ୍ଷା କରିହେବ । ଯଦି ଆପେଣ୍ଡିସାଇଟିସ୍ ପ୍ରଥମ ପର୍ଯ୍ୟାୟରେ ଅଛି, ତେବେ କିଛି ଔଷଧ ବା ଇଞ୍ଜେକ୍ସନ୍ ଦ୍ୱାରା ତାହାର ଚିକିତ୍ସା କରିହେବ । କିନ୍ତୁ ଏହାର ସ୍ଥାୟୀ ଚିକିତ୍ସା ହେଉଛି ଅସ୍ତ୍ରୋପଚାର ।

ଆପେଣ୍ଡିସାଇଟିସ୍ ବା ଆପେଣ୍ଡିକ୍ସର ଟ୍ୟୁମର୍ ହଟାଇବା ପାଇଁ ଜଟିଳ ଅସ୍ତ୍ରୋପଚାର କରିବାକୁ ହୁଏ । ତେବେ ଆପେଣ୍ଡିସାଇଟିସ୍ ରୋଗୀଙ୍କୁ ଅଧିକ ଭାବେ ସିଝା ଖାଦ୍ୟ ଦେବା ଉଚିତ । ବିଶେଷ ଭାବେ ସେମାନଙ୍କୁ ଖଟା ଜିନିଷଠାରୁ ଦୂରେଇ ରହିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥା'ନ୍ତି । ଚିକିତ୍ସା ପରେ ମଧ ଏଭଳି ରୋଗୀ ସେମାନଙ୍କର ଖାଦ୍ୟପେୟ ପ୍ରତି ଯତ୍ନଶୀଳ ରହିବା ଉଚିତ ।

## ସ୍ୱାସ୍ଥ୍ୟ ବିଜ୍ଞାନ



# ସ୍ତନ କର୍କଟ ଚିହ୍ନଟ କରିବ ଉପକରଣ

କର୍କଟ ରୋଗ ନାଁ ଶୁଣିଲେ ଲୋକେ ଭୟ କରନ୍ତି, ଏହି ରୋଗ ଅନେକଙ୍କ ମନୋବଳ ଭାଙ୍ଗିଦେଇଥାଏ । ତେବେ ବିଭିନ୍ନ କର୍କଟ ମଧ୍ୟରୁ ମହିଳାଙ୍କଠାରେ ସ୍ତନ କର୍କଟ ଚିନ୍ତାର ବିଷୟ ପାଲଟିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ୨୦୨୦ରେ ୨୩ ଲକ୍ଷ ମହିଳା କର୍କଟର ଶିକାର ହୋଇଥିବାବେଳେ ତନ୍ମଧ୍ୟରୁ ଛଅ ଲକ୍ଷ ୮୫ ହଜାର ରୋଗୀ ମୃତ୍ୟୁବରଣ କରିଥିଲେ । ଏଯାବତ୍ ଏହି ସମସ୍ୟା ବଢ଼ି ବଢ଼ି ଚାଲିଛି । ତେଣୁ ଆମେରିକାନ କର୍କଟ ସୋସାଇଟ୍ ଅନୁସାରେ, ଆରମ୍ଭରୁ ସ୍ତନକର୍କଟ ଚିହ୍ନଟ କରାଗଲେ, ରୋଗୀଙ୍କୁ ବଞ୍ଚିବାର ଆଶଙ୍କା ୯୯ ପ୍ରତିଶତ ରହିଥାଏ । ସମ୍ପ୍ରତି ସ୍ତନକର୍କଟ ଚିହ୍ନଟ କରିବାକୁ ତୁର୍କୀର ମହିଳା ବୈଜ୍ଞାନିକ ଡାକ୍ତର ଜାନାନ ଦାଦେବିରେନେ ଏକ ଉପକରଣ ବିକଶିତ କରିଛନ୍ତି । ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ର ମିଡିଆ ଲ୍ୟାବ୍‌ରେ ନିଜର ଟିମ୍ ସହିତ ମିଳିତ ସହଯୋଗରେ ଏହି ଉପକରଣ ବିକଶିତ ହୋଇଥିବାବେଳେ ଏହାକୁ ଅନ୍ତଃବସ୍ତ୍ରରେ ଲଗାଇବା ଦ୍ୱାରା ଏହା କର୍କଟକୁ ସହଜରେ ଚିହ୍ନଟ କରିପାରେ । ଦାଦାବିରେନ୍‌ଙ୍କ କହିବାନୁସାରେ ଯେଉଁ ମହିଳାଙ୍କଠାରେ ସ୍ତନକର୍କଟ ହେବାର ଆଶଙ୍କା ଅଧିକ ଥାଏ, ସେମାନଙ୍କୁ ମେମୋଗ୍ରାମ୍ କରିବାକୁ ପରାମର୍ଶ ଦିଆଯାଇଥାଏ । ସେହିମାନଙ୍କ ପାଇଁ ଏହି ଉପକରଣ ବେଶ୍ ଉପଯୋଗୀ । ଅନ୍ୟପକ୍ଷେ ସ୍ତନ କର୍କଟ ଚିହ୍ନଟ ପରେ ରୋଗୀଙ୍କ ବଞ୍ଚିବାର ଆଶା ମଧ ବୃଦ୍ଧି ପାଇଥାଏ । ଏହି ଉପକରଣରେ ଭିନ୍ନ ଭିନ୍ନ ସ୍ଥାନରେ ଅଲ୍‌ଟ୍ରାସାଉଣ୍ଡ କ୍ୟାମେରା ଲାଗିଥାଏ । ଯାହାକୁ ଅନ୍ତଃବସ୍ତ୍ର ଭିତରେ ପିନ୍ଧିବା ପରେ ସ୍ତନ କର୍କଟ ବିଷୟରେ ଜଣାପଡ଼ିଥାଏ । ଏହି ଉପକରଣର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ୦.୩ ସେମି ଛୋଟ ଗଣ୍ଠିକୁ ମଧ ଚିହ୍ନଟ କରିପାରେ ।

# ଫିଟ୍ ରଖେ ଫଳଜୁସ୍

ଫଳ ରସରୁ ଭିଟାମିନ୍-ସି, ଭିଟାମିନ୍ –ଏ, ଫୋଲେଟ୍, ପଟାସିୟମ, ମାଗ୍ନେସିୟମ, ପୌଷ୍ଟିକ ତତ୍ତ୍ୱ, କ୍ୟାଲସିୟମ, ଖଣିଜଲବଣ, ମାଙ୍ଗାନିଜ୍ ଆଦି ପ୍ରଚୁର ମାତ୍ରାର ମିଳିଥାଏ । ନିୟମିତ ଫଳଜୁସ୍ ପିଇବା ଦ୍ୱାରା ଜଣେ ବ୍ୟକ୍ତି ଶାରୀରିକ ଫିଟ୍ ରୁହନ୍ତି । ଏହାଦ୍ୱାରା ଶରୀର ସତେଜ ଓ ଫୂର୍ତ୍ତି ରହିଥାଏ । ତେଣୁ ଫଳଜୁସ୍ ପିଉଥିଲେ କିଛି ଜରୁରି କଥାକୁ ଧ୍ୟାନ ଦେବା ଜରୁରି ।

- ଅଧିକାଂଶ ଫଳଜୁସ୍‌କୁ ଛାଣିକରି ପିଇଥାନ୍ତି । କିନ୍ତୁ ଖଦଡା ଅଂଶ ଯୁକ୍ତ ଜୁସ୍ ପିଇବା ସ୍ୱାସ୍ଥ୍ୟପାଇଁ ହିତକର । ଏହାଦ୍ୱାରା ସତେଜ ଓ ଫୂର୍ତ୍ତି ଲାଗିଥାଏ ।
- ମଧୁମେହ ରୋଗୀ ବାହାରେ ପ୍ରସ୍ତୁତ କରାଯାଉଥିବା ଫଳଜୁସ୍ ଆଦୌ ପିଅନ୍ତୁନି । ଏହା ତାଙ୍କ ଶରୀର ପାଇଁ ଘାତକ ସାଜିପାରେ । ରକ୍ତରେ ଶର୍କରା ସ୍ତର ଅଧିକ ବଢ଼ିଯିବା ଆଶଙ୍କା ରହୁଥିବାରୁ ରୋଗୀଙ୍କ ମୃତ୍ୟୁ ଘଟିପାରେ । ଫଳଜୁସ୍ ପରିବର୍ତ୍ତେ ଗୋଟା ପିଜୁଳି, କମଳା, ମଧ୍ୟମ ସାଇଜର ୧୦୦ଗ୍ରାମ ଖାଇପାରିବେ ।
- ମିକ୍ସ ଜୁସ୍‌ରେ କିଛି ପରିବାରସ ମିଶାଇବା ଲାଭପ୍ରଦ । ଫଳଜୁସ୍‌ରେ ପ୍ରାକୃତିକ ମିଠା ମିଳିଥାଏ । କିନ୍ତୁ ଅଧିକ ମିଠା ଆଶାରେ ଅଧିକାଂଶ ଫଳ ରସରେ ଗ୍ଲୁକୋଜ କିମ୍ବା ଚିନି ମିଶାଇ ପିଇଥାନ୍ତି, ଏପରି ଅଭ୍ୟାସ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ।







# ମଧୁମେହ ରୋଗୀଙ୍କ ପାଇଁ କାଳ ବାୟୁ ପ୍ରଦୂଷଣ

**ରକ୍ତରେ ଶର୍କରାର ପରିମାଣ ବୃଦ୍ଧି ହେଲେ ଡାଇବେଟିସ୍ ବା ମଧୁମେହ ହୋଇଥାଏ । ସମ୍ପ୍ରତି ପ୍ରତି ୧୦ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ଠାରେ ମଧୁମେହ ଦେଖାଦେଉଛି । ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେଉଥିବାବେଳେ ପ୍ରାୟ ୫୦ ପ୍ରତିଶତ ମଧୁମେହରେ ପୀଡିତଙ୍କ ଠାରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ମଧୁମେହ ରୋଗୀଙ୍କ ଶରୀରରେ କ୍ଷତ ହେଲେ ଏହା ଶୀଘ୍ର ଭଲ ହୁଏ ନାହିଁ । ଭବିଷ୍ୟତରେ ବିପଦ ସୃଷ୍ଟି କରେ । ଏଭଳି ରୋଗୀଙ୍କ ପାଇଁ ଏବେ କାଳ ସାଜିଛି ବାୟୁ ପ୍ରଦୂଷଣ ।**

ବାୟୁ ପ୍ରଦୂଷଣକୁ ନେଇ ସେଣ୍ଟର ଫର କାର୍ଡିଓମେଟାବୋଲିକ୍ ରିସ୍କ ରିଡକ୍ସନ ଇନ୍ ସାଉଥ୍ ଏସିଆ (ସିଏଆରଆରଏସ୍) ରିସର୍ଚ୍ଚଙ୍କ ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ବାୟୁ ପ୍ରଦୂଷଣର ବିପଜ୍ଜନକ ତତ୍ତ୍ୱ ପିଏମ୍ ୨.୫ ରହିଥାଏ । ପିଏମ୍ ୨.୫ କଣିକାଯୁକ୍ତ ପ୍ରଦୂଷିତ ବାୟୁରେ ଶ୍ୱାସପ୍ରଶ୍ୱାସ ନେବା ଦ୍ୱାରା ଶରୀରରେ ରକ୍ତ ଶର୍କରା ମାତ୍ରା ବୃଦ୍ଧି ପାଏ । ଯାହା ଲୋକଙ୍କ ଠାରେ ଟାଇପ୍ -୨ ମଧୁମେହ ସୃଷ୍ଟି କରିବା ସହ ରୋଗୀଙ୍କ ପାଇଁ ଘାତକ ସାଜିଥାଏ । ତେଣୁ ବାୟୁ ପ୍ରଦୂଷଣରେ କିପରି ଏହି ରୋଗୀଙ୍କ ଧ୍ୟାନ ଦେବେ ଜାଣିରଖନ୍ତୁ ।

ଅନ୍ୟ ରୋଗୀଙ୍କ ତୁଳନାରେ ଏହି ମଧୁମେହରେ ପୀଡ଼ିତ ବ୍ୟକ୍ତିଙ୍କର ଶ୍ୱାସ ଓ ହୃଦ୍‌ସମସ୍ୟା ହେବାର ଅଧିକ ଆଶଙ୍କା ଥାଏ । ବାୟୁ ପ୍ରଦୂଷଣ ମଧୁମେହ ସହ ଶ୍ୱାସରୋଗ, ଚର୍ମରୋଗ ଏବଂ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିବାର ଆଶଙ୍କା ରହିଥିବାରୁ ଅଧିକ ପାଣି ପିଇବା ଦ୍ୱାରା ଗଳା ସଂକ୍ରମଣ ଆଶଙ୍କା କମିଥାଏ । ମଧୁମେହ ରୋଗୀ ଘରେ ବ୍ୟାୟାମ କିମ୍ବା ଯୋଗ କରିପାରିବେ । ବାହାରକୁ ଯାଉଥିଲେ ଏନ୍ ୯୫ ମାସ୍କ ପିନ୍ଧିବା ଦ୍ୱାରା ପ୍ରଦୂଷଣ ମୁକ୍ତ ରହିପାରିବେ ।

ସାଧାରଣତଃ ମଧୁମେହ ରୋଗୀମାନଙ୍କୁ ଖାଦ୍ୟପେୟରେ ସଂଯମତା ରକ୍ଷା କରିବାକୁ ପଡ଼ିଥାଏ । ବିଶେଷ କରି ଶୀତଦିନରେ ବାୟୁ ପ୍ରଦୂଷଣର ମାତ୍ରା ଅଧିକ ରହୁଥିବାରୁ ଏହି ରୋଗୀମାନଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିଥାଏ । ଏବେ ଦିଲ୍ଲୀଠାରୁ ଆରମ୍ଭ କରି ଅନ୍ୟ ରାଜ୍ୟ ମାନଙ୍କରେ ବାୟୁର ଏକ୍ୟୁଆଇ ( ଏୟାର କ୍ୱାଲିଟି ଇଣ୍ଡେକ୍ସ) ବହୁତ ଅଧିକ ରହୁଛି । ଏହି ମାତ୍ରା ୫୦ ଏକ୍ୟୁଆଇ ରହିବା କଥା । ଏଥିରୁ ଅଧିକ ହେଲେ ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୋଇଥାଏ । ବିଶେଷକରି ମଧୁମେହ ରୋଗୀମାନେ ଏହା ଯୋଗୁଁ ଅଧିକ କଷ୍ଟ ପାଆନ୍ତି । ଶ୍ୱାସ ଜନିତ ସମସ୍ୟା ସହିତ ବ୍ରେନ୍‌ଷ୍ଟ୍ରୋକ୍, ହୃଦଘାତ ଭଳି ବିପଦର ଆଶଙ୍କା ମଧ ରହିଛି । କରୋନାରେ ପୀଡ଼ିତ ହୋଇଥିବା ମଧୁମେହ ରୋଗୀମାନଙ୍କ ପାଇଁ ବାୟୁ ପ୍ରଦୂଷଣ ଅଧିକ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି । ତେଣୁ ସେମାନେ ଏଥି ପ୍ରତି ଅଧିକ ସତର୍କ ରହିବାକୁ ପଡିବ ବୋଲି ବରିଷ୍ଠ ଭେଶଜ ବିଶେଷଜ୍ଞ, ପ୍ରଫେସର ଡା.ଶ୍ରୀକାନ୍ତ କୁମାର ଧର ପରାମର୍ଶ ଦିଅନ୍ତି । ଏହାସହ ଯୋଗ, ପ୍ରାଣାୟାମ, ବ୍ୟାୟାମ ସହିତ ସନ୍ତୁଳିତ ଆହାର, ନିଦ୍ରା ଏବଂ ବିଶ୍ରାମ ଉପରେ ଧ୍ୟାନ ଦେବା ନିହାତି ଆବଶ୍ୟକ । ଧୂମପାନ, ତମାଖୁ ଏବଂ ମାଦକଦ୍ରବ୍ୟ ସେବନଠୁ ବିରତ ରହିବା ଉଚିତ୍ । ମଧୁମେହରେ ଆକ୍ରାନ୍ତ ବ୍ୟକ୍ତି ଆଘାତ ନ ଲାଗିବା ନେଇ ଯତ୍ନବାନ ହୁଅନ୍ତୁ । ମଧୁମେହ ରୋଗୀଙ୍କୁ ଚକ୍ଷୁ, କିଡ୍‌ନୀ ଓ ଲିଭର ଜନିତ ରୋଗ, ହୃଦ୍‌ଘାତ. ଉଚ୍ଚରକ୍ତଚାପ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ଅଛି । ତେଣୁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଜରୁରି ।

# ନାକରୁ ରକ୍ତ ପଡୁଥିଲେ ...



**ନାକରୁ ରକ୍ତ ପଡ଼ିବା ଏକ ବଡ଼ ସ୍ୱାସ୍ଥ୍ୟସମସ୍ୟା । ଏହା ଉଭୟ ପିଲା ଓ ବଡ଼ମାନଙ୍କଠାରେ ଦେଖାଯାଏ । ଏହାର ଶୀଘ୍ର ଉପଚାର କରିଦେବା ଜରୁରି । ନାକରୁ ରକ୍ତ ପଡ଼ିବା ସମସ୍ୟା ଦୂର କରିବା ପାଇଁ କେତେକ ଘରୋଇ ଉପାୟ ଜାଣି ରଖିବା ଉଚିତ ।**

- ବାହାରକୁ ଯିବା ସମୟରେ ମୁହଁକୁ ସୂତା କପଡ଼ାରେ ଘୋଡ଼େଇ ରଖନ୍ତୁ ।
- ନାକରୁ ରକ୍ତ ବାହାରୁଥିବା ବ୍ୟକ୍ତିକୁ ଶୁଆଇ ଦେଇ ତାଙ୍କ ମୁଣ୍ଡରେ ଥଣ୍ଡା ପାଣି ଢାଳନ୍ତୁ । ଏହା ସହିତ କପଡ଼ାରେ କିଛି ଖଣ୍ଡ ବରଫକୁ ନେଇ ରୋଗୀର ନାକ ଉପରେ ରଖନ୍ତୁ ।
- ପିଆଜ ରସର ଦୁଇବୁନ୍ଦା ନେଇ ନାକରେ ପକାନ୍ତୁ ।
- ନାକରୁ ରକ୍ତ ପଡୁଥିବା ସମୟରେ ନାକ ପରିବର୍ତ୍ତେ ପାଟି ଦ୍ୱାରା ନିଃଶ୍ୱାସ ନେବା ଉଚିତ ।
- ନାକର ଦୁଇ ପୁଡ଼ାରେ ଦୁଇଟୋପା ସୋରିଷ ତେଲ ପକାଇବା ଦ୍ୱାରା ରୋଗୀକୁ ଆରାମ ମିଳିଥାଏ ।

# ଚର୍ମ ଶୁଷ୍କତାର ପ୍ରତିକାର



**ଅତ୍ୟଧିକ ଶୀତଳ ପବନ, ଜଳୀୟ ବାଷ୍ପର ନ୍ୟୁନତା, ଧୂଳିମଳିର ଅଧିକତା ଯୋଗୁଁ ଚର୍ମ ରୁକ୍ଷ ଏବଂ ଶୁଷ୍କ ହେବା ସହିତ ପାଦ, ଓଠ, ଫାଟେ, କେଶ ଟାଉଁସିଆ ଦେଖାଯାଏ । ଶୀତଦିନରେ ଚର୍ମ ଶୁଷ୍କତା ଏକ ସାଧାରଣ ସମସ୍ୟା । କିନ୍ତୁ ଏହାକୁ ଅଣଦେଖା କଲେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।**

ମନୁଷ୍ୟର ଚର୍ମରେ ନ୍ୟାଚୁରାଲ ମଏଶ୍ଚରାଇଜିଂ ଫ୍ୟାକ୍ଟର ଥାଏ । ଏହି ଅଏଲି ବା ତେଲିଆ ପଦାର୍ଥଟି ଶୀତଦିନରେ ସାଧାରଣତଃ କମିଯାଇ ଚର୍ମ ଫାଟେ । ଉପଯୁକ୍ତ ଯତ୍ନ ନ ନେଲେ ଏହା ବଢ଼ି ବଢ଼ି ଏକ୍‌ଜିମା ହୋଇଯାଏ । ଚର୍ମ ଅଧିକ ଫାଟି କୁଣ୍ଡାଇ ହେବା ସହ ସେଥିରୁ ରକ୍ତ ବାହାରେ । ଫଡ଼ା ଫଡ଼ା ହୋଇ ବକଳ ବାହାରେ । ଚର୍ମ କଳା ପଡ଼ିଯାଏ , ଅଧିକ ଦିନ ଏଭଳି ରହିଲେ ସେଥିରେ ବ୍ୟାକ୍‌ଟେରିଆଲ ଇନ୍‌ଫେକ୍ସନ ହୋଇ ଇନର ସ୍କିନ୍ ଏକ୍‌ଜିମା ହୋଇଥାଏ । ଏହାକୁ 'ଆସ୍ପିଆଟପିକ୍ ଏକ୍‌ଜିମା' ବୋଲି କୁହାଯାଏ । ବିଶେଷକରି ଛୋଟ ପିଲା ଏବଂ ବୟସ୍କ ଲୋକଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ । ଏହା ହେଲେ ଚିଡ଼ିଚିଡ଼ା ପଣ ବଢ଼ିଯାଏ, ଖାଇବାକୁ ଇଚ୍ଛା ହୁଏନି, ନିଦ ଠିକ୍ ଭବେ ହୁଏନି । ତେଣୁ ଶୀତଦିନେ ଚର୍ମ ଶୁଷ୍କତା ପାଇଁ ସବୁଠୁ ଭଲ ଔଷଧ ହେଉଛି ନଡ଼ିଆ ତେଲ । ଏହାକୁ ହାଲୁକା ଉଷୁମ କରି ଦିନକୁ ୩ ରୁ ୪ ଥର ଲଗାଇଲେ ଉପଶମ ମିଳିଥାଏ । ଗାଧୋଇବା ପୂର୍ବରୁ ଏବଂ ଗାଧୋଇବାର ଦୁଇ ମିନିଟ୍ ପରେ, ଦେହ ଓଦା ଥିବାବେଳେ ଏହି ଉଷୁମ ନଡ଼ିଆ ତେଲକୁ ଚର୍ମରେ ମାଲିସ କରି ଲଗାଇବା ଉଚିତ ।

- ବଜାରରେ ମିଳୁଥିବା ମଏଶ୍ଚରାଇଜର କ୍ରିମ୍ କିଣିବା ବେଳେ ଏଥିରେ ଲାଇଟ୍ ଲିକୁଇଡ୍ ପାରାଫିନ୍ ଭାଗ ଥିବା ଆବଶ୍ୟକ କିମ୍ବା ସେରାମାଇଟ ମଏଶ୍ଚରାଇଜର ହୋଇଥିବ । ଏହି କ୍ରିମ୍ ଚର୍ମରେ ଲଗାଇ ପାରିବେ ।
- ନଖଉଷୁମ ପାଣିରେ ଗାଧୋଇପାରିବେ । ଶୁଷ୍କ ଚର୍ମ ଉପରେ ସାବୁନ ଲଗାଇବା ଅନୁଚିତ । ଚର୍ମ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଉପଯୁକ୍ତ ଔଷଧ ଖାଇବାକୁ ହେବ ।
- ଆୟୁର୍ବେଦ ଡାକ୍ତର ପ୍ରଦୀପ କୁମାର ମିଶ୍ରଙ୍କ ପରାମର୍ଶ ଅନୁସାରେ ଗାଧୋଇବାର ଅଧଘଣ୍ଟା ପୂର୍ବରୁ କଞ୍ଚା ଗାଈ କ୍ଷୀର ଲଗାଇ ଉଷୁମ ପାଣିରେ ସ୍ନାନ, ଅଲିଭ୍ ଅଏଲରେ କାକୁଡ଼ି ରସ ମିଶାଇ, କିମ୍ବା ଘି-କୁଆଁରୀ ରସରେ ମହୁ ମିଶାଇ ଲଗାଇ ଉଷୁମ ପାଣିରେ ସ୍ନାନ କଲେ ଉପକାର ମିଳେ । ଶୋଇବା ଆଗରୁ ଓଠରେ ମହୁ କିମ୍ବା ଉଷୁମ ଘିଅ ଲଗାଇଲେ ଓଠ ସୁନ୍ଦର ରହେ ।
- ନିମ୍ବପତ୍ର ସହିତ କଞ୍ଚାହଳଦୀ ମିଶାଇ ଲଗାଇ ଅଧଘଣ୍ଟା ପରେ ଉଷୁମ ପାଣିରେ ଧୋଇ ଦେଲେ ଶୀତପିତ୍ତ ରୋଗର ଉପକାର ମିଳେ । ଶୁଦ୍ଧ ନଡ଼ିଆ ତେଲ ୧୦୦ ମିଲିରେ ଏକ ଗ୍ରାମ ଭୀମସେନ କର୍ପୂର ମିଶାଇ ଲଗାଇଲେ କୁଣ୍ଡିଆ ଦୂର କରନ୍ତି ।
- ଚିକିତ୍ସକଙ୍କ ପରାମର୍ଶରେ ଆରୋଗ୍ୟ ବର୍ଦ୍ଧନୀଗୁଡିକ କୈଶୋର ଗୁଗୁଳୁ, ପଞ୍ଚତିକ୍ତ ଘୃତ, ଗୁଗୁଳୁ, ଗନ୍ଧକ, ରସାୟକ, ମହାମଞ୍ଜିଷ୍ଠାଦି କ୍ୱାଥ ଆଦି ସେବନ କଲେ ଅତୀବ ଉପକାର ମିଳେ ।

# ରୋଗପ୍ରତିରୋଧକ ଶକ୍ତି ବଢ଼ାଏ 'ପାଣି ସିଙ୍ଗଡ଼ା'

**ପାଣି ସିଙ୍ଗଡ଼ାରେ ଭିଟାମିନ୍ ଏ, ଭିଟାମିନ୍ ସି, ମାଙ୍ଗାନିଜ୍ ଆଦି ଅନେକ ପୋଷକତତ୍ତ୍ୱ ଭରିରହିଛି । ଏହାସହ ଏଥିରେ ଥିବା ଅନ୍ୟାନ୍ୟ ତତ୍ତ୍ୱ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ତେବେ ଅନ୍ୟ ଦିନ ତୁଳନାରେ ଶୀତଦିନରେ ପାଣି ସିଙ୍ଗଡ଼ା ଖାଇବା ସ୍ୱାସ୍ଥ୍ୟପ୍ରଦ । ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇଥାଏ ।**



- ଫାଇବରରେ ଭରପୂର ପାଣି ସିଙ୍ଗଡ଼ା ଖାଇବା ଦ୍ୱାରା ପେଟ ଭରି ହେଲା ପରି ଲାଗିଥାଏ । ଏଥିପାଇଁ ଅଧିକ ଖାଇବାକୁ ପଡ଼େନାହିଁ । ଉଚ୍ଚ ରକ୍ତଚାପ ରୋଗୀ ନିଜ ଡାଏଟରେ ପାଣି ସିଙ୍ଗଡ଼ା ସାମିଲ କରିପାରିବେ । ଏହାକୁ ସେବନ କରିବା ଦ୍ୱାରା ରକ୍ତଚାପ ଜନିତ ସମସ୍ୟା ଦୂର ହୋଇଥାଏ ।
- ପାଣି ସିଙ୍ଗଡ଼ା ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଦୃଢ଼ ରହୁଥିବାରୁ ଖାଦ୍ୟ ଶୀଘ୍ର ହଜମ ହୋଇଥାଏ । ଏପରିକି ନିୟମିତ ପାଣି ସିଙ୍ଗଡ଼ା ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ । ଫଳରେ ରୋଗ ସହଜରେ ଛୁଇଁପାରେ ନାହିଁ ।
- ପାଣି ସିଙ୍ଗଡ଼ାରେ ପୋଷକତତ୍ତ୍ୱ ସହିତ ଆଣ୍ଟିଅକ୍ସିଡାଣ୍ଟ ଭରିରହିଥିବାରୁ ଏହାକୁ ଖାଇବା ଦ୍ୱାରା ଚିନ୍ତା ଦୂର ହୁଏ ।




**ପ୍ରଥମ ଟି-୨୦; ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ଇଂଲିଶଙ୍କ ଶତକ ବ୍ୟର୍ଥ**

# ଭାରତର ଉତ୍କଣ୍ଠାପୂର୍ଣ୍ଣ ବିଜୟ

**ବିଶାଖାପାଟଣା, ୨୩।୧୧(ଏଜେନ୍ସି):**

ଏଠାରେ ଗୁରୁବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉତ୍କଣ୍ଠାପୂର୍ଣ୍ଣ ପ୍ରଥମ ଟି-୨୦ ମୁକାବିଲାରେ ଭାରତ ୨ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମୁକାବିଲା ଥିରୁଅନନ୍ତପୁରମରେ ନଭେମ୍ବର ୨୬ ତାରିଖ ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୪୨ ବଲ୍‌ରୁ ୮୦ ରନ୍ କରି ଭାରତକୁ ଜିତାଇଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ବିଜୟ ସହ ଭାରତୀୟ ସମର୍ଥକ ଦିନିକିଆ ବିଶ୍ୱକପ ଫାଇନାଲର ଆଘାତକୁ କିଛି ପରିମାଣରେ ଭୁଲିଯାଇଛନ୍ତି।

ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୩ ୱିକେଟରେ ୨୦୮ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ଦିନିକିଆ ବିଶ୍ୱଚାମ୍ପିଅନ ଦଳର ଦୁଇ ସଦସ୍ୟ ତଥା ୱିକେଟକିପର ବ୍ୟାଟର ଜୋଶ ଇଂଲିଶ ୫୦ ବଲ୍‌ରେ ୧୧୦ ଓ ପାଳି ଆରମ୍ଭ କରିଥିବା ବରିଷ୍ଠ ଖେଳାଳି ଷ୍ଟିଭେନ ସ୍ମିଥ ୪୧ ବଲ୍‌ରେ ୫୨ ରନ୍ କରିଥିଲେ। ଜବାବରେ ୨୦୯




ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୮ ୱିକେଟ ହରାଇ ଶେଷ ବଲ୍‌ରେ ମ୍ୟାଚ୍ ଜିତିନେଇଥିଲା। ସୂର୍ଯ୍ୟକୁମାର ୯ଟି ଚୌକା ଓ ୪ ଛକା ସହ ୮୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୩୯ ବଲ୍‌ରେ ୨ ଚୌକା ଓ ୫ ଛକା ସହ ୫୮, ଯଶସ୍ୱୀ ଜୟସ୍ୱାଲ ୨୧, ତିଲକ ବର୍ମା ୧୨ ଓ ଋତୁରାଜ ଗାଏକ୍ୱାଡ଼ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଯାଇଥିଲେ। କିନ୍ତୁ ରିଙ୍କୁ ସିଂ ଶେଷ ବଲରେ ଚୌକା ମାରିବା ସହ ୧୪ ବଲରୁ ୨୨ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ତନବୀର ସାଙ୍ଗା ୨ଟି ୱିକେଟ ନେଇଥିଲେ।

## ଟି-୨୦ ଜୀବନରେ ପ୍ରଥ ମ ଶତକ

ଭାରତର ପ୍ରଥମଥର ନେତୃତ୍ୱ ନେଉଥିବା ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଭଲ ଆରମ୍ଭ କରିଥିଲେ ମଧ୍ୟ ୫ମ ଓଭରରେ ଦଳୀୟ ସ୍କୋର ୩୧ ରନ୍ ହୋଇଥିବାବେଳେ ପ୍ରଥମ ୱିକେଟ ହରାଇଥିଲା। ମାଥ୍ୟୁ ସର୍ଟଙ୍କୁ ଆଉଟ କରି ରବି ବିଷ୍ଣୋଇ ଏହି ସଫଳତା ପାଇଥିଲେ। ତାଙ୍କ ଆଉଟ ଅଷ୍ଟ୍ରେଲିଆ ଲାଗି ବରଦାନ ସାବ୍ୟସ୍ତ ହୋଇଥିଲା। ପାଳି ଆରମ୍ଭ କରିଥିବା ସ୍ମିଥଙ୍କ ସହ ଜୋଶ ଇଂଲିଶ ଯୋଗଦେବା ପରେ ଦଳ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଏମାନେ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୬୬ ବଲ୍‌ରେ ୧୩୦ ରନ୍ ସଂଗୃହୀତ ହେବା ଫଳରେ ଦଳ ଏକ ବିଶାଳ ସ୍କୋର କରିବା ସ୍ପଷ୍ଟ ହୋଇଥିଲା। ଇଂଲିଶ ୪୭ ବଲ୍‌ରେ ତାଙ୍କ ଟି-୨୦ ଜୀବନର ପ୍ରଥମ ଶତକ ହାସଲ କରିଥିଲେ। ସେ ୫୦ ବଲ୍‌ରେ ୧୧ ଚୌକା ଓ ୮ ଛକା ସହ ୧୧୦ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା ୧୮ତମ ଓଭରରେ ଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ସ୍ମିଥ ୪୧ ବଲ୍‌ରେ ୮ ଚୌକା ସହ ୫୨ ରନ୍ କରିଥିଲେ। ଶେଷ ଭାଗରେ ଟିମ୍ ଡେଭିଡ ୧୩ ବଲ୍‌ରେ ୧୯ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଏହି ଫ୍ଲାଟ ପିଚ୍‌ରେ କୌଣସି ବୋଲର ପ୍ରଭାବଶାଳୀ ହୋଇପାରି ନଥିଲେ। ଅଷ୍ଟ୍ରେଲିଆ ପାଳିର ଶେଷ ଓଭରରେ ମାତ୍ର ୫ ରନ୍ ଦେଇଥିବା ମୁକେଶ କୁମାର ୪ ଓଭରରେ ସବୁଠାରୁ କମ୍ ୨୯ ଓ ଅକ୍ଷର ପଟେଲ ୩୨ ରନ୍ ଦେଇଥିଲେ। ସବୁଠାରୁ ଅଧିକ ରନ୍ ବ୍ୟୟ କରିଥିବା ପ୍ରସିଦ୍ଧ ଓ ରବି ବିଷ୍ଣୋଇଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ସ୍ମିଥ ରନ୍‌ଆଉଟ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ : ୨୦୮/୩, ୨୦ ଓଭର** (ଜୋଶ ଇଂଲିଶ-୧୧୦, ଷ୍ଟିଭେନ ସ୍ମିଥ-୫୨, ପ୍ରସିଦ୍ଧ କ୍ରିଷ୍ଣା-୧/୫୦, ରବି ବିଷ୍ଣୋଇ-୧/୫୪)।

**ଭାରତ : ୨୦୯/୮, ୨୦ ଓଭର** (ସୂର୍ଯ୍ୟକୁମାର ଯାଦବ-୮୦,ଇଶାନକିଶାନ-୫୮,ରିଙ୍କୁସିଂ-୨୨*, ତନ୍‌ବୀର ସାଙ୍ଗା-୨/୪୭, ମାଥ୍ୟୁ ସର୍ଟ-୧/୧୩)।

# ମୁଖ୍ୟ ପ୍ରଶିକ୍ଷକ ଦୌଡ଼ରେ ଲକ୍ଷ୍ମଣ

**ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି):** ୨୦୨୩ ଏକଦିବସୀୟ ବିଶ୍ୱକପ୍ ସହ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ବିଧିବଦ୍ଧ ଭାବେ ସମାପ୍ତ ହୋଇଯାଇଛି। ଦ୍ରାବିଡ୍‌ଙ୍କ ପ୍ରଶିକ୍ଷଣରେ ଭାରତ ବିଶ୍ୱକପ୍‌ରେ କ୍ରମାଗତ ୧୦ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ନିକଟରୁ ହାରି

## ଆଗ୍ରହୀ ନାହାନ୍ତି ଦ୍ରାବିଡ୍



ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଦୁଇବର୍ଷ ତଳେ ଭାରତୀୟ କ୍ରିକେଟ୍ ଦଳର ଗୁରୁଦାୟିତ୍ୱ ଗ୍ରହଣ କରିଥିବା ୫୦ ବର୍ଷୀୟ ଦ୍ରାବିଡ୍ କିନ୍ତୁ ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ସମ୍ଭାଳିବାକୁ ଆଉ ଇଚ୍ଛୁକ ନ ଥିବା ଜଣାପଡ଼ିଛି।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଖେଳାଳି ଓ ପରେ ପ୍ରଶିକ୍ଷକ ଭାବେ ସାମ୍ନା କରିବାକୁ ପଡ଼ିଥିବା କଠିନ ପର୍ଯ୍ୟାୟ ଦେଇ ଆଉ ଗତି କରିବାକୁ ଦ୍ରାବିଡ୍ ଆଉ ଆଗ୍ରହୀ ନାହାନ୍ତି। ଏନେଇ ସେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇକୁ ସୂଚନା ମଧ୍ୟ ଦେଇସାରିଛନ୍ତି। ଫଳରେ ଭାରତୀୟ ଦଳର ପ୍ରଶିକ୍ଷକ ଟିମ୍‌ରେ ବଡ଼ ପରିବର୍ତ୍ତନ ହେବାନେଇ ଚିତ୍ର ସ୍ପଷ୍ଟ ହୋଇଯାଇଛି। ଏହି ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଜାତୀୟ କ୍ରିକେଟ୍ ଏକାଡେମୀର ମୁଖ୍ୟ ଥିବା ଦ୍ରାବିଡ୍‌ଙ୍କ ସମସାମୟିକ ଖେଳାଳି ଭିଭିଏସ୍ ଲକ୍ଷ୍ମଣଙ୍କୁ ଭାରତୀୟ ଦଳର ପରବର୍ତ୍ତୀ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ମିଳିପାରେ। ଲକ୍ଷ୍ମଣ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜରେ ସାମୟିକ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଦ୍ରାବିଡ୍‌ଙ୍କ ପ୍ରଶିକ୍ଷଣ କାଳରେ ଭାରତ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଓ ୨୦୨୩ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଉଭୟ ପ୍ରତିଯୋଗିତାରେ ଉପବିଜେତା ରହିଥିଲା। ସେହିଭଳି ଗତବର୍ଷ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ମଧ୍ୟ ଭାରତ ପହଞ୍ଚିଥିଲା। କିନ୍ତୁ ଇଂଲଣ୍ଡ ନିକଟରୁ ହାରି ବିଦାୟ ନେଇଥିଲା। ତେବେ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳରେ ଭାରତ ଚଳିତ ବର୍ଷ ପ୍ରାରମ୍ଭରେ ଏସିଆ କପ୍‌ରେ ଚାମ୍ପିଅନ ହୋଇଥିଲା।

# ୨୦୨୪ ଆଇପିଏଲ୍ ଖେଳିବେନି ଷ୍ଟୋକ୍ସ

**ଚେନ୍ନଇ, ୨୩।୧୧ (ଏଜେନ୍ସି):** ଇଂଲଣ୍ଡର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଆଇପିଏଲ୍‌ର ଆଗାମୀ ୧୭ତମ ସଂସ୍କରଣରେ ଖେଳିବେ ନାହିଁ। ଷ୍ଟୋକ୍ସଙ୍କ ଦଳ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଗୁରୁବାର ଏନେଇ ସ୍ପଷ୍ଟ କରାଯାଇଛି। ସିଏସ୍‌କେ ତାଙ୍କୁ ଆଗାମୀ ସିଜନରେ ଦଳରୁ ରିଲିଜ କରିବା ନେଇ ଯୋଜନା କରୁଥିବାବେଳେ ଷ୍ଟୋକ୍ସ ନିଜେ ୨୦୨୪ ଆଇପିଏଲ୍‌ରେ ଉପଲବ୍ଧ ହେବେ ନାହିଁ ବୋଲି ଘୋଷଣା କରିଛନ୍ତି। ଅଧିକ କାର୍ଯ୍ୟଭାର ଓ ଫିଟ୍‌ନେସଜନିତ ସମସ୍ୟା କାରଣରୁ



ସେ ଏହି ନିଷ୍ପତ୍ତି ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଆଇପିଏଲ୍ ଖେଳାଳି ନିଲାମୀରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ୧୬.୨୫ କୋଟି ଟଙ୍କା ମୂଲ୍ୟରେ ଷ୍ଟୋକ୍ସଙ୍କୁ କ୍ରୟ କରିଥିଲା। କିନ୍ତୁ ଫିଟନେସ ସମସ୍ୟା ଯୋଗୁ ସେ ମାତ୍ର ୨ଟି ମ୍ୟାଚ୍ ଖେଳିପାରିଥିଲେ।

**● ଜାତୀୟ ବରିଷ୍ଠ ସ୍କ୍ୱାଶ ଚାମ୍ପିଅନସିପ୍**

# ୧୫ ବର୍ଷୀୟା ଅନାହତ୍ ଜାତୀୟ ଚାମ୍ପିଅନ

**ଚେନ୍ନଇ, ୨୩।୧୧ (ଏଜେନ୍ସି):** ଏଠାରେ ଚାଲିଥିବା ୭୯ତମ ଜାତୀୟ ବରିଷ୍ଠ ସ୍କ୍ୱାଶ ଚାମ୍ପିଅନସିପ୍‌ରେ ତାମିଲନାଡ୍ରୁର ଭେଲଭାନ ସେନ୍ଥିଲକୁମାର ଓ ଦିଲ୍ଲୀର ଅନାହତ୍ ସିଂ ଯଥାକ୍ରମେ ପୁରୁଷ ଓ ମହିଳା ଏକକରେ ଚାମ୍ପିଅନ ହୋଇଛନ୍ତି। ୧୫ ବର୍ଷୀୟା ଅନାହତ୍ ଓ ୨୭ ବର୍ଷୀୟା ତନଭି ଖାନାଙ୍କ ମଧ୍ୟରେ ମହିଳା ଏକକ ଫାଇନାଲ ଖେଳାଯାଇଥିଲା। ପ୍ରଥମ ଗେମ୍‌କୁ ଅନାହତ୍ ୯-୧୧ରେ ହାରିଯାଇଥିଲେ। ଏହାପରେ ଦ୍ୱିତୀୟ ଗେମ୍‌ରେ ଅନାହତ୍ ୬-୪ରେ ଅଗ୍ରଣୀ ରହିଥିବାବେଳେ ତନଭି ଆଘାତପ୍ରାପ୍ତ



ହୋଇ ରିଟାୟର୍ଡ ନେଇଥିଲେ। ଫଳରେ ଅନାହତ୍‌ଙ୍କ ବିଜେତା ଘୋଷିତ କରାଯାଇଥିଲା। ସେ ଜାତୀୟ ସ୍କ୍ୱାଶ ଚାମ୍ପିଅନସିପ୍ ଇତିହାସରେ ୨ୟ ସର୍ବକନିଷ୍ଠା ଖେଳାଳି ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ପୂର୍ବରୁ ୨୦୦୦ ମସିହାରେ ଜୋସ୍ନା ଚିନାପ୍ପା ମାତ୍ର ୧୪ ବର୍ଷ ବୟସରେ ଚାମ୍ପିଅନ ହୋଇ ସର୍ବକନିଷ୍ଠ ଖେଳାଳି ଭାବେ ୨୩ ବର୍ଷ ହେଲା ରେକର୍ଡର ଅଧିକାରିଣୀ ରହିଛନ୍ତି।

# ୱେଷ୍ଟଇଣ୍ଡିଜର ମାର୍ଲନ୍ ସାମୁଏଲ୍ସ ୬ ବର୍ଷ ବାସନ୍ଦ

**ଦୁବାଇ, ୨୩।୧୧ (ଏଜେନ୍ସି):** ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଗୁରୁବାର ପୂର୍ବତନ ୱେଷ୍ଟଇଣ୍ଡିଜ ଖେଳାଳି ମାର୍ଲନ୍ ସାମୁଏଲ୍ସଙ୍କୁ ୬ ବର୍ଷ ଲାଗି ସମସ୍ତ ପ୍ରକାର କ୍ରିକେଟ୍‌ରୁ ବାସନ୍ଦ କରିଛି। ଆଇସିସିର ଏକ ସ୍ୱାଧୀନ ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ୪୨ ବର୍ଷୀୟ ସାମୁଏଲ୍ସଙ୍କୁ ଏମିରେଟ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଦୁର୍ନୀତି-ନିବାରଣ କୋଡ୍ ଉଲ୍ଲଙ୍ଘନ କରିଥିବା ନେଇ ଅଗଷ୍ଟରେ ଦୋଷୀ ସାବ୍ୟସ୍ତ କରିଥିଲେ। ସାମୁଏଲ୍ସଙ୍କ ଉପରେ ଏହି ୬ ବର୍ଷର ବାସନ୍ଦାଦେଶ ୧୧ ନଭେମ୍ବର ୨୦୨୩ରୁ ଲାଗୁ ହୋଇଛି। ସେ ୨୦୧୯ରେ ଆବୁଧାବି ଟି-୧୦ କ୍ରିକେଟ୍‌ରେ କର୍ଣ୍ଣାଟକ ଟସ୍କର୍ସ ପକ୍ଷରୁ ଖେଳୁଥିଲେ। ୱେଷ୍ଟଇଣ୍ଡିଜର ଏହି ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ୪ଟି ଅପରାଧରେ ଦୋଷୀ ହୋଇଥିଲେ। ସାମୁଏଲ୍ସ ଧାରା ୨.୪.୨, ଧାରା ୨.୪.୩, ଧାରା



୨.୪.୬ ଓ ଧାରା ୨.୪.୭ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଛି। ଧାରା ୨.୪.୨ ଅନୁଯାୟୀ, କ୍ରିକେଟ୍ ଖେଳକୁ ଆଞ୍ଚ ଆଣିଲା ଭଳି କୌଣସି ଉପହାର, ଦେୟ, ଆତିଥ୍ୟ ଓ ଅନ୍ୟାନ୍ୟ ଲାଭଜନକ ଜିନିଷ ଗ୍ରହଣ କରି ନିର୍ଦ୍ଦିଷ୍ଟ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ନ ଜଣାଇବା। ସେହିଭଳି ଧାରା ୨.୪.୩ ଅନୁଯାୟୀ ୭୫୦ ଡଲାର (ଭାରତୀୟ ମୁଦ୍ରାରେ ୬୨ ହଜାର ଟଙ୍କା)ରୁ ଉର୍ଦ୍ଧ୍ୱ ଅର୍ଥରାଶିର ଆତିଥ୍ୟ ଗ୍ରହଣ କରି ତାହାକୁ ଦୁର୍ନୀତି ନିବାରଣ ଅଧିକାରୀଙ୍କ ଆଗରେ ପ୍ରକାଶ କରିବାରେ ବିଫଳ ହେବା। ଏହାପରବର୍ତ୍ତୀ ଦୁଇଟି ଧାରା ୨.୪.୬ (ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ତଦନ୍ତରେ ଅସହଯୋଗ କରିବା) ଓ ୨.୪.୭ (ଅନୁସନ୍ଧାନ ସହ ଜଡ଼ିତ ତଥ୍ୟ ଲୁଚାଇ ଅଧିକାରୀଙ୍କୁ ତଦନ୍ତରେ ବାଧା ଦେବା)କୁ ମଧ୍ୟ ସାମୁଏଲ୍ସ ଉଲ୍ଲଙ୍ଘନ କରିଥିଲେ।

**ଭାରତ-ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱକପ୍ ଫାଇନାଲ**

# ଟିଭିରେ ଦେଖିଛନ୍ତି ୩୦ କୋଟି ଦର୍ଶକ

**ନୂଆଦିଲ୍ଲୀ, ୨୩।୧୧(ଏଜେନ୍ସି):**

ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ନଭେମ୍ବର ୧୯ ତାରିଖ ଦିନ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌କୁ ୩୦ କୋଟିରୁ ଅଧିକ ଦର୍ଶକ ଟେଲିଭିଜନରେ ଦେଖିଛନ୍ତି। ଏହାଛଡ଼ା ଦୀର୍ଘ ୧୨ ବର୍ଷ ପରେ ଭାରତରେ ଆୟୋଜିତ ୧୩ତମ ବିଶ୍ୱକପ୍‌କୁ ୫୧.୦୮ କୋଟି ଦର୍ଶକ ଟିଭିରେ ଦେଖିଛନ୍ତି। ଏହା ଫଳରେ ଦିନିକିଆ ବିଶ୍ୱକପ୍‌ର ଏହି ଫାଇନାଲ ମ୍ୟାଚ୍ ସର୍ବାଧିକ ଦର୍ଶକ ଦେଖିଥିବା ଫାଇନାଲ ମ୍ୟାଚ୍ ହେବାର ରେକର୍ଡ କରିଛି। ସେହିପରି ଭାରତରେ ମଧ୍ୟ ଏହି ବିଶ୍ୱକପକୁ ସର୍ବାଧିକ ଦର୍ଶକ ଦେଖିଛନ୍ତି। ପୂର୍ବରୁ କ୍ରିକେଟ ପ୍ରତିଯୋଗିତାରେ ଆୟୋଜିତ ସମସ୍ତ ଟୁର୍ଣ୍ଣାମେଣ୍ଟରେ ଟିଭିରେ ଦେଖିଥିବା ଦର୍ଶକ ସଂଖ୍ୟାକୁ ଚଳିତ ବିଶ୍ୱକପ୍ ଅତିକ୍ରମ କରିଛି ବୋଲି ପ୍ରସାରଣକାରୀ ସଂସ୍ଥା ଡିଜ୍‌ନୀ ହଟଷ୍ଟାର ଓ ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ପୂର୍ବରୁ ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ୨୫ କୋଟି ଦର୍ଶକ ଟିଭିରେ ଦେଖିଥିବାର ରେକର୍ଡ ହୋଇଥିଲା।

ବ୍ରଡକାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍ସିଲ (ବିଏଆର୍‌ସି) ପକ୍ଷରୁ କୁହାଯାଇଛି, ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ସର୍ବାଧିକ ୫୧.୦୮ କୋଟି ଦର୍ଶକ ଟିଭିରେ ଦେଖିଛନ୍ତି। ଏହା ପୂର୍ବରୁ ଏତେ ସଂଖ୍ୟାରେ ଦର୍ଶକ କୌଣସି ମ୍ୟାଚ୍‌କୁ ଟିଭିରେ ଦେଖି ନଥିଲେ। ଭାରତ-ଅଷ୍ଟ୍ରେଲିଆ ଫାଇନାଲର ପିକ୍ ସମୟରେ ଏକାଥରରେ ବିଶ୍ୱର ୧୩ କୋଟି ଦର୍ଶକ ଟିଭିରେ ଖେଳ ଦେଖିଥିବାର ପ୍ରମାଣ ମିଳିଛି। ସେହିପରି ଓଟିଟି ପ୍ଲାଟଫର୍ମ ଡିଜନୀ ହଟ୍‌ଷ୍ଟାରରେ ଏହି ସଂଖ୍ୟା ୫.୯ କୋଟି ହୋଇଛି। ଏହି ଦୁଇଟି ପ୍ଲାଟଫର୍ମରେ ଦର୍ଶକ ସଂଖ୍ୟା ବିଶ୍ୱରେ ସମସ୍ତ କ୍ରିକେଟ ମ୍ୟାଚ୍‌ର ରେକର୍ଡକୁ ଅତିକ୍ରମ କରିଯାଇଛି। ପୂର୍ବରୁ ଟିଭିରେ ଏକା ସଙ୍ଗେ ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌କୁ ୮ କୋଟି ଓ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ୭.୫ କୋଟି ଦର୍ଶକ



ଦେଖିଥିଲେ। ଡିଜନୀ ହଟ୍‌ଷ୍ଟାର ମଧ୍ୟ ନିଜ୍ ପ୍ଲାଟଫର୍ମରେ ଯେତେ ଅଧିକ ସଂଖ୍ୟକ ଦର୍ଶକ ଖେଳ ଦେଖିପାରିବେ ସେଥିଲାଗି ସମସ୍ତ ପ୍ରକାର ଚେଷ୍ଟା କରିଥିଲେ। ଏହି ପ୍ଲାଟଫର୍ମ ଚଳିତ ବିଶ୍ୱକପ୍‌ରେ ଡିଜନୀ ହଟ୍‌ଷ୍ଟାର ଭିୟୁରସିପ୍‌ରେ ୫ଥର ନିଜର ରେକର୍ଡ ଭାଙ୍ଗିଛି। ପିକ୍ ସମୟରେ ଡିଜନୀ ହଟ୍‌ଷ୍ଟାର ଓଟିଟି ପ୍ଲାଟଫର୍ମରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ୩.୫ କୋଟି, ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌କୁ ୪.୩ କୋଟି, ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍‌କୁ ୪.୪ କୋଟି ଓ ଭାରତ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌କୁ ୫.୩ କୋଟି ଦର୍ଶକ ଦେଖିଥିଲେ। ଏହି ରେକର୍ଡ ଲାଗି ଆଇସିସି ଓ ବିସିସିଆଇକୁ ଡିଜନୀ ହଟ୍‌ଷ୍ଟାରର କଣ୍ଟ୍ରି ମ୍ୟାନେଜର ଓ ସଭାପତି କେ. ମାଧବନ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱର ଏହି ଦୁଇଟି ଶ୍ରେଷ୍ଠ କ୍ରିକେଟ ସଂଗଠନର ସମର୍ଥନ ଓ ସହଯୋଗ ଲାଗି ଆମେ ଏପରି ସଫଳତା ପାଇଛୁ ବୋଲି ମାଧବନ କହିଛନ୍ତି। ଭାରତରେ କ୍ରୀଡ଼ାର ପ୍ରଚାର, ପ୍ରସାର ଓ ଉନ୍ନତି ଲାଗି ଆମେ ସର୍ବଦା କାମ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର